RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-247 ♦BHUBANESWAR ♦SATURDAY ♦2 MARCH 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୪୭ ♦ଭୁବନେଶ୍ୱର ♦ଶନିବାର ♦୨ ମାର୍ଚ୍ଚ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦




ସନ୍ତରଣରେ ଋଷଭଙ୍କୁ ୨ ପଦକ

▶କ୍ରୀଡ଼ା ପୃଷ୍ଠାରେ...

## ବାବା ସାହେବ ଭୀମ୍‌ରାଓ ଆମ୍ବେଦକର ବସ୍ ଟର୍ମିନାଲ୍ ଲୋକାର୍ପିତ

# ‘ନବୀନ ଓଡ଼ିଶା’ର ନୂଆ ପରିଚୟ




ରାଜଧାନୀର ପ୍ରମୁଖ ଲ୍ୟାଣ୍ଡମାର୍କ ହେବ ବିଏସ୍‌ଏବିଟି

ଯାତ୍ରୀଙ୍କୁ ମିଳିବ ବିମାନବନ୍ଦର ଭଳି ସମସ୍ତ ସୁବିଧା

**ସମ୍ବିଧାନ ପ୍ରଣେତା ବାବା ସାହେବ ଭୀମରାଓ ଆମ୍ବେଦକରଙ୍କୁ ଓଡ଼ିଶାର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି: ମୁଖ୍ୟମନ୍ତ୍ରୀ**

■ **ଭୁବନେଶ୍ୱର, ୧।୩ (ସମିସ):** ବାସ୍ତବ ରୂପ ନେଇଛି ରାଜ୍ୟବାସୀଙ୍କ ସ୍ୱପ୍ନ। ‘ନବୀନ ଓଡ଼ିଶା’ର ନୂଆ ପ୍ରତୀକ ଭାବରେ ଆନ୍ତଃରାଜ୍ୟ ବରମୁଣ୍ଡା ବସ୍ ଟର୍ମିନାଲ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ରାଜ୍ୟ ଓ ରାଜ୍ୟ ବାହାରକୁ ଗମନାଗମନରେ ଏହା ଏକ ନୂତନ ମାଇଲଖୁଣ୍ଟ ହୋଇଛି।

ଶୁକ୍ରବାର ସନ୍ଧ୍ୟାରେ ‘୫-ଟି’ ଉପକ୍ରମରେ ନବନିର୍ମିତ ଏହି ବସ୍ ଟର୍ମିନାଲରୁ ବିଧିବଦ୍ଧ ଭାବରେ ବସ୍ ଚଳାଚଳକୁ ଶୁଭାରମ୍ଭ କରିଛନ୍ତ ମୁଖ୍ୟମନ୍ତ୍ରୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ବସ୍ ଟର୍ମିନାଲରେ ଯାତ୍ରୀଙ୍କ ପାଇଁ ବିମାନବନ୍ଦର ଭଳି ସୁବିଧାସୁଯୋଗ ରହିଛି। ଏହା ଯାତ୍ରୀମାନଙ୍କୁ ଉତ୍ତମ ସେବା ଯୋଗାଇଦେବା ସହ ରାଜଧାନୀ ଭୁବନେଶ୍ୱରର ଏକ ଗୁରୁତ୍ୱପୂର୍ଣ୍ଣ ଲ୍ୟାଣ୍ଡମାର୍କ ହୋଇ ରହିବ। ସାରା ଓଡ଼ିଶାରେ ଏହି ବସ୍ ଟର୍ମିନାଲ ଏକ ନୂଆ ପରିଚୟ ସୃଷ୍ଟି କରିବ।

ବସ୍‌ଷ୍ଟାଣ୍ଡ ନାମକରଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସମ୍ବିଧାନ ପ୍ରସ୍ତୁତ କରିବାରେ ବାବା ସାହେବ ଭୀମ୍‌ରାଓ ଆମ୍ବେଦକରଙ୍କ ମୁଖ୍ୟ ଭୂମିକା ରହିଛି। ଭାରତୀୟ ସମ୍ବିଧାନର ପ୍ରଣେତା ଭାବେ ସେ ଜଣାଶୁଣା। ଦେଶ ପାଇଁ ତାଙ୍କ ଅବଦାନକୁ ସମ୍ମାନ ଜଣାଇ ଓଡ଼ିଶା ସରକାର ଏହି ବସ୍ ଟର୍ମିନାଲକୁ ତାଙ୍କ ନାମରେ ନାମିତ କରିଛନ୍ତି। ସ୍ୱାଧୀନତାର ଅମୃତ କାଳ ଅବସରରେ ବାବା ▶ପୃଷ୍ଠା-୧୦

### ପ୍ରତ୍ୟକ୍ଷ ତତ୍ତ୍ୱାବଧାନ, ଅଗ୍ରଗତିର ନିରବଚ୍ଛିନ୍ନ ସମୀକ୍ଷା

## ରୂପାନ୍ତରଣର ବିନ୍ଧାଣି କାର୍ତ୍ତିକ ପାଣ୍ଡିଆନ



■ **ଭୁବନେଶ୍ୱର, ୧।୩ (ସମିସ):** ବରମୁଣ୍ଡା ବସ୍‌ଷ୍ଟାଣ୍ଡ ରୂପାନ୍ତରଣ ପଛରେ ରହିଛି ‘୫-ଟି’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ନିରବଚ୍ଛିନ୍ନ ଉଦ୍ୟମ। ଏଠାରେ ପ୍ରତିଦିନ ଶହଶହ ବସ୍ ଓ ରାଜ୍ୟର କୋଣ ଅନୁକୋଣରୁ ହଜାର ହଜାର ଯାତ୍ରୀଙ୍କ ଯାତାୟାତ ହୋଇଥାଏ। କ୍ରମବର୍ଦ୍ଧିଷ୍ଣୁ ଯାତ୍ରୀ ଓ ବସ୍ ସଂଖ୍ୟା ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ସୃଷ୍ଟି କରିଥିଲା ଗୁରୁତର ସମସ୍ୟା। ବସ୍ ପାର୍କିଂଠାରୁ ଆରମ୍ଭ କରି ଯାତ୍ରୀଙ୍କ ପ୍ରତୀକ୍ଷା, ଖାଦ୍ୟପେୟ ଆଦି କ୍ଷେତ୍ରରେ ବହୁ ଅସୁବିଧା ସୃଷ୍ଟି ହେଉଥିଲା। ରାଜ୍ୟ ରାଜଧାନୀର ଏହି ଗମନାଗମନ ପ୍ରାଣକେନ୍ଦ୍ରର ରୂପାନ୍ତରଣ ନିମନ୍ତେ ଶ୍ରୀ ପାଣ୍ଡିଆନ ବ୍ୟକ୍ତିଗତ ଭାବରେ ଉଦ୍ୟମ ଆରମ୍ଭ କରିଥିଲେ। ଏହି ବସ୍‌ଷ୍ଟାଣ୍ଡକୁ ଏକ ଆନ୍ତଃରାଜ୍ୟ ବସ୍ ଟର୍ମିନାଲରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ବସ୍ ଟର୍ମିନାଲ ନିର୍ମାଣ କ୍ଷେତ୍ରରେ ରହିଥିଲା ଅନେକ ବାଧା। ଏହି ବାଧାଗୁଡ଼ିକୁ ଧୀରେଧୀରେ ଦୂର କରାଯିବା ବେଳେ କୋଭିଡ୍ ମହାମାରୀ ଟର୍ମିନାଲର ନିର୍ମାଣ କ୍ଷେତ୍ରରେ ବାଧକ ହୋଇଥିଲା। ମାତ୍ର ଦୃଢ଼ ଇଚ୍ଛାଶକ୍ତି ସହ ନିଜେ ନିୟମିତ ଭାବରେ ଏହାର କାର୍ଯ୍ୟ ସମୀକ୍ଷା କରିଥିଲେ ଶ୍ରୀ ପାଣ୍ଡିଆନ। ବସ୍ ଟର୍ମିନାଲକୁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିବା ପରଠାରୁ ନିୟମିତ ବ୍ୟବଧାନରେ ଶ୍ରୀ ପାଣ୍ଡିଆନ ନିର୍ମାଣ କାର୍ଯ୍ୟ, ଏହାର ଅଗ୍ରଗତି ଆଦି ବୁଲି ଦେଖୁଥିଲେ। ଏବେ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ବାବା ସାହେବ ଭୀମରାଓ ଆମ୍ବେଦକର ବସ୍ ଟର୍ମିନାଲରେ ପରିଣତ ହୋଇଛି। ରୂପାନ୍ତରଣର ନେପଥ୍ୟ ନାୟକ ଶ୍ରୀ ପାଣ୍ଡିଆନଙ୍କୁ ସବୁ ମହଲରୁ ପ୍ରଶଂସାର ସୁଅ ଛୁଟୁଛି।

### ରାଜ୍ୟ ସରକାରଙ୍କ ବଡ଼ ନିଷ୍ପତ୍ତି

# ନିୟମିତ ହେବେ ଗଣଶିକ୍ଷକ

### ଓଟିଇଟି ପାସ୍ ଗଣଶିକ୍ଷକଙ୍କୁ ଏକ୍ସ କ୍ୟାଡର୍ ମାନ୍ୟତା ସହ ବାର୍ଷିକ ଇନ୍‌କ୍ରିମେଣ୍ଟ

■ **ଭୁବନେଶ୍ୱର,୧।୩(ସମିସ):** ଓଟିଇଟି ପାସ୍ କରିଥିବା ଗଣଶିକ୍ଷକମାନଙ୍କୁ ଏମ୍‌ଇଡି ଶିକ୍ଷକ(ଏକ୍ସ କ୍ୟାଡର) ଭାବେ ନିୟମିତ କରାଯିବ। ଓଟିଇଟି ପାସ୍ କରି ନ ଥିବା ଗଣଶିକ୍ଷକଙ୍କ ମାସିକ ପାରିଶ୍ରମିକ ୭ ହଜାରରୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଓଟିଇଟି ପାସ କରିଥିବା ସହକାରୀ ଶିକ୍ଷକ(ଏକ୍ସ କ୍ୟାଡର) ମାନଙ୍କୁ ବାର୍ଷିକ ଇନ୍‌କ୍ରିମେଣ୍ଟ ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ରାଜ୍ୟର ଗଣଶିକ୍ଷକଙ୍କ ପାଇଁ ଏହିସବୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ, ରାଜ୍ୟର ମୋଟ୍ ୧୨,୧୧୩ ଜଣ ଗଣଶିକ୍ଷକ ଉପକୃତ ହେବେ। ତନ୍ମଧ୍ୟରେ ଓଟିଇଟି ପାଶ୍ କରିଥିବା ୧୪୭୨ ଗଣଶିକ୍ଷକ ଏବଂ ଓଟିଇଟି ପାଶ୍ କରିନଥିବା ୧୧୨୧ ଜଣ ଗଣଶିକ୍ଷକ ଉପକୃତ ହୋଇଛନ୍ତି। ଏହାସହିତ ଯେଉଁ ସହକାରୀ ଶିକ୍ଷକ(ଏକ୍ସ କ୍ୟାଡର)ମାନଙ୍କୁ ବାର୍ଷିକ ଇନ୍‌କ୍ରିମେଣ୍ଟ ମିଳୁନାହିଁ, ସେମାନଙ୍କ ମଧ୍ୟରୁ ଓଟିଇଟି ପାସ କରିଥିବା ସହକାରୀ ଶିକ୍ଷକ(ଏକ୍ସ କ୍ୟାଡର) ମାନଙ୍କୁ ବାର୍ଷିକ ଇନ୍‌କ୍ରିମେଣ୍ଟ ପ୍ରଦାନ କରାଯିବ। ଏହାଦ୍ୱାରା ସମୁଦାୟ ୯୫୨୦ ସହକାରୀ ଶିକ୍ଷକ(ଏକ୍ସ କ୍ୟାଡର) ଉପକୃତ ହେବେ। ସୂଚନାଯୋଗ୍ୟ ଯେ ‘୫-ଟି’ ତଥା ‘ନବୀନ ଓଡିଶା’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲାଗସ୍ତ ସମୟରେ ବିଭିନ୍ନ ସ୍ଥାନରେ ଗଣଶିକ୍ଷକ ମାନେ ଏଥିପାଇଁ ଅନୁରୋଧ ଓ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ବିଚାରକୁ ନେଇ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ଗ୍ରହଣ କରିଛନ୍ତି।

**ଓଟିଇଟି ପାସ୍ କରି ନ ଥିବା ଗଣଶିକ୍ଷକଙ୍କ ପାରିଶ୍ରମିକ ବୃଦ୍ଧି**

## ଆଇନ ଅଧିକାରୀଙ୍କ ଦୈନିକ ଓ ରିଟେନର୍ ଫି’ ୫୦ ପ୍ରତିଶତ ବୃଦ୍ଧି

■ **ଭୁବନେଶ୍ୱର, ୧।୩ (ସମିସ):** ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଅଦାଲତରେ ମୋକଦ୍ଦମା ପରିଚାଳନା କରୁଥିବା ଅଣ-କ୍ୟାଡର୍ ଆଇନ ଅଧିକାରୀ ମାନଙ୍କର ଦୈନିକ ଓ ରିଟେନର୍ ବାବଦ ପ୍ରାପ୍ୟରେ ୫୦ ପ୍ରତିଶତ ବୃଦ୍ଧି କରାଯାଇଛି। ଏହା ଦ୍ୱାରା ବିଭିନ୍ନ ଅଦାଲତରେ କାର୍ଯ୍ୟରତ ୧୨୧୫ ଜଣ ଆଇନ ଅଧିକାରୀ ଉପକୃତ ହେବେ। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଆଇନ ଅଧିକାରୀମାନଙ୍କ ଦୈନିକ ଓ ରିଟେନର୍ ବାବଦ ପ୍ରାପ୍ୟକୁ ବୃଦ୍ଧି କରିଛନ୍ତି। ଏହି ବର୍ଦ୍ଧିତ ପ୍ରାପ୍ୟ ଅନୁଯାୟୀ କାର୍ଯ୍ୟରତ ୧୮୪ ଜଣ ଅତିରିକ୍ତ ସରକାରୀ ଓକିଲ ଦୈନିକ ପ୍ରାପ୍ୟ ବାବଦ ୧,୨୫୦ ଟଙ୍କା ପାଉଥିବା ବେଳେ ବର୍ତ୍ତମାନ ୧,୮୭୫ ଟଙ୍କା ପାଇବେ। ସେହିଭଳି ରିଟେନର୍ ବାବଦ ପ୍ରାପ୍ୟ ପୂର୍ବରୁ ୮,୨୦୦ ଟଙ୍କା ପାଉଥିବାବେଳେ, ବର୍ତ୍ତମାନ ୧୨,୩୦୦ ଟଙ୍କା ପାଇବେ। କାର୍ଯ୍ୟରତ ୭୪୦ ଜଣ ସହକାରୀ ସରକାରୀ ଓକିଲ ପୂର୍ବରୁ ଦୈନିକ ପ୍ରାପ୍ୟ ବାବଦରେ ୧,୧୦୦ ଟଙ୍କା ପାଉଥିବା ବେଳେ ▶ପୃଷ୍ଠା-୧୦




# ପୋଖରୀରେ ବୁଡ଼ି ଦୁଇ ଶିଶୁ ମୃତ

**ବାଲେଶ୍ୱର, ୧।୩ (ସମିସ):** ଖେଳୁଖେଳୁ ପୋଖରୀରେ ପଡ଼ି ବୁଡ଼ିଗଲେ ଦୁଇ ଶିଶୁ। ବାଲେଶ୍ୱର ସଦର ଥାନା ପରିଖି ଫାଣ୍ଡି ଅଧୀନ କନ୍ୟାକଦାଳ ଗ୍ରାମରେ ଶୁକ୍ରବାର ଏହି ଦୁଃଖଦ ଘଟଣା ଘଟିଛି। ମୃତ ଶିଶୁପୁତ୍ରଦ୍ୱୟ ହେଲେ, ନିତାଇ ମାଝୀଙ୍କ ଦେଢ଼ବର୍ଷର ପୁଅ ଧରମବୀର ଏବଂ ମୟୂରଭଞ୍ଜ ଖୁଣ୍ଟା ଅଞ୍ଚଳର ବାସିନ୍ଦା ଜଡ଼ା ମାଝୀଙ୍କ ଦୁଇବର୍ଷର ପୁଅ ଦୁଃଖିଆ ମାଝୀ। ନିତାଇଙ୍କ ଘରକୁ ତାଙ୍କ ଭଉଣୀ ତଥା ଜଡ଼ା ମାଝୀଙ୍କ ପତ୍ନୀ ବୁଲିବାକୁ ଆସିଥିଲେ। ଶୁକ୍ରବାର ଅପରାହ୍ଣରେ ଦୁହିଁଙ୍କ ଶିଶୁପୁତ୍ର ଏକାଠି ଖେଳୁଥିଲେ। ତେବେ ପରିବାରଲୋକଙ୍କ ଅଜାଣତରେ ଦୁହେଁ ନିକଟସ୍ଥ ପୋଖରୀରେ ପଶି ଯାଇଥିଲେ। ସେଠାରେ ଦୁଇଜଣଯାକ ବୁଡ଼ି ଯାଇଥିଲେ ହେଁ ପରିବାରଲୋକେ ଏ ସଂପର୍କରେ ଜାଣିପାରିନଥିଲେ। ବହୁ ଖୋଜାଖୋଜି କରିବା ପରେ ଦୁହିଁଙ୍କୁ ପୋଖରୀରୁ ଉଦ୍ଧାର କରି ତୁରନ୍ତ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସଦର ବିଧାୟକ ସ୍ୱରୂପ ଦାସ ଓ ବିଜେଡି ଯୁବ ସଙ୍ଗଠକ ବସନ୍ତ ପଣ୍ଡା ଡାକ୍ତରଖାନାରେ ପହଞ୍ଚି ପରିବାରଲୋକଙ୍କୁ ସାନ୍ତ୍ୱନା ଦେଇଥିଲେ।


ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-247 ◆BHUBANESWAR ◆SATURDAY ◆2 MARCH 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୪୭ ◆ଭୁବନେଶ୍ୱର ◆ଶନିବାର ◆୨ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦



Government of India
cbc 22201/13/0320/2324



ମୋଦୀ ସରକାରଙ୍କ ଗ୍ୟାରେଣ୍ଟି
ଭାରତ ହେବ ବିଶ୍ୱର ତୃତୀୟ ବୃହତ ଅର୍ଥନୀତି
10 ବର୍ଷ ମଧ୍ୟରେ 11 ରୁ 5ମ ସ୍ଥାନକୁ ଆସିଛି ଭାରତ
ଅଧିକ ସୂଚନା ପାଇଁ ସ୍କାନ୍ କରନ୍ତୁ
ଆମ ସଂକଳ୍ପ ବିକଶିତ ଭାରତ


# ଓଡ଼ିଶା ହେବ ପୂର୍ବ ଭାରତରେ ଶିଳ୍ପପୁଞ୍ଜି

## ୯ ଶିଳ୍ପ ପ୍ରକଳ୍ପର ଲୋକାର୍ପଣ, ୨୯ଟିର ଭିତ୍ତିପ୍ରସ୍ତର ସ୍ଥାପନ

**ଭୁବନେଶ୍ୱର, ୧।୩ (ସମିସ):** ଗତ କିଛି ବର୍ଷ ହେଲା ଗୋଟିଏ ପରେ ଗୋଟିଏ ଶିଳ୍ପ ପ୍ରତିଷ୍ଠା ହେଉଛି, ପୂର୍ବ ଭାରତରେ ଶିଳ୍ପ ପୁଞ୍ଜରେ ପରିଣତ ହେବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ୯ଟି ଶିଳ୍ପ ପ୍ରକଳ୍ପର ଲୋକାର୍ପଣ କରିଥିବା ବେଳେ ୨୯ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖିଛନ୍ତି। ଏହି ପ୍ରକଳ୍ପ ପାଇଁ ସମୁଦାୟ ୬୯୯୩ କୋଟି ଟଙ୍କା ବିନିଯୋଗ ହେବ ଏବଂ ୨୪,୫୦୮ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରାଜ୍ୟର ୧୪ଟି ଜିଲ୍ଲାରେ ଏସବୁ ଶିଳ୍ପ ପ୍ରତିଷ୍ଠା ହେବ। ଏହି ଅବସରରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଆମର ନିଷ୍ଠାପର ଉଦ୍ୟମ ଫଳରେ ଓଡ଼ିଶାରେ କେବଳ ଶିଳ୍ପ ଅଭିବୃଦ୍ଧି ତ୍ୱରାନ୍ୱିତ ହେଉ ନାହିଁ, ବରଂ ନୂଆ ଯୁଗର ଶିଳ୍ପ ପ୍ରତିଷ୍ଠା ହେଉଛି ଏବଂ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି। ସବୁଜ ଶକ୍ତି




ଉତ୍ପାଦନ ଉପକରଣ, ପୋଷାକ, ପର୍ଯ୍ୟଟନ କ୍ଷେତ୍ରରେ ବ୍ୟାପକ ପୁଞ୍ଜିନିବେଶ ହେଉଛି। ରାଜ୍ୟ ସରକାରଙ୍କ ଶିଳ୍ପ ଅନୁକୂଳ ନୀତି, ବିଶ୍ୱସ୍ତରୀୟ ଶିଳ୍ପ ଭିତ୍ତିଭୂମି ସହିତ ସହଜରେ ବ୍ୟବସାୟ କରିବାରେ ଓଡ଼ିଶାର ଉନ୍ନତି ଆଧାରରେ ପୁଞ୍ଜିନିବେଶ କାର୍ଯ୍ୟକାରୀ କରିବାରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ହୋଇପାରିଛି। ଓଡ଼ିଶା ପ୍ରତି ନିବେଶକ ଆକୃଷ୍ଟ ହେବାର ଆଉ ଏକ ପ୍ରମୁଖ କାରଣ ହେଉଛି ଏଠାରେ ଉପଲବ୍ଧ ଉଚ୍ଚ କୁଶଳୀ କର୍ମବଳ। ଆଜି ଲୋକାର୍ପିତ ହୋଇଥିବା ଏବଂ ଭିତ୍ତିପ୍ରସ୍ତର ରଖା ଯାଇଥିବା ଶିଳ୍ପ ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ହେଲେ ଓଡ଼ିଶାର ସମୃଦ୍ଧି ଗତିଶୀଳ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ବିଶ୍ୱାସ ବ୍ୟକ୍ତ କରିଥିଲେ। ଏହି ଅବସରରେ ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ତଥା ଶକ୍ତି ବିଭାଗର ମନ୍ତ୍ରୀମାନଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ମୁଖ୍ୟମନ୍ତ୍ରୀ ଆଜି ସୁନ୍ଦରଗଡ଼ରେ ୨୯୭ କୋଟି ବ୍ୟୟରେ ପ୍ରତିଷ୍ଠା ହୋଇଥିବା ଭାସ୍କର ଷ୍ଟିଲ୍ ଆଣ୍ଡ ଫେରୋ ଆଲୋଏ କାରଖାନାର ଲୋକାର୍ପଣ କରିଥିଲେ। ଏଠାରେ କମ୍ପାନୀ ୮୦୦ ଲୋକଙ୍କୁ ନିଯୁକ୍ତି ଦେବ। ସେହିପରି ୨୯୯ କୋଟି ବ୍ୟୟରେ ମାଶ୍ ବାୟୋଫୁ୍ୟଏଲ୍ସ ଲିମିଟେଡ୍ ସୋନପୁରରେ ୩୦୦ ଲୋକଙ୍କୁ ନିଯୁକ୍ତି ଦେଇ ଶସ୍ୟ ଆଧାରିତ ଇଥାନଲ୍ ଏବଂ ଶକ୍ତି ଉତ୍ପାଦନ କରିବ। ଟାଟ୍ଲା ଇନଫ୍ରାଟେକ୍ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ୯୯ କୋଟି ଟଙ୍କା ▶ପୃଷ୍ଠା-୧୦

# ୪ ବିଭାଗରେ ୧୧୭୨ ଜଣଙ୍କୁ ନିଯୁକ୍ତିପତ୍ର ଦେଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୧।୩ (ସମିସ):** ରାଜ୍ୟରେ ନୂତନ ଭାବେ ୧୧୭୨ ଜଣ ନିଯୁକ୍ତି ପାଇଛନ୍ତି। ତନ୍ମଧ୍ୟରେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ୯୯୭ ଜଣ ଏସ୍‌ଏସ୍‌ବି ଅଧ୍ୟାପକ ଅଧ୍ୟାପିକା, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗରେ ୮୭ ଜଣ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ, ସମବାୟ ବିଭାଗରେ ୫୭ ଜଣ ସମବାୟ ସମିତି ନିରୀକ୍ଷକ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଜିଲ୍ଲା ସ୍ତରୀୟ ବିଭିନ୍ନ ଗ୍ରୁପ୍-ସି ପଦରେ ୩୧ ଜଣ ନିଯୁକ୍ତି ପାଇଛନ୍ତି। ଲେକସେବା ଭବନର କନଭେନସନ୍ ହଲ୍ ଓ ରବିନ୍ଦ୍ର ମଣ୍ଡପରେ ଶୁକ୍ରବାର ଅନୁଷ୍ଠିତ ନିଯୁକ୍ତି ପର୍ବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି। ନୂତନ ଭାବେ ନିଯୁକ୍ତି ପାଇଥିବା ସଦସ୍ୟଙ୍କୁ ସ୍ୱାଗତ କରିବା ସହ ନିଜ କାର୍ଯ୍ୟକ୍ଷେତ୍ରରେ ୫-ଟି ମନ୍ତ୍ରର ଅନୁସରଣ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

**ଶେଷ ସ୍ତରର ଲୋକଙ୍କୁ ସଶକ୍ତ କରିଛି '୫-ଟି' ଆଧାରିତ କାର୍ଯ୍ୟକ୍ରମ**

ସେମାନଙ୍କ ପ୍ରତିଭା, ପ୍ରତିବଦ୍ଧତା ଏବଂ କଠିନ ପରିଶ୍ରମ ବଳରେ କାର୍ଯ୍ୟକ୍ଷେତ୍ରରେ ଅଧିକ ଦକ୍ଷତା ଆଣିପାରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି। ▶ପୃଷ୍ଠା-୧୦

## ଲୋକକଥା



ରାଇଜ ପ୍ରଗତି ଯେଭଳି ଚାଲିଚି
କିଏ ବା ପାରିବ ରୋକି,
ବିରୋଧୀ ବାଲାଏ ଗୋଡ଼ ଟାଣି ଟାଣି
ସତେ ପଡ଼ିଲେଣି ଥକି !
କେତେବେଳେ ଯିବେ ଠକି,
ସ୍ଥିତି ଦେଖିବାକୁ ରହିଚି କେବଳ
ଚବିଶି ଭୋଅଟ ବାକି !!

**ନାବାଳିକା ଦୁଷ୍କର୍ମ ମାମଲା**


# ବାପକୁ ୨୦, ପୁଅକୁ ୨୫ବର୍ଷ ଜେଲ୍

**କେନ୍ଦୁଝର, ୧।୩ (ସମିସ):** କେନ୍ଦୁଝର ସଦର ଥାନା ଅଞ୍ଚଳର ଜଣେ ୧୫ବର୍ଷୀୟ ନାବାଳିକା ଅପହରଣ ଏବଂ ଦୁଷ୍କର୍ମ ମାମଲାର ବିଚାର କରି କେନ୍ଦୁଝର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପକ୍ସୋ କୋର୍ଟ ବିଚାରପତି ଶୁଭଶ୍ରୀ ତ୍ରିପାଠୀ ଅଭିଯୁକ୍ତ ବାପକୁ ୨୦ବର୍ଷ ଓ ପୁଅକୁ ୨୫ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। କେନ୍ଦୁଝର ସଦର ଥାନା ବିଜାଗୋଠ ଗ୍ରାମର ଦୋଳଗୋବିନ୍ଦ ସେଠୀ (୪୫) ଏବଂ ତାଙ୍କ ପୁଅ ବୁବୁନ ସେଠୀକୁ ଏହି ଦଣ୍ଡାଦେଶ ହୋଇଛି।

କୋର୍ଟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୨୧ ମସିହା ଅକ୍ଟୋବର ୨୬ ତାରିଖରେ ଜଣେ ନାବାଳିକା ବାଂଶପାଳ ବଜାରରୁ ଫେରୁଥିବା ବେଳେ ବାଂଶପାଳ ନିକଟରୁ ବୁବୁନ୍ ଓ ତାର କିଛି ସାଙ୍ଗ ଏକ ବଲେରୋରେ ନାବାଳିକାଙ୍କୁ ଉଠାଇ ଯୋଡ଼ା ଥାନା ବିଲେଇପଦାକୁ ନେଇଯାଇଥିଲେ। ସେଠାରେ ସେମାନେ ନାବାଳିକାଙ୍କୁ ମଦ ପିଆଇ ଚେତାଶୂନ୍ୟ କରିଦେଇଥିଲେ। ଅଧରାତିରେ ନାବାଳିକାଙ୍କ ଚେତା ଫେରିବା ବେଳକୁ ସେ ରିମୁଳି ବାଇପାସରେ ଏକ ଟ୍ରକ୍ ମଧ୍ୟରେ ଉଲଗ୍ନ ଅବସ୍ଥାରେ ପଡ଼ିଥିଲେ। ତାଙ୍କ ଚିତ୍କାର ଶୁଣି ନିକଟରେ ଥିବା କିଛି କିନ୍ନର ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ସେଠାରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି ଚମ୍ପୁଆ ମେଡିକାଲକୁ ପଠାଇଥିଲେ। ଖବର ପାଇ ନାବାଳିକାଙ୍କ ବାପା ଚମ୍ପୁଆ ମେଡିକାଲରେ ପହଞ୍ଚି ଝିଅକୁ ଘରକୁ ନେଇଥିଲେ। ଏହି ଖବର ପାଇ ବୁବୁନର ମା', ଭଉଣୀ, ଭିଣୋଇ ନାବାଳିକାଙ୍କ ଘରକୁ ଯାଇ ଦୁହିଁଙ୍କୁ ବିବାହ କରିଦେବାକୁ କହି ସାଥୀରେ ନେଇ ଆସିଥିଲେ। ବାଂଶପାଳରେ ବୁବୁନର ବଡବାପା ଘରେ ଗୋଟିଏ ସପ୍ତାହ ରଖିବା ପରେ ସୁନ୍ଦରଗଡ଼ ଜିଲ୍ଲା ସରଗିଗଡ଼ରେ ଥିବା ଦୋଳଗୋବିନ୍ଦଙ୍କ ଘରକୁ ନେଇ ସେଠାରେ ନାବାଳିକାଙ୍କୁ ୪ ମାସ ରଖିଥିଲେ। ଏହାପରେ ପଞ୍ଚାୟତ ନିର୍ବାଚନ ଥିବାରୁ ▶ପୃଷ୍ଠା-୧୦


DSPL-756

ODISHA
INDIA'S BEST KEPT SECRET.
ଆମ ଓଡ଼ିଶା ନବୀନ ଓଡ଼ିଶା



ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା
ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭବ
ବାଲେଶ୍ୱର, ଭଦ୍ରକ, କେଉଁଝର, ମୟୁରଭଞ୍ଜ
ଏବଂ ଯାଜପୁର ଜିଲ୍ଲାର ବରିଷ୍ଠ ନାଗରିକଙ୍କ ପାଇଁ
ଆଗ୍ରା-ମଥୁରା ଅଭିମୁଖୀ
"ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା" ଟ୍ରେନ
ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ଦ୍ୱାରା
ଶୁଭାରମ୍ଭ
ବାଲେଶ୍ୱର ରେଳ ଷ୍ଟେସନ୍
୦୨ ମାର୍ଚ୍ଚ ୨୦୨୪



OIPR-37001/13/0077/2324
DEPARTMENT OF TOURISM
www.odishatourism.gov.in | odishatourismofficial | odishatourismofficial | odisha_tourism | odishatourismofficial



SIKSHA 'O' ANUSANDHAN
SAAT-2024
Empowering students for a brighter future

CORE B.TECH PROGRAMMES
- Civil Engineering
- Electrical Engineering
- Mechnical Engineering

APPROVAL & RECOGNITIONS
- Approved by UGC & AICTE
- Re-accredited by NAAC with A++ Grade
- Accredited by NBA
- Ranked in QS World Rankings 2024

NIRF INDIA RANKINGS 2023
- 15th Best in University Category
- 27th Best in Engineering Category

To apply for admission through SAAT,
Please visit: www.soa.ac.in


# ମେ' ମାସରୁ ଭୁବନେଶ୍ୱର-କ୍ୱାଲାଲମ୍ପୁର୍‌କୁ ବିମାନ ସେବା

**ଏଏଆଇକୁ ପ୍ରସ୍ତାବ ଦେଲା କମ୍ପାନୀ**

**ଭୁବନେଶ୍ୱର, ୧।୩ (ସମିସ):** ଦୀର୍ଘ ଦିନର ବ୍ୟବଧାନ ପରେ ପୁଣି ଥରେ ଭୁବନେଶ୍ୱର-କ୍ୱାଲାଲମ୍ପୁର ମଧ୍ୟରେ ଅନ୍ତର୍ଜାତୀୟ ବିମାନ ସେବା ଆରମ୍ଭ ହେବ। ଆସନ୍ତା ମେ' ମାସରୁ ସିଧାସଳଖ ବିମାନ ସେବା ପୁନଃ ଆରମ୍ଭ କରିବା ଲାଗି ଏୟାର ଏସିଆ ଏୟାରଲାଇନ୍ସ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ଦେଇଛି। ବିଧିବଦ୍ଧ ଅନୁମତି ମିଳିବା ପରେ ବିମାନ ସେବା ଆରମ୍ଭ ହେବ ବୋଲି କୁହାଯାଇଛି। ରାଜ୍ୟ ସରକାର ନିଜ ଉଦ୍ୟମରେ ଭୁବନେଶ୍ୱରରୁ ଦୁବାଇ, ମାଲେସିଆ ଓ ସିଙ୍ଗାପୁରକୁ ସିଧାସଳଖ ଅନ୍ତର୍ଜାତୀୟ ଉଡ଼ାଣ ଆରମ୍ଭ କରିବା ପରେ ଯାତ୍ରୀଙ୍କ ସଂଖ୍ୟା ବେଶ୍ ଉତ୍ସାହଜନକ ରହିଛି। ଫଳରେ ଏୟାର ଏସିଆ ସହିତ ଆଉ କିଛି କମ୍ପାନୀ ଓଡ଼ିଶାରୁ ବିଦେଶକୁ ବିମାନ ଉଡ଼ାଣ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ପ୍ରଥମ କମ୍ପାନୀ ଭାବେ ଏୟାର ଏସିଆ ୨୦୧୭ ମସିହାରେ ଭୁବନେଶ୍ୱର- ▶ପୃଷ୍ଠା-୧୦

# ଦୀପକ କୁମାର ପୂର୍ବାଞ୍ଚଳ ଆଇଜି

■ **ଭୁବନେଶ୍ୱର, ୧।୩ (ସମିସ):** ରାଜ୍ୟ ସରକାର ଶୁକ୍ରବାର ଆଇପିଏସ୍‌ସ୍ତରରେ ଏକ ଛୋଟ ଅଦଳବଦଳ କରିଛନ୍ତି। ତାଳଚେର ଏନ୍‌ସିଆର ଏବଂ ଅନୁଗୁଳ ପୁଲିସ ତାଲିମ ପ୍ରତିଷ୍ଠାନରେ କାର୍ଯ୍ୟରତ ଆଇପିଏସ୍ ଦୀପକ କୁମାରଙ୍କୁ ପୂର୍ବାଞ୍ଚଳ ଆଇଜି ଭାବେ ଅବସ୍ଥାପିତ କରିଛନ୍ତି। ସେହିପରି ପୂର୍ବାଞ୍ଚଳ ଆଇଜି ଥିବା ୨୦୦୪ ବ୍ୟାଚ୍‌ର ସତ୍ୟବ୍ରତ ଭୋଇଙ୍କୁ ତାଳଚେର ଏନ୍‌ସିଆର ଏବଂ ଅନୁଗୁଳ ପିଟିସିକୁ ବଦଳି କରିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ରାପଡ଼ା ଓ ଖୋର୍ଦ୍ଧା ଏସ୍‌ପିଙ୍କୁ ମଧ୍ୟ ବଦଳି କରାଯାଇଛି। କେନ୍ଦ୍ରାପଡ଼ାଏସ୍‌ପି ବନୋଥା ଯୁଗଳ କିଶୋର କୁମାରଙ୍କୁ ଖୋର୍ଦ୍ଧା ଏବଂ ଖୋର୍ଦ୍ଧା ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କୁ କେନ୍ଦ୍ରାପଡ଼ାକୁ ବଦଳି ହୋଇଛି। ଆଗକୁ ନିର୍ବାଚନ ଥିବାରୁ ବଦଳି ହୋଇଥିବା ଆଇପିଏସ୍‌ଙ୍କୁ ତୁରନ୍ତ ନୂତନ ସ୍ଥାନରେ ଯୋଗ ଦେବାକୁ କୁହାଯାଇଛି।

**ସିଦ୍ଧାର୍ଥ କାଟେରିଆ କେନ୍ଦ୍ରାପଡ଼ା, ବି.ଯୁଗଳ କିଶୋର ଖୋର୍ଦ୍ଧା ଏସ୍‌ପି**


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-247 ♦BHUBANESWAR ♦SATURDAY ♦2 MARCH 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୪୭ ♦ଭୁବନେଶ୍ୱର ♦ଶନିବାର ♦୨ ମାର୍ଚ୍ଚ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦




# ୭ ମହଲା କୋଠାରେ ନିଆଁ; ୪୫ ମୃତ

■ **ଢାକା, ୧।୩ (ଏଜେନ୍ସି):** ବାଂଲାଦେଶ ରାଜଧାନୀ ଢାକାରେ ଗୁରୁବାର ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଠାକାର ଏକ ସାତ ମହଲା କୋଠାରେ ନିଆଁ ଲାଗି ୪୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୨ ଜଣ ଗୁରୁତର ଆହତ ହୋଇଛନ୍ତି। ଅଢ଼େଇ ଘଣ୍ଟାର କଠିନ ପରିଶ୍ରମ ପରେ ଦମକଳ ବାହିନୀ ନିଆଁ ଲିଭାଇବାରେ ସକ୍ଷମ ହୋଇଛି। ସୂଚନା ଅନୁଯାୟୀ ଉଦ୍ଧାରକାର୍ଯ୍ୟରେ ୧୫ଟି ଦମକଳ ବାହିନୀ ଲାଗିଥିଲା। ଗ୍ରୀନ କୋଜି କଟେଜ ନାମକ ଏହି କୋଠାରୁ ୭୫ ଲୋକଙ୍କୁ ଉଦ୍ଧାର କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୪୨ ଜଣ ଚେତା ହରାଇ ଥିଲେ। ସମସ୍ତଙ୍କୁ ଢାକା ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୪୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଅନେକଙ୍କ ମୃତଦେହ ସମ୍ପୂର୍ଣ୍ଣ ଭାବେ ଜଳି ଯାଇଥିବାରୁ ଚିହ୍ନଟ କରାଯାଇପାରିନାହିଁ। ତେଣୁ ମୃତ୍ୟୁସଂଖ୍ୟା ବଢ଼ିବା ନେଇ ଆଶଙ୍କା କରାଯାଉଛି।

ବାଂଲାଦେଶ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ସାମନ୍ତ ଲାଲ୍ ସେନ କହିଛନ୍ତି ଯେ ରାତି ପ୍ରାୟ ୯ଟା ୩୦ରେ ପ୍ରଥମ ମହଲାରେ ଥିବା ରେସ୍ତୋରାଁରେ ନିଆଁ ଲାଗିଥିଲା। ପରେ ଏହା ଦ୍ରୁତଗତିରେ ଉପର ମହଲାକୁ ବ୍ୟାପି ଯାଇଥିଲା। ଏଠାରେ ଆଉ କିଛି ରେସ୍ତୋରାଁ ଏବଂ ପୋଷାକ ଦୋକାନ ମଧ୍ୟ ଥିଲା। ତେଣୁ ନିଆଁ ଭୟାବହ ରୂପଧାରଣ କରିଥିଲା। ରାତି ୧୨ଟା ୩୦ରେ ନିଆଁକୁ ଆୟତ୍ତ କରାଯାଇଥିଲା। ଏ ପର୍ଯ୍ୟନ୍ତ ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ। ମାମଲାର ତଦନ୍ତ ଜାରି ରହିଥିବା ମନ୍ତ୍ରୀ ଶ୍ରୀ ସେନ୍ କହିଛନ୍ତି।

**ଲୋକସଭା ନିର୍ବାଚନ**

# ବିଜେପିର ପ୍ରଥମ ପ୍ରାର୍ଥୀ ତାଲିକା ଖୁବ୍ ଶୀଘ୍ର

■ **ନୂଆଦିଲ୍ଲୀ, ୧।୩ (ସମିସ):** ଆଗାମୀ ଲୋକସଭା ନିର୍ବାଚନ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ୧୫୫ ପ୍ରାର୍ଥୀଙ୍କ ତାଲିକା ଚୂଡ଼ାନ୍ତ କରିଛି ବିଜେପି । ଖୁବ୍ ଶୀଘ୍ର ଏ ସଂକ୍ରାନ୍ତରେ ଘୋଷଣା କରାଯିବ । ଗତକାଲି ରାତି ପ୍ରାୟ ୧୧ଟାରୁ ସାଢ଼େ ୩ଟା ପର୍ଯ୍ୟନ୍ତ ଦୀର୍ଘ ୪ ଘଣ୍ଟାରୁ ଊର୍ଦ୍ଧ୍ୱକାଳ ବୈଠକ ପରେ ଦଳ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି । ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗୃହମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ସହ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଉପସ୍ଥିତ ଥିଲେ।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାରଣାସୀରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ଗୃହମନ୍ତ୍ରୀ ଅମିତ୍ ଶାହା ଗାନ୍ଧୀନଗର, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଲକ୍ଷ୍ନୌ, ସ୍ମୃତି ଇରାନୀ ଆମେଥିରୁ ଓ ଭୂପେନ୍ଦ୍ର ଯାଦବ ଭିବାନୀରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ଗୁନା-ଶିବପୁରୀ ବା ଗ୍ୱାଲିୟରରୁ, ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କୁ ଭୋପାଳ ବା ବିଦିଶାରୁ ଦଳ ପ୍ରାର୍ଥୀ କରିବ। ସର୍ବାନନ୍ଦ ସୋନୱାଲ ଡିବ୍ରୁଗଡ଼, ରବୀନ୍ଦ୍ର ରୈନା ରାଜୌରୀ-ଅନନ୍ତନାଗ, ମନୋଜ ତିୱାରୀ ଉତ୍ତରପୂର୍ବ ଦିଲ୍ଲୀ ଆସନ, ପରବେଶ ବର୍ମା ପଶ୍ଚିମ ଦିଲ୍ଲୀରୁ ପ୍ରାର୍ଥୀ ହେବେ। ଓଡ଼ିଶାର ଚୂଡ଼ାନ୍ତ ହୋଇଥିବା ଦୁଇ ଆସନ ମଧ୍ୟରୁ ସମ୍ବଲପୁରରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପୁରୀରୁ ସମ୍ବିତ୍ ପାତ୍ରଙ୍କ ନାମ ଥିବା ସୂଚନା ମିଳିଛି।

ବୈଠକରେ ବିଭିନ୍ନ ରାଜ୍ୟରେ ବିଜେପିର ବିଭିନ୍ନ ସହଯୋଗୀ ଦଳକୁ ଆସନ ବଣ୍ଟନ ସଂକ୍ରାନ୍ତରେ ମଧ୍ୟ ଆଲୋଚନା ହୋଇଛି। ଉତ୍ତରପ୍ରଦେଶର ୮୦ ଲୋକସଭା ଆସନ ମଧ୍ୟରୁ ବିଜେପି ୭୪ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ ଏବଂ ସହଯୋଗୀ ଦଳଗୁଡ଼ିକୁ ୬ଟି ଆସନ ପ୍ରଦାନ କରିବ। ବିହାରରେ ଜେଡିୟୁ ସହ ଆସନ ବୁଝାମଣା ବୈଠକ ପରେ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ ହେବ। ତେବେ ବିଜେପି କେବେ ବି ▶ପୃଷ୍ଠା-୧୦

**ବାରଣାସୀରୁ ମୋଦୀ, ଗାନ୍ଧୀନଗରରୁ ଶାହା, ଲକ୍ଷ୍ନୌରୁ ରାଜନାଥ**

**ଆମେଥିରୁ ଲଢ଼ିବେ ସ୍ମୃତି ଇରାନୀ, ଭିବାନୀରୁ ଭୂପେନ୍ଦ୍ର ଯାଦବ**

**ସମ୍ବଲପୁରରୁ ଧର୍ମେନ୍ଦ୍ର ପ୍ରଧାନ, ପୁରୀରୁ ସମ୍ବିତ ପାତ୍ର ଚୂଡ଼ାନ୍ତ**

## ୧୦୦ ଟପିବ ମହିଳା ପ୍ରାର୍ଥୀଙ୍କ ସଂଖ୍ୟା

■ **ନୂଆଦିଲ୍ଲୀ, ୧।୩ (ସମିସ):** ଆଗାମୀ ଲୋକସଭା ନିର୍ବାଚନରେ ଅନ୍ୟୂନ ୧୦୦ ଆସନରେ ବିଜେପି ମହିଳା ପ୍ରାର୍ଥୀଙ୍କୁ ସୁଯୋଗ ଦେଇପାରେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦଳର କୋର କମିଟି ବୈଠକରେ ଏ ସଂକ୍ରାନ୍ତରେ ବିଚାରବିମର୍ଶ ପରେ ନିଷ୍ପତ୍ତି ନିଆଯାଇଛି। ଆଗାମୀ ନିର୍ବାଚନରେ ପ୍ରଥମଥର ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲୋକସଭା ନିମନ୍ତେ ପ୍ରତିଦ୍ୱନ୍ଦ୍ୱିତା କରିବେ। ସେହିପରି କେନ୍ଦ୍ରମନ୍ତ୍ରୀ ମିନାକ୍ଷୀ ଲେଖୀ ଓ ସ୍ମୃତି ଇରାନୀ ସେମାନଙ୍କର ଆସନ ବଜାୟ ରଖିବେ। ମାତ୍ର ଦର୍ଶନା ଜରଦେଶ, ସାଧ୍ୱୀ ନିରଞ୍ଜନ ଜ୍ୟୋତି, ଅନ୍ନପୂର୍ଣ୍ଣା ଦେବୀ ଯାଦବ ଓ ରେଣୁକା ସିଂହଙ୍କ ପ୍ରାର୍ଥିତ୍ୱ ସଂକ୍ରାନ୍ତରେ ନିଷ୍ପତ୍ତି ହୋଇ ନ ଥିବା ଜଣାପଡ଼ିଛି।

**ସୁପ୍ରିମକୋର୍ଟଙ୍କ ୯ ଜଣିଆ ଖଣ୍ଡପୀଠଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ**

# ଖଣିଜ ସମ୍ପଦରେ ଟିକସ ଲଗାଇବା ଅଧିକାର ରାଜ୍ୟର

■ **ନୂଆଦିଲ୍ଲୀ, ୧।୩ (ଏଜେନ୍ସି):** ଖଣିଜ ସମ୍ପଦ ଉପରେ ଟିକସ ଲଗାଇବାର କ୍ଷମତା ସଂସଦ ପାଖରେ ନାହିଁ। ସମ୍ବିଧାନ ଏହି କ୍ଷମତା ସଂସଦକୁ ଦେଇ ନାହିଁ। ଏହା ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ଏଭଳି ଅଧିକାରକୁ ଦୁର୍ବଳ କରାଯିବା ଅନୁଚିତ ବୋଲି ସୁପ୍ରିମକୋର୍ଟ କହିଛନ୍ତି। 'ଖଣି ନିଲାମରୁ ସଂଗ୍ରହ ରୟାଲଟିକୁ ଟିକସ ଭାବେ ଧରାଯିବ କି ନାହିଁ' ମାମଲାର ଶୁଣାଣି ସମୟରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ୯ ଜଣିଆ ଖଣ୍ଡପୀଠ ଗୁରୁବାର ଏହି ଟିପ୍ପଣୀ ଦେଇଥିଲେ। ଖଣ୍ଡପୀଠ କହିଛନ୍ତି ଯେ ସଂସଦ କେବଳ ଖଣିଜ ପଦାର୍ଥ ବିକାଶ କାର୍ଯ୍ୟରେ ବାଧା ସୃଷ୍ଟି ନ ହେବା ପାଇଁ କିଛି ସୀମା ଧାର୍ଯ୍ୟ କରିପାରିବ। ସମ୍ବିଧାନର ନିୟମ ଅନୁଯାୟୀ ଖଣି ଉପରେ କର ଲଗାଇବାର ଶକ୍ତି ସଂସଦର ଅଛି ଏବଂ ରାଜ୍ୟର ନାହିଁ ବୋଲି ସଂସଦ କହିପାରିବ ନାହିଁ। ସମ୍ବିଧାନର ସପ୍ତମ ଅନୁଚ୍ଛେଦରେ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ କ୍ଷମତା ଏବଂ କାର୍ଯ୍ୟ ବଣ୍ଟନ କରାଯାଇଛି। ଆଟର୍ଣ୍ଣି ଜେନେରାଲ ଆର ଭେଙ୍କଟରମଣିଙ୍କୁ ସିଜେଆଇ କହିଥିଲେ ଯେ ଖଣିଜ ସମ୍ପଦର ସୁରକ୍ଷା ପାଇଁ ଏଭଳି ଟିକସ ଲଗାଇପାରିବ ନାହିଁ। ଉଦାହରଣ ସ୍ୱରୂପ ଏହା ୨୦ ପ୍ରତିଶତରୁ ଅଧିକ ହୋଇପାରିବ ନାହିଁ। କାରଣ ନିର୍ଦ୍ଦିଷ୍ଟ ଉପାୟରେ କର ଲଗାଇଲେ ଖଣିଜ ପଦାର୍ଥ ବିକାଶ ଉପରେ ସମସ୍ୟା ସୃଷ୍ଟି ହୋଇପାରେ। ଏହି ଶୁଣାଣିରେ କୌଣସି ଫଳାଫଳ ବାହାରି ପାରି ନ ଥିଲା। ୫ ତାରିଖରେ ଏହାର ପରବର୍ତ୍ତୀ ଶୁଣାଣି ହେବ। ଖଣି ଏବଂ ଖଣିଜ ପଦାର୍ଥ (ବିକାଶ ଏବଂ ପରିଚାଳନା) ନିୟମ, ୧୯୫୭ ଅଧିନରେ ଖନନ କରାଯାଇଥିବା ଦେୟ ରୟାଲ୍‌ଟି କର କି ନୁହେଁ ବୋଲି ବିଚାର କରୁଛନ୍ତି। ଗତ ୨୭ ତାରିଖରେ ଏହି ମାମଲାର ଶୁଣାଣି ଆରମ୍ଭ ହୋଇଥିଲା।




DSPL-761

ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ

କରକମଳରେ



୪ଟି ଜିଲ୍ଲାରେ ୧୩୧ କୋଟି ଟଙ୍କା ବ୍ୟୟରେ ୬ଟି ପ୍ରକଳ୍ପର ଉଦ୍‌ଘାଟନ

ଏବଂ

୧୫ଟି ଜିଲ୍ଲାରେ ୨୯୦୬ କୋଟି ଟଙ୍କା ବ୍ୟୟରେ ୪୬ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



୨ ମାର୍ଚ୍ଚ ୨୦୨୪ ॥ ଅପରାହ୍ନ ୪ଟା ୩୦

ଉଦ୍‌ଘାଟନ

କୁସୁମି ବ୍ୟାରେଜ୍, ନୟାଗଡ

ଭୂତଳ ପାଇପ୍ ଲାଇନ୍ ଦ୍ୱାରା ସମ୍ପୂର୍ଣ୍ଣ ହୋଇଥିବା ୫ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ବଣ୍ଟନ ବ୍ୟବସ୍ଥା

କେନ୍ଦୁଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନୟାଗଡ ॥ ଶଂଖଭଙ୍ଗା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ମୟୂରଭଞ୍ଜ
ତିଲେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ମୟୂରଭଞ୍ଜ ॥ ଫଟାଟାଙ୍ଗର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ସମ୍ବଲପୁର ॥ କଟଗାଁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର

ଭିତ୍ତିପ୍ରସ୍ତର ସ୍ଥାପନ

ହାତୁଆ ଡ୍ୟାମ୍ ଓ ହାତୁଆ ଡ୍ୟାମ୍‌ର ଭୂତଳ ପାଇପ୍ ଲାଇନ୍ ବଣ୍ଟନ ବ୍ୟବସ୍ଥା, କଟକ ॥ କୁସୁମି ବ୍ୟାରେଜର ଭୂତଳ ପାଇପ୍ ଲାଇନ୍ ବଣ୍ଟନ ବ୍ୟବସ୍ଥା, ନୟାଗଡ ॥ ଡିମିରିଆ-ରାଉତପଡା ଅନ୍ତଃ ନଦୀ ଜଳାଶୟ ପ୍ରକଳ୍ପ, କଟକ
ବୈଦେଶ୍ୱର-ଗୋପିନାଥପୁର ଅନ୍ତଃ ନଦୀ ଜଳାଶୟ ପ୍ରକଳ୍ପ, କଟକ ॥ ଫଟକି ଅନ୍ତଃ ନଦୀ ଜଳାଶୟ ପ୍ରକଳ୍ପ, ନବରଙ୍ଗପୁର ॥ ମାଲଗାଁ ବ୍ୟାରେଜ୍, ନବରଙ୍ଗପୁର ॥ ସତୀଜୋର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନବରଙ୍ଗପୁର

୩୯ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଭୂତଳ ପାଇପ୍ ଲାଇନ୍ ବଣ୍ଟନ ବ୍ୟବସ୍ଥା

ଲାକଟିଗୁଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ମାଲକାନଗିରି ॥ ଟେମୁରାପାଲ୍ଲୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ମାଲକାନଗିରି ॥ ଭାଲୁଗୁଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନବରଙ୍ଗପୁର ॥ ପୋଡାଗଡ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନବରଙ୍ଗପୁର
କୋହରାଡଙ୍ଗରି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନବରଙ୍ଗପୁର ॥ କୁର୍ଲୁ ଘାଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନବରଙ୍ଗପୁର ॥ କଲ୍ୟାଣୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ରାୟଗଡା ॥ ଟାଙ୍ଗିରିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗିର
ଦମ୍-କିପାଲି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର ॥ ବଥର୍ଲା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର ॥ ଦୈତାରିମୁଣ୍ଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର ॥ ବିଲେଇସାଥୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର
ଘଗରା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର ॥ ସେମେଲମୁଣ୍ଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର ॥ ଡୁମେରଚୁଆଁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର ॥ ଗାଡିଆଜୋର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଳାହାଣ୍ଡି
ବାରାହା ନାଳା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଳାହାଣ୍ଡି ॥ ଧୋବେନ ଚଞ୍ଚରା ନାଳା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଳାହାଣ୍ଡି ॥ ପଖାନଜୋର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଳାହାଣ୍ଡି ॥ ଲାମେର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଳାହାଣ୍ଡି
ଟୁକୁଗୁଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଳାହାଣ୍ଡି ॥ କୁଟିଙ୍ଗ ପଦର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଳାହାଣ୍ଡି ॥ ଦଳକଟା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ସୋନପୁର ॥ ଚିଲାଣ୍ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଅନୁଗୋଳ
କତରାପାଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କଟକ ॥ କପାସିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଢେଙ୍କାନାଳ ॥ ମଣଦା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ମୟୂରଭଞ୍ଜ ॥ ଲାଲିଆଛେଞ୍ଚଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କନ୍ଧମାଳ
ଡାହୁକା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନୟାଗଡ ॥ ପଥରଗଣ୍ଡ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ନୟାଗଡ ॥ କଦଳିଝରଣ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ସମ୍ବଲପୁର ॥ ମାଣିକମୁଣ୍ଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ସମ୍ବଲପୁର
ସୁଖୁପଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ସମ୍ବଲପୁର ॥ ଉତାଳିଜୋର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବରଗଡ଼ ॥ ଝିଲିନାଳା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବରଗଡ଼ ॥ ଶଳଡ଼ିହି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବରଗଡ
ସୁନାମୁଦି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବରଗଡ଼ ॥ ନୂଆଗଡ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ବରଗଡ ॥ କେଙ୍ଗଟି ନାଳା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ସୁନ୍ଦରଗଡ

ଜଳସମ୍ପଦ ବିଭାଗ

OIPR-32031/13/0018/2324

# ଆର୍‌ଏସ୍‌ପି ଏଜିଏମ୍‌ଙ୍କୁ ୨ବର୍ଷ କାରାଦଣ୍ଡ

■ **ଭୁବନେଶ୍ୱର, ୧।୩(ସମିସ):** ଜାଲ୍ କାଗଜପତ୍ର ଜରିଆରେ ଲକ୍ଷାଧିକ ଟଙ୍କା ଆତ୍ମସାତ୍ ମାମଲାର ବିଚାର କରି ଭୁବନେଶ୍ୱର ସ୍ୱତନ୍ତ୍ର ସିବିଆଇ ଅଦାଲତ ରାଉରକେଲା ଷ୍ଟିଲ ପ୍ଲାଣ୍ଟ (ଆର୍‌ଏସ୍‌ପି)ର ପୂର୍ବତନ ଏଜିଏମ୍ କେ. ବାଳଗଙ୍ଗାଧରଙ୍କୁ ୨ ବର୍ଷ କାରାଦଣ୍ଡ ଆଦେଶ ଦେଇଛନ୍ତି। ୨୩ ବର୍ଷ ପରେ ମାମଲାର ସମସ୍ତ ସାକ୍ଷ୍ୟ ପ୍ରମାଣ ଓ ସିବିଆଇ ଦାଖଲ କରିଥିବା ଦସ୍ତାବିଜକୁ ଆଧାର କରି ଅଦାଲତ ଉପରୋକ୍ତ ରାୟ ଦେଇଛନ୍ତି। ଏଥିସହ ଅଦାଲତ ଅଭିଯୁକ୍ତଙ୍କୁ ୧୫ ହଜାର ଟଙ୍କା ଜୋରିମାନା ଦେବାକୁ କହିଛନ୍ତି। ଇତିମଧ୍ୟରେ ମାମଲାରେ ସମ୍ପୃକ୍ତ ୬ଜଣ ଅଭିଯୁକ୍ତଙ୍କ ମୃତ୍ୟୁ ହୋଇ ସାରିଛି। ସାକ୍ଷ୍ୟ ପ୍ରମାଣ ଅଭାବରୁ ମାମଲାରେ ସମ୍ପୃକ୍ତ ଘରୋଇ ସଂସ୍ଥାର ମୁଖ୍ୟଙ୍କୁ ଅଦାଲତ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ମାମଲାରୁ ପ୍ରକାଶ, ଆରଏସ୍‌ପିର ହଟ୍ ଷ୍ଟ୍ରିପ୍ ମିଲ୍ ମରାମତି କାମ ପାଇଁ ଏକ ଘରୋଇ ସଂସ୍ଥାକୁ ଟେଣ୍ଡରେ ଦିଆଯାଇଥିଲା। କାର୍ଯ୍ୟ ନ କରି ଜାଲ୍ ଗକାଗଜପତ୍ର ଜମା କରି ଉକ୍ତ ସଂସ୍ଥା ନାମରେ ୨୪ ଲକ୍ଷ ୪୧ ହଜାର ବିଲ୍ କରାଯାଇଥିଲା। ଅଭିଯୋଗ ହେବା ପରେ ଘଟଣାର ସିବିଆଇ ତଦନ୍ତ କରିଥିଲା। ବାଳଗଙ୍ଗାଧରଙ୍କ ସମେତ ମାମଲାରେ ଏକାଧିକ ଅଭିଯୁକ୍ତଙ୍କ ନାମରେ ସିବିଆଇ ୨୦୦୧ ନଭେମ୍ବର ୨୯ରେ ଅଦାଲତରେ ଅଭିଯୋଗ ଫର୍ଦ୍ଦ (ଚାର୍ଜସିଟ୍) ଦାଖଲ କରିଥିଲା।


ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-247 ♦BHUBANESWAR ♦SATURDAY ♦2 MARCH 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୪୭ ♦ଭୁବନେଶ୍ୱର ♦ଶନିବାର ♦୨ ମାର୍ଚ୍ଚ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


# କିଡ୍‌ନୀ ଦାନ କରି ଅମର ହେଲେ ଶିବୁ

## ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ସମ୍ପନ୍ନ ହେଲା ଶେଷକୃତ୍ୟ

■ **ପଟ୍ଟାମୁଣ୍ଡାଇ, ୧।୩ (ସମିସ):** ମହାଯାତ୍ରାରେ ଯିବା ପରେ ନିଜର ୨ଟି ଯାକ କିଡ୍‌ନୀ ଦାନ କରି ଦୁଇଜଣଙ୍କୁ ନୂଆ ଜୀବନ ଦେଇଛନ୍ତି ପଟ୍ଟାମୁଣ୍ଡାଇ ବ୍ଲକ୍ ବଡ଼ମହନପୁର ପଞ୍ଚାୟତ ନୟାକଟ ଗ୍ରାମର ଯୁକ୍ତ ଦୁଇ ବିଜ୍ଞାନ ଛାତ୍ର ଓମ୍ ଶିବୁ ଦାସ (୧୭)। ରାଜ୍ୟ ସରକାରଙ୍କ ଘୋଷଣା ମୁତାବକ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶିବୁଙ୍କ ଅନ୍ତିମ ସଂସ୍କାର ସଂପନ୍ନ ହୋଇଛି। ବ୍ରେନ୍ ଟ୍ୟୁମର୍‌ରେ ପୀଡ଼ିତ ଶିବୁ ୧୯ଦିନ ହେବ କଟକ ବଡ଼ ମେଡ଼ିକାଲରେ ମୃତ୍ୟୁ ସହ ସଂଘର୍ଷ କରି ହାରିଯିବା ପରେ ପରିବାରଲୋକ ତାଙ୍କର ଦୁଇଟିଯାକ କିଡ୍‌ନୀକୁ ଦାନ କରିଥିଲେ। ଏହା କରି ଶିବୁ ଦୁଇଟି ଅମୂଲ୍ୟ ଜୀବନ ବଞ୍ଚାଇବାରେ ସହାୟ ହୋଇଛନ୍ତି। ତାଙ୍କ ଶେଷକୃତ୍ୟ ନିଜ ଗ୍ରାମ ଶ୍ମଶାନରେ ଶେଷ ହୋଇଛି। ଏକମାତ୍ର ପୁଅକୁ ହରାଇ ବାପା ରମେଶ ଚନ୍ଦ୍ର ଦାସ କହିଛନ୍ତି ଯେ ଅକାଳରେ ତା'ର ଜୀବନ ସିନା ଚାଲିଗଲା, ହେଲେ ସେ ଅନ୍ୟର ଦୁଇଟି ଜୀବନ ବଞ୍ଚାଇ ସମାଜ ପାଇଁ ଉଦାହରଣ ସାଜିଛି। ସରକାରଙ୍କ ଘୋଷଣା ପରେ ଅଙ୍ଗଦାନ କରିଥିବା ମୋ ପୁଅକୁ ଗାଁ ଶ୍ମଶାନରେ ତୋପ ସଲାମି ଦିଆଯାଇ ବିଦାୟ ଦିଆଯାଇଥିବାର ଦୃଶ୍ୟକୁ ମୁଁ ବଞ୍ଚିଥିଲା ପର୍ଯ୍ୟନ୍ତ ଭୁଲିପାରିବି ନାହିଁ।

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ଦୁଇ ବିଜ୍ଞାନ ଛାତ୍ର ଥିଲେ ଶିବୁ। ତାଙ୍କର ଏକମାତ୍ର ଭଉଣୀ ମଧ ଏହି କଲେଜରେ ପାଠ ପଢୁଛନ୍ତି। ବାପା ରମେଶ ଜଣେ ଚାଷୀ। କିଛି ଦିନ ତଳେ ଶିବୁର ମୁଣ୍ଡ ଜୋର୍‌ରେ ବିନ୍ଧିବାରୁ ତାକୁ କଟକ ବଡମେଡିକାଲକୁ ନିଆଯାଇଥିଲା। ସେଠାରେ ବ୍ରେନ୍ ଟ୍ୟୁମର ଜଣାପଡ଼ିବା ପରେ ଅସ୍ତ୍ରୋପଚାର କରାଯାଇଥିଲା। ମାତ୍ର ଡାକ୍ତରଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ତାଙ୍କର ଗୁରୁବାର ଦିନ ମୃତ୍ୟୁ ଘଟିଥିଲା। ବାପା ରମେଶ ଶରୀର ଦାନ କରିବାକୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ କଟକ ବଡ଼ମେଡିକାଲରେ କେବଳ କିଡ୍‌ନୀ ଦୁଇଟିକୁ ନେବାକୁ ପରାମର୍ଶ ଦେଇଥିଲେ। ଶିବୁଙ୍କର କିଡ୍‌ନୀ ଦୁଇଟି ଡାକ୍ତର ନେଇଥିଲେ। ଗୋଟିଏ କିଡ୍‌ନୀକୁ ଭୁବନେଶ୍ୱର ଆପୋଲୋ ହସପିଟାଲକୁ ପଠାଯାଇଥିବା ବେଳେ ଅନ୍ୟଟିକୁ କଟକ ବଡ଼ମେଡ଼ିକାଲରେ ରଖାଯାଇଥିବାର ପରିବାର ପକ୍ଷରୁ ସୂଚନା ଦିଆଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାପାଳ ମୟୂର ସୂର୍ଯ୍ୟବଂଶୀ ଶିବୁଙ୍କ ଘର ନୟାକଟରେ ପହଞ୍ଚି ଶିବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ପରିବାରଙ୍କୁ ସମବେଦନା ଜଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ସହାୟତା ପାଣ୍ଠିରୁ ଝିଅର ପଢ଼ିବା ପାଇଁ ସହାୟତା ଦିଆଯିବାକୁ ପ୍ରତିଶ୍ରୁତି ମଧ ଦେଇଥିଲେ। ଆଜି ଶ୍ମଶାନରେ ଶେଷକୃତ୍ୟ ବେଳେ ବିଧାୟକ ଧ୍ରୁବ ସାହୁ, ତହସିଲଦାର ପଞ୍ଚାନନ ନାୟକ, ବିଡିଓ ଶୁଭ୍ରାଂଶୁ ସାହୁ, ଏସ୍‌ଡିପିଓ କ୍ଷମାସାଗର ପଣ୍ଡା, ଗ୍ରାମାଞ୍ଚଳ ଥାନା ଆଇଆଇସି ପଦ୍ମାଳୟା ପ୍ରଧାନ, ଅଧକ୍ଷ ପ୍ରଦ୍ୟୁମ୍ନ କୁମାର ସାମନ୍ତରାୟ, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ବିଶ୍ୱାଳ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଚିତ୍ତ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



## 'ରାଜ୍ୟର ସବୁ ସ୍ଥାନରେ ଅଙ୍ଗଦାନ ଓ ସଂରକ୍ଷଣ ଭିତ୍ତିଭୂମି ସୃଷ୍ଟି କରାଯାଉ'

■ **ଭୁବନେଶ୍ୱର, ୧।୩ (ସମିସ):** ଜଟିଳ ଏବଂ ଅତ୍ୟନ୍ତ ଦୁଃଖଦ ସମୟରେ ବି କେନ୍ଦ୍ରାପଡ଼ାର ୧୮ ବର୍ଷୀୟ ଶିବୁ ଦାଶଙ୍କ ଅଙ୍ଗଦାନ ପାଇଁ ତାଙ୍କ ପରିବାରଲୋକ ଯେଉଁ ନିଷ୍ପତ୍ତି ନେଲେ, ତାହା ଅତ୍ୟନ୍ତ ପ୍ରଶଂସନୀୟ ବୋଲି ଭାରତୀୟ ଶରୀର ଅଙ୍ଗଦାନ ସୋସାଇଟି (ବଡି ଆଣ୍ଡ ଅର୍ଗାନ୍ ଡୋନେସନ୍ ସୋସାଇଟି ଅଫ୍ ଇଣ୍ଡିଆ)ର ସଭାପତି ଡଃ ପ୍ରଭାସ ଆଚାର୍ଯ୍ୟ କହିଛନ୍ତି। ସେ କହିଛନ୍ତି ଯେ ଶିବୁ ଦାଶଙ୍କ ପରିବାରଲୋକେ ସମାଜ ଆଗରେ ବହୁତ ବଡ଼ ଉଦାହରଣ ରଖିଛନ୍ତି। ସ୍ୱାସ୍ଥ୍ୟସେବାରେ ବ୍ୟାପକ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ରାଜ୍ୟ ସରକାର ବିହିତ ପଦକ୍ଷେପ ଗ୍ରହଣ କରିଛନ୍ତି। ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ପରିବର୍ତ୍ତନ ପାଇଁ ପାଣ୍ଠିର ଅଭାବ ରଖିନାହାନ୍ତି। ପରିଣାମସ୍ୱରୂପ ସ୍ୱାସ୍ଥ୍ୟ ସେବାରେ ବହୁତ ଉନ୍ନତି ଆସିପାରିଛି। ତେବେ ଏହି ସେବାର ପ୍ରଭାବ ଆହୁରି ତୃଣମୂଳସ୍ତରରେ ପହଞ୍ଚିବାର ଆବଶ୍ୟକତା ରହିଛି ଡଃ ଆଚାର୍ଯ୍ୟ କହିଛନ୍ତି। ସେ କହିଛନ୍ତି ଯେ ଅଙ୍ଗଦାନ ନିମନ୍ତେ ମୃତକଙ୍କ ଶରୀରରୁ ଯକୃତ, ଫୁସ୍‌ଫୁସ୍ ଓ ହୃତ୍‌ପିଣ୍ଡ ଭାଲ୍‌ବ ଭଳି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ବାହାର କରିବା ଓ ତାହାକୁ ସଂରକ୍ଷଣ କରିବା ଲାଗି ରାଜ୍ୟରେ ଭିତ୍ତିଭୂମିର ଘୋର୍ ଅଭାବ ରହିଛି। ଏହି କାରଣରୁ ଅଙ୍ଗଦାନ ପ୍ରକ୍ରିୟା କେବଳ କଟକ ଓ ଭୁବନେଶ୍ୱର ମଧ୍ୟରେ ସୀମିତ ରହୁଛି। ରାଜ୍ୟର ଅନ୍ୟ ସ୍ଥାନରେ ଅଙ୍ଗ ବାହାର କରି ଅନ୍ୟର ଜୀବନରକ୍ଷା କରିବା ପାଇଁ ଭିତ୍ତିଭୂମି ସୃଷ୍ଟି କରିବା ଜରୁରୀ ହୋଇପଡ଼ିଛି ବୋଲି ସେ କହିଛନ୍ତି।

# ସ୍ୱାସ୍ଥ୍ୟ ବିଭାଗରେ ସୃଷ୍ଟି ହେଲା ୪୫ ବରିଷ୍ଠ ପାହ୍ୟା ପଦ

■ **ଭୁବନେଶ୍ୱର, ୧।୩(ସମିସ):** ସ୍ୱାସ୍ଥ୍ୟ ସେବାରେ ବର୍ଦ୍ଧିତ ଆବଶ୍ୟକତା ଓ ଚାପକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଓଡ଼ିଶା ମେଡିକାଲ ଆଣ୍ଡ ହେଲଥ୍ ସର୍ଭିସେସ୍ (ଓଏମ୍‌ଏଚ୍‌ଏସ୍) କ୍ୟାଡର୍‌ରେ ୪୫ଟି ବରିଷ୍ଠ ଅଧିକାରୀ ପଦବୀ ସୃଷ୍ଟି କରିଛନ୍ତି। ଏଥିରେ ୧୨ଟି ସୁପର୍ ଟାଇମ୍ ପେ' ଗ୍ରେଡ୍ ପଦବୀ ଥିବା ବେଳେ ୩୩ଟି ସିନିୟର୍ ଆଡମିନିଷ୍ଟ୍ରେଟିଭ୍ ଗ୍ରେଡ୍ ପଦବୀ ଅନ୍ତର୍ଭୁକ୍ତ। ସିଲେକ୍ସନ୍ ଗ୍ରେଡ୍-୧ (ଅତିରିକ୍ତ ନିର୍ଦ୍ଦେଶକ ସ୍ତର-୧)ରେ ୪୫ଟି ପଦବୀକୁ ଉଚ୍ଛେଦ କରାଯାଇ ସମାନ ସଂଖ୍ୟକ ନୂତନ ପଦବୀ ସୃଷ୍ଟି କରାଯାଇଛି।

**କ୍ୟାଡର୍ ପୁନର୍ଗଠନ ପରେ ବରିଷ୍ଠ ପଦବୀ ସଂଖ୍ୟା ୧୫, ୭୭୪**

**ମେଡିକାଲ ଓ ଡେଣ୍ଟାଲ କଲେଜ ଶିକ୍ଷକଙ୍କୁ ମିଳିବ ଡିଏସିପି**

ଏହି ପୁନର୍ଗଠନ ଫଳରେ ସୁପର୍ ଟାଇମ୍ ପେ' ଗ୍ରେଡ୍ ପଦବୀ ସଂଖ୍ୟା ୧୪କୁ ବୃଦ୍ଧି ପାଇଥିବା ବେଳେ ସିନିୟର୍ ଆଡମିନଷ୍ଟ୍ରେଟିଭ୍ ଗ୍ରେଡ୍ ପଦବୀ ସଂଖ୍ୟା ୪୫କୁ ବୃଦ୍ଧି ପାଇଛି। ସୁପର୍ ଟାଇମ୍ ପେ' ଗ୍ରେଡ୍ ପାହ୍ୟାରେ ସ୍ୱତନ୍ତ୍ର ସଚିବ, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ, ପରିବାର କଲ୍ୟାଣ ନିର୍ଦ୍ଦେଶକ, ନର୍ସିଂ ନିର୍ଦ୍ଦେଶକ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ, କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ, ଆରଜିଏଚ୍ ନିର୍ଦ୍ଦେଶକ, ବ୍ଲଡ୍ ସେଫ୍ଟି ନିର୍ଦ୍ଦେଶକ, ଖାଦ୍ୟ ସୁରକ୍ଷା ନିର୍ଦ୍ଦେଶକ, ଏସ୍‌ଆଇଏଚ୍‌ଏଫ୍‌ଡବ୍ଲୁ ନିର୍ଦ୍ଦେଶକ ଆଦି ପଦବୀ ରହିଛି। ସେହିପରି ସିନିୟର୍ ଆଡମିନିଷ୍ଟ୍ରେଟିଭ୍ ଗ୍ରେଡ୍ ପାହ୍ୟାରେ ସିଡିଏମ୍‌ଓ/ପିଏଚ୍‌ଓ, କ୍ୟାପିଟାଲ ହସ୍ପିଟାଲ ଅଧୀକ୍ଷକ, ଆରଜିଏଚ୍ ଅଧୀକ୍ଷକ ଆଦି ପଦବୀ ଅନ୍ତର୍ଭୁକ୍ତ। ଏହି ପୁନର୍ଗଠନକୁ ଅର୍ଥ ବିଭାଗର ମଞ୍ଜୁରୀ ମିଳିଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

ଓଏମ୍‌ଏଚ୍‌ଏସ୍ କ୍ୟାଡର୍‌ରେ ପୁନର୍ଗଠନ ପରେ ସମୁଦାୟ ୬ଟି ବରିଷ୍ଠ ପାହ୍ୟାରେ ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟା ୧୫, ୭୭୪ରେ ପହଞ୍ଚିଛି। ଏଥିରେ ସୁପରଟାଇମ୍ ପେ' ଗ୍ରେଡ୍ ପାହ୍ୟାରେ ୧୪ଟି ପଦବୀ ରହିଥିବା ବେଳେ ସିନିୟର ଆଡମିନଷ୍ଟ୍ରେଟିଭ୍ ଗ୍ରେଡ୍‌ରେ ୪୫ଟି, ସିଲେକ୍ସନ୍ ଗ୍ରେଡ୍ (ଅତିରିକ୍ତ ନିର୍ଦ୍ଦେଶକ)ରେ ୩୭୪ଟି ମଞ୍ଜୁରୀପ୍ରାପ୍ତ ପଦବୀ ରହିଛି। ଅପରପକ୍ଷେ ଜୁନିୟର୍ ଆଡମିନିଷ୍ଟ୍ରେଟିଭ୍ ଗ୍ରେଡ୍‌ରେ ୮୯୫ଟି ପଦବୀ ରହିଥିବା ବେଳେ ଗ୍ରୁପ୍-ଏ (ସିନିୟର୍ ବ୍ରାଞ୍ଚ)ରେ ୧୭୦୯ ଏବଂ ଗ୍ରୁପ୍-ଏ (ଜୁନିଅର ବ୍ରାଞ୍ଚ)ରେ ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟା ୧୨୭୩୭ ରହିଛି। ବିଭାଗ ପକ୍ଷରୁ ଆଜି ପ୍ରକାଶିତ ଅନ୍ୟଏକ ବିଜ୍ଞପ୍ତିରେ ଓଏମ୍‌ଇଏସ୍ କ୍ୟାଡର୍‌ରେ କାର୍ଯ୍ୟରତ ମେଡିକାଲ ଓ ଡେଣ୍ଟାଲ କଲେଜ ଶିକ୍ଷକ/ଶିକ୍ଷୟତ୍ରୀ ମାନଙ୍କ ପାଇଁ ଡାଇନାମିକ୍ କ୍ୟାରିୟର୍ ଆଡଭାନ୍ସମେଣ୍ଟ ପ୍ରୋଗ୍ରେସନ୍ (ଡିଏସିପି) ଲାଗୁ କରାଯିବ ବୋଲି କୁହାଯାଇଛି।

# ନାଗାବଳୀରେ ବୁଡ଼ି ଦୁଇ ନାବାଳିକା ମୃତ

■ **ଜେକେପୁର/କୋଲନରା,୧।୩(ସମିସ):** ଶୁକ୍ରବାର ନାଗାବଳୀ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ବୁଡ଼ି ଦୁଇ ନାବାଳିକାଙ୍କର ମୃତ୍ୟୁ ହୋଇଛି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ ସାନଚାନ୍ଦିଲି ଗାଁ ନଦୀଘାଟରେ। ମୃତକମାନେ ହେଲେ ହେମାବତୀ ସୁନା (୧୨) ଓ ଅନୁ ଅବଦୁଲ (୧୦)। ମୃତ ହେମାବତୀ ଜେକେପୁରର ଗୋପବନ୍ଧୁ ସରକାରୀ ହାଇସ୍କୁଲରେ ଷଷ୍ଠ ଶ୍ରେଣୀର ଛାତ୍ରୀ ଥିବାବେଳେ ମୃତ ଅନୁ ସାନଚାନ୍ଦିଲି ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟର ଦ୍ୱିତୀୟ ଶ୍ରେଣୀର ଛାତ୍ରୀ ବୋଲି ଜଣାପଡ଼ିଛି। ଘଟଣାସ୍ଥଳରେ ଚାନ୍ଦିଲି ପୁଲିସ ପହଞ୍ଚି ତଦନ୍ତ କରିଛି।




# ଜିଏସ୍‌ଟି ସଂଗ୍ରହରେ ପୁଣି ରେକର୍ଡ କଲା ଓଡ଼ିଶା

**ଭୁବନେଶ୍ୱର, ୧।୩(ସମିସ):** ଗତ ଫେବୃଆରୀରେ ସର୍ବାଧିକ ଜିଏସ୍‌ଟି ସଂଗ୍ରହ କରାଯାଇଛି। ଏହି ମାସରେ ଓଡ଼ିଶା ୫୧୩୫.୮୧ କୋଟି ଟଙ୍କାର ଜିଏସ୍‌ଟି (କେନ୍ଦ୍ରୀୟ ଜିଏସ୍‌ଟି+ସମନ୍ୱିତ ଜିଏସ୍‌ଟି+ରାଜ୍ୟ ଜିଏସ୍‌ଟି+ଅତିରିକ୍ତ ଟିକସ) ସଂଗ୍ରହ କରିଛି। ଏହା ଏଯାବତ ସର୍ବାଧିକ ମୋଟ ଜିଏସ୍‌ଟି ସଂଗ୍ରହ। ଗତବର୍ଷ ଫେବୃଆରୀରେ ଏହି ପରିମାଣ ୪୫୧୯.୩୫ କୋଟି ଥିଲା। ପୂର୍ବାପେକ୍ଷା ଚଳିତ ବର୍ଷ ୧୩.୬୪% ଅଭିବୃଦ୍ଧି ହୋଇଛି। ମୋଟ ଜିଏସ୍‌ଟି ସଂଗ୍ରହରେ ଗତ ଆର୍ଥିକ ବର୍ଷ ତୁଳନାରେ ୧୧.୦୭% ବୃଦ୍ଧି ହୋଇଛି। ରାଜ୍ୟ ବାଣିଜ୍ୟ କର ଏବଂ ଜିଏସ୍‌ଟି କମିଶନରେଟ୍ କାର୍ଯ୍ୟାଳୟ ସୂତ୍ରରୁ ହସ୍ତଗତ ସୂଚନାନୁସାରେ ରାଜ୍ୟ ଜିଏସ୍‌ଟି ଓ ସମନ୍ୱିତ ଜିଏସ୍‌ଟି ଫଇସାଲା ବାବଦକୁ ଚଳିତ ବର୍ଷ ଫେବୃଆରୀରେ ଓଡ଼ିଶା ୨୨୯୫.୪୧ କୋଟି ଟଙ୍କା ପାଇଥିବା ବେଳେ ଗତବର୍ଷ ଫେବୃଆରୀରେ ଏହି ପରିମାଣ ୧୬୭୩.୯୭ କୋଟି ଟଙ୍କା ଥିଲା। ଏହି କ୍ଷେତ୍ରରେ ୩୭.୧୨% ଅଭିବୃଦ୍ଧି ହୋଇଛି। ଗତ ଫେବୃଆରୀ ସୁଦ୍ଧା ରାଜ୍ୟ ଜିଏସ୍‌ଟି ଓ ସମନ୍ୱିତ ଜିଏସ୍‌ଟି ବାବଦକୁ ସଂଗ୍ରହ ପରିମାଣ ୨୧୮୪୬.୫୫ କୋଟି ଟଙ୍କା ରହିଥିବା ବେଳେ ଗତବର୍ଷ ଫେବୃଆରୀରେ ୧୬୭୧୦.୩୪ କୋଟି ଟଙ୍କା ଆଦାୟ ହୋଇଥିଲା। ଫଳରେ ଏ ବାବଦରେ ୩୦.୭୪% ଅଭିବୃଦ୍ଧି ହୋଇଛି। ସେହିପରି ରାଜ୍ୟ ବାଣିଜ୍ୟ କର ଓ ଜିଏସ୍‌ଟି କମିଶନରେଟ୍ ଦ୍ୱାରା ପରିଚାଳିତ ସମସ୍ତ ଟିକସ ବ୍ୟବସ୍ଥା ଯଥା ରାଜ୍ୟ ଜିଏସ୍‌ଟି/ସମନ୍ୱିତ ଜିଏସ୍‌ଟି ଫଇସଲା, ଭାଟ, ବୃତ୍ତିଗତ କର ଆଦି ବାବଦରେ ଗତ ଫେବୃଆରୀରେ ୩୪୭୦.୭୫ କୋଟି ଟଙ୍କା ଆଦାୟ ହୋଇଛି। ଏହି କ୍ଷେତ୍ରରେ ପୂର୍ବାପେକ୍ଷା ୨୫.୫୦% ଅଭିବୃଦ୍ଧି ହୋଇଛି।


ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-247 ◆BHUBANESWAR ◆SATURDAY ◆2 MARCH 2024 ◆PAGE-16 ◆₹ 6.00


◆ବର୍ଷ-୪୧ ◆ସଂଖ୍ୟା-୨୪୭ ◆ଭୁବନେଶ୍ୱର ◆ଶନିବାର ◆୨ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


# ଏ ବର୍ଷ ଅସହ୍ୟ ତାତି, ବାରମ୍ବାର ଗ୍ରୀଷ୍ମ ପ୍ରବାହ

**ଭୁବନେଶ୍ୱର, ୧।୩(ସମିସ):** ଏଥର ଅସହ୍ୟ ତାତିରେ ଛଟ ପଟ ହେବେ ରାଜ୍ୟବାସୀ। ଟାଣ ଖରା ସାଙ୍ଗକୁ ବହିବ ଝାଞ୍ଜି ପବନ। ପୁଣି ତାହା ସହ ବାରମ୍ବାର ଗ୍ରୀଷ୍ମ ପ୍ରବାହ (ହିଟ୍ ୱେଭ୍) ସ୍ଥିତି। କେବଳ ଦିନରେ ନୁହେଁ ରାତିରେ ବି ଗରମ ଗୁଳୁଗୁଳିରେ ଲୋକଙ୍କୁ ନିସ୍ତାର ମିଳିବ ନାହିଁ। ଆସନ୍ତା ମାର୍ଚ୍ଚ-ମେ' ମାସ ପର୍ଯ୍ୟନ୍ତ ଗ୍ରୀଷ୍ମ ଋତୁରେ ଏଭଳି କିଛି ସ୍ଥିତି ରହିବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ ଆକଳନ ଜାରି କରାଯାଇଛି। ଦେଶରେ ଗ୍ରୀଷ୍ମ ପ୍ରବାହ ସ୍ଥିତି ନେଇ ଆଇଏମ୍‌ଡି ମହାନିର୍ଦ୍ଦେଶକ ଡଃ ମୃତ୍ୟୁଞ୍ଜୟ ମହାପାତ୍ର ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି। ଏହାସହିତ ବିଭାଗ ପକ୍ଷରୁ ଏକ ବିସ୍ତୃତ ରିପୋର୍ଟ ମାଧ୍ୟମରେ ଆସନ୍ତା ୩ ମାସରେ ଦିନ ଓ ରାତିରେ ତାପମାତ୍ରା ସହିତ ବର୍ଷା ସମ୍ପର୍କରେ ପୂର୍ବାନୁମାନ କରାଯାଇଛି।

ଆଇଏମଡି ପକ୍ଷରୁ ଜାରି ରିପୋର୍ଟରେ ଦର୍ଶାଯାଇଛି ଯେ ଏଥର ଚଳିତ ବର୍ଷ ରାଜ୍ୟରେ ଗ୍ରୀଷ୍ମ ଋତୁରେ ବାରମ୍ବାର ଗ୍ରୀଷ୍ମ ପ୍ରବାହ ସ୍ଥିତି ସୃଷ୍ଟି ହେବ। ରାଜ୍ୟର ଅଧିକାଂଶ ସ୍ଥାନରେ ତାତି ବଢ଼ିବା ସହ ସ୍ୱାଭାବିକଠାରୁ ତାପମାତ୍ରା ଉପରେ ରହିବ। କେବଳ ଦିନରେ ନୁହେଁ ରାତିର ତାପମାତ୍ରା ମଧ୍ୟ ସ୍ୱାଭାବିକଠାରୁ ଉପରେ ରହିବ। ଅନ୍ୟପଟେ ଯଦିଓ ଗ୍ରୀଷ୍ମରେ ପ୍ରବଳ ତାତି ହେବ ବୋଲି ଆକଳନ କରାଯାଇଛି, ମାତ୍ର ଚଳିତ ମାର୍ଚ୍ଚ ମାସରେ ପଶ୍ଚିମା ଝଡ଼ ଜନିତ ବର୍ଷା ଯୋଗୁଁ ସାମାନ୍ୟ ଆଶ୍ୱସ୍ତି ମିଳିବ। ରାଜ୍ୟରେ ମାର୍ଚ୍ଚ ମାସରେ ବାରମ୍ବାର ପଶ୍ଚିମାଝଡ଼ ପ୍ରଭାବ ଯୋଗୁଁ ବର୍ଷାର ପରିମାଣ ସ୍ୱାଭାବିକଠାରୁ ଅଧିକ ରହିବ। ତେଣୁ ମାର୍ଚ୍ଚରେ ସମ୍ଭବତଃ ଗରମ୍ କମ ରହିବ। ତେବେ କିଛି ଉପକୂଳବର୍ତ୍ତୀ ଜିଲ୍ଲାରେ ତାପମାତ୍ରା ଅନ୍ୟଜିଲ୍ଲା ତୁଳନାରେ ଅଧିକା ରହିବାକୁ ଥିବା ବେଳେ ଗଞ୍ଜାମ ସଂଲଗ୍ନ କିଛି ଆଭ୍ୟନ୍ତରୀଣ ଜିଲ୍ଲାରେ ହଠାତ୍ ଗ୍ରୀଷ୍ମ ପ୍ରବାହ ସୃଷ୍ଟି ହୋଇପାରେ ବୋଲି ଆଇଏମଡି ଆକଳନ କରିଛି।

୨୦୨୩ ଅପେକ୍ଷା ଚଳିତ ବର୍ଷରେ ଗ୍ରୀଷ୍ମ ପ୍ରବାହ ଅଧିକ ରହିବ ବୋଲି ପୂର୍ବରୁ ବିଭିନ୍ନ ଆନ୍ତର୍ଜାତୀୟ ପାଣିପାଗ ସଂସ୍ଥାଙ୍କ ସମେତ ପାଣିପାଗ ବିଶେଷଜ୍ଞମାନେ ଆକଳନ




କରିଥିଲେ। ଏପ୍ରିଲ ପର୍ଯ୍ୟନ୍ତ ଏଲନିନୋ ଶକ୍ତିଶାଳୀ ରହିବାକୁ ଥିବାରୁ ଏହା ପ୍ରଭାବରେ ପ୍ରବଳ ହିଟ୍‌ୱେଭରେ ଜନଜୀବନ ଅସ୍ତବ୍ୟସ୍ତ କରିବ। ୨୦୨୩ରେ ସୃଷ୍ଟି ହୋଇଥିବା ଏଲ୍-ନିନୋ ଚଳିତ ବର୍ଷ ମାର୍ଚ୍ଚ କିମ୍ବା ଏପ୍ରିଲ୍ ପର୍ଯ୍ୟନ୍ତ ସକ୍ରିୟ ରହିବ। ପୂର୍ବ ତଥ୍ୟ ଅନୁଯାୟୀ ଏଲ୍-ନିନୋ ସରିବା ପରେ ଏହାର ପ୍ରଭାବ ଅଧିକ ଦେଖାଯାଏଇଥାଏ। ଉଦାହରଣ ଭାବେ ୨୦୧୫ ବର୍ଷର ଏଲ୍-ନିନୋର ପ୍ରଭାବ ୨୦୧୬ ରେ ଅଧିକ ପଡ଼ିବା ସହ ସେହି ବର୍ଷ ପ୍ରବଳ ଗରମ ଅନୁଭୂତ ହୋଇଥିଲା। ତେଣୁ ଚଳିତ ବର୍ଷ ଏଲନିନୋ ପ୍ରଭାବ ଯୋଗୁଁ ପ୍ରବଳ ଗରମ ବର୍ଷ ହେବାକୁ ଯାଉଛି ଆକଳନ କରାଯାଉଛି।

ଅନ୍ୟପଟେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବିଭିନ୍ନ ସ୍ଥାନରେ ତାପମାତ୍ରା ବଢ଼ିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଏହାପରେ ତାପମାତ୍ରା ବିଶେଷ ପରିବର୍ତ୍ତନ ହେବାକୁ ନ ଥିବା ବେଳେ ପରବର୍ତ୍ତୀ ଦୁଇ ଦିନରେ କିଛି କିଛି ସ୍ଥାନରେ ବର୍ଷା ନେଇ ଆକଳନ କରାଯାଇଛି। ପାଣିପାଗ କେନ୍ଦ୍ରର ବୁଲେଟିନ୍ ଅନୁଯାୟୀ ରବିବାର ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ କେନ୍ଦୁଝର ଏବଂ ସୋମବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱରର ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି।

**ଗ୍ରୀଷ୍ମ ପ୍ରବାହରୁ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ରଖିବାକୁ ମାର୍ଗଦର୍ଶିକା**

## ସାଙ୍ଗରେ ଆଣନ୍ତୁ ପାଣି ବୋତଲ

**ଭୁବନେଶ୍ୱର, ୧।୩(ସମିସ):** ରାଜ୍ୟରେ ଅନୁଭୂତ ହେଲାଣି ଖରାର ତାଉ। ଆଉ କିଛି ଦିନ ମଧ୍ୟରେ ଗ୍ରୀଷ୍ମପ୍ରବାହ ମଧ୍ୟ ଆରମ୍ଭ ହୋଇଯିବ। ଏଥିରୁ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ରଖିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ସାମ୍ଭାବ୍ୟ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ବିଦ୍ୟାଳୟ, କଲେଜ ଓ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକୁ ପ୍ରସ୍ତୁତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ଗ୍ରୀଷ୍ମ ପ୍ରବାହକୁ ମୁକାବିଲା କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଟିପ୍ସ ଦେବା ପାଇଁ ମଧ୍ୟ କୁହାଯାଇଛି। ମାର୍ଗଦର୍ଶିକା ଅନୁଯାୟୀ, ଶିକ୍ଷାନୁଷ୍ଠାନରେ ପର୍ଯ୍ୟାପ୍ତ ପିଇବା ପାଣି ବ୍ୟବସ୍ଥା କରିବାକୁ କୁହାଯାଇଛି। ନିରବଚ୍ଛିନ୍ନ ପିଇବା ପାଣି ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ବିଦ୍ୟାଳୟ ଭିତରେ କିମ୍ବା ବାହାରେ ଥିବା ନଳକୂପ ସଜାଡ଼ିବା ଏବଂ ପର୍ଯ୍ୟାପ୍ତ ଓଆରଏସ୍ ମହଜୁଦ ରଖିବାକୁ କୁହାଯାଇଛି। ଏହାସହ ଆଉଟଡୋର କାର୍ଯ୍ୟକ୍ରମ ନ କରିବାକୁ କୁହାଯାଇଛି। ସ୍କୁଲ ଓ କଲେଜ ଯିବା ବେଳେ ସାଙ୍ଗରେ ପାଣି ବୋତଲ ନବାକୁ ପରାମର୍ଶ ଦିଆଯାଇଛି।

**ପର୍ଯ୍ୟାପ୍ତ ପିଇବା ପାଣି, ଓଆର୍‌ଏସ୍ ମହଜୁଦ ରଖିବାକୁ ଗୁରୁତ୍ୱ**

**ଉଲିବୁରୁ ଖଣି ଦୁର୍ନୀତି ମାମଲା**

## ଦୀପକ ଗୁପ୍ତାଙ୍କ ବିଭିନ୍ନ ଠିକଣାରେ ଇଡି ଚଢ଼ଉ

**ଯୋଡ଼ା/ବଡ଼ବିଲ, ୧।୩ (ସମିସ):** ଯୋଡ଼ା ଖଣି କ୍ଷେତ୍ର ଅନ୍ତର୍ଗତ ବହୁଚର୍ଚ୍ଚିତ ଉଲିବୁରୁ ଖଣି ଦୁର୍ନୀତି ମାମଲାର ମୁଖ୍ୟ ଅଭିଯୁକ୍ତ ଦୀପକ ଗୁପ୍ତା ଏବଂ ତାଙ୍କର ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅଜୟ କାଦମାଙ୍କ ବିଭିନ୍ନ ଠିକଣାରେ କେନ୍ଦ୍ରୀୟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଏକ ବଡ଼ ଧରଣର ଚଢ଼ଉ ଜାରି ରହିଛି। ଅଭିଯୁକ୍ତ ଦୀପକଙ୍କର ଭୁବନେଶ୍ୱର, ରାଉରକେଲା, ବଡ଼ବିଲ, କୋଲକାତା, ଝାରସୁଗୁଡା ଏବଂ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅଜୟ କାଦମାଙ୍କ ବିସରା ଡାହା କାର୍ଯ୍ୟାଳୟ, କାଦମାୱେଲା ଇନ୍‌ସଲଭେନ୍ସି କାର୍ଯ୍ୟାଳୟ ସହ ବାସଭବନରେ ମଧ୍ୟ ଏହି ଚଢ଼ଉ ଶୁକ୍ରବାର ପୂର୍ବାହ୍ନଠାରୁ ଖବର ଲେଖାଯିବା ପର୍ଯ୍ୟନ୍ତ ଜାରି ରହିଥିବା ଦେଖିବାକୁ ମିଳିଛି। କଡ଼ା ସୁରକ୍ଷା ମଧ୍ୟରେ ଜାରି ରହିଥିବା ଏହି ଚଢ଼ଉରେ ଇଡି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଯାଞ୍ଚ କରୁଛି। ଉଲିବୁରୁ ଖଣିରେ ବେଆଇନ ଖଣି ଖନନ ନେଇ ୧୮ ଶହ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହେବା ପରେ ୨୦୧୩ ସେପ୍ଟେମ୍ବର ୪ରେ ଦୀପକ ଗୁପ୍ତାଙ୍କୁ କେନ୍ଦୁଝର ଭିଜିଲାନ୍ସ ବିଭାଗ ଗିରଫ କରିଥିଲା। ଦୀପକ ଗୁପ୍ତା ବିକେ ମହାନ୍ତିଙ୍କ ଉଲିବୁରୁଠାରେ ୩୫ ହେକ୍ଟର ପରିମିତ ଲୌହ ଖଣିର ପାୱାର ଅଫ୍ ଆଟର୍ଣ୍ଣି ନେଇ ୨୦୦୯ ମସିହାଠାରୁ ଖଣି ପରିସୀମା ବାହାରେ ଏବଂ ବିନା ଜଙ୍ଗଲ ଅନୁମୋଦନରେ ବ୍ୟାପକ ଖଣି ଖନନ କରି ଏହାକୁ ଦେଶ ବାହାରକୁ ରପ୍ତାନୀ କରିଆସୁଥିଲେ। ଗିରଫ ପରେ ଦୀର୍ଘ ୭ବର୍ଷ ଧରି ସେ ଜେଲରେ ରହିଥିବା ବେଳେ ବାରମ୍ବାର ତାଙ୍କର ଜାମିନ ଆବେଦନ ଖାରଜ ହୋଇଥିଲା। ତେବେ ୨୯ ସେପ୍ଟେମ୍ବର ୨୦୨୦ରେ ଉଚ୍ଚ ନ୍ୟାୟାଳୟ ୧ କୋଟି ଟଙ୍କା ନଗଦ ଜମା ସହ ୨କୋଟି ଟଙ୍କାର ସ୍ଥାନୀୟ ଜାମିନଦାର ବଦଳରେ ତାଙ୍କୁ ଜାମିନରେ ଛାଡ଼ିଥିଲେ ଏବଂ ସେ ରାଜ୍ୟ କିମ୍ବା ଦେଶ ବାହାରକୁ ଯେପରି ଯାଇନପାରନ୍ତି, ସେଥିପାଇଁ ତାଙ୍କର ପାସପୋର୍ଟ ଜବତ କରବା ସହ ଏକ ଚୁକ୍ତିନାମା ଦାଖଲ କରିଥିଲେ। ଏହି ଘଟଣାଟି ସେତେବେଳେ ସମଗ୍ର ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ବେଳେ ଏଥିରେ ୧୮ଶହ କୋଟି ଟଙ୍କାର ଖଣି ଦୁର୍ନୀତି ହୋଇଥିବା ଆକଳନ କରାଯାଇଥିଲା। ଏହି ମାମଲାଟିରେ ଖଣି ଲିଜ୍ ହୋଲଡର ବିକେ ମହାନ୍ତି, ତତ୍କାଳୀନ ଖଣି ଉପନିର୍ଦ୍ଦେଶକ ମାନସ ରଞ୍ଜନ ମହାନ୍ତି, ଖଣି ଅଧିକାରୀ ହଳଧର ଦାସ, ସତ୍ୟବ୍ରତ ରାଉତ, ଜଗନ୍ନାଥ ମିଶ୍ର, କୃତ୍ତିବାସ ଗିରି, ରବୀନ୍ଦ୍ର ମହାନ୍ତି ଏହିପରି ୮ଜଣଙ୍କର ନାମରେ ମାମଲା ରଜୁ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ମାମଲାରେ ମୋଟ ୨୯ଜଣଙ୍କ ନାମରେ କେନ୍ଦୁଝର ଭିଜିଲାନ୍ସ ପକ୍ଷରୁ ମାମଲା ଦାୟର କରାଯାଇଥିଲା; ଯାହା ଏବେ ମଧ୍ୟ ବିଚାରଧୀନ ରହିଛି।

## ଜେଇଇ ମେନ୍‌ରେ ଆଦର୍ଶ ବିଦ୍ୟାଳୟର ସଫଳତା

**ଭୁବନେଶ୍ୱର, ୧।୩(ସମିସ):** ଚଳିତବର୍ଷ ନ୍ୟାସନାଲ ଟେଷ୍ଟିଙ୍ଗ୍ ଏଜେନ୍ସି(ଏନ୍‌ଟିଏ) ପରିଚାଳିତ ଯୁଗ୍ମ ପ୍ରବେଶିକ ପରୀକ୍ଷା (ଜେଇଇ ମେନ୍)ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଆଶାନୁରୂପ ସଫଳତା ପାଇଛନ୍ତି।

ଏହି ପରୀକ୍ଷାରେ ମୋଟ୍ ୩୬ ଜଣ ଛାତ୍ରଛାତ୍ରୀ ୯୦ ପରସେଣ୍ଟାଇଲ୍‌ରୁ ଅଧିକ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ଗଞ୍ଜାମ ଜିଲ୍ଲା ସେରଗଡ଼ ଆଦର୍ଶ ବିଦ୍ୟାଳୟର ବବୁଲ ପ୍ରଧାନ ସର୍ବାଧିକ ୯୯.୧୪୯ ପର୍‌ସେଣ୍ଟାଇଲ୍ ମାର୍କ ରଖିଥିବାବେଳେ ୧୨ ଜଣ ଛାତ୍ର ୯୪ ପର୍‌ସେଣ୍ଟାଇଲ୍‌ରୁ ଅଧିକ ମାର୍କ ରଖି ରଖିଛନ୍ତି।

ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଏହି ସଫଳତାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁସି ବ୍ୟକ୍ତକରିଛନ୍ତି। ଏହାସହ ଆଦର୍ଶ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ ଓ ପରିଚାଳକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




# ବିଜେଡିରେ ଯୋଗଦେଲେ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ




ମାଲକାନଗିରି,୧।୩(ସମିସ): ଶୁକ୍ରବାର ମାଲକାନଗିରି ନିର୍ବାଚନମଣ୍ଡଳୀ କାଲିମେଳା ବ୍ଲକ ଅନ୍ତର୍ଗତ ମାଲାଭରମ ଓ ମାହାରାଜପାଲି ଗ୍ରାମ ପଞ୍ଚାୟତରେ ଜୋନ୍ ସଂଯୋଜକ ତଥା ମାଲକାନଗିରି ବିଜୁ ଜନତା ଦଳ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ତ୍ରିପାଠୀଙ୍କ ନେତୃତ୍ୱରେ ଓ କାଲିମେଳା ବ୍ଲକ୍ କାର୍ଯ୍ୟକାରୀ ସଭାପତି ଡି. ବିଶ୍ୱନାଥ ରେଡ୍ଡିଙ୍କ ସଭାପତିତ୍ୱରେ ମାଲକାନଗିରି ବିଜୁ ଜନତା ଦଳ ତରଫରୁ ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ସହ ମିଶ୍ରଣ ପର୍ବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ସ୍ଥାନୀୟ ଅଞ୍ଚଳର ବିଜେପି ଓ କଂଗ୍ରେସର ସକ୍ରିୟ କର୍ମୀ ଦଳ ଛାଡ଼ି ବିଜୁ ଜନତା ଦଳରେ ଆନୁଷ୍ଠାନିକ ଭାବେ ସାମିଲ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡ଼କାମି ଯୋଗଦେଇ ନବୀନ ସରକାରଙ୍କ ବିକାଶର ବାର୍ତ୍ତା ଦେବା ସହ ୧୦୦ରୁ ଉର୍ଦ୍ଧ୍ୱ ବିଜେପି ଓ କଂଗ୍ରେସର କର୍ମୀଙ୍କୁ ଦଳୀୟ ଉତ୍ତରୀୟ ପକାଇ ବିଜୁ ଜନତା ଦଳକୁ ସ୍ୱାଗତ କରଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ନୂଆ ଓଡ଼ିଶା ଗଠନ ଦିଗରେ ଏକାଠି ହୋଇ କାମ କରିବାକୁ ଏହି ଅବସରରେ ସମସ୍ତେ ସଂକଳ୍ପ ନେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସାଧାରଣ ସମ୍ପାଦକ ଶୁଭ୍ରାଂଶୁ ଶେଖର ସାହୁ ପରିଚାଳନା କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ, ସମ୍ପାଦକ ଦୁଲାଲ ମଣ୍ଡଳ, ଏସଡିସି ସଭ୍ୟ ତଥା ପୂର୍ବତନ ସରପଞ୍ଚ ଦାରି ଲିଙ୍ଗା, ବରିଷ୍ଠ ନେତା ଏମଡି. ମୌସମ ଖାନ, ସରପଞ୍ଚ ଦୁର୍ଗା ମାଢ଼ି, ବଜା ସନ୍ଧି, ସମିତିସଭ୍ୟ ନକୁଳ ବାଲା, ମିଡିଆ ସଂଯୋଜକ ଲକ୍ଷ୍ମୀକାନ୍ତ ପୂଜାରୀ, କେ.ରାହୁଲ, ବି.ବିଭୂତିଭୂଷଣ ପ୍ରମୁଖଙ୍କ ସହ ବିଜୁ ଜନତା ଦଳର ସ୍ଥାନୀୟ ସମିତିସଭ୍ୟ, ପଞ୍ଚାୟତ ସଭାପତି, ସମସ୍ତ ୱାର୍ଡ ମେମ୍ବର, ୱାର୍ଡ ବୁଥ୍ କମିଟି ଏବଂ ବିଜୁ ଜନତା ଦଳର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଦଶମ ଶ୍ରେଣୀ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ପଟ୍ଟାଙ୍ଗି,୧।୩(ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ଚନ୍ଦକା ଗ୍ରାମର ଜଣେ ଦଶମ ଶ୍ରେଣୀ ପରୀକ୍ଷା ଦେଉଥିବା ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ଉଦ୍ଧାର ହୋଇଛି। ପୁଲିସ ସୂଚନା ଅନୁଯାୟୀ, ବିଶ୍ୱନାଥ ବାଙ୍କାଙ୍କ ପରିବାର ବର୍ଗ ଶୁକ୍ରବାର ଦିନ ୨ଟା ସମୟରେ ଘରେ ନ ଥିଲେ। ଏହାର ସୁଯୋଗ ନେଇ ତାଙ୍କ ୧୬ ବର୍ଷୀୟା ଝିଅ ଆରତୀ ବାଙ୍କା ଚୁନିକୁ ଘର ଆଜବେଷ୍ଟ ପାଇପରେ ବାନ୍ଧି ବେକରେ ଗୁଡ଼ାଇ ହୋଇ ଝୁଲି ପଡ଼ିଥିଲେ। ପରିବାର ବର୍ଗ ଫେରିବା ଝିଅର ଝୁଲନ୍ତା ମୃତଦେହ ଦେଖିବା ପରେ ତାଙ୍କୁ ଓହ୍ଲାଇ ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଝିଅକୁ ମୃତ ଘୋଷଣା କରିଥିଲେ। ଏନେଇ ବିଶ୍ୱନାଥ ପଟ୍ଟାଙ୍ଗି ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ। ପୁଲିସ ପହଞ୍ଚି ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ପୁଲିସ ଏନେଇ ଏକ ଅପମୃତ୍ୟୁ ମାମଲା(୬/୨୦୨୪) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

# ରାଷ୍ଟ୍ରପତିଙ୍କ ଦ୍ୱାରା ଜୟପୁରର ନୀତେଶଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ

■ ଉତ୍କଳ ବିଶ୍ୱବିଦ୍ୟାଳୟ ପଦାର୍ଥ ବିଜ୍ଞାନ ସ୍ନାତକୋତ୍ତର ବିଭାଗର ଟପ୍ପର



ଜୟପୁର,୧।୩(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ ୫୩ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଭିନ୍ନ ବିଭାଗରେ ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରିବା ସହିତ ସମ୍ମାନିତ କରିଥିଲେ। ଗୁରୁବାର ସନ୍ଧ୍ୟାରେ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟର ୩ ଜଣଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ ଏବଂ ୧୦ ଜଣ ଟପ୍ପର ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଥିଲେ। ଏଥିରେ ପଦାର୍ଥ ବିଜ୍ଞାନ ବିଭାଗର ସ୍ନାତକୋତ୍ତରରେ ଜୟପୁର ସହରର ତାରିଣୀ ଛକ ବାସିନ୍ଦା ସିଏଚ୍ ଓମକାର ପାତ୍ରଙ୍କ ପୁଅ ନୀତେଶ କୁମାର ପାତ୍ରଙ୍କୁ ରାଷ୍ଟ୍ରପତି ସ୍ୱର୍ଣ୍ଣ ପଦକ ପ୍ରଦାନ କରିବା ସହିତ ସମ୍ମାନିତ କରିଥିଲେ। ଶ୍ରୀ ପାତ୍ର ଜୟପୁର ଶାରଦା ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ପାଠ୍ୟକ୍ରମ ଶେଷ ପରେ ସ୍ଥାନୀୟ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ଏବଂ ପଦାର୍ଥ ବିଜ୍ଞାନ ସମ୍ମାନରେ କୃତିତ୍ୱର ସହିତ ପାସ୍ କରିଥିଲେ। ଏହାପରେ ଉତ୍କଳ ବିଶ୍ୱବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ଯୋଗଦେଇଥିଲେ। ବର୍ତ୍ତମାନ ଉଚ୍ଚଶିକ୍ଷା ପାଇଁ ବେଙ୍ଗାଲୁରୁରେ ଟାଟା ଇନଷ୍ଟିଚ୍ୟୁଟ ଅଫ୍ ଫଣ୍ଡାମେଣ୍ଟାଲ୍ ରିସର୍ଚ୍ଚର ଆଇସିଟିଏସ୍ କେନ୍ଦ୍ରରେ ବାୟୋ ଫିଜିକ୍ସରେ ପିଏଚଡି ଛାତ୍ର ଭାବେ ଅଧ୍ୟୟନ କରୁଛନ୍ତି। ଏହିପରି ସଫଳତା ପଛରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ମୋ ପରିବାରର ପ୍ରଚେଷ୍ଟା ଏବଂ ଉତ୍ସାହ ରହିଛି ବୋଲି ଶ୍ରୀ ପାତ୍ର କହିଛନ୍ତି।

## ସୀମାନ୍ତରେ ଯବାନ-ମାଓବାଦୀ ଗୁଳିବିନିମୟ; ମାଓ ଶିବିର ଧ୍ୱଂସ

ମାଲକାନଗିରି,୧।୩(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ମାଓ ଦମନ ଅଭିଯାନବେଳେ ଏକ ମାଓ ଶିବିରକୁ ଧ୍ୱଂସ କରିବା ସହ ଅନେକ ମାଓ ସାମଗ୍ରୀ ଜବତ କରିଛନ୍ତି ଯବାନ। ମିଳିଥିବା ସୂଚନା ଅନୁଯାୟୀ, ନାରାୟଣପୁର ଜିଲ୍ଲାର ବୋମ୍ରା ଗାଁରେ ମାଓଦମନ ପାଇଁ ଡିଆରଜି ଯବାନମାନେ ସର୍ଚ୍ଚ ଅପରେସନ କରୁଥିଲେ। ଏହି ସମୟରେ ବୋମ୍ରା ଗ୍ରାମ ନିକଟ ପାହାଡ଼ ଉପରେ ମାଓବାଦୀମାନେ ଲୁଚି ରହିଥିବାବେଳେ ଯବାନଙ୍କ ଉପରକୁ ଗୁଳିଚାଳନା କରିଥିଲେ। ଯାହାର ପାଲଟା ଜବାବ ଦେଇ ଯବାନମାନେ ମଧ୍ୟ ଗୁଳିଚାଳନା କରିବାରୁ ମାଓବାଦୀମାନେ ସେଠାରୁ ଛାତ୍ରଭଙ୍ଗ ଦେଇଥିଲେ। ଏହାପରେ ଯବାନମାନେ ସେଠାରେ ସର୍ଚ୍ଚ ଅପରେସନବେଳେ ଏକ ମାଓ ଶିବିରକୁ ଧ୍ୱଂସ କରିବା ସହ ସେଠାରୁ ମାଓ ପୋଷ୍ଟର, କୋଡେକ୍ସ ତାର, ବୋମା ତିଆରି ସରଞ୍ଜାମ ଓ ନିତ୍ୟ ବ୍ୟବହୃତ ସାମଗ୍ରୀ ଜବତ କରିଥିଲେ। ଏହାପରେ ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନକୁ ଆହୁରି ଜୋରଦାର କରାଯାଇଥିବା ଜଣାପଡ଼ିଛି।

# ଖାଦ୍ୟ ପ୍ରକ୍ରିୟାକରଣ ନିମନ୍ତେ ଆଧାରଶିଳା ରଖିଲେ ମୁଖ୍ୟମନ୍ତ୍ରୀ

ରାୟଗଡ଼ା,୧।୩(ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ୩୩ଟି ସ୍ଥାନରେ ବୃହତ୍ ଓ ମାଧ୍ୟମ ଧରଣର ଉଦ୍ୟୋଗ ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ଶୁକ୍ରବାର ସ୍ଥାପନ କରିଛନ୍ତି। ରାୟଗଡ଼ାର ଜେକେ କାଗଜ କମ୍ପାନୀଠାରେ ୬୧ କୋଟି ଟଙ୍କା ବ୍ୟୟ ଅଟକଳରେ ମକା ଖାଦ୍ୟ ପ୍ରକ୍ରିୟାକରଣ ନିମନ୍ତେ ଆଭାସୀ ମାଧ୍ୟମରେ ଆଧାରଶିଳା ରଖିଛନ୍ତି। ସ୍ଥାନୀୟ ଓସ୍ୱାନ ଭିଡିଓ କନଫରେନ୍ସ ହଲଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଜେକେ କାଗଜକଳର କାର୍ଯ୍ୟନିର୍ବାହୀ ଉପସଭାପତି,




ବିନୟ କୁମାର ଦ୍ୱିବେଦୀ, ଜିଲ୍ଲା ଶିଳ୍ପ କେନ୍ଦ୍ରର ଶିଳ୍ପ ବିକାଶ ଅଧିକାରୀ ସବ୍ୟସାଚୀ ସାହୁ, ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ବସନ୍ତ ପ୍ରଧାନ, ଜେକେ କାଗଜକଳର ଏମକେ ରାୟ, ଅତୁଲ ଗୁପ୍ତ, ସତ୍ୟଜିତ ମହାନ୍ତି, ଜିଏସ୍ ପଟ୍ଟନାୟକ, ମନୋଜ ପାତ୍ର, ଏମ. ଭେଙ୍କଟରାଜ, ହରେନ୍ଦ୍ର ସିଂ, ମହେଶ ରେଡ୍ଡି, ଶୈଳେନ୍ଦ୍ର ସାମନ୍ତରାୟ, ଶିବ ପ୍ରସାଦ ରଥ, ଆର.କେ. ଦାସ, ଲୋକ ସମ୍ପର୍କ ଅଧିକାରୀ ମିଳନ ଲେଙ୍କା, ସ୍ମୃତିରେଖା କର, ସୁଶ୍ରୀ ଅନିଶା ଅରୁନ୍ଧତୀ ପ୍ରମୁଖ ଯୋଗଦେଇଥିଲେ। ରାୟଗଡ଼ା ଜିଲ୍ଲାରେ ଏହି ଶିଳ୍ପ ପ୍ରତିଷ୍ଠା ହେବା ଫଳରେ ବହୁତ ଜିଲ୍ଲାର ଯୁବକଯୁବତୀ କର୍ମ ନିଯୁକ୍ତି ପାଇବେ ବୋଲି କମ୍ପାନୀ ଉପସଭାପତି ଶ୍ରୀ ଦ୍ୱିବେଦୀ ପ୍ରକାଶ କରିଛନ୍ତି। ଲୋକ ସମ୍ପର୍କ ଅଧିକାରୀ ମିଳନ ଲେଙ୍କା ଏହି ସବୁ କାର୍ଯ୍ୟକ୍ରମ ସୁନ୍ଦର ଭାବରେ ଆୟୋଜନ କରିଥିଲେ।

# ଆନ୍ଧ୍ର ପୁଲିସ୍ ଅଧୀକ୍ଷକଙ୍କ କୋଟିଆରେ ଅନୁପ୍ରବେଶ



ପଟ୍ଟାଙ୍ଗି,୧।୩(ସମିସ): ଓଡ଼ିଶା-ଆନ୍ଧ୍ର ମଧ୍ୟରେ ବିବାଦ ଲାଗି ରହିଥିବା କୋଟିଆରେ ଆନ୍ଧ୍ର ପୁଲିସ ମଙ୍ଗଳବାର ଅନୁପ୍ରବେଶ କରି ମେଗା ସ୍ୱାସ୍ଥ୍ୟ ଶିବିର ତଥା ଜନସମ୍ପର୍କ ଶିବିର କରିବା ପରେ ଶୁକ୍ରବାର ପୁଣି ପାର୍ବତୀପୁରମ୍ ମାନ୍ୟମ୍ ଜିଲ୍ଲା ପୁଲିସ୍ ଅଧୀକ୍ଷକ ବିକ୍ରାନ୍ତ ପାଟିଲ୍ ଅନୁପ୍ରବେଶ କରି ଫେରିଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ପାର୍ବତୀପୁରମ୍ ମାନ୍ୟମ୍ ଜିଲ୍ଲା ପୁଲିସ୍ ଅଧୀକ୍ଷକ ବିକ୍ରାନ୍ତ ପାଟିଲ୍ ନେରେଡିୱାଲାସା, ମାଡକାର୍, ଉପରସେମ୍ବୀ ଏବଂ ବିଭିନ୍ନ ଗ୍ରାମ ଗସ୍ତ କରିଛନ୍ତି। ଉଭୟ ଆନ୍ଧ୍ର ଏବଂ ଓଡ଼ିଶାରେ କିଛି ଦିନ ମଧ୍ୟରେ ନିର୍ବାଚନ ଆସୁଛି। ସେ ସାଲୁରୁ ଗ୍ରାମୀଣ ପୁଲିସ୍ ଷ୍ଟେସନ ଅଧିକାରୀଙ୍କୁ ଆଗାମୀ ଆନ୍ଧ୍ର ପ୍ରଦେଶର ନିର୍ବାଚନ ନେଇ ମତଦାନ କେନ୍ଦ୍ର ନିମନ୍ତେ ଯାଞ୍ଚ କରି ଫେରିଥିବା ଜଣାପଡ଼ିଛି। ଏହି ସମୟରେ ସାଲୁର ଥାନାର ସିଆଇ ବାଲାକ୍ରିଷ୍ଣା, କୋଟିଆ ସିଆଇ ରୋହିନି ପଥୀ, ସାଲୁର ରୁରାଲ୍ ଏସ୍ଆଇ ଭେଙ୍କଟା ରାମନା ପ୍ରମୁଖ ରହିଥିବା ନେଇ ସୂଚନା ମିଳିଛି। ପ୍ରକାଶ ଥାଉକି, ମଙ୍ଗଳବାର ନେରେଡିୱାଲାସା ଆନ୍ଧ୍ର ପୁଲିସ ଅନୁପ୍ରବେଶ କରି ଗ୍ରାମଠାରେ ମେଗା ସ୍ୱାସ୍ଥ୍ୟ ଶିବିର ତଥା ଜନସମ୍ପର୍କ ଶିବିର ଆୟୋଜନ କରିଥିଲା। ପୁଲିସ ଯୁବକମାନଙ୍କୁ ଛତା, ରାସନ ଏବଂ ଭଲିବଲ୍ କିଟ୍ ଆଦି ବଣ୍ଟନ କରିଥିଲା। କବାଡ଼ି, ଭଲିବଲ ପ୍ରତିଯୋଗିତା ମଧ୍ୟ ଆୟୋଜନ କରିଥିଲା। ଲୋକଙ୍କୁ ଆନ୍ଧ୍ରମୁହାଁ କରିବା ନିମନ୍ତେ ଭୋଜି ମଧ୍ୟ ଆୟୋଜନ କରିଥିଲା। ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା କୋଟିଆର ବିଭିନ୍ନ ଗ୍ରାମର ୪୦୦ ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ମଧ୍ୟ ବଣ୍ଟନ କରିଥିଲେ।

## ବ୍ଲକ୍‌ସ୍ତରୀୟ ଏସ୍‌ଡିସି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



କୋରାପୁଟ,୧।୩(ସମିସ): ସ୍ୱତନ୍ତ୍ର ଉନ୍ନୟନ ପରିଷଦ କୋରାପୁଟ ଦ୍ୱାରା ଡୁମୁରିପୁଟ ଫାର୍ମ ପଡ଼ିଆରେ ବ୍ଲକସ୍ତରୀୟ ଏସଡିସି କ୍ରିକେଟ୍ କପ୍ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ପଡ଼ାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗ୍ରାମାଞ୍ଚଳରେ କ୍ରୀଡ଼ାର ଭିତ୍ତିଭୂମି ବିକାଶ ସହ ଗାଁ ଯୁବକ କିପରି କ୍ରିକେଟ ଖେଳ ଶିଖିପାରିବେ ସେଭଳି ମହତ୍ ଉଦ୍ଦେଶ୍ୟ ରଖି ଗ୍ରାମାଞ୍ଚଳରେ କ୍ରିକେଟ ପ୍ରତିଯୋଗିତା କରାଯାଉଥିବା କହିଥିଲେ। ମୁଖ୍ୟ ଅତିଥି ଅଂଶ ଗ୍ରହଣ କରିଥିବା ବ୍ଲକର ୨୪ଟି ଟିମକୁ ପୋଷାକ ଓ ଅନ୍ୟାନ୍ୟ ସରଞ୍ଜାମ ବିତରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ନମିତା ମାଝୀ, ଏସଡିସି ଉପାଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ, ଏସଡିସି ସଦସ୍ୟା ପାର୍ବତୀ ମସ୍ତି, ସଦସ୍ୟ ପର୍ଶୁ ମୁଦୁଲି, ପୁର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ମାଧବ ଖୋସଲା, ବିଧାୟକ ପ୍ରତିନିଧି ମଣ୍ଟୁ ବେନିଆ, ବିଜେଡି ନେତା ଖ୍ରୀଷ୍ଟ ଦାସ ଖରା, ସଞ୍ଜୟ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆକାଶ କୁମାର ଜେନା କାର୍ଯ୍ୟକ୍ରମ ଅୟୋଜନ ଓ ପରିଚାଳନା କରୁଥିବାବେଳେ ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଓ ଅନ୍ୟମାନେ ଉପସ୍ଥିତ ରହି ସହାୟତା କରିଥିଲେ।

## ଗୁଣିଗାରେଡ଼ି ସନ୍ଦେହରେ ବୃଦ୍ଧାଙ୍କୁ ହତ୍ୟା ଅଭିଯୋଗ; ଅଭିଯୁକ୍ତ ଫେରାର୍

ଉମରକୋଟ,୧।୩(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ସେମଲା ଗ୍ରାମ ପଞ୍ଚାୟତର ବଡ଼ବାସିନୀ ଆଦିବାସୀ ଗ୍ରାମରେ ଚମରିନ ଭତ୍ରା(୭୦)ଙ୍କୁ ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା କରାଯାଇଥିବା ନେଇ ଉମରକୋଟ ଥାନାରେ ଅଭିଯୋଗ ହୋଇଛି। ମୃତ ଚମରିନଙ୍କ ଝିଅ କ୍ଷେମା ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ଗୁରୁବାର ରାତି ପ୍ରାୟ ୭ଟାରେ ସେହି ଗ୍ରାମର କାମିନୀ ଗଣ୍ଡ, ପଦଲାମ ଗଣ୍ଡ, ଚମରୁ ଗଣ୍ଡ, ମଦନା ଗଣ୍ଡ, ଗୋମତୀ ଗଣ୍ଡ ଘରକୁ ଆସି ଚମରିନ ଗଣ୍ଡଙ୍କ ସହ ଗୁଣିଗାରେଡ଼ି କରୁଛୁ ବୋଲି ମାରପିଟ କରିବା ସହ କରେଣ୍ଟ ଦେଇ ମାରିବା ପାଇଁ ଚେଷ୍ଟା କରିଥିଲେ। ରାତି ପ୍ରାୟ ୯ଟାରେ ପଦଲାମ ଗଣ୍ଡ, ପରମେଶ୍ୱର ଗଣ୍ଡ, ଡାକ ଗଣ୍ଡ, ଚମରୁ ଗଣ୍ଡ, ଗୋମତି ଗଣ୍ଡ, ମଦନା ଗଣ୍ଡ ଓ କମଳ ଭତ୍ରା ପୁଣି ଘରକୁ ଆସି ଚମରିନଙ୍କୁ ଜୋର୍ ଜବରଦସ୍ତ ମଦନ ଗଣ୍ଡଙ୍କ ଘରକୁ ଟାଣି ନେଇଥିଲେ। ସେଠାରେ ଚମରିନଙ୍କୁ ଟାଙ୍ଗିଆରେ କାନ ପାଖରେ ଚୋଟ ମାରିବା ସହ ଠେଙ୍ଗାରେ ମାଡ଼ ମାରିଥିଲେ। ଏପରିକି ଝିଅ କ୍ଷେମା ଓ ପୁଅ ପଦୁ ଏହାକୁ ବିରୋଧ କରିବାରୁ ଅଭିଯୁକ୍ତମାନେ ସେମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ହିଁ ପ୍ରବଳ ରକ୍ତସ୍ରାବ ଯୋଗୁଁ ଚମରିନଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା। ଶୁକ୍ରବାର ସକାଳେ ଝିଅ କ୍ଷେମା ଭତ୍ରା ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଉପଖଣ୍ଡ ଅଧିକାରୀ ମଧୁଶିକ୍ତା ମିଶ୍ର ଘଟଣାସ୍ଥଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରି ଫେରିଥିଲେ। ଉମରକୋଟ ଥାନା ଆଇଆଇସି ଡମ୍ବରୁଧର ପ୍ରଧାନ ଓ ପୁଲିସ ଟିମ ମଧ୍ୟ ପହଞ୍ଚି ଯାଞ୍ଚ କରିଛନ୍ତି। ନବରଙ୍ଗପୁରରୁ ସାଇଣ୍ଟିଫିକ ଟିମ୍ ଆସି ସମସ୍ତ ଦିଗକୁ ଅନୁଧ୍ୟାନ କରି ଅନୁସନ୍ଧାନ କରିଥିଲେ। ମୃତ ବୃଦ୍ଧାଙ୍କ ମରଶରୀରକୁ ଉମରକୋଟ ପୁଲିସ ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଣି ରଖିଛି। ଶନିବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଆଇଆଇସି ଡମ୍ବରୁଧର ପ୍ରଧାନ ସୂଚନା ଦେଇଛନ୍ତି। ସମସ୍ତ ଅଭିଯୁକ୍ତ ଘଟଣା ପରେ ଫେରାର୍ ଅଛନ୍ତି। ମୃତକଙ୍କ ପୁଅ ପଦୁ ଭତ୍ରା, ଝିଅ କ୍ଷେମା ଭତ୍ରା ବର୍ତ୍ତମାନ ଉମରକୋଟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାକୁ ନେଇ ବର୍ତ୍ତମାନ ବଡ଼ ବାସିନୀ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଛି।

## ଯୌତୁକ ନିର୍ଯାତନା ନେଇ ଥାନାରେ ମାମଲା

ଡାବୁଗାଁ, ୧।୩(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅଧୀନ ରାବଣାଗୁଡ଼ା ଗ୍ରାମରେ ଜଣେ ମହିଳାଙ୍କୁ ଯୌତୁକ ନିର୍ଯାତନା ଦିଆଯାଇଥିବା ନେଇ ଶୁକ୍ରବାର ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଡାବୁଗାଁ ଥାନା ଅଧୀନ ରାବଣାଗୁଡ଼ା ଗ୍ରାମର ଭସମନ ବିଶୋଇ ଓ ଆମ୍ବାଗୁଡ଼ା ଗ୍ରାମର ପୁଷ୍ପାଞ୍ଜଳି ବିଶୋଇଙ୍କ ମଧ୍ୟରେ ପୂର୍ବରୁ ପ୍ରେମ ସମ୍ପର୍କ ରହିଥିଲା। ଦୁଇ ଜଣ ବିବାହ ବନ୍ଧନରେ ବାନ୍ଧି ହେବାକୁ ନିଷ୍ପତ୍ତି ନେଇଥିଲେ। ଗତ ଅକ୍ଟୋବର ୨୩ ତାରିଖରେ ପ୍ରେମୀ ଯୁଗଳ ଘରୁ ଫେରାର୍ ହୋଇ ବିବାହ କରିଥିଲେ। ସେଠାରୁ ଯାଇ ଭସମନର ବନ୍ଧୁ ଘର କୋଡିଙ୍ଗାରେ ୧୫ ଦିନ ରହିଥିଲେ। ସେଠାରୁ ନିଜ ଘର ରାବଣାଗୁଡ଼ା ଗ୍ରାମକୁ ୨ ଜଣ ଫେରି ଆସିଥିଲେ। ଘରେ କିଛି ଦିନ ଭଲରେ ରହିବା ପରେ ଭସମନଙ୍କ ସହିତ ପରିବାର ଲୋକେ ପୁଷ୍ପାଞ୍ଜଳିଙ୍କୁ ମାଡ଼ ମାରିବା ସହ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଟଙ୍କା, ସୁନା ଓ ମୋଟର ସାଇକଲ ନିଜ ଘରକୁ ଯାଇ ଯୌତୁକ ଆଣିବାକୁ ଧମକ ଦେଉଥିଲେ। ୨୦୨୩ ଡିସେମ୍ବର ୨୧ ତାରିଖ ସନ୍ଧ୍ୟାରେ ଭସମନ ବିଶୋଇ ସ୍ତ୍ରୀ ପୁଷ୍ପାଞ୍ଜଳିଙ୍କୁ ମାଡ଼ ମାରିବା ସହ ଘରୁ ବାହାର କରିଦେଇଥିଲେ। ଫଳରେ ପୁଷ୍ପାଞ୍ଜଳି ତଳେ ପଡ଼ି ବେହୋସ ହୋଇଯାଇଥିଲେ। ଏହି ଖବର ପାଇ ପୁଷ୍ପାଞ୍ଜଳିଙ୍କ ମାଆ ଓ ବାପା ରାବଣାଗୁଡ଼ା ଗ୍ରାମ ଝିଅର ଘରେ ପହଞ୍ଚି ଝିଅକୁ ଉଦ୍ଧାର କରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ହୋଇ ପୁଷ୍ପାଞ୍ଜଳି ନିଜ ଘର ଆମ୍ବାଗୁଡ଼ା ଗ୍ରାମକୁ ଫେରିଥିଲେ। ଏନେଇ ଗ୍ରାମରେ ବୈଠକ ଡକାଯାଇ ସମାଧାନ କରିବାକୁ ଚେଷ୍ଟା କରଯାଇଥିଲା। କିନ୍ତୁ ଭସମନ ଓ ତାଙ୍କ ପରିବାର ଲୋକେ ବୈଠକକୁ ଆସି ନ ଥିଲେ। ଏହାପରେ ଶୁକ୍ରବାର ପୀଡ଼ିତା ପୁଷ୍ପାଞ୍ଜଳି ସ୍ୱାମୀ ଭସମନ ବିଶୋଇ, ଶାଶୂ କନକଦେଇ ବିଶୋଇ, ଶଶୁର ମଙ୍ଗନ ବିଶୋଇ, ନଣନ୍ଦ ଟଂଭା ବିଶୋଇ ଓ କମୁଳି ବିଶୋଇଙ୍କ ନାମରେ ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତିକରି ଏକ ମାମଲା ରୁଜୁ କରାଯାଇଛି। ସବ୍‌ଇନ୍ସପେକ୍ଟର ବିଜୁରାମ ବାଗ ଘଟଣାର ତଦନ୍ତ କରୁଛନ୍ତି।

## ବିଶ୍ୱ ବିଜ୍ଞାନ ଦିବସରେ 'ବିକଳ୍ପ' ସଂଗଠନର ପିଲାଙ୍କ ପାଇଁ କାର୍ଯ୍ୟକ୍ରମ




ରାୟଗଡ଼ା,୧।୩(ସମିସ): 'ବିକଳ୍ପ' ଆମ ମାଟି ଆମ ସଂକଳ୍ପର ଉଦ୍ୟମରେ ସଦର ବ୍ଲକର କୋଡ଼ାପାଡ଼ି ଗ୍ରାମର ଛାତ୍ରଛାତ୍ରୀମାନଙ୍କୁ ନେଇ 'ବିଶ୍ୱ ବିଜ୍ଞାନ ଦିବସ' ପରିପ୍ରେକ୍ଷୀରେ ଏକ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ୫୨ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ବିଜ୍ଞାନ ପାଠପଢ଼ା ପ୍ରତି ଆଗ୍ରହ ବଢ଼ାବା ତଥା ଭୟ ଦୂର କରିବା ପାଇଁ ସଂଗଠନର ସଦସ୍ୟ ଡ. ପ୍ରସନ୍ନ କୁମାର ଗନ୍ତାୟତ ବିଜ୍ଞାନ ଦିବସ ପାଳନ କରିବାର ଉଦ୍ଦେଶ୍ୟ ତଥା ମଜା ବିଜ୍ଞାନ ଉପରେ ପିଲାମାନଙ୍କୁ କିଛି ବାର୍ତ୍ତା ଦେଇଥିଲେ। ପରସ୍ପର ସହଯୋଗରେ କଷ୍ଟ କାର୍ଯ୍ୟ ମଧ୍ୟ କିପରି ସହଜ ହୋଇଯାଇପାରେ ତାହା ଉପରେ ଏକ କ୍ରିୟାକଳାପ, ସଂଗଠନର ସମ୍ପାଦକ ଜଗଦୀଶ ଚନ୍ଦ୍ର ଦୋରା ପିଲାମାନଙ୍କ ଦ୍ୱାରା କରାଇଥିଲେ ଏବଂ ପିଲାମାନେ କାର୍ଯ୍ୟକ୍ରମକୁ ଆଗ୍ରହର ସହ ଉପଭୋଗ କରିଥିଲେ। ସଂଗଠନର ସଦସ୍ୟ ଡ. ଶଶିଭୂଷଣ ପଟ୍ଟନାୟକ, ଡ. ବିନୋଦ କୁମାର ପତ୍ର, ବିପିନ ବିହାରୀ ବିଶ୍ୱାଳ, ରବି ଶତପଥି ତଥା ସଦସ୍ୟା ସନ୍ଧ୍ୟାରାଣୀ ପାତ୍ର ପିଲାଙ୍କୁ ଗୀତ, ଗପ ତଥା ମଜା ମଜା କଥା କହି ପିଲାଙ୍କ ପାଠପଢ଼ା ପ୍ରତି ଆଗ୍ରହ ବଢ଼େଇବା ଭଳି କିଛି ଅଭିନବ କାର୍ଯ୍ୟ କରି ଦେଖାଇଥିଲେ। ସଂଗଠନର ସଭାପତି ତଥା ଶିକ୍ଷାବିତ୍ ଡ. ଦୁଷ୍ମନ୍ତ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟି କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ 'ବିକଳ୍ପ' ସଂଗଠନର ସମ୍ପାଦକ ଜଗଦୀଶ ଚନ୍ଦ୍ର ଦୋରା ପରିଚାଳନା କରିଥିବାବେଳେ ଡ. ଶଶିଭୂଷଣ ପଟ୍ଟନାୟକ, ଡ. ବିନୋଦ କୁମାର ପାତ୍ର, ଡ .ପ୍ରସନ୍ନ କୁମାର ଗନ୍ତାୟତ, ବିପିନ ବିହାରୀ ବିଶ୍ୱାଳ, ଡ.କୃଷ୍ଣପ୍ରିୟା ସାହାଣୀ, ସନ୍ଧ୍ୟା ରାଣୀ ପାତ୍ର, ରବି ଶତପଥୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ପିଲାମାନଙ୍କୁ ଫଳ, ବିସ୍କୁଟ, ଚକୋଲେଟ୍ ବଣ୍ଟନ କରାଯାଇଥିଲା।

## ମାଓଗଡ଼ରେ ଦଶମ ପରୀକ୍ଷା ପାଇଁ ହେଲିକପ୍ଟରରେ ଗଲା ପ୍ରଶ୍ନପତ୍ର

ମାଲକାନଗିରି,୧।୩(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟ ଏକ ମାଓ ଉପଦ୍ରବ ରାଜ୍ୟ ଭାବେ ପରିଗଣିତ ହେଉଥିବାବେଳେ ସେଠାର ମାଓଗଡ଼ରେ ଦଶମ ଶ୍ରେଣୀ ପରୀକ୍ଷାକୁ ସୂଚାରୁ ରୂପେ ପରିଚାଳନା ପାଇଁ ଏକ ହେଲିକପ୍ଟର ଯୋଗେ ପଠାଯାଇଛି ବୋର୍ଡର ପରୀକ୍ଷା ପ୍ରଶ୍ନପତ୍ର। ସୂଚନା ଅନୁଯାୟୀ, ରାଜ୍ୟର ନକ୍ସଲଗଡ଼ କୁହାଯାଉଥିବା ସୁକମା ଜିଲ୍ଲାର ଜାଗରଗୁଣ୍ଡା ଅଞ୍ଚଳରେ ପରୀକ୍ଷା କେନ୍ଦ୍ରକୁ ବୋର୍ଡ ପରୀକ୍ଷା ପ୍ରଶ୍ନପତ୍ର ପରିବହନ ପାଇଁ ଅନେକ ସମସ୍ୟା ରହିଥିବାବେଳେ ବିଶେଷ କରି ମାଓ ଭୟ ଯୋଗୁଁ ବର୍ତ୍ତମାନ ପ୍ରଶ୍ନ ପତ୍ର ପଠାଯିବା ପାଇଁ ହେଲିକପ୍ଟର ବ୍ୟବହାର କରାଯାଇଛି। ରାଜ୍ୟରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ପ୍ରାଥମିକତା ଦେଇ ହେଲିକପ୍ଟର ଯୋଗେ ପ୍ରଶ୍ନପତ୍ର ପଠାଯାଇଥିବାବେଳେ ସ୍ଥାନୀୟ ଜିଲ୍ଲା ପ୍ରଶାସନର ଉଦ୍ୟମକୁ ପ୍ରଶଂସା କରାଯାଇଛି। ସୁକମା ଜିଲ୍ଲାର ବୋର୍ଡ ପରୀକ୍ଷା ପାଇଁ ମୋଟ ୧୬ଟି କେନ୍ଦ୍ର ମଧ୍ୟରୁ ସୁରକ୍ଷାକୁ ଦୃଷ୍ଟିରେ ରଖି ହେଲିକପ୍ଟର ଯୋଗେ ପ୍ରଶ୍ନପତ୍ର ପଠାଯାଇଛି ବୋଲି ଜିଲ୍ଲା ପ୍ରଶାସନ ଅଧିକାରୀ କହିଥିବାବେଳେ ଏହି କେନ୍ଦ୍ରରେ ଦଶମ ଶ୍ରେଣୀର ୨୦ ଜଣଙ୍କ ସମେତ ମୋଟ ୩୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି କୁହାଯାଇଛି।

### ମାଲକାନଗିରି ଏୟାରଷ୍ଟ୍ରିପ୍‌ରେ ଘରୋଇ ଉଡ଼ାଜାହାଜର ପରୀକ୍ଷାମୂଳକ ଅବତରଣ

# ଖୁବ୍‌ଶୀଘ୍ର ଚଳାଚଳ କରିବ ଯାତ୍ରୀବାହୀ ବିମାନ

ମାଲକାନଗିରି,୧।୩(ସମିସ): ମାଲକାନଗିରି ଜିଲ୍ଲା ସଦର ମହକୁମାଠାରୁ ମାତ୍ର ୩ କିଲୋମିଟର ଦୂର କାଦବାହାଲ ନିକଟରେ ନବନିର୍ମିତ ବିମାନବନ୍ଦରକୁ ଗତ ମାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଥିଲେ। ଶୁକ୍ରବାର ବିମାନ ଚଳାଚଳ ପାଇଁ ଇଣ୍ଡିଆ-ୱାନ୍ ଘରୋଇ କମ୍ପାନୀର ଏକ ବିମାନ ପରୀକ୍ଷାମୂଳକ ଭାବେ ଅବତରଣ କରିବା ସହ ବିଭାଗୀୟ ଅଧିକାରୀମାନେ ଏହାର ସମୀକ୍ଷା କରିଛନ୍ତି। ଅସମ୍ପୂର୍ଣ୍ଣ ଥିବା ପାଚେରିକୁ ତୁରନ୍ତ ଟିଣ ବାଡ଼ ଦେଇ ନିର୍ମାଣ କରିବା ସହ ମୁଖ୍ୟ ଫାଟକ, ଚତୁଃପାର୍ଶ୍ୱରେ ଗୃହପାଳିତ ପଶୁପକ୍ଷୀ ପ୍ରବେଶ ନ କରିବା, ଅତିଥି ଭବନ, ଯାତ୍ରୀ ବିଶ୍ରାମାଗାର, କାର୍ଯ୍ୟାଳୟ ଗୃହ, ଟିକଟ କାଉଣ୍ଟର, ସ୍ନାନାଗାର, ଇତ୍ୟାଦି ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ କିଛି ଅଂଶରେ ବାକି ଥିବାରୁ ତାହା ତୁରନ୍ତ ସମ୍ପୂର୍ଣ୍ଣ କରିବା



ପାଇଁ ଉପସ୍ଥିତ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଯନ୍ତ୍ରୀମାନଙ୍କୁ ପାଇଲଟ ପରାମର୍ଶ ଦେଇଥିଲେ। ସେହିପରି ବିଜୁଳି ସଂଯୋଗ ସହ ଚତୁଃପାର୍ଶ୍ୱରେ ଆଲୋକୀକରଣ ମଧ୍ୟ ଶୀଘ୍ର ସାରିବା ପାଇଁ ପରାମର୍ଶ ଦେଇଥିଲେ। ଯେହେତୁ ଏହି ଯାତ୍ରିବାହୀ ବିମାନଟି ଦିନବେଳା ଚାଲିବ। ବର୍ତ୍ତମାନ ପାଇଁ ଲାଇଟ ସିଗନାଲର ଆବଶ୍ୟକତା ନାହିଁ ବୋଲି କମ୍ପାନୀରୁ ଆସିଥିବା ପଦାଧିକାରୀମାନେ ପ୍ରକାଶ କରିଛନ୍ତି। ପ୍ରଥମ କରି ୯ ଜଣ ଯାତ୍ରୀଙ୍କ ପାଇଁ ବିମାନ ମାଲକାନଗିରିରୁ ଭୁବନେଶ୍ୱର ଚଳାଚଳ କରିବ। ପରବର୍ତ୍ତୀ ମୁହୂର୍ତ୍ତରେ ୨୦ଜଣ ଯାତ୍ରୀଙ୍କ ନିମନ୍ତେ ବୃଦ୍ଧି କରାଯିବ ବୋଲି ବିମାନ କର୍ତ୍ତୃପକ୍ଷ ପ୍ରକାଶ କରିଥିବା ଜଣାପଡ଼ିଛି। ଏ ସମ୍ବନ୍ଧରେ ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ପ୍ରକାଶ କରିଛନ୍ତି ଯେ, ଯାହା କିଛି କାର୍ଯ୍ୟ ବାକି ଅଛି ତାହା ତୁରନ୍ତ ସାରିବା ପାଇଁ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ କୁମାର ଜେନାଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ଖୁବଶୀଘ୍ର ମାଲକାନଗିରିରୁ ଭୁବନେଶ୍ୱରକୁ ଯାତ୍ରୀବାହୀ ବିମାନ ଚଳାଚଳ ଆରମ୍ଭ ହେବ ବୋଲି ସେ ପ୍ରକାଶ କରିଛନ୍ତି। ସହକାରୀ ନିର୍ବାହୀ ଅଧିକାରୀ, ଗୃହ ଓ ପୂର୍ତ୍ତ ବିଭାଗ ସୁଶାନ୍ତ କୁମାର ଜେନା ପ୍ରକାଶ କରିଛନ୍ତି ଯେ, ବିମାନ ବନ୍ଦର କାର୍ଯ୍ୟ ପ୍ରାୟତଃ ସମ୍ପୂର୍ଣ୍ଣ ହୋଇଯାଇଛି। ଯାହାକିଛି ଛୋଟଛୋଟ କାର୍ଯ୍ୟ ଅଛି ତାହା ଖୁବଶୀଘ୍ର ସମାପ୍ତ ହେବ। ତେବେ ଖୁବଶୀଘ୍ର ବିମାନ ଚଳାଚଳ ଆରମ୍ଭ ହେବ ବୋଲି ବିଭାଗୀୟ ଅଧିକାରୀମାନେ ପ୍ରକାଶ କରିଥିବା ବେଳେ ଜିଲ୍ଲାବାସୀ ଏହି ବିମାନ ସେବା ପାଇଁ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛନ୍ତି।



## କର୍କଟ ନେଲା 'ମିସ୍ ଇଣ୍ଡିଆ ତ୍ରିପୁରା' ରିଙ୍କିଙ୍କ ଜୀବନ

ନୂଆଦିଲ୍ଲୀ, ୧।୩ (ଏଜେନ୍ସି): ପୂର୍ବତନ 'ମିସ୍ ଇଣ୍ଡିଆ ତ୍ରିପୁରା' ରିଙ୍କି ଚକମାଙ୍କ ଶୁକ୍ରବାର ପରଲୋକ ହୋଇଛି । ସେ ଦୁଇ ବର୍ଷରୁ ଅଧିକ ସମୟ ହେଲା ସ୍ତନ କର୍କଟରେ ପୀଡ଼ିତ ଥିଲେ । ଅସ୍ତ୍ରୋପଚାର ସତ୍ତ୍ୱେ ତାଙ୍କୁ ବଞ୍ଚା ଯାଇପାରି ନ ଥିଲା । ମୃତ୍ୟୁବେଳକୁ ତାଙ୍କୁ ୨୮ ବର୍ଷ ବୟସ ହୋଇଥିଲା । ସେ ୨୦୧୭ରେ ମିସ୍ ଇଣ୍ଡିଆ ପିଜାଣ୍ଟ 'ବ୍ୟୁଟି ୱିଥ୍ ଏ ପର୍ପୋଜ' ସମ୍ମାନ ଜିତି ଥିଲେ । ଏହି ପ୍ରତିଯୋଗିତା ମାନୁଷୀ ଛିଲର ଜିତିଥିଲେ ।



ଗତ ମାସରେ ରିଙ୍କି ନିଜ ରୋଗ ବିଷୟରେ ସମସ୍ତଙ୍କୁ ସୂଚନା ଦେଇଥିଲେ । ସେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ନିଜର କଠିନ ଯାତ୍ରା ବିଷୟରେ ଉଲ୍ଲେଖ କରିଥିଲେ । ସେ କହିଥିଲେ ଯେ ସ୍ତନ କର୍କଟର ଅସ୍ତ୍ରୋପଚାର ପରେ ଏହା ଅନ୍ୟ ଅଙ୍ଗକୁ ବ୍ୟାପି ଯାଇଥିଲା । ପ୍ରଥମେ ଫୁସ୍‌ଫୁସ୍ ଏବଂ ପରେ ମସ୍ତିଷ୍କ କର୍କଟ ହୋଇଥିଲା । ଏହାର ଅସ୍ତ୍ରୋପଚାର ହେବ ବୋଲି ଉଲ୍ଲେଖ କରିଥିଲେ ।

## ଜେଏନ୍‌ୟୁରେ ୨ ଗୋଷ୍ଠୀ ମୁହାଁମୁହିଁ

ନୂଆଦିଲ୍ଲୀ, ୧।୩ (ଏଜେନ୍ସି): ଦିଲ୍ଲୀର ଜବାହାରଲାଲ ନେହେରୁ ୟୁନିଭର୍ସିଟି (ଜେଏନୟୁ)ର 'ସ୍କୁଲ୍ ଅଫ୍ ଲାଙ୍ଗୁଏଜେଜ'ରେ ନିର୍ବାଚନ କମିଟିର ସଦସ୍ୟ ଚୟନ କରିବାକୁ ନେଇ ଗୁରୁବାର ରାତିରେ ସଂଘର୍ଷ ହୋଇଛି । ଏବିଭିପି ଏବଂ ବାମ ଦଳ ଛାତ୍ର ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି । ଏଥିରେ ଅନେକ ଛାତ୍ର ଆହତ ହୋଇଛନ୍ତି । ଆହତଙ୍କୁ ସଫଦରଜଙ୍ଗ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଏହାର କିଛି ଭିଡିଓ ଭାଇରାଲ ହେବାରେ ଲାଗିଛି । ଏଥିରେ ଜଣେ ବ୍ୟକ୍ତି ଛାତ୍ରଙ୍କୁ ବାଡ଼ିରେ ପିଟୁଥିବା ଦେଖିବାକୁ ମିଳିଛି । ଅନ୍ୟ ଏକ ଭିଡିଓରେ ସାଇକେଲ ଫୋପଡ଼ା ଯାଉଥିବା ଦେଖାଯାଉଛି । ଉଭୟ ଗୋଷ୍ଠୀ ପରସ୍ପର ବିରୋଧରେ ଏତଲା ଦେଇଛନ୍ତି ।

## ଆମେରିକାରେ ଶିଖ୍‌ଙ୍କୁ ହତ୍ୟା

ୱାଶିଂଟନ, ୧।୩ (ଏଜେନ୍ସି): ଆମେରିକା ଅଲବାମା ରାଜ୍ୟ ସେଲମା ସହର ସ୍ଥିତ ଏକ ଗୁରୁଦ୍ୱାର ବାହାରେ ଛିଡ଼ା ହୋଇଥିବାବେଳେ ଶିଖ୍ ସମ୍ପ୍ରଦାୟର ରାଜ ସିଂହ ଗୋଲ୍ଡିଙ୍କୁ ଗୁଳି ମାରି ହତ୍ୟା କରାଯାଇଛି । ସେ ଉତ୍ତରପ୍ରଦେଶ ବିଜନୌରର ବାସିନ୍ଦା ଥିଲେ । ଗତ ୧୪ ତାରିଖରେ ହତ୍ୟାକାଣ୍ଡ ଘଟିଥିବାବେଳେ ଏହା ପରଦିନ ପରିବାର ସଦସ୍ୟଙ୍କୁ ହତ୍ୟାର ସୂଚନା ଦିଆଯାଇଥିଲା । ତେବେ ଏ ପର୍ଯ୍ୟନ୍ତ ପୁଲିସ ମୃତଦେହ ବ୍ୟବଚ୍ଛେଦ କରିନାହିଁ । ଏହାର କାରଣ ମଧ୍ୟ ଦର୍ଶାଯାଉ ନାହିଁ ।

## ୩୯, ୧୨୫ କୋଟି ପ୍ରତିରକ୍ଷା ଚୁକ୍ତିକୁ ମଞ୍ଜୁରି

ନୂଆଦିଲ୍ଲୀ, ୧।୩ (ଏଜେନ୍ସି): ଭାରତୀୟ ସେନାକୁ ଅଧିକ ମଜବୁତ କରିବା ପାଇଁ ପ୍ରତିରକ୍ଷା ମନ୍ତ୍ରାଳୟ ବଡ଼ ଚୁକ୍ତି କରିଛି । ମନ୍ତ୍ରାଳୟ ଶୁକ୍ରବାର ୩୯, ୧୨୫ କୋଟି ଟଙ୍କାର ପାଞ୍ଚୋଟି ସାମରିକ କ୍ରୟ ଚୁକ୍ତିରେ ସ୍ୱାକ୍ଷର କରିଛି । ରିପୋର୍ଟ ଅନୁଯାୟୀ ମିଗ-୨୯ର ଏରୋ ଇଞ୍ଜିନ କ୍ରୟ ଲାଗି ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ, କ୍ଲୋଜ୍-ଇନ ଅସ୍ତ୍ରଶସ୍ତ୍ର ପ୍ରଣାଳୀ (ସିଆଇଡବ୍ଲ୍ୟୁଏସ୍) ଏବଂ ଉଚ୍ଚକ୍ଷମତାର ରାଡାର ଲାଗି ଲାର୍ସନ ଆଣ୍ଡ ଟର୍ବୋ ଲିମିଟେଡ ସହ ୨ଟି ଚୁକ୍ତି ହୋଇଛି । ସେହିପରି ବ୍ରହ୍ମୋସ୍ କ୍ଷେପଣାସ୍ତ୍ର କ୍ରୟ ପାଇଁ ବ୍ରହ୍ମୋସ୍ ଏରୋସ୍ପେସ ପ୍ରାଇଭେଟ ଲିମିଟେଡ ସହ ୨ଟି ଚୁକ୍ତିକୁ ଚୂଡ଼ାନ୍ତ ରୂପ ଦିଆଯାଇଛି ।

## ୨୫ ବିଶେଷଜ୍ଞଙ୍କୁ ମିଳିପାରେ କେନ୍ଦ୍ରରେ ନିଯୁକ୍ତି

ନୂଆଦିଲ୍ଲୀ,୧।୩(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ଆପଏଣ୍ଟମେଣ୍ଟସ କମିଟି ବୈଠକରେ ଘରୋଇ କ୍ଷେତ୍ରର ବିଶେଷଜ୍ଞ ଭାବେ ସୁନାମ ଅର୍ଜିଥିବା ୩ ଜଣଙ୍କୁ ଯୁଗ୍ମ ସଚିବ ଭାବେ ଓ ଅନ୍ୟ ୨୨ ଜଣଙ୍କୁ ନିର୍ଦ୍ଦେଶକ/ଉପସଚିବ ପଦବୀରେ ବିଭିନ୍ନ ସରକାରୀ ବିଭାଗରେ ନିଯୁକ୍ତି ଦିଆଯିବା ପ୍ରସ୍ତାବ ଅନୁମୋଦିତ ହୋଇଛି । ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ଦକ୍ଷ ଓ ଅତି ଯୋଗ୍ୟ ବ୍ୟକ୍ତିଙ୍କ ଉଦଯୋଗ ଦରକାର । ସେଥିପାଇଁ ଘରୋଇ କ୍ଷେତ୍ରରୁ ସୁଯୋଗ୍ୟ ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କୁ ସରକାରୀ ପଦବୀ ଦେବା ନିମନ୍ତେ ସ୍ଥିର ହୋଇଛି । ସାଧାରଣତଃ ସଚିବ, ଯୁଗ୍ମ ସଚିବ,ଉପସଚିବ, ନିର୍ଦ୍ଦେଶକ ଆଦି ପଦରେ ଆଇଏଏସ, ଆଇପିଏସ, ଆଇଏଫଏସ ତଥା ଗ୍ରୁପ-ଏ ସର୍ଭିସେସ ଅଫିସରମାନଙ୍କୁ ବସାଯାଏ ଯେଉଁମାନେ ସରକାରୀ ନୀତି ନିର୍ଦ୍ଧାରଣରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇଥାନ୍ତି । ୟୁପିଏସସି ଦ୍ୱାରା ଘରୋଇ କ୍ଷେତ୍ରରୁ ସୁଯୋଗ୍ୟ ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କୁ ଏପରି ଉଚ୍ଚ ସରକାରୀ ପଦବୀରେ ନିଯୁକ୍ତି ଦେବା ନିମନ୍ତେ ଯେଉଁ ବ୍ୟବସ୍ଥାଟି ୨୦୧୮ ରୁ ଆରମ୍ଭ ହୋଇଛି ତାହାକୁ ଲେଟେରାଲ ଏଣ୍ଟ୍ରି ମୋଡ୍ କୁହାଯାଉଛି ।

**ଦୋହଲିଲା ବେଙ୍ଗାଲୁରୁ**

# କାଫେରେ ଆଇଇଡି ବିସ୍ଫୋରଣ; ୯ ଆହତ

ନୂଆଦିଲ୍ଲୀ, ୧।୩ (ଏଜେନ୍ସି): ବେଙ୍ଗାଲୁରୁ କୁନ୍ଦଲହାଲି ସ୍ଥିତ ରାମେଶ୍ୱରମ କାଫେରେ ଶୁକ୍ରବାର ଦ୍ୱିପହରେ ବଡ଼ଧରଣର ବିସ୍ଫୋରଣ ହୋଇଛି । ଏଥିରେ ୯ ଜଣ ଲୋକ ଆହତ ହୋଇଛନ୍ତି । ଏହି ବିସ୍ଫୋରଣରେ ଆଇଇଡି ବ୍ୟବହାର କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା କହିଛନ୍ତି । ଏହାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି । ଏହାର ସୂଚନା ମିଳିବା ପରେ ବୋମା ସ୍କ୍ୱାର୍ଡ, ଫରେନସିକ ଏବଂ ଏନଆଇଏ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ବିସ୍ଫୋରଣ ପରେ ପ୍ରଥମେ ଦମକଳ ବାହିନୀ ଏବଂ ହ୍ୱାଇଟଫିଲ୍ଡ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା । ଉଭୟ ଟିମ୍ ସିଲିଣ୍ଡରରେ ବିସ୍ଫୋରଣ ହୋଇଥିବା କହିଥିଲା । ରେସ୍ତୋରାଁର ଚୌକି ଟେବୁଲ, ଝରକାରେ ଲାଗିଥିବା କାଚ ଚାରିଆଡ଼େ ଛିନଛତର ହୋଇ ପଡ଼ିଥିବା ଦେଖା ଯାଇଥିଲା । ଏହା ପରେ ବିଜେପିର ଦୁଇ ସାଂସଦ ବିସ୍ଫୋରଣ ଉପରେ ସନ୍ଦେହ ପ୍ରକଟ କରିଥିଲେ ଏବଂ ବୋମା ବିସ୍ଫୋରଣ କରାଯାଇଥିବା କହିଥିଲେ । ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜଣେ ବ୍ୟକ୍ତି ପ୍ରାୟ ୧୨ଟା ସମୟରେ ରେସ୍ତୋରାଁରେ ଏକ ବ୍ୟାଗ୍ ଛାଡ଼ି ଯାଇଥିଲେ । ଏହାର ଘଣ୍ଟାଏ ପରେ ବ୍ୟାଗ୍‌ରେ ରଖାଯାଇଥିବା ଆଇଇଡିରୁ ବିସ୍ଫୋରଣ ହୋଇଥିଲା । କାଫେରୁ ବ୍ୟାଟେରି, ଅଧା ପୋଡ଼ା ବ୍ୟାଗ୍ ଏବଂ କିଛି ଆଇଇଡି କାର୍ଡ ମିଳିଛି । ଏହି ମାମଲାରେ ରାଜନୀତି ନ କରିବା ପାଇଁ ସେ ବିରୋଧୀଙ୍କୁ ଅନୁରୋଧ କରିଛନ୍ତି । ଆଗକୁ ଏପରି ନ ହେବା ପାଇଁ ପ୍ରୟାସ କରାଯିବ ବୋଲି କହିଛନ୍ତି । ରାଜ୍ୟର ଗୃହମନ୍ତ୍ରୀ କହିଛନ୍ତି ଯେ ଏବେ ମାମଲାର ତଦନ୍ତ ଜାରି ରହିଛି । ପୁଲିସ ବେଆଇନ କାର୍ଯ୍ୟକଳାପ ନିରୋଧି ଆଇନ ଅନୁଯାୟୀ ମାମଲା ରୁଜୁ କରିଛି । ଏବେ ଫରେନସିକ ରିପୋର୍ଟକୁ ଅପେକ୍ଷା କରାଯାଇଛି ।



**ବ୍ୟାଗ୍ ଛାଡ଼ି ଯାଇଥିଲା ଜଣେ ବ୍ୟକ୍ତି**

**ତଦନ୍ତ ଆରମ୍ଭ କଲା ଏନ୍‌ଆଇଏ**

ଅନ୍ୟପକ୍ଷରେ ବିଜେପି ସାଂସଦ ତେଜସ୍ୱୀ ସୂର୍ଯ୍ୟା ଏହି ମାମଲାରେ ସରକାରଙ୍କ ନିଶାଣ କରିଛନ୍ତି । ସେ କାଫେ ମାଲିକଙ୍କ ସହ କଥା ହୋଇଥିବା ଉଲ୍ଲେଖ କରିଛନ୍ତି । ଏହି ବିସ୍ଫୋରଣ ଉପରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ ଉତ୍ତର ରଖନ୍ତୁ ବୋଲି ସେ ଦାବି କରିଛନ୍ତି । ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ ଦ୍ୱିପହର ଗୋଟାଏ ସମୟରେ ଜୋରଦାର ବିସ୍ଫୋରଣ ହୋଇଥଇଲା । ଘଟଣାସ୍ଥଳରେ ପହଞ୍ଚିବା ପରେ ଚାରିଆଡେ କଳା ଧୂଆଁ ଦେଖିବାକୁ ମିଳିଥିଲା । ବିସ୍ଫୋରଣ ସମୟରେ କାଫେରେ ୩୫-୪୦ ଲୋକ ଥିଲେ ।

**ପଶ୍ଚିମବଙ୍ଗରେ ପ୍ରଧାନମନ୍ତ୍ରୀ / ରାଜଭବନରେ ଦିଦିଙ୍କୁ ଭେଟିଲେ ମୋଦୀ**

## ସନ୍ଦେଶଖାଲି ଅଭିଯୁକ୍ତଙ୍କୁ ବଞ୍ଚାଇବାକୁ ଚାହିଁଥିଲା ଟିଏମ୍‌ସି

କୋଲକାତା,୧।୩(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଏଠାରେ ଏକ ଜନସଭାରେ କହିଛନ୍ତି, ମହିଳାଙ୍କୁ ଯୌନ ନିର୍ଯ୍ୟାତନା ଓ ବହୁ ଲୋକଙ୍କ ଜମି ହଡ଼ପ ଅଭିଯୋଗରେ ଗିରଫ ହୋଇଥିବା ତୃଣମୂଳ କଂଗ୍ରେସ(ଟିଏମସି) ନେତା ଶାହାଜାହାଁ ଶେଖଙ୍କୁ ଖସାଇ



ଦେବା ପାଇଁ ରାଜ୍ୟର ମମତା ସରକାର ଯଥାସାଧ୍ୟ ଉଦ୍ୟମ କରିଥିଲେ । ସନ୍ଦେଶଖାଲିରେ ମହିଳା ନିର୍ଯ୍ୟାତିତ ହେଉଛନ୍ତି । ମମତା ବାନାର୍ଜୀ କେତେଖଣ୍ଡ ଭୋଟ ପାଇଁ ଅପରାଧୀକୁ ସୁରକ୍ଷା ଦେଉଛନ୍ତି ଯେତେବେଳେ କି କଂଗ୍ରେସ ଓ ଇଣ୍ଡିଆ ମେଣ୍ଟର ଅଂଶୀଦାରମାନେ ଗାନ୍ଧିଜୀଙ୍କ ତିନି ମାଙ୍କଡ଼ ଭଳି ରହିବାକୁ ଉଚିତ ମଣିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ମୋଦୀ ଆକ୍ଷେପ କରିଛନ୍ତି । ସେ କହିଛନ୍ତି, 'ସନ୍ଦେଶଖାଲିର ଘଟଣାରେ ସମଗ୍ର ଦେଶ ଦୁଃଖୀ ହୋଇଛି । ମା', ମାଟି ମାନୁଷ କହୁଥିବା ଦଳର କାର୍ଯ୍ୟ ଦେଖି ରାଜା ରାମମୋହନ ରାୟଙ୍କ ଆତ୍ମା ଆଜି କାନ୍ଦୁଥିବ । ନିର୍ଯ୍ୟାତିତାମାନେ ଯେତେବେଳେ ମମତା ଦିଦିଙ୍କୁ ସେମାନଙ୍କ ଦୁଃଖ କହିଲେ, ମମତା କୌଣସି ପ୍ରତିକାର କରିବା ତ ଦୂରର କଥା, ବରଂ ଅଭିଯୁକ୍ତ ଶାହାଜାହାଁ ଶେଖର ସୁରକ୍ଷାର ସମସ୍ତ ବନ୍ଦୋବସ୍ତ କରିଛନ୍ତି । ଅଭିଯୁକ୍ତ ଅତ୍ୟନ୍ତ ପ୍ରଭାବଶାଳୀ କାହାରି ସହାୟତା ପାଉନଥିଲେ ପ୍ରାୟ ଦୁଇ ମାସ କିପରି ଆଇନର ପଞ୍ଝାରୁ ଖସି ରହିପାରିଲା ।

ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ସନ୍ଧ୍ୟାରେ ରାଜଭବନରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି । ଏଠାରୁ ବାହାରିବା ପରେ ଏହା ସୌଜନ୍ୟମୂଳକ ସାକ୍ଷାତ ଥିଲା ବୋଲି ଦିଦି କହିଛନ୍ତି ।

**ମହାଦେବ ବେଟିଂ ଆପ୍ ମାମଲା**

## ୫୮୦ କୋଟି ଟଙ୍କାର ଷ୍ଟକ୍ ଜବତ

ନୂଆଦିଲ୍ଲୀ, ୧।୩(ଏଜେନ୍ସି): ଦୁବାଇରୁ ସଞ୍ଚାଳିତ ମହାଦେବ ଅନ୍ ଲାଇନ୍ ବେଟିଂ ବୁକ୍ ମାମଲାରେ ୬୦୦୦କୋଟି ଟଙ୍କାର ଅବୈଧ ଆୟ ଓ ମନିଲଣ୍ଡରିଂର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଆଜି(ଶକ୍ରବାର) କୁହାଯାଇଛି ଯେ ଅନଲାଇନ ଜୁଆ ଖେଳ(ବେଟିଂ) ଭଳି ଆର୍ଥିକ ଅପରାଧରୁ ଅର୍ଜିତ ୫୮୦ କୋଟି ୭୮ ଲକ୍ଷ ଟଙ୍କା ହାୱାଲା ଜରିଆରେ ବିଦେଶକୁ ପଠାଯାଇଥିଲା । ସେହି ଅର୍ଥ ବିଦେଶରେ ଥିବା ବିଭିନ୍ନ ନକଲି ବା ନାମମାତ୍ର(ସେଲ) କମ୍ପାନୀର ଆକାଉଣ୍ଟରେ ଜମା କରାଯାଇ ତାହାକୁ ଫରେନ୍ ପୋର୍ଟଫୋଲିଓ ଇନଭେଷ୍ଟମେଣ୍ଟ(ଏଫପିଆଇ) ଭାବେ ଭାରତୀୟ ଷ୍ଟକ୍ ମାର୍କେଟରେ ନିବେଶ କରାଯାଇଛି । ଦୁବାଇରେ ରହି ହାୱାଲା କାରବାର ଚଳାଉଥିବା ହରିଶଙ୍କର ଟିବ୍ରିୱାଲ ସେହି ଏଫପିଆଇର ଅନ୍ତିମ ଲାଭାର୍ଥୀ ବୋଲି ଯାଞ୍ଚରୁ ଜଣାପଡ଼ିବା ପରେ ଇଡି ବର୍ତ୍ତମାନ ମନି ଲଣ୍ଡରିଂ ନିରୋଧ ଆଇନ-୨୦୦୨ ଅନୁଯାୟୀ ଉକ୍ତ ୫୮୦କୋଟି ୭୮ ଲକ୍ଷ ଟଙ୍କାର ଷ୍ଟକ୍ ନିବେଶକୁ ଅଚଳ(ଫ୍ରିଜ)କରିଛି । ବୁଧବାର ଦିନ ଇଡି ପକ୍ଷରୁ ମହାଦେବ ଅନ୍ ଲାଇନ୍ ବେଟିଂ ବୁକ୍ ମାମଲାରେ ସନ୍ଦିଗ୍ଧ କୋଲକାତା, ଗୁରୁଗ୍ରାମ, ଦିଲ୍ଲୀ, ଇନ୍ଦୋର ଓ ରାୟପୁରର ଅନେକ ଠିକଣାରେ ଚଢ଼ଉ ଓ ଖାନତଲାସ କରାଯାଇ ୧କୋଟି ୮୬ଲକ୍ଷଟଙ୍କା ନଗଦ ଓ ୧କୋଟି ୭୮ ଲକ୍ଷ ଟଙ୍କାର ଅଳଙ୍କାର ଓ ଅନ୍ୟ ମୂଲ୍ୟବାନ ସାମଗ୍ରୀ ଜବତ କରାଯାଇଛି । ଏଥିପୂର୍ବରୁ ଇଡି ଏହି ବେଆଇନ ବେଟିଂ ଓ ମନିଲଣ୍ଡରିଂ ମାମଲାରେ ୫୭୨ କୋଟି ୪୧ଲକ୍ଷ ଟଙ୍କାର ସ୍ଥାବର ସମ୍ପତ୍ତି ଜବତ କରିଥିବାରୁ ୫୮୦କୋଟି ୭୮ ଲକ୍ଷ ଟଙ୍କାର ଷ୍ଟକ୍ ନିବେଶକୁ ଫ୍ରିଜ କରାଯିବା ପରେ ଏହି ମାମଲାରେ ଏଯାବତ ମୋଟ ୧୨୯୬ କୋଟି ୫ଲକ୍ଷ ଟଙ୍କାର ଷ୍ଟକ୍, ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ତଥା ନଗଦ (କ୍ୟାସ) ଜବତ ହେଲାଣି । ଅନ୍ୟପକ୍ଷରେ ଇଡି ଆପ୍‌ର ମୁଖ୍ୟ ଅପରେଟର ଗିରୀଶ ତଲରେଜାକୁ ଭୋପାଳରୁ ଗିରଫ କରିଛି ।

## ନେତାଙ୍କ କାନ୍ଧରେ ଚିପ୍ ଲଗାଇବୁ କି: ସିଜେଆଇ

ନୂଆଦିଲ୍ଲୀ, ୧।୩(ଏଜେନ୍ସି): ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି(ସିଜେଆଇ) ଡିୱାଇ ଚନ୍ଦ୍ରଚୂଡ଼ଙ୍କ ବେଞ୍ଚରେ ଆଜି ପହଞ୍ଚିଥିଲା ଏକ ବିଚିତ୍ର ଆବେଦନ । ସୁରିନ୍ଦର କୁନ୍ଦ୍ରା ନାମକ ବ୍ୟକ୍ତି ଆବେଦନ କରିଥିଲେ ଯେ ସମସ୍ତ ସାଂସଦ ଓ ବିଧାୟକଙ୍କୁ ଡିଜିଟାଲୀ ମନିଟର କରାଯିବାର ବ୍ୟବସ୍ଥା ପାଇଁ ଅଦାଲତ ନିର୍ଦ୍ଦେଶ ଦିଅନ୍ତୁ । ସିଜେଆଇ ଆବେଦନକାରୀଙ୍କୁ ପ୍ରଶ୍ନ କରିଥିଲେ, କ'ଣ ସମସ୍ତ ସାଂସଦ ଓ ବିଧାୟକଙ୍କ କାନ୍ଧରେ ମାଇକ୍ରୋଚିପ୍ ଖଞ୍ଜିଦେବା? ସାଂସଦ ଓ ବିଧାୟକମାନଙ୍କର ବି ଗୋପନୀୟତାର ଅଧିକାର ରହିଛି । କିପରି ସେମାନଙ୍କୁ ଡିଜିଟାଲୀ ମନିଟର କରିହେବ? ଏଭଳି ଅଜବ ପିଟିସନ୍ ଆଣି ଅଦାଲତଙ୍କ ସମୟ ନଷ୍ଟ କରିଥିବାରୁ ୫ଲକ୍ଷ ଟଙ୍କା ଜରିମାନା ଦେବାକୁ ପଡ଼ିପାରେ । ତେବେ ତୁମକୁ ଜରିମାନା କରାଯାଉନାହିଁ ବୋଲି କହି ସିଜେଆଇ ପିଟିସନକୁ ନାକଚ କରିଥିଲେ ।

## ସମ୍ପୂର୍ଣ୍ଣ ମଣିପୁରରେ ଆଫସ୍ପା ଲଗାଇବାକୁ ପ୍ରସ୍ତୁତି

ଇମ୍ଫାଲ, ୧।୩ (ଏଜେନ୍ସି): ମଣିପୁର ପୁଲିସ କର୍ମଚାରୀ ଅସ୍ତ୍ରଶସ୍ତ୍ର ଆତ୍ମସମର୍ପଣ କରିବା ପରେ ରାଜ୍ୟର ସ୍ଥିତି ପୁଣି ଉତ୍ତେଜନାପୂର୍ଣ୍ଣ ହୋଇଯାଇଛି । ଇମ୍ଫାଲ ଭ୍ୟାଲି ଏବଂ ଏହାର ଆଖପାଖରେ ସ୍ଥିତି ବିଗିଡିବାରେ ଲାଗିଛି । ଏହି ସବୁ ଅଞ୍ଚଳ ଆଫସ୍ପା କାର୍ଯ୍ୟକାରୀ ହେଉ ନ ଥିବା ୧୯ ଥାନା ଅଧିନରେ ରହିଛି । ଏପରି ସମୟରେ ସରକାର ସାରା ରାଜ୍ୟରେ ଆଫସ୍ପା କାର୍ଯ୍ୟକାରୀ କରିବାକୁ ବିଚାର କରୁଛନ୍ତି । ସେହିପରି ମୁଖ୍ୟମନ୍ତ୍ରୀ ଏନ୍ ବୀରେନ ସିଂହଙ୍କ ସହ ବୈଠକ ପରେ ୬ ହିଂସାଗ୍ରସ୍ତ ଜିଲ୍ଲାର ଜିଲ୍ଲାପାଳ ଶାନ୍ତି ପ୍ରତିଷ୍ଠା ଲାଗି ଆସାମ ରାଇଫଲ୍ସ ଏବଂ ସେନା ମାଗିଛନ୍ତି । ଏଗୁଡିକ ମଧ୍ୟରେ ଥାଉବାଲ, କାଙ୍ଗପୋକପି, ଚୁରାଚାନ୍ଦପୁର, ବିଷ୍ଣୁପୁର, ଟେଙ୍ଗୋନପୋଲ ସାମିଲ ରହିଛି । ୫ ତାରିଖ ସୁଦ୍ଧା ସେନା ମୁତୟନ କରିବାକୁ ପ୍ରଶାସନ ଦାବି କରିଛି ।

## ହିମାଚଳ ସରକାରରୁ ଟଳିନି ସଙ୍କଟ


ସିମଲା, ୧।୩ (ଏଜେନ୍ସି): ହିମାଚଳ ପ୍ରଦେଶ ସରକାରରେ ଦେଖା ଯାଇଥିବା ସଙ୍କଟର ସମାଧାନ ପାଇଁ କର୍ଣ୍ଣାଟକ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କୁ ରାଜ୍ୟକୁ ପଠା ଯାଇଥିଲା । ସେ ଗୁରୁବାର ସରକାରରେ ଥିବା ସମସ୍ୟାର ସମାଧାନ ହୋଇଯାଇଛି ବୋଲି କହିଥିଲେ । ମାତ୍ର ଏହାର ଦିନକ ପରେ ଶୁକ୍ରବାର ପୁଣି ଛକାପଞ୍ଝା ଆରମ୍ଭ ହୋଇଗଲାଣି । ଏହାକୁ ଦେଖିଲେ ସରକାରଙ୍କ ଉପରୁ ସଙ୍କଟ ଟଳି ନାହିଁ ବୋଲି ଜଣାପଡୁଛି । ସୂଚନା ଅନୁଯାୟୀ ଆଜି ସଚିବାଳୟରେ କ୍ୟାବିନେଟ ବୈଠକ ଚାଲିଥିଲା । ଏହି ସମୟରେ ହଠାତ୍ ମୁଖ୍ୟମନ୍ତ୍ରୀ ବୈଠକକୁ ସ୍ଥଗିତ କରି ଦେଇଥିଲେ । ପରେ ଅନ୍ୟମନ୍ତ୍ରୀଙ୍କ ସହ ସଙ୍ଗେ ସଙ୍ଗେ ବିଧାନସଭାକୁ ଚାଲି ଯାଇଥିଲେ । ଏଠାରେ ଅଯୋଗ୍ୟ ଘୋଷଣା କରାଯାଇଥିବା ବିଧାୟକଙ୍କୁ ନେଇ ଚର୍ଚ୍ଚା ହୋଇଥିବା କୁହାଯାଉଥିବାବେଳେ ସ୍ଥିତି ଅନ୍ୟ କିଛି ସୂଚାଉଛି ।

**ତମାଖୁ କମ୍ପାନୀର ୨୦ ଜାଗାରେ ଚଢ଼ଉ**

## ମିଳିଲା ୧୦୦ କୋଟିର କାର୍, ୫ କୋଟି ଟଙ୍କା

କାନପୁର, ୧।୩ (ଏଜେନ୍ସି): ତମାଖୁ କମ୍ପାନୀ ବଂଶୀଧର 'ଏକ୍ସପୋର୍ଟ୍ସ ପ୍ରାଇଭେଟ ଲିମିଟେଡ'ର କାନପୁର ସ୍ଥିତି ମୁଖ୍ୟାଳୟରେ ଆୟକର ବିଭାଗ ଚଢ଼ଉ କରିଛି । କମ୍ପାନୀର ଦିଲ୍ଲୀ, ମୁମ୍ବାଇ, ଗୁଜରାଟ ସମେତ ୨୦ ଠିକଣାରେ ଚଢ଼ଉ କରାଯାଇଛି । ଗୁରୁବାର ଆରମ୍ଭ ହୋଇଥିବା ଏହି ଚଢ଼ଉ ଶୁକ୍ରବାର ଦ୍ୱିତୀୟ ଦିନରେ ପହଞ୍ଚିଛି । କମ୍ପାନୀ ମାଲିକ କେକେ ମିଶ୍ରାଙ୍କ ଦିଲ୍ଲୀ ସ୍ଥିତ କୋଠାରୁ ୧୦୦ କୋଟିରୁ ଅଧିକ ଟଙ୍କାର କାର୍ ମିଳିଛି । ଏଥିରେ ୬୦ କୋଟିରୁ ଅଧିକ ଟଙ୍କାର ବିଳାସପୂର୍ଣ୍ଣ ଗାଡ଼ି ସାମିଲ ରହିଛି । ଏହି ଗାଡ଼ି ମଧ୍ୟରେ ରୋଲ୍ସ-ରୟସ, ଫ୍ୟାଣ୍ଟମ, ଲାମ୍ବୋର୍ଘିନି, ଫେରାରି, ମ୍ୟାକଲରେନ ସାମିଲ ରହିଛି । ସେହିପରି ୧୦୦ କୋଟିରୁ ଅଧିକ ଟଙ୍କାର ଟିକସ ଚୋରି ସାମ୍ନାକୁ ଆସିଛି । ଏହା ସହିତ ୫ କୋଟି ଟଙ୍କା ଏବଂ କୋଟି କୋଟି ଟଙ୍କାର ବେନାମି ସମ୍ପତ୍ତି ମିଳିଛି । ଆୟକର ବିଭାଗର ସୂଚନା ଅନୁଯାୟୀ କମ୍ପାନୀ କାନପୁରର ପ୍ରମୁଖ ଗୁଟଖା କମ୍ପାନୀଙ୍କୁ ମାଲ୍ ଦେଉଥିଲା । ଏହି କମ୍ପାନୀ କେବଳ ୨୦ରୁ ୨୫ କୋଟି ଟଙ୍କାର କାରବାର ଦେଖାଇ ଥିଲା । କିନ୍ତୁ ଏ ପର୍ଯ୍ୟନ୍ତ ୧୫୦ କୋଟି ଟଙ୍କାର କାରବାର ସାମ୍ନାକୁ ଆସିଲାଣି । ଜାଲ କମ୍ପାନୀ ବନାଇ ନକଲି ଚେକ୍ କାଟି ଟିକସ ଚୋରି କରାଯାଉଥିଲା ବୋଲି ଜଣାପଡ଼ିଛି ।



ଟେଲିଭିଜନ୍ ହେଉଛି ମନୋରଞ୍ଜନର ଏପରି ଏକ ମାଧ୍ୟମ, ଯାହା ଏକା ସମୟରେ ଲକ୍ଷ ଲକ୍ଷ ଲୋକଙ୍କୁ ହସାଏ, କିନ୍ତୁ ନିଜେ ଏକାକୀତ୍ୱର ଯାତନା ସହେ।
- ଟି ଏସ୍ ଇଲିଅଟ୍

ସକାଳ
THE SAKALA

# ଅର୍ଥକରୀ ଫସଲ ଚାଷକୁ ଗୁରୁତ୍ୱ ଦିଆଯାଉ

ଆବୁଧାବିରେ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲୁଟିଓ)ର କୃଷିକ୍ଷେତ୍ର ସହାୟତା ସଂକ୍ରାନ୍ତ ଆଲୋଚନା ଜାରି ରହିଥିବା ବେଳେ ଭାରତରେ ଚାଷୀମାନେ ନିଜର ଦାବି ପୂରଣ ପାଇଁ ଆନ୍ଦୋଳନ କରୁଛନ୍ତି। ଡବ୍ଲୁଟିଓ ଆଲୋଚନାରେ ଭାରତ ବିଭିନ୍ନ ଫସଲର ସରକାରୀ ମହଜୁଦ ପରିମାଣର ସୀମା ନିର୍ଦ୍ଧାରଣ ଓ ସୀମାଶୁଳ୍କ ଛାଡ଼ ସୀମା ବୃଦ୍ଧି ନୀତିର ସମୟସୀମା ଆଉ ବୃଦ୍ଧି ନ କରିବାକୁ ଚାହିଁ ଏହା ଉପରେ ଏକ ସମାଧାନ ସୂତ୍ର ବାହାର କରିବାକୁ ଚାପ ପ୍ରୟୋଗ କରୁଛି। ବିଶ୍ୱ ବାଣିଜ୍ୟ ସଂଗଠନର ଅନେକ ନିୟମ ଏବେ ପରିବର୍ତ୍ତିତ ସମୟର ଆବଶ୍ୟକତା ପୂରଣ କରୁନାହିଁ। କୃଷିକ୍ଷେତ୍ର ପାଇଁ କେତେ ରିହାତି ଦିଆଯିବା ଉଚିତ, ଗୋଟିଏ ଦେଶ ତାହାର ଚାଷୀଙ୍କଠାରୁ କେତେ ପରିମାଣର ଖାଦ୍ୟ ଶସ୍ୟ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଫସଲ ସଂଗ୍ରହ କରି ମହଜୁଦ ରଖିପାରିବ; ଗୋଟିଏ ଦେଶ କେତେ କୃଷିଜାତ ଓ ଅନ୍ୟାନ୍ୟ ସାମଗ୍ରୀ ରପ୍ତାନି କରିବ, ଚାଷୀ କେତେ ରିହାତି ବା ସହାୟତା ପାଇବେ ତାହା ବର୍ତ୍ତମାନ ପରିପ୍ରେକ୍ଷୀରେ ବିଶ୍ୱ ବାଣିଜ୍ୟ ଆଇନର ଗଣ୍ଡି ଭିତରେ ସୀମାବଦ୍ଧ ହୋଇ ରହିବା ସମ୍ଭବ ନୁହେଁ। ଭାରତ ଚାଷବାସ ଓ ଇ-କମର୍ସ କ୍ଷେତ୍ରରେ ବିଶ୍ୱ ବାଣିଜ୍ୟ ସଂଗଠନର ନିୟମରେ କିଛି ସଂସ୍କାର ଓ ରିହାତି ଲୋଡୁଛି। ଚୀନ୍ ସମେତ ୧୨୦ ଦେଶ ମଧ୍ୟ ବିଶ୍ୱ ବାଣିଜ୍ୟ ସଂଗଠନର ନୀତି ନିୟମରେ ପରିବର୍ତ୍ତନ ଚାହୁଁଛନ୍ତି। ତେବେ ଆମେରିକା ଓ ୟୁରୋପର ଧନାଢ଼୍ୟ ତଥା ପ୍ରଭାବଶାଳୀ ରାଷ୍ଟ୍ରମାନଙ୍କ ବିରୋଧ ଯୋଗୁଁ ଏ କ୍ଷେତ୍ରରେ କୌଣସି ସମାଧାନ ସୂତ୍ର ବାହାରି ପାରୁନାହିଁ।

ଭାରତ ଭଳି ଜନବହୁଳ ଦେଶ ନିଜର ଜନସଂଖ୍ୟାର ଖାଦ୍ୟ ଆବଶ୍ୟକତା ଓ ଖାଦ୍ୟ ନିରାପତ୍ତାର ସୁରକ୍ଷା ପାଇଁ ବିପୁଳ ପରିମାଣର ଖାଦ୍ୟଶସ୍ୟ ମହଜୁଦ କରି ରଖିବାକୁ ଚାହୁଁଛନ୍ତି। କିନ୍ତୁ ଡବ୍ଲୁଟିଓ ନିୟମରେ ଏଥିପାଇଁ ଏକ ନିର୍ଦ୍ଦିଷ୍ଟ ସୀମା ରହିଛି। ଅନେକ ପାଶ୍ଚାତ୍ୟ ଦେଶ ଏହାକୁ ଏହି ସୀମା କଟକଣାକୁ ବିରୋଧ କରୁଛନ୍ତି। ତେଣୁ ଏହାକୁ ନେଇ ଆବୁଧାବିରେ ରୀତିମତ ଏକ ଲଢ଼େଇ ଚାଲିଛି ଏବଂ ଆୟୋଜକମାନେ ବୈଠକର ମିଆଦକୁ ଦୁଇଦିନ ବଢ଼ାଇ ଦେଇଛନ୍ତି। ଆଶା କରାଯାଉଛି ଯେ ଭାରତର ଦାବି ଉପରେ କିଛି ଗୋଟେ ସମାଧାନ ସୂତ୍ର ବାହାରିବ।

ଭାରତରେ ବର୍ଷକୁ ବର୍ଷ ଖାଦ୍ୟ ଶସ୍ୟ ଉତ୍ପାଦନ ବଢୁଛି ଏବଂ ଚାଷୀମାନେ ଏହାକୁ ଧାର୍ଯ୍ୟ ସହାୟକ ମୂଲ୍ୟ (ଏମ୍ଏସ୍ପି)ରେ ସରକାରଙ୍କୁ ବିକିବାକୁ ଚାହୁଁଛନ୍ତି। ଚାଷୀ ସଂଗଠନମାନେ ମଧ୍ୟ ଏମ୍ଏସ୍ପିକୁ ସାମ୍ବିଧାନିକ ଗ୍ୟାରେଣ୍ଟି ଦେବାକୁ ଚାହୁଁଛନ୍ତି। ସେମାନେ କିନ୍ତୁ ବୁଝୁନାହାନ୍ତି ଯେ ଭାରତ ବିଶ୍ୱ ବାଣିଜ୍ୟ ସଂଗଠନର ଏକ ସଦସ୍ୟ। ତେଣୁ ଖାଦ୍ୟ ଶସ୍ୟ ସଂଗ୍ରହ ଓ ମହଜୁଦ ଉପରେ ତା'କୁ ଏହି ଆନ୍ତର୍ଜାତିକ ସଂସ୍ଥାର ନିୟମ ମାନିବାକୁ ହେବ। ଦ୍ୱିତୀୟତଃ, କୃଷିକ୍ଷେତ୍ରକୁ ରିହାତି, ଏମ୍ଏସ୍ପି ଓ ଚାଷୀଙ୍କୁ ବିଭିନ୍ନ ରିହାତି ଦେବାରେ ସରକାର ମନଇଚ୍ଛା ସବୁ କିଛି କରିପାରିବେ ନାହିଁ। ଏଥିପାଇଁ କିଛି ଆନ୍ତର୍ଜାତିକ ଆଇନ ପ୍ରତିବନ୍ଧକ ସୃଷ୍ଟି କରୁଛି। ସର୍ବୋପରି ଚାଷୀଙ୍କ ସବୁ ଉତ୍ପାଦକୁ ସରକାର ନିର୍ଦ୍ଧାରିତ ଲାଭଜନକ ମୂଲ୍ୟରେ କିଣିବା ଆଦୌ ସମ୍ଭବ ନୁହେଁ। ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି କେତେକ ଚାଷୀ ସଂଗଠନ ଓ କୃଷକ ନେତା ଏହି ପ୍ରସଙ୍ଗରେ ସରକାରଙ୍କ ସହ ମୂଲଚାଲ କରୁଛନ୍ତି। ସେମାନଙ୍କର ଧାରଣା ନିର୍ବାଚନ ଚାପରେ ସରକାର ହୁଏତ ମୁଣ୍ଡ ନିଆଁଇବେ। ତେବେ ସମ୍ପୃକ୍ତ ଆନ୍ଦୋଳନକାରୀ ଓ ଚାଷୀ ନେତା ବୁଝିପାରୁ ନାହାନ୍ତି ଯେ ସେମାନେ ସମଗ୍ର ଭାରତର ଚାଷୀକୁଳର ପ୍ରତିନିଧିତ୍ୱ କରୁନାହାନ୍ତି। କେବଳ ପଞ୍ଜାବ, ହରିୟାଣା ଓ ପଶ୍ଚିମ ଉତ୍ତରପ୍ରଦେଶର କିଛି ଚାଷୀ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଦେଶର ଅନ୍ୟଭାଗର ଚାଷୀମାନେ ଏ ଅବାସ୍ତବ ଦାବି ଓ ଆନ୍ଦୋଳନରୁ ଦୂରେଇ ରହି ଆପଣା କାମରେ ବ୍ୟସ୍ତ ଅଛନ୍ତି।

ଏଭଳି ସ୍ଥିତି ଭାରତର 'ନିତି' ଆୟୋଗ ଦେଶରେ ଗହମ ଓ ଧାନର ସଂଗ୍ରହ ନୀତି ଏବଂ ଏମ୍ଏସ୍ପି ବ୍ୟବସ୍ଥାର ସମୀକ୍ଷା କରିବାକୁ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛନ୍ତି। ଆୟୋଗର ସୁପାରିସ ବାସ୍ତବବାଦୀ ମନେ ହୁଏ। ଆୟୋଗ ପକ୍ଷରୁ କୁହାଯାଇଛି ଦେଶରେ ଏବେ ବିଭିନ୍ନ ପୁଷ୍ଟିକର ଶସ୍ୟ (ନ୍ୟୁଟ୍ରି ସିରିଅଲ୍), ଡାଲି ଓ ତୈଳବୀଜର ଚାହିଦା ବଢ଼ିଛି। ଧାନ ଓ ଗହମ ଆବଶ୍ୟକତାଠାରୁ ବହୁ ଅଧିକ ଉତ୍ପାଦିତ ହେଉଛି। ଏହି ଖାଦ୍ୟ ଶସ୍ୟ ଚାଷ ବ୍ୟୟ ବହୁଳ, ଅଧିକ ପାଣି, ସାର ଓ କୀଟନାଶକ ଲୋଡ଼େ। ଖର୍ଚ୍ଚ ତୁଳନାରେ ଏହାର ଲାଭ କମ୍ ରହେ। ତେଣୁ ଏହା ଉପରେ ଅଧିକ ଏମ୍ଏସ୍ପି ଦେଇ ଏହି ଚାଷକୁ ଉତ୍ପାଦିତ କରାଯାଇ ପାରିବ ନାହିଁ। ଯେତିକି ଦରକାର ଘରୋଇ ଆବଶ୍ୟକତା ପୂରଣ ପାଇଁ ସେତିକି ଉତ୍ପାଦନ କରାଯିବା ଆବଶ୍ୟକ।

ଅପରପକ୍ଷରେ ଖାଉଟିଙ୍କ ଖାଦ୍ୟ ରୁଚି କ୍ରମଶଃ ବଦଳୁଛି। ସେମାନେ ଭାତ ଓ ରୁଟି ପରିବର୍ତ୍ତେ ନ୍ୟୁଟ୍ରି, ସିରିଅଲସ ଯଥା ବିଭିନ୍ନ ପ୍ରକାର ମିଲେଟ୍ସ, ଚଣା, ତୈଳବୀଜ ଓ ଡାଲିଜାତୀୟ ଶସ୍ୟ ଉପରେ ଗୁରୁତ୍ୱ ଦେଉଛନ୍ତି। ନିତି ଆୟୋଗର ତଥ୍ୟ ଅନୁସାରେ ୨୦୪୭ ଯାଏଁ ଏସବୁ ଫସଲର ଚାହିଦା ବଢ଼ିବ। ଏପରିକି ପିଆଜ, ରସୁଣ ଓ ମସଲା ଜାତୀୟ ଫସଲ ଚାଷ ଏବେ ଅଧିକ ଅର୍ଥକରୀ ସାବ୍ୟସ୍ତ ହେଉଛି। ତେଣୁ ସମୟକ୍ରମେ ଏହା ଉପରେ ସରକାର ଅଧିକ ଏମ୍ଏସ୍ପି ଦେବାକୁ ବାଧ ହୋଇପାରନ୍ତି। ଏହା ଫଳରେ ଧାନ, ଗହମ ଓ ଆଖୁ ଭଳି ବ୍ୟୟବହୁଳ ଫସଲର ଚାଷ କମିବାକୁ ବାଧ ହେବ। ବିଶ୍ୱର ସବୁ ଦେଶରେ କୃଷିକ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇଛି। ଉତ୍ପାଦନ ଖର୍ଚ୍ଚ ବଢୁଥିବାରୁ ଚାଷୀମାନେ ସରକାରଙ୍କଠାରୁ ନାନା ପ୍ରକାର ରିହାତି ଓ ସହାୟତା ମାଗୁଛନ୍ତି। ତେବେ ଏହାର ମଧ୍ୟ ଏକ ସୀମା ରହିଛି। ତାକୁ ଟପିବା ଦେଶର ଅର୍ଥନୀତି ପାଇଁ ସମ୍ଭବ ନୁହେଁ।

ଭାରତ ସରକାର ଦେଶର କୃଷକମାନଙ୍କ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏଥିପାଇଁ ରାଜକୋଷକୁ ପ୍ରାୟ ଖୋଲି ଦିଆଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ତା' ସତ୍ତ୍ୱେ ସରକାରଙ୍କ ଉପରେ ଅଧିକ ଚାପ ପକାଇବା ଅନୁଚିତ। ସରକାର ଏବେ ଚାଷୀଙ୍କୁ ଶସ୍ତା ମୂଲ୍ୟରେ ସାର ଯୋଗାଇବା ପାଇଁ ୨୪୪୨୦ କୋଟି ଟଙ୍କାର ଏକ ରିହାତି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ବିଶ୍ୱ ବଜାରରେ ବିଭିନ୍ନ ପ୍ରକାର ରାସାୟନିକ ସାରର ମୂଲ୍ୟ ବୃଦ୍ଧି ସତ୍ତ୍ୱେ ଭାରତ ସରକାର ଆସନ୍ନ ଖରିଫ ଋତୁରେ ଚାଷୀଙ୍କୁ ପୁରୁଣା ମୂଲ୍ୟରେ ସାର ଯୋଗାଇ ଦେବେ। ୨୦୨୪-୨୫ ଖରିଫ ବର୍ଷ ପାଇଁ ଏହି ରିହାତି ଦିଆଯିବ।

ଚାଷୀଙ୍କ ପାଇଁ ଏବେ ସୁବର୍ଣ୍ଣ ସୁଯୋଗ ଆସିଛି। କେନ୍ଦ୍ର ସରକାର ଧାନ ଓ ଗହମର ଏମ୍ଏସ୍ପି ମୂଲ୍ୟ ନିତି ଆୟୋଗର ସୁପାରିସ କ୍ରମେ ସମୀକ୍ଷା କରନ୍ତୁ ବା ନ କରନ୍ତୁ, ଚାଷୀ କିନ୍ତୁ ଚାହିଦା ଥିବା ଅଣଧାନ ଓ ଅଣଗହମ ଅର୍ଥକରୀ ଫସଲ ଅଧିକ ଚାଷ କରି ଲାଭବାନ ହେବାକୁ ଉଦ୍ୟମ କରିବା ଆବଶ୍ୟକ। ଧାନ, ଗହମ ଓ ଆଖୁ ଆଦି ଆବଶ୍ୟକତା ଅନୁସାରେ ଚାଷ ହେଉ ଏବଂ ଅନ୍ୟ ଅର୍ଥକରୀ ଫସଲକୁ ଅଗ୍ରାଧିକାର ଦିଆଯାଉ। ଏହା ସମୟର ଆହ୍ୱାନ। ଏଥର ଖରିଫରୁ ଏ ପ୍ରକ୍ରିୟା ଆରମ୍ଭ ହେଉ।

## ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ରିଲାଏନ୍ସ-ଡିସନି ମିଶ୍ରଣ ପ୍ରସଙ୍ଗ

# ଟିଭି ଓ ଓଟିଟି ଜଗତର ନୂତନ ଯୁଗ



**ଡକ୍ଟର ପ୍ରଦୀପ ମହାପାତ୍ର**
ବ୍ରହ୍ମପୁର, ମୋ: ୯୪୩୭୦୯୬୯୪୪

ଭାରତୀୟ ଟେଲିଭିଜନ ଓ ମନୋରଞ୍ଜନ ଶିଳ୍ପର ତିନି ପ୍ରମୁଖ ସଦସ୍ୟ 'ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍', ଏହାର ପରିଚାଳନାଧୀନ 'ଭାୟାକମ ୧୮ ମିଡିଆ' ଓ ଯୁକ୍ତରାଷ୍ଟ୍ର ଆମେରିକାଭିତ୍ତିକ 'ଦି ୱଲଟ୍ ଡିସ୍ନି କର୍ପୋରେସନ' ୨୮ ଫେବୃୟାରୀ ୨୦୨୪ରେ ବ୍ୟବସାୟ ମିଶ୍ରଣ ନିମନ୍ତେ ଚୁକ୍ତି କରିଥିବା ଘୋଷଣା ହୋଇଛି। ୨୦୨୩ର ଆୟ ବିଚାରକୁ ନେଲେ ରିଲାଏନ୍ସ ଓ ଡିସ୍ନିର ଆୟ ପ୍ରାୟ ୨୩, ୩୨୧ କୋଟି ଟଙ୍କା। 'ବିଜିନେସ ଷ୍ଟାଣ୍ଡାର୍ଡ'ର ତଥ୍ୟ ଅନୁଯାୟୀ, ଭାରତୀୟ ଗଣମାଧ୍ୟମରେ ଏହି ଦୁଇ କମ୍ପାନୀର ମିଳିତ ରାଜସ୍ୱ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଗତବର୍ଷ ରାଜସ୍ୱ ଆଦାୟରେ 'ଗୁଗୁଲ ଇଣ୍ଡିଆ' ୨୮, ୦୪୦ ଟଙ୍କା ସହ ପ୍ରଥମ ସ୍ଥାନରେ ଥିବା ବେଳେ ତୃତୀୟ ସ୍ଥାନରେ ଥିବା ମେଟା ୧୮, ୩୦୮ କୋଟି ଟଙ୍କା ରାଜସ୍ୱ ପାଇଥିଲା। ଫେବୃୟାରୀ ୨୦୨୪ର ଚୁକ୍ତି ଅନୁଯାୟୀ, ରିଲାଏନ୍ସ ଓ ଡିସ୍ନିର ମିଶ୍ରଣ ସୁଚାରୁ ରୂପେ କାର୍ଯ୍ୟକାରୀ ହେଲେ ସର୍ବବୃହତ ଟେଲିଭିଜନ ପ୍ରତିଷ୍ଠାନର ମାନ୍ୟତା ଲାଭ କରିବ।

କରୋନା ମହାମାରୀ ପରବର୍ତ୍ତୀ ପରିବେଶରେ ମାନ୍ଦା ବ୍ୟବସାୟକୁ ଦୃଷ୍ଟିରେ ରଖି ଗଣମାଧ୍ୟମ ମଞ୍ଚଗୁଡିକର ମିଶ୍ରଣ ଅବଶ୍ୟମ୍ଭାବୀ। ଏକପକ୍ଷରେ ଟେଲିଭିଜନ ମଞ୍ଚରେ ବିଜ୍ଞାପନ ରାଜସ୍ୱ କ୍ରମାଗତଭାବେ କମି ଚାଲିଥିବା ତଥା ଭବିଷ୍ୟତରେ ମଧ୍ୟ ଅନୁରୂପ ଧାରା ବଳବତ୍ତର ରହିବା ଆକଳନ କରାଯାଉଥିବା ବେଳେ ଅପରପକ୍ଷରେ ଡିଜିଟାଲ ମଞ୍ଚର ବିକାଶ ନିମନ୍ତେ ଅର୍ଥ ଆବଶ୍ୟକ ପଡୁଛି। ଏହି ଗୋଲକଧନ୍ଦାରୁ ମୁକ୍ତି ପାଇବା ନିମନ୍ତେ ଗଣମାଧ୍ୟମ ମଞ୍ଚଗୁଡିକ ମିଶ୍ରଣକୁ ଗୁରୁତ୍ୱ ଦେଉଛନ୍ତି। ଆଲୋଚ୍ୟ ଚୁକ୍ତି ଘୋଷଣା ପୂର୍ବରୁ ଜାପାନର ସୋନୀ କର୍ପୋରେସନ ଓ ଜୀ ଏଣ୍ଟରଟେନମେଣ୍ଟ ଏଣ୍ଟରପ୍ରାଇଜ ମିଶ୍ରଣ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଥିଲା। ତେବେ ବ୍ୟବସାୟ ପରିଚାଳନା ମତଭେଦ ହେତୁ ସେଥିରେ ଅଗ୍ରଗତି ଘଟି ନଥିଲା।

ରିଲାଏନ୍ସ-ଡିସନି ବୁଝାମଣା ଅନୁଯାୟୀ ମିଶ୍ରଣ ପରେ 'ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍'ର ୧୬.୩୪ ପ୍ରତିଶତ, ରିଲାଏନ୍ସ ପରିଚାଳନାଧୀନ 'ଭାୟାକମ୧୮'ର ୪୬.୮୨ ପ୍ରତିଶତ ଏବଂ 'ଡିସନି'ର ୩୬.୮୪ ପ୍ରତିଶତ ଅଂଶଧନ ରହିବ। ରିଲାଏନ୍ସର 'ନେଟୱାର୍କ୧୮', 'ଭାୟାକମ୧୮' ଓ 'ଡିସନି' ମିଶ୍ରଣରେ କଲର୍ସ, ଷ୍ଟାରପ୍ଲସ, ଷ୍ଟାର ଗୋଲଡ୍ ଭଳି ମନୋରଞ୍ଜନ ତଥା ଷ୍ଟାର ସ୍ପୋର୍ଟ୍ସ, ସ୍ପୋର୍ଟ୍ସ୧୮ ଭଳି କ୍ରୀଡ଼ା ଚ୍ୟାନେଲ ସାଙ୍ଗକୁ ଜିଓ ସିନେମା ଓ ଡିସନି-ହଟଷ୍ଟାର ଭଳି ଷ୍ଟ୍ରିମିଂ ମଞ୍ଚ ଏକତ୍ର ପରିଚାଳିତ ହେବ। ମିଳିତଭାବେ ଭାରତରେ ପ୍ରାୟ ୭୫ କୋଟି ଉପଭୋକ୍ତାଙ୍କ ନିକଟରେ ପହଞ୍ଚି ପାରିବ। ରିଲାଏନ୍ସ-ଡିସନି ମିଶ୍ରଣକୁ ପ୍ରାୟ ସତୁରି ହଜାର କୋଟି ଟଙ୍କା ମୂଲ୍ୟାୟନ କରାଯାଉଛି।




ରିଲାଏନ୍ସ ପକ୍ଷରୁ କୁହାଯାଇଛି ଯେ ରିଲାଏନ୍ସ-ଡିସନିର ମିଶ୍ରଣ ପରେ ଉଦୟ ଶଙ୍କର ଉପସଭାପତି ରୂପେ ଅବସ୍ଥାପିତ ହୋଇ କାର୍ଯ୍ୟଭାର ତୁଲାଇବେ। ରିଲାଏନ୍ସ ଇଣ୍ଡାଷ୍ଟ୍ରିଜ୍ ଅଧକ୍ଷ ମୁକେଶ ଆମ୍ବାନୀଙ୍କ ପତ୍ନୀ ନୀତା ଆମ୍ବାନୀ ଅଧକ୍ଷ ପଦରେ ରହିବେ। ଭାରତୀୟ ଟେଲିଭିଜନ ଇତିହାସ ପୃଷ୍ଠାରେ ଉଦୟ ଶଙ୍କର ଏକ ଚର୍ଚ୍ଚିତ ନାମ। ସେ 'ଷ୍ଟାର ଇଣ୍ଡିଆ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ୨୦୦୭ରୁ ୨୦୨୦ ଯାଏଁ କାର୍ଯ୍ୟ କରିଥିଲେ। କୁହାଯାଏ ଯେ ୨୦୦୭ରେ ଷ୍ଟାର ଇଣ୍ଡିଆର ଆୟ ୧, ୬୦୦ କୋଟି ଟଙ୍କା ଥିବା ବେଳେ ୨୦୧୮ରେ ୧୮, ୦୦୦ କୋଟି ଟଙ୍କାରେ ପହଞ୍ଚିଥିଲା। ଏହାର ଶ୍ରେୟ ଉଦୟ ଶଙ୍କରଙ୍କ ପରିଚାଳନା ଚାତୁର୍ଯ୍ୟକୁ ଯାଏ। ଉଦୟ ଶଙ୍କର ୨୦୨୪ରେ ୬୧ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ଦେଶର ଦ୍ୱିତୀୟ ବୃହତ ଗଣମାଧ୍ୟମ ସଂସ୍ଥାକୁ ସେ କିପରି ଚଳାଇବେ ତାହା ସମୟ କହିବ। ତେବେ ରିଲାଏନ୍ସ ମାଲିକାନାରେ ମହାମାରୀ ପରବର୍ତ୍ତୀ ପରିବେଶରେ ଡିଜିଟାଲ ମଞ୍ଚର ଆଦର ବଢୁଥିବା ଏବଂ ଟେଲିଭିଜନ ବିଜ୍ଞାପନ ଆୟ ଶିଥିଳ ପଡ଼ିଆସୁଥିବା ଅର୍ଥନୀତି ପ୍ରତି ଗଣମାଧ୍ୟମ ସମୀକ୍ଷକମାନେ ତୀକ୍ଷଣ ଦୃଷ୍ଟି ରଖିବେ। କେତେକ ଆଶା କରୁଛନ୍ତି ରିଲାଏନ୍ସ ଡିଜିଟାଲ ମଞ୍ଚ ପ୍ରତି ଗୁରୁତ୍ୱାରୋପ କରିବ। କୃତ୍ରିମ ବୁଦ୍ଧିମତ୍ତା ଭଳି ପ୍ରଯୁକ୍ତି କୌଶଳ ଉପଯୋଗରେ ଦର୍ଶକଙ୍କ ରୁଚିକୈନ୍ଦ୍ରିକ ପ୍ରଦର୍ଶନ ପ୍ରତି ଧ୍ୟାନ ଦିଆଯିବ। ବିଜ୍ଞାପନ ବଦଳରେ ଗ୍ରାହକ ଦେୟ ରାଜସ୍ୱର ମୁଖ୍ୟ ସୂତ୍ର ପାଲଟିବ।

ଟେଲିଭିଜନ ଦର୍ଶକମାନଙ୍କ ରୁଚି କ୍ରମଶଃ ବଦଳିବାରେ ଲାଗିଛି। ଅଧିକ ସଂଖ୍ୟକ ସ୍ମାର୍ଟ ଟେଲିଭିଜନ ବ୍ୟବହାର ପରେ ଓଟିଟି ମଞ୍ଚର ଆଦର ବଢ଼ିଛି। ରିଲାଏନ୍ସ ହାତରେ ଜିଓ ସିନେମା ଓ ଡିସନି-ହଟଷ୍ଟାର ଭଳି ଆପ ଥିବା ହେତୁ ସେହି ମଞ୍ଚଗୁଡ଼ିକର ଗୁଣାତ୍ମକ ଅଭିବୃଦ୍ଧି ପ୍ରାଧାନ୍ୟ ପାଇପାରେ। ଆଲୋଚ୍ୟ ମିଶ୍ରଣରେ ରିଲାଏନ୍ସର ୫୮ ଗୋଟି ଚ୍ୟାନେଲ ସହ ଡିସନିର ଷ୍ଟାର ପ୍ଲସ ସହ ୭୦ ଗୋଟି ଚ୍ୟାନେଲ ସାମିଲ ହେବେ। ଏହାର ଦର୍ଶକ ସଂଖ୍ୟା ସମଗ୍ର ଦେଶର ମୋଟ ଟେଲିଭିଜନ ଦର୍ଶକ ସଂଖ୍ୟାରେ ୩୨ ପ୍ରତିଶତ ଯାଏଁ ସମ୍ପ୍ରସାରିତ ହେବ।

ବ୍ୟାବସାୟିକ ଦିଗରୁ ଗଣମାଧ୍ୟମ ମଞ୍ଚଗୁଡ଼ିକର ଏକତ୍ରୀକରଣ ବାଧ୍ୟବାଧକତାରେ ପରିଣତ ହୋଇଥିବା ବେଳେ ଏହି ବ୍ୟବସ୍ଥା ଗଣତନ୍ତ୍ର ପ୍ରତି ବିପଦର କାରଣ ରୂପେ ବିଚାର କରାଯାଏ। ଏକକ ମାଲିକାନା ଗଣମାଧ୍ୟମ ସ୍ୱାଧୀନତାର ପରିପନ୍ଥୀ। ବିବିଧତା ଗଣତନ୍ତ୍ରକୁ ପରିପୁଷ୍ଟ କରିଥାଏ। କିନ୍ତୁ ଏକତ୍ରୀକରଣ ଧ୍ରୁବୀକରଣ ଦିଗରେ ଗତି କରିପାରେ। ଆଲୋଚ୍ୟ ଯୌଥ ଉଦ୍ୟୋଗରେ ରିଲାଏନ୍ସ ୧୧, ୫୦୦ କୋଟି ଟଙ୍କା ନିବେଶ କରିବା ସୂଚିତ ହୋଇଛି। ଏତେ ପରିମାଣର ଆର୍ଥିକ କ୍ଷମତା ପ୍ରତିଯୋଗୀ ଚ୍ୟାନେଲଗୁଡ଼ିକ ନିମନ୍ତେ ବ୍ୟବସାୟରେ ବିଘଟନର କାରଣ ପାଲଟିପାରେ।

ହିନ୍ଦୀ ସମେତ ମରାଠୀ ଓ କନ୍ନଡ଼ ଭଳି ଆଞ୍ଚଳିକ ଭାଷାରେ ଉଭୟ 'ଭାୟକମ୧୮' ଓ 'ଡିସନି ଷ୍ଟାର' ଟେଲିଭିଜନ ଚ୍ୟାନେଲଗୁଡ଼ିକର ଲୋକାଦୃତି ରହିଛି। 'ଭାୟାକମ୧୮' ଓଡ଼ିଆ ସମେତ ଆଠଗୋଟି ଆଞ୍ଚଳିକ ଭାଷାରେ ଚ୍ୟାନେଲ ପ୍ରସାରିତ ହେଉଛି। ସେହିପରି 'ଡିସନି'ର ମଧ୍ୟ ଆଠଗୋଟି ଆଞ୍ଚଳିକ ଭାଷାରେ ଟେଲିଭିଜନ ଚ୍ୟାନେଲ ଉପଲବ୍ଧ। ଆଲୋଚ୍ୟ ମିଶ୍ରଣରେ ଆଞ୍ଚଳିକ ଭାଷାର ଚ୍ୟାନେଲଗୁଡ଼ିକର ଆର୍ଥିକ ନିବେଶ ବୃଦ୍ଧି ହେଲେ ଗୁଣାତ୍ମକ ବିକାଶ ଆଶା କରାଯାଇପାରେ। ରିଲାଏନ୍ସ-ଡିସନି ମିଶ୍ରଣ ପରେ ଜିଓ ସିନେମା ଓ ଡିସନି-ହଟଷ୍ଟାର ଦୁଇଗୋଟି ଓଟିଟି ମଞ୍ଚ ଜିଓ ଗ୍ରାହକମାନଙ୍କୁ ମାଗଣା ମିଳିପାରେ। ହିସାବ ଅନୁଯାୟୀ ଡିସନି-ହଟଷ୍ଟାର ୩ କୋଟି ୮୩ ଲକ୍ଷ ଓ ଜିଓ ସିନେମା ୨ କୋଟି ୩୭ ଲକ୍ଷ ଉପଭୋକ୍ତା ରହିଛନ୍ତି।

ରିଲାଏନ୍ସ-ଡିସନି ମିଶ୍ରଣ ପର୍ବ ୨୦୨୪ ଶେଷ କିମ୍ବା ୨୦୨୫ ଆରମ୍ଭ ସୁଦ୍ଧା ସାରିବା ଲକ୍ଷ୍ୟ ରଖାଯାଇଥିବା ଜଣାଯାଏ। ଭାରତରେ ଗଣମାଧ୍ୟମ ପରିସରରେ ଏକ ଶକ୍ତିଶାଳୀ ମଞ୍ଚ ଆବିର୍ଭାବରେ ପ୍ରତିଯୋଗୀ ମଞ୍ଚଗୁଡ଼ିକର ବ୍ୟାବସାୟିକ ଢାଞ୍ଚା ପରିବର୍ତ୍ତନ ଆବଶ୍ୟକ କରିବ। ଅପରପକ୍ଷରେ ଏକତ୍ରୀକରଣ ଓ ଧ୍ରୁବୀକରଣ ଦର୍ଶକଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇବା ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆନଯାଇପାରେ। ଜିଓ ଫୋନ ଉପଭୋକ୍ତାମାନଙ୍କୁ ଜିଓ ସିନେମା ଓ ଡିସନୀ ହଟଷ୍ଟାର ମାଗଣାରେ ସେବା ପ୍ରଦାନ କରାଗଲେ ପ୍ରତିଯୋଗୀ ଛୋଟ ଓଟିଟି ମଞ୍ଚଗୁଡ଼ିକୁ ନିଜ କାର୍ଯ୍ୟକ୍ରମର କିଛି ଅଂଶ ମାଗଣାରେ ଦର୍ଶକ ମହଲରେ ଉପଲବ୍ଧ କରାଇବା ବାଧ୍ୟବାଧକତାରେ ପରିଣତ ହୋଇପାରେ। ରିଲାଏନ୍ସ-ଡିସନି ମିଶ୍ରଣ ଭାରତୀୟ ଗଣମାଧ୍ୟମ ପରିବେଶରେ ପରିବର୍ତ୍ତନର ସୁଦୂରପ୍ରସାରୀ ପ୍ରଭାବ ଆଶା କରାଯାଇପାରେ।

## ଲୋକମତ

### ବାଇକ୍ ରାଲିରେ ନିୟମାବଳୀ

ଆଗକୁ ଥିବା ସାଧାରଣ ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳର ବାଇକ୍ ରାଲି ବା ଶୋଭାଯାତ୍ରା ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଛି। ରାଲିରେ ଭାଗ ନେଉଥିବା ଅନେକ ବାଇକ୍ ଚାଳକ ନିୟମାବଳୀକୁ ଅଣଦେଖା କରନ୍ତି। ତେଣୁ ରାଲିରେ ଭାଗ ନେବାକୁ ଥିବା ସମସ୍ତ ବାଇକ୍ର ପ୍ରଦୂଷଣ ପ୍ରମାଣପତ୍ର, ବୀମା, ପଞ୍ଜୀକରଣ ଇତ୍ୟାଦି ଯାଞ୍ଚ କରାଯାଇ ଅନୁମତିପତ୍ର ଦିଆଯାଉ। ଏତଦ୍‌ବ୍ୟତୀତ ରାଲିର ସମୟ ଓ ଯାତ୍ରା ପଥ ମଧ୍ୟ ନିଶ୍ଚିତ କରାଯାଉ। ସର୍ବୋପରି ଚାଳକ ଡ୍ରାଇଭିଂ ଲାଇସେନ୍ସ ସହିତ ହେଲମେଟ୍ ପିନ୍ଧି ଅନୁମତି ପତ୍ର ପାଇଥିବା ବାଇକ୍ଚାଳକ ରାଲିରେ ଭାଗ ନେଇ ଟ୍ରାଫିକ୍ ନିୟମାବଳୀ ମାନି ଶୋଭାଯାତ୍ରା କରନ୍ତୁ।

**ନବ୍‌ନିତ୍ ପାଣିଗ୍ରାହୀ**
**ରାୟଗଡ଼ା, ମୋ: ୯୮୬୧୧୩୮୮୩୬**

### ସଂଘର୍ଷରୁ ସଫଳତା

ଜୀବନରେ ସଫଳ ହେବା ଲାଗି ନିର୍ଦ୍ଦିଷ୍ଟ କୌଣସି ସୂତ୍ର ନ ଥିଲେ ସୁଦ୍ଧା ସବୁ ସଫଳ ବ୍ୟକ୍ତିଙ୍କ ନେପଥ୍ୟରେ ପରିଲକ୍ଷିତ କେତେକ ସମାନତା ହେଉଛି ଦୃଢ଼ ମନୋବଳ, କଠିନ ପରିଶ୍ରମ, ହାର ନ ମାନିବା, ଧୈର୍ଯ୍ୟ ଓ ସୁଯୋଗର ସଦୁପଯୋଗ। ନିକଟରେ ବିରଳ ସାଫଲ୍ୟ ଲାଭ କରି ଚର୍ଚ୍ଚାର ପରିଧିକୁ ଆସିଥିବା ଦୁଇ ଯୁବ କ୍ରୀଡ଼ାପ୍ରତିଭା ଉତ୍ତର ପ୍ରଦେଶର ରିଙ୍କୁ ସିଂ ଏବଂ କେରଳର ସଜୀବନ ସଜନା ଉଦାହରଣୀୟ। ରିଙ୍କୁ ଅଧୁନା ଭାରତୀୟ କ୍ରିକେଟ ଦଳର ଜଣେ ନିର୍ଭରଯୋଗ୍ୟ ବ୍ୟାଟସମ୍ୟାନ୍। ତାଙ୍କ ପିତା ଗ୍ୟାସ୍ ସିଲିଣ୍ଡର ଘରକୁ ଘର ବୁଲି ଯୋଗାଇ ଥା'ନ୍ତି। ଆର୍ଥିକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ରିଙ୍କୁ କେବେ ବି ନିଜ ଲକ୍ଷ୍ୟପଥରୁ ବିଚ୍ୟୁତ ହୋଇ ନ ଥିଲେ। ସେହିଭଳି ମହିଳା ପ୍ରିମିୟର ଲିଗ୍ ୨୦୨୪ର ମୁମ୍ବାଇ-ଦିଲ୍ଲୀ ମ୍ୟାଚର ଶେଷ ବଲରେ ଛକ୍କା ମାରି ମୁମ୍ବାଇକୁ ଅବିଶ୍ୱସନୀୟ ଓ ରୋମାଞ୍ଚକ ବିଜୟ ଦେଇଥିବା କେରଳର ନିପଟ ମଫସଲ ମନ୍ଥାଭାଡ଼ି ଗାଆଁର ୨୯ ବର୍ଷ ବୟସ୍କା ଲାଜକୁଳି ସଜନା ଏବେ ମହିଳା କ୍ରିକେଟର ନବ୍ୟ ତାରକା। ମାତ୍ର ଗୋଟିଏ ମ୍ୟାଚ ଓ ଗୋଟିଏ ବଲ୍ ଖେଳି ଅଜସ୍ର ପୁଲକ, ରୋମାଞ୍ଚ ଓ ଶିହରଣ ସୃଷ୍ଟି କରିଥିବା ମହିଳା କ୍ରିକେଟର ଏଇ ସୁନା ଝିଅର ସଫଳତା ପଛରେ ରହିଛି ଅନେକ ସଂଘର୍ଷ। ଅଟୋଚାଳକ ପିତା ଓ ପଞ୍ଚାୟତ ପରିଷଦର ସଦସ୍ୟା ମାତାଙ୍କ ଝିଅ ସଜନା ଧାନବିଲରେ ନଡ଼ିଆ ବରଡ଼ାକୁ ବ୍ୟାଟ ଓ କାଗଜଗୁଳାକୁ ବଲ୍ କରି କ୍ରିକେଟ ଖେଳ ଆରମ୍ଭ କରିଥିଲେ। ଆର୍ଥିକ ଦୁରବସ୍ଥା, ୨୦୧୮ରେ କେରଳର ଭୟାବହ ବନ୍ୟାରେ ସବୁ କିଛି ହରେଇଥିବା ଓ କରୋନା ମହାମାରୀରେ ଅବିଚଳିତ ରହି ଅଭ୍ୟାସ ଜାରି ରଖିଥିଲେ। ଅପେକ୍ଷା କରିଥିଲେ ଉପଯୁକ୍ତ ସମୟ ଓ ସୁଯୋଗକୁ। ସୁଯୋଗର ସଦୁପଯୋଗ କରିବାକୁ ଆଦୌ ଭୁଲିଲେ ନାହିଁ। ଆଜି ଯେତେବେଳେ ଆମର ଯୁବଗୋଷ୍ଠୀ ହତାଶାରେ ଜର୍ଜର ଓ ସାମାନ୍ୟ ବିଫଳତାରେ ମ୍ରିୟମାଣ ହୋଇ ଜୀବନ ହାରି ଦେବାକୁ ପଛାଉ ନାହାନ୍ତି, ସେତେବେଳେ ଏଇ ଦୁଇ ଯୁବଖେଳାଳିଙ୍କ ସରଳ ସୂତ୍ର 'ସଂଘର୍ଷରୁ ସଫଳତା' ଧ୍ୟେୟ ହେଉ। ବିଶ୍ୱବିଖ୍ୟାତ ଧାବକ ବୋଲ୍ଟଙ୍କ ମତରେ ' ମୁଁ ନଅ ସେକେଣ୍ଡ ଦୌଡ଼ିବା ପାଇଁ ଚାରି ବର୍ଷ ଅଭ୍ୟାସ କଲି, କିନ୍ତୁ କିଛି ଲୋକ କେଇ ମାସରେ ଫଳ ନ ପାଇ ହାର ମାନି ଯାଆନ୍ତି।

**ପ୍ରତାପ ନାୟକ**
**ଭୁବନେଶ୍ୱର, ମୋ: ୭୭୫୦୮୫୨୮୧୯**

### ଶସ୍ତା ହେଲାଣି ପେଟ୍ରୋଲ

ଖବର ପ୍ରକାଶ ପାଉଛି, ବିଜ୍ଞାପନ ବି ଆସୁଛି ଯେ ମୋଟର ସାଇକଲର ଚାହିଦା ବଢ଼ିଛି, ୨ଲକ୍ଷରୁ ୪ଲକ୍ଷରେ ଖୁବ ବିକ୍ରି ଚାଲିଛି। ଦାମିକା ଗାଡ଼ିର ବଜାର ଅଛି, ଗ୍ରାହକଙ୍କ ଆଗ୍ରହ ବି ଅଛି। ଏ ଗାଡ଼ିଗୁଡ଼ିକ କିଣିବା ବେଳେ ଗ୍ରାହକ ପଚାରେ ନାହିଁ 'ଭାଇ ମାଇଲେଜ କେତେ ଦେବ? ତେଲ ଦର ପା ୧୦୦ ଉପରେ?'। ମାଇଲେଜ କଥା ମୁଁ ବି ଚିନ୍ତା କରି ନଥିଲି। କାରଣ ନୂଆ ନୂଆ ଡାକ୍ତରୀ ଚାକିରିରେ ଯୋଗ ଦେଇଥାଏ। ଗାଡ଼ି ଚଢ଼ିବା ଗୋଟେ ସ୍ୱପ୍ନ ପୂରଣ ହେଲା ଭଳି ଲାଗୁଥିଲା। ଗାଡ଼ିରେ ତ ତେଲ ପଡ଼ିବ, ସରିବ ପୁଣି ପଡ଼ିବ। ମାଇଲେଜ ପୁଣି କ'ଣ? ୧୯୬୯ରେ ଯେତେବେଳେ ମଟର ସାଇକେଲ ଚଢୁଥିଲି, ପେଟ୍ରୋଲ ଲିଟର ଥିଲା ୧ଟଙ୍କା ୬ପଇସା। କିଣିଥିବା 'ରାଜଦୂତ'ର ଦାମ ଥିଲା ୩୯୩୬ ଟଙ୍କା ୧୫ ପଇସା। ବର୍ଷେ ପରେ ବଡ଼ଭାଇଙ୍କର ମୋଟର ସାଇକେଲ କିଣିବା ବେଳକୁ ଦାମ ୪୦୫୭ ଟଙ୍କା ୮୧ପଇସା। ରସିଦ ଏବେ ପୁରୁଣା ଫାଇଲରୁ ପାଇବା ପରେ ଗୋଟେ କଥା ମନକୁ ଆସିଲା ...।ଆରେ ଦାମ ତ ବେଶି କିଛି ବଢ଼ିନି। ଡାକ୍ତର ଚାକିରୀରେ ପ୍ରଥମେ ମୋ ଦରମା ଥିଲା ୪୧୩ ଟଙ୍କା। ଏବେ ଡାକ୍ତରମାନେ ସରକାରୀ ଚାକିରି ବୋଧହୁଏ ୫୦-୬୦ହଜାର ଟଙ୍କାରୁ ଆରମ୍ଭ କରୁଥିବେ। ୭୦ ମସିହାରେ ୮ ଟଙ୍କା ମଜୁରୀରେ କାମ କରୁଥିବା ଶ୍ରମିକ ଏବେ ୬ଘଣ୍ଟା କାମ କରି ୮୦୦ ଟଙ୍କା ପାଉଛି। ତା'ହେଲେ ମୋଟର ସାଇକେଲର ଦାମ ୪ଲକ୍ଷରୁ ୫ ଲକ୍ଷ ହେବା କିଛି ବଡ଼ କଥା ନୁହେଁ। ସେତେବେଳେ ପେଟ୍ରୋଲ ଲିଟର ଥିଲା ୧ଟଙ୍କା ୬ପଇସା ମାନେ ଦରମାର ୪୦୦ ଭାଗରୁ ଭାଗେ। ଏବେ ସେମିତି ହିସାବ କଲେ ପେଟ୍ରୋଲ ଦାମ ବେଶୀ ନୁହେଁ, ବରଂ କମ ଲାଗିବ। ସେତେବେଳେ କାଁ ଭାଁ ଲୋକଙ୍କ ପାଖରେ ଦୁଇଚକିଆ ଆଉ କିଛି କିଛି ସମ୍ଭ୍ରାନ୍ତ ବ୍ୟବସାୟୀ କି ଉଚ୍ଚପଦସ୍ଥ ସରକାରୀ କର୍ମଚାରୀଙ୍କ ପାଖରେ ୪ଚକିଆ ଗାଡ଼ି ଥିଲା। ଏବେ ଗାଡ଼ି ରଖିବାକୁ ଦୋକାନ ବଜାର ରାସ୍ତାକଡ଼ରେ କୋଉଠି ଜାଗା ନାହିଁ। ଗାଡ଼ି ରଖିବାକୁ ପାର୍କିଂ ଖର୍ଚ୍ଚ ବି ଲୋକେ ଖୁସିରେ ଦେଉଛନ୍ତି। ମହଙ୍ଗା ଓ ବେକାରୀ ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା ଲୋକମାନେ ବି ସରକାରଙ୍କ ବହୁ ଯୋଜନାରୁ ଫାଇଦା ଉଠାଉଛନ୍ତି। ଯଥେଷ୍ଟ ରୋଜଗାର କରି ଲୋକେ ଗାଡ଼ି ବି କିଣୁଛନ୍ତି ପେଟ୍ରୋଲ ବି ପକାଉଛନ୍ତି। ସମୟ ଅନୁସାରେ ଦରଦାମ ବଢ଼ିବା ଅବଶ୍ୟମ୍ଭାବୀ।

**ଡାକ୍ତର କୈଳାଶ ଚନ୍ଦ୍ର ମିଶ୍ର, ଚାନ୍ଦପୁର**

### ଗାଁରେ ଅଳିଆ ସଫେଇ

ସ୍ୱଚ୍ଛ ଭାରତ ଅଭିଯାନର ଅଂଶସ୍ୱରୂପ ଆଜିକାଲି ପ୍ରତ୍ୟେକ ଗାଆଁରେ ଅଳିଆ କୁଣ୍ଡ ତିଆରି କରାଯାଇଛି। ଉକ୍ତ କୁଣ୍ଡଗୁଡ଼ିକୁ ଓଦା, ଶୁଖିଲା ଏବଂ ପୁନଃବ୍ୟବହାରଯୋଗ୍ୟ ଆଦି ବିଭିନ୍ନ ଭାଗରେ ବିଭକ୍ତ କରାଯାଇଛି। ଦୁଃଖର ବିଷୟ, ଅନେକ ଗାଆଁରେ ଉକ୍ତ କୁଣ୍ଡଗୁଡ଼ିକରୁ ଅଳିଆ ଉଠାଇବାର ବ୍ୟବସ୍ଥା କରାଯାଉନାହିଁ କିମ୍ବା ସଫା କରା ଯାଉନାହିଁ। ଫଳରେ ଏଗୁଡ଼ିକ ଅସ୍ୱାଭାବିକ ପରିବେଶ ସୃଷ୍ଟି କରୁଛି। ଅନ୍ୟ କିଛିସ୍ଥାନରେ ସୁନ୍ଦର କୁଣ୍ଡ ତିଆରି ହୋଇ ପଡ଼ିରହିଛି, କିନ୍ତୁ ବ୍ୟବହାର ହୋଇ ପାରୁନାହିଁ। ତେଣୁ ସହରାଞ୍ଚଳ ଭଳି ଗ୍ରାମାଞ୍ଚଳମାନଙ୍କରେ ଅଳିଆ ଉଠାଇବାର ବ୍ୟବସ୍ଥା କରାଯାଉ।

**ଡ. ସୀତାକାନ୍ତ ତ୍ରିପାଠୀ, ଭଦ୍ରକ**

### ବିଦ୍ୟୁତ୍ କାଟ ସମସ୍ୟା

ଓଡ଼ିଶାରେ ବିଦ୍ୟୁତ୍ କାଟ ଏକ ପ୍ରମୁଖ ସମସ୍ୟା। ବିଭିନ୍ନ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ମାନ ରହିଥିଲେ ମଧ୍ୟ ପରିଚାଳନାଗତ ବିଭ୍ରାଟ ଯୋଗୁଁ ବାରମ୍ବାର ବିଦ୍ୟୁତ୍ କାଟ ଲାଗି ରହିଛି। ବିଶେଷତଃ ଖରାଦିନ ଆସିଲେ ଅଧିକ ସମୟ ବିଦ୍ୟୁତ୍ କାଟ ହେଉଛି। ଏବେ ପରୀକ୍ଷା ଋତୁ ଚାଲିଛି। ଛାତ୍ରଛାତ୍ରୀମାନେ ପାଠ ପଢ଼ିବାରେ ଅସୁବିଧା ହେଉଛି। ବିଦ୍ୟୁତ୍ ବିତରଣ କମ୍ପାନୀମାନେ ବିଭିନ୍ନ ଆଳ ଦେଖାଇ ଗାଁ ଗହଳିରେ ସନ୍ଧ୍ୟା ସମୟରେ ବିଦ୍ୟୁତ୍ କାଟୁଛନ୍ତି। ଏହାର ପ୍ରଭାବ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଉପରେ ବେଶୀ ପଡୁଛି। କେବଳ ସେତିକି ନୁହେଁ, ସନ୍ଧ୍ୟାରେ ବିଦ୍ୟୁତ୍ କାଟ ହେଲେ ଘରେ ଚାଲିଚଳଣି ପ୍ରଭାବିତ ହୁଏ। ଚୋରି ବଢ଼େ। ଏଣୁ ବିଦ୍ୟୁତ୍ ବିଭାଗର ଅଧିକାରୀମାନେ ଏହି ସମସ୍ୟାର ସମାଧାନ ପାଇଁ ଗୁରୁତ୍ୱ ଦେଲେ ସମାଜର ବହୁବିଧ କଲ୍ୟାଣ ସାଧନ ହୁଅନ୍ତା।

**ବୈଷ୍ଣବ ଚରଣ ଦାଶ, ବୁଗୁଡ଼ା(ଗଞ୍ଜାମ)**

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

# 'ମଞ୍ଚାବନ୍ଧା'ରେ ବିଶ୍ୱର ପ୍ରଥମ କଳାବାଘ ସଫାରି ନିର୍ମାଣ ପ୍ରକ୍ରିୟା ଆରମ୍ଭ

**ଅକ୍ଟୋବର ସୁଦ୍ଧା ନିର୍ମାଣ ଶେଷ ଲକ୍ଷ୍ୟ**

**ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ଦେଇଛନ୍ତି ୩.୫୦ କୋଟି**

**୧୫ରୁ ୨୦ କୋଟି ଟଙ୍କା ଖର୍ଚ୍ଚ ଆକଳନ**



ବାରିପଦା, ୧।୩(ସମିସ): ଶିମିଳିପାଳ ଅଭୟାରଣ୍ୟର ପର୍ଯ୍ୟଟନ କ୍ଷେତ୍ରରେ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ି ହେବାକୁ ଯାଉଛି। ମୟୂରଭଞ୍ଜ ଜିଲ୍ଲାରେ ବିଶ୍ୱର ପ୍ରଥମ କଳାବାଘ ସଫାରି ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିବା ଏବଂ ରାଷ୍ଟ୍ରୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନ୍‌ଟିସିଏ) ପକ୍ଷରୁ ଅନୁମତି ମିଳିବା ପରେ ବାରିପଦା ସହର ସଂଲଗ୍ନ ମଞ୍ଚାବନ୍ଧା ସଂରକ୍ଷିତ ଜଙ୍ଗଲରେ ଏହି ସଫାରୀ ନିର୍ମାଣ ଆରମ୍ଭ ହୋଇଛି। ସମଗ୍ର ଭାରତରେ ରହିଥିବା ୧୦ଟି ଯାକ ମେଲାନିଷ୍ଟିକ୍ ପ୍ରଜାତିର କଳାବାଘ କେବଳ ଶିମିଳିପାଳ ଅଭୟାରଣ୍ୟରେ ରହିଛନ୍ତି। ଏଥିପାଇଁ ଶିମିଳିପାଳ ଅଭୟାରଣ୍ୟ ବିଶ୍ୱ ଦରବାରରେ ପ୍ରଶଂସା ସାଉଁଟିଥିବା ବେଳେ ଏହାକୁ ନେଇ ପର୍ଯ୍ୟଟନ ଶିଳ୍ପର ମାନ୍ୟତା ପାଇଁ ବିଶ୍ୱର ପ୍ରଥମ କଳାବାଘ ସଫାରୀ ଶିମିଳିପାଳ ଅଭୟାରଣ୍ୟରେ ହେଉଛି।

ଗତ ଫେବୃୟାରୀ ୮ ତାରିଖରେ ଏନ୍‌ଟିସିଏର ଏକ ପ୍ରତିନିଧିଦଳ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନ କରିବା ସହ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏନ୍‌ଟିସିଏର ଡିଜାଇନର ଦଳ ସଫାରୀ ପାଇଁ ଡିଜାଇନ୍ ପ୍ରସ୍ତୁତି କରିଦେବା ପରେ ସଫାରି ନେଇ ଅନୁମତି ମିଳିଛି। ଶିମିଳିପାଳ ଅଭୟାରଣ୍ୟର ୧୫ କିମି ଦୂର ବାରିପଦା ସହର ନିକଟ ୧୮ ନମ୍ବର ଜାତୀୟ ରାଜପଥ ସଂଲଗ୍ନ 'ମଞ୍ଚାବନ୍ଧା ସଂରକ୍ଷିତ ଜଙ୍ଗଲ'ର ୨ଶହ ହେକ୍ଟର ଜମିରେ ଏକ କଳାବାଘ ସଫାରୀ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନ୍‌ଟିସିଏ ଟିମ୍ ପକ୍ଷରୁ ମଞ୍ଚାବନ୍ଧା ସଂରକ୍ଷିତ ଜଙ୍ଗଲ ସମେତ ଯଶିପୁରସ୍ଥିତ ଜଙ୍ଗଲ ମଧ୍ୟ ଅନୁଧ୍ୟାନ କରାଯାଇଥିଲା। ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ ଉକ୍ତ ସଫାରୀ ନ କରିବାକୁ ନିୟମ ରହିଛି। ତେଣୁ ତାହାକୁ ଦୃଷ୍ଟିରେ ରଖି ବାରିପଦାର ମଞ୍ଚାବନ୍ଧାଠାରେ ଉକ୍ତ ସଫାରି ନିର୍ମାଣ କରିବାକୁ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଥିଲା। ଏବେ ଏଠାରେ ପ୍ରାରମ୍ଭିକ ଭାବେ କାମ ଆରମ୍ଭ ହୋଇଛି ବୋଲି ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଭାରପ୍ରାପ୍ତ କ୍ଷେତ୍ର ନିର୍ଦ୍ଦେଶକ ଡଃ ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି।

ପ୍ରଥମ ପର୍ଯ୍ୟାୟରେ ୩ କୋଟି ୫୦ ଲକ୍ଷ ଟଙ୍କା ରାଜ୍ୟ ସରକାର ପ୍ରଦାନ କରିଛନ୍ତି। ତେବେ ପ୍ରକଳ୍ପ ନିମନ୍ତେ ୧୫ରୁ ୨୦କୋଟି ଟଙ୍କା ମୋଟ ଖର୍ଚ୍ଚ ହେବ ବୋଲି ସେ କହିଛନ୍ତି। ଆସନ୍ତା ଆକ୍ଟୋବର ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିସହ ଉକ୍ତ ସ୍ଥାନରେ ଏକ ଟାଇଗର ରେସ୍କ୍ୟୁ ସେଣ୍ଟର୍ ମଧ୍ୟ ନିର୍ମାଣ କାର୍ଯ୍ୟ କରାଯାଉଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ପ୍ରଥମେ ଟାଇଗର୍ ରେସକ୍ୟୁ ସେଣ୍ଟର ପାଇଁ କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ସମସ୍ତ ତଥ୍ୟ ପ୍ରଦାନ କରାଯାଇଛି। ସୁପ୍ରିମକୋର୍ଟ ଅନୁମତି ପ୍ରଦାନ କଲେ ସଫାରି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ସେ କହିଛନ୍ତି। ଶିମିଳିପାଳ ଅଭୟାରଣ୍ୟରେ ଦେଖାଯାଉଥିବା ଏହି ବିରଳ ପ୍ରଜାତିର କଳାବାଘ ଦେଖିବାକୁ ମିଳିଥିବା ବେଳେ ସେବେଠାରୁ ଏହା ଉପରେ ଅନେକ ଗବେଷଣା ସହ ବଂଶବୃଦ୍ଧି ଓ ସୁରକ୍ଷାକୁ ନେଇ ଅଧିକ ପଦକ୍ଷେପ ଗ୍ରହଣ ଜାରି ରହିଛି। ବନ୍ୟଜନ୍ତୁ ପର୍ଯ୍ୟଟନ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଉକ୍ତ ପଦକ୍ଷେପ ପାଇଁ ଜିଲ୍ଲାବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ନିର୍ବାହୀ ଯନ୍ତ୍ରୀ ଓ କିରାଣୀଙ୍କୁ କାବୁ କଲା ଭିଜିଲାନ୍ସ

**ଗାଡ଼ି ଭଡ଼ା ବାବଦ ବିଲ ପାସ କରାଇବାକୁ ନେଉଥିଲେ ଲାଞ୍ଚ**

ବ୍ରହ୍ମପୁର,୧।୩ (ସମିସ): ଜଣେ ଗାଡ଼ି ମାଲିକଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଗଞ୍ଜାମ ଜିଲ୍ଲା ଆସିକା ସେଚାଞ୍ଚଳ ଉନ୍ନୟନ ଖଣ୍ଡ ନଂ-୮ର ନିର୍ବାହୀ ଯନ୍ତ୍ରୀ ବେଣୁଧର ଦଳାଇ ଓ ତାଙ୍କ କାର୍ଯ୍ୟାଳୟର କନିଷ୍ଠ କିରାଣୀ କୈଳାଶଚନ୍ଦ୍ର ବେହେରାଙ୍କୁ ଭିଜିଲାନ୍ସ କାବୁ କରିଛି। ଭିଜିଲାନ୍ସ ପକ୍ଷରୁ ନିର୍ବାହୀ ଯନ୍ତ୍ରୀ ଏବଂ କିରାଣୀଙ୍କ କାର୍ଯ୍ୟାଳୟ ସମେତ ବାସଭବନରେ ଚଢ଼ଉ ଜାରି ରହିଛି।

ସୂଚନାନୁସାରେ, ଆସିକାରେ ଥିବା ସେଚାଞ୍ଚଳ ଉନ୍ନୟନ ଖଣ୍ଡ ନଂ-୮ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ହିଞ୍ଜିଳିକାଟୁର ଜଣେ ବ୍ୟକ୍ତି ଏକ ବୋଲେରୋ ଗାଡ଼ି ମାସିକ ଭଡ଼ା ସୂତ୍ରରେ ଲଗାଇଥିଲେ । ସେହି ଗାଡ଼ିର ଭଡ଼ା ବାବଦକୁ ଲକ୍ଷାଧିକ ଟଙ୍କା ପାଇବାର ଥିଲା। ହେଲେ ଭଡ଼ା ବାବଦ ବିଲ ପାସ କରାଇବାକୁ ନିର୍ବାହୀ ଯନ୍ତ୍ରୀ ନିଜ କାର୍ଯ୍ୟାଳୟର କନିଷ୍ଠ କିରାଣୀଙ୍କ ଜରିଆରେ ଗାଡ଼ି ମାଲିକଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ । ଏ ନେଇ ଗାଡ଼ି ମାଲିକ ବ୍ରହ୍ମପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲା। ଏହାପରେ ନିର୍ବାହୀ ଯନ୍ତ୍ରୀ ଓ କିରାଣୀଙ୍କୁ କାବୁ କରିବାକୁ ଭିଜିଲାନ୍ସ ପକ୍ଷରୁ ଯୋଜନା ହୋଇଥିଲା। ଯୋଜନା ମୁତାବକ ଶୁକ୍ରବାର ସନ୍ଧ୍ୟା ବେଳେ ଗାଡ଼ିମାଲିକ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି କନିଷ୍ଠ କିରାଣୀ କୈଳାଶ ଚନ୍ଦ୍ର ବେହେରାଙ୍କୁ ୨୦ ହଜାର ଲାଞ୍ଚ ଟଙ୍କା ପ୍ରଦାନ କରିଥିଲେ। ଏହି ସମୟରେ ନିର୍ବାହୀ ଯନ୍ତ୍ରୀ ବେଣୁଧର ଦଳାଇ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ଲାଞ୍ଚ ଟଙ୍କା ଗ୍ରହଣ କରିବାର କିଛି ସମୟ ଭିତରେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ଉଭୟ ନିର୍ବାହୀ ଯନ୍ତ୍ରୀ ଓ କିରାଣୀଙ୍କୁ କାବୁ କରି ନେଇଥିଲେ। ଏନେଇ ବ୍ରହ୍ମପୁର ଭିଜିଲାନ୍ସ ଏକ ମାମଲା ରୁଜୁ କରି ନିର୍ବାହୀ ଯନ୍ତ୍ରୀଙ୍କ ବାସଭବନ ସମେତ ୩ଟି ସ୍ଥାନରେ ଚଢଉ ଜାରି ରଖିଛି। ଏହାସହ କିରାଣୀଙ୍କ ୨ ଟି ସ୍ଥାନରେ ଚଢ଼ଉ ଜାରି ରହିଛି ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

**ନିର୍ବାଚନରେ ହିଂସା ଏଡ଼ାଇବାକୁ କଡ଼ା ପଦେକ୍ଷପ**

# ମୁତୟନ ହେବେ କେନ୍ଦ୍ରୀୟ ସୁରକ୍ଷା ବଳ

**ଓଡ଼ିଶାରେ ମୁତୟନ ହେବେ ୭୫ କମ୍ପାନୀ**

**ସମ୍ବେଦନଶୀଳ ଓ ନକ୍ସଲ ପ୍ରବଣ ଅଞ୍ଚଳରେ ୩ଲକ୍ଷ ୪୦ହଜାର ସିଏପିଏଫ ଯବାନ**

ଭୁବନେଶ୍ୱର, ୧।୩(ସମିସ): ନିର୍ବାଚନରେ ହିଂସା ଏବଂ ଅନ୍ୟାନ୍ୟ ଅଘଟଣକୁ ଏଡ଼ାଇବା ପାଇଁ କଡ଼ା ପଦେକ୍ଷପ ନିଆଯାଇଛି। ସମ୍ବେଦନଶୀଳ ଓ ନକ୍ସଲ ପ୍ରବଣ ଅଞ୍ଚଳରେ ଅଧିକ ସିଏପିଏଫ୍ ଯବାନ ମୁତୟନ କରାଯିବ। ବିଶେଷକରି ଛତିଶଗଡ଼, ଓଡ଼ିଶା, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗରେ ମାଓବାଦୀ ସକ୍ରିୟ ଅଛନ୍ତି। ତେଣୁ ମାଓପ୍ରବଣ ଅଞ୍ଚଳକୁ ଅଧିକ ଫୋର୍ସ ମୁତୟନ କରିବା ପାଇଁ ନିର୍ବାଚନ କମିସନ୍ କହିଛନ୍ତି। ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ମୁତୟନ ହେବେ ୩ ଲକ୍ଷ ୪୦ ହଜାର ସିଏପିଏଫ ଯବାନ। ପ୍ରଥମ ପର୍ଯ୍ୟାୟ ଫୋର୍ସ ମୁତୟନ ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି। ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ସ୍ଥାନରେ ୨ହଜାର କମ୍ପାନୀ ବା ୨ ଲକ୍ଷ ଯବାନ ମୁତୟନ ହେବେ। ସେହିପରି ଅନ୍ୟ ଦେଢ଼ ଲକ୍ଷ ଯବାନ ପରବର୍ତ୍ତୀ ସମୟରେ ମୁତୟନ କରାଯିବ। ନକ୍ସଲ ହିଂସା ପ୍ରଭାବିତ ରାଜ୍ୟ ସମେତ ପଶ୍ଚିମବଙ୍ଗ ଏବଂ ଜାମ୍ମୁ ଓ କାଶ୍ମୀରରେ ଏହି ସପ୍ତାହ ଶେଷ ସୁଦ୍ଧା ଫୋର୍ସ ମୁତୟନ ହେବେ। ସେହିପରି ଆସନ୍ତା ୭ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ଫୋର୍ସ ମୁତୟନ କରାଯିବ। ଅବାଧ ଓ ମୁକ୍ତ ନିର୍ବାଚନ ପାଇଁ ୩ ଲକ୍ଷ ୪୦ହଜାର ଫୋର୍ସ ମୁତୟନ ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ନିର୍ବାଚନ କମିସନଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା। ସେହିପରି ଓଡ଼ିଶାରେ ୭୫କମ୍ପାନୀ ଓଏପିଏଫ ଏବଂ ସିଆରପିଏଫ ମୁତୟନ ହେବେ। ସମ୍ପୃକ୍ତ ସ୍ଥାନ ବାବଦରେ ତଥ୍ୟ ହାସଲ ସହ ଆଗୁଆ ପ୍ରସ୍ତୁତ ହେବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ନିର୍ବାଚନକୁ ଶାନ୍ତିଶୃଙ୍ଖଳାରେ କରିବାକୁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି କୁହାଯାଇଛି। ବିଶେଷକରି ଓଡ଼ିଶାର ମାଓପ୍ରବଣ ଅଞ୍ଚଳକୁ ଅଧିକ ଯବାନ ପଠାଯିବ। ସେମାନେ ନିର୍ବାଚନ ପୂର୍ବରୁ ସେଠାରେ ରହିବେ। ନିର୍ବାଚନ ଶେଷ ପରେ ସେମାନଙ୍କୁ ପୁଣି ଅପସାରଣ କରି ନିଆଯିବ ବୋଲି ସୂଚନା ମିଳିଛି।

**■ କେନ୍ଦୁଝରର ୪ ନେତାଙ୍କୁ ଛାତ୍ର ବିଜେଡି ସଂଯୋଜକ ଦାୟିତ୍ୱ**

# ଉମାକାନ୍ତ ପଟ୍ଟନାୟକ ଖୋର୍ଦ୍ଧା ବିଜେଡି ଉପସଭାପତି

ଭୁବନେଶ୍ୱର, ୧।୩ (ସମିସ): ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଡ଼ ଉମାକାନ୍ତ ପଟ୍ଟନାୟକଙ୍କୁ ଖୋର୍ଦ୍ଧା ଜିଲ୍ଲା ବିଜେଡିର ଉପ-ସଭାପତି ପଦରେ ନିଯୁକ୍ତି ଦିଆଯାଇଛି। ଅପରପକ୍ଷେ ଚାରି ଜଣ ନେତାଙ୍କୁ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବିଧାନସଭା କ୍ଷେତ୍ରରେ ବିଜୁ ଛାତ୍ର ଜନତା ଦଳର ସଂଯୋଜକ ଭାବେ ଅବସ୍ଥାପିତ କରାଯାଇଛି। ଅଭିଷେକ ବେହେରାଙ୍କୁ ଚମ୍ପୂଆ ନିର୍ବାଚନମଣ୍ଡଳୀର ଛାତ୍ର ବିଜେଡି ସଂଯୋଜକ, ଅମରେନ୍ଦ୍ର ଧଳଙ୍କୁ ଆନନ୍ଦପୁର, ନାରାୟଣ ସିଂଙ୍କୁ କେନ୍ଦୁଝର ସଦର ଏବଂ ଦୀନବନ୍ଧୁ ପତିଙ୍କୁ ତେଲକୋଇ ବିଧାନସଭା କ୍ଷେତ୍ରରେ ଛାତ୍ର ବିଜେଡିର ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଥିବା ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

# ଦୁଇ ବୁଲେଟ୍ ମୁହାଁମୁହିଁ ଧକ୍କାରେ ୨ ମୃତ

ବାରିପଦା, ୧।୩(ସମିସ): ଶୁକ୍ରବାର ରାତିରେ ବାରିପଦା-ଉଦଳା ୧୯ ନମ୍ବର ରାଜ୍ୟ ରାଜପଥର ଧନାପନା ଛକଠାରେ ଦୁଇଟି ବୁଲେଟ ବାଇକ୍ ମୁହାଁମୁହିଁ ଧକ୍କା ଫଳରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଦ୍ୱୟ ହେଲେ ଖୁଣ୍ଟା ଥାନା ଅଞ୍ଚଳର ଅଭିଜିତ ବେହେରା ଓ କନ୍ହେଇବନ୍ଧ ଅଞ୍ଚଳର ରମାକାନ୍ତ ହେମ୍ବ୍ରମ ବୋଲି ଜଣାପଡ଼ିଛି। ଗୁରୁତର ଯୁବକ ଜଣକ ହେଲେ ଗୋଠୋପୁରା ଅଞ୍ଚଳର ଜଗନ୍ନାଥ ଦେହୁରୀ। ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଦୁଇଟି ମୋଟର ସାଇକେଲ ମୁହାଁମୁହିଁ ଧକ୍କା ହେବା ଫଳରେ ୨ଜଣଙ୍କ ପ୍ରାଣବାୟୁ ଚାଲିଯାଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକମାନେ ଆମ୍ବୁଲାନ୍ସ ଜରିଆରେ ଉଦ୍ଧାର କରି ଉଦଳା ହସ୍ପିଟାଲକୁ ପଠାଇଥିଲେ। ହସ୍ପିଟାଲରେ ଡାକ୍ତର ଦୁଇ ଜଣକୁ ମୃତ ଘୋଷଣା କରିଛନ୍ତି। ଗୁରୁତର ଯୁବକକୁ ବାରିପଦା ସ୍ଥିତ ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲକୁ ଅଣାଯାଇଥିବା ନେଇ ସୂଚନା ମିଳିଛି। ଘଟଣାସ୍ଥଳରେ ଖୁଣ୍ଟା ଥାନା ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ୟବସ୍ଥା କରିବା ସହ ଏ ନେଇ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

**ସହିପାରିଲେନି ବାପାଙ୍କ ତାଗିଦ୍**

# ଗଛରେ ଝୁଲି ପଡ଼ିଲେ ଛାତ୍ର

ସୋର, ୧।୩ (ସମିସ): ସୋର ବ୍ଲକ ଆଟପୁର ପଞ୍ଚାୟତ ହଂସୀପାଟଣା ଗ୍ରାମରେ ବେକରେ ରଶି ଲଗାଇ ଜଣେ କଲେଜ ଛାତ୍ର ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ, ଗୌତମ ଲେଙ୍କା(୧୭) । ସେ ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟରେ ଯୁକ୍ତ ଦୁଇରେ ପଢ଼ନ୍ତି। ପାଠପଢ଼ାକୁ ନେଇ ଆଜି ସକାଳେ ବାପା ତାଙ୍କୁ ତାଗିଦ୍ କରିବା ସହ ଗାଳିଗୁଲଜ କରିଥିଲେ। ଏହି ଛୋଟିଆ କଥାକୁ କେନ୍ଦ୍ର କରି ଗୌତମ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଥିଲେ। ବାଡ଼ିପଟେ ଥିବା ଏକ ଗଛରେ ରଶି ଲଗାଇ ଝୁଲି ପଡ଼ିଥିଲେ। କିଛି ସମୟ ପରେ ଏହା ଦେଖି ପରିବାରଲୋକ ଗୌତମଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଚଳାଇଛି।

**■ ହାଇକୋର୍ଟରେ ଅଙ୍ଗନବାଡି କର୍ମୀଙ୍କ ବେତନ ବୃଦ୍ଧି ପ୍ରସଂଗ**

# ସତ୍ୟପାଠ ଦାଖଲ କରିବେ ଆବେଦନକାରୀ

କଟକ, ୧।୩ (ସମିସ): ଅଙ୍ଗନବାଡି କର୍ମୀ ମାନଙ୍କୁ ଅନ୍ୟ କେତେକ ରାଜ୍ୟ ତୁଳନାରେ ଯଥେଷ୍ଟ କମ ବେତନ ପ୍ରଦାନ କରାଯାଉଥିବା ପ୍ରସଂଗରେ ରୁଜୁ ଆବେଦନକୁ ଶୁଣାଣି ପାଇଁ ଗ୍ରହଣ କରିଛନ୍ତି ହାଇକୋର୍ଟ। ଏହି ପ୍ରସଂଗରେ କେତେକ ଦସ୍ତାବିଜ ଓ ତଥ୍ୟ ସମ୍ବଳିତ ସତ୍ୟପାଠ ଦେବେ ବୋଲି ଆବେଦନକାରୀଙ୍କ ପକ୍ଷରୁ ଅଦାଲତଙ୍କୁ ଅବଗତ କରାଯାଇଥିଲା। ଏଣୁ ପରବର୍ତ୍ତୀ ଶୁଣାଣି ସୁଦ୍ଧା ଏହି ସତ୍ୟପାଠ ଦେବାକୁ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ନୟାଗଡ ଜିଲ୍ଲା ଖଣ୍ଡପଡା ଅଞ୍ଚଳର ସବିତା ଦାସ ଓ ଅନ୍ୟ ତିନିଜଣ ଅଙ୍ଗନବାଡି କର୍ମୀଙ୍କ ଆବେଦନର ଶୁଣାଣି କରି ବିଚାରପତି ଜଷ୍ଟିସ ଶଶୀକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ଦେଇଛନ୍ତି । ମାମଲାରୁ ପ୍ରକାଶ ଯେ , ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶତକଡା ୪୦-୬୦ପ୍ରତିଶତ ଭାଗିଦାରୀରେ ଅଙ୍ଗନବାଡି ଯୋଜନା ଚାଲିଛି । ଜଣେ ଦିନ ମଜୁରିଆ ଦୈନିକ ୩୭୩ଟଙ୍କା ମଜୁରୀ ବାବଦକୁ ପାରିଶ୍ରମିକ ପାଉଥିବା ବେଳେ ଅଙ୍ଗନବାଡି କର୍ମୀମାନେ ମାସିକ ୭୫୦୦ ଟଙ୍କା ପାଉଥିଲେ । ଏବେ ଏହାକୁ ସରକାର ୧୦ହଜାରକୁ ବୃଦ୍ଧି କରିଛନ୍ତି। କିନ୍ତୁ ତାମିଲନାଡୁ ସରକାର ଅଙ୍ଗନବାଡ଼ି କର୍ମୀମାଙ୍କୁ ୨୪ହଜାର , ଦିଲ୍ଲୀ ସରକାର ମାସିକ ୧୯ହଜାର୫୦୦, ତେଲେଙ୍ଗାନା, ମଧ୍ୟପ୍ରଦେଶ ଓ ହରିୟାଣା ସରକାର ମାସିକ ୧୩ହଜାର୫୦୦ ସହିତ ଅନ୍ୟାନ୍ୟ ସୁବିଧା ଦେଉଥିବା ଦର୍ଶାଯାଇଥିଲା। ଅନ୍ୟ ରାଜ୍ୟ ଭଳି ଦରମା ସହ ଅବସରକାଳୀନ ସୁବିଧା ଯୋଗାଇବାପାଇଁ ପ୍ରାର୍ଥନା କରାଯାଇଛି। ଉକ୍ତ ମାମଲାକୁ ଆଇନଜୀବୀ ଗୋପାଳ ପ୍ରସାଦ ଜେନା ପରିଚାଳନା କରୁଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାର୍ଚ୍ଚ ୭କୁ ଧାର୍ଯ୍ୟ ହୋଇଛି।

## ଅବଶିଷ୍ଟାଂଶ...

### ଓଡ଼ିଶା ହେବ...

ବ୍ୟୟ କରି ଲଜିଷ୍ଟିକ୍ ପାର୍କ ସ୍ଥାପନ କରିଛି। କମ୍ପାନୀ ଏଠାରେ ୨୩୪ ଲୋକଙ୍କୁ ନିଯୁକ୍ତି ଦେବ। ବଲାଙ୍ଗିରରେ ଆଦିତ୍ୟ ବିର୍ଲା ରିନିଓେବଲ୍ସ ଲିମିଟେଡ୍ ୮୯ କୋଟି ଟଙ୍କା ବିନିଯୋଗ କରି ସୌର ଶକ୍ତି ଉତ୍ପାଦନ କାରଖାନା ପ୍ରତିଷ୍ଠା କରିଛି। ସେହିପରି ମୁଖ୍ୟମନ୍ତ୍ରୀ ଆଜି ଯାଜପୁରରେ ଏବିଆଇଏସ୍ ଏକ୍ସପୋର୍ଟ୍ସ ଇଣ୍ଡିଆ ଲିମିଟେଡ୍‌ର କାରଖାନା ଲୋକାର୍ପଣ କରିଛନ୍ତି। କମ୍ପାନୀ ୬୬.୩୩ କୋଟି ଟଙ୍କା ବିନିଯୋଗ କରିଛି ଏବଂ ୧୬୫୦ ଜଣଙ୍କୁ ନିଯୁକ୍ତି ଦେବ ବୋଲି କହିଛି। ଏନ୍‌କେ ଆନନ୍ଦ ଫୁଟ୍ ୱେର୍ସ ଖୋର୍ଦ୍ଧା ଚମ୍ପାଝରଠାରେ ୬୨.୪୪ କୋଟି ଟଙ୍କା ବିନିଯୋଗ କରି ଜୋତା ଉତ୍ପାଦନ କେନ୍ଦ୍ର ସ୍ଥାପନ କରିଛି। ଏଠାରେ ୬୨୦ ଜଣ ଲୋକଙ୍କୁ ନିଯୁକ୍ତି ଦେବ। ସମ୍ବଲପୁରରେ ସିଗମା ଟ୍ୟୁବ୍‌ସ ଆଣ୍ଡ ପାଇପ୍ସ ପ୍ରାଇଭେଟ୍ ଲିମିଟେଡ୍ ୫୨ କୋଟି ଟଙ୍କା ବିନିଯୋଗରେ ଟ୍ୟୁବ୍ ଓ ପାଇପ୍ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିଥିବା ବେଳେ ୬୦ ଜଣଙ୍କୁ ନିଯୁକ୍ତି ଦେବ। ମେଫେୟାର ହୋଟେଲ୍ସ ଆଣ୍ଡ ରିସୋର୍ଟ୍ସ ଝାରସୁଗୁଡ଼ାରେ ୫୦ କୋଟି ଟଙ୍କା ବ୍ୟୟରେ ଏକ ସମ୍ମିଳନୀ କେନ୍ଦ୍ର ପ୍ରତିଷ୍ଠା କରିଛି। ଏଠାରେ ୧୧୦ ଜଣଙ୍କୁ ନିଯୁକ୍ତି ମିଳିବ। ସେହିପରି ସାଇଜାର ଏଣ୍ଟରପ୍ରାଇଜ୍ ପ୍ରାଇଭେଟ୍ ଲିମିଟେଡ୍ ଯାଜପୁରର କଳିଙ୍ଗ ନଗର ଠାରେ ୨୮.୩୧ କୋଟି ଟଙ୍କା ବିନିଯୋଗ କରି ଲଜିଷ୍ଟିକ୍ ଓ ୱେରହାଉସ୍ ପ୍ରତିଷ୍ଠା କରିଛି। ଏଠାରେ ୬୫୦ ଜଣଙ୍କୁ ନିଯୁକ୍ତି ମିଳିବ।

ଆଜି ମୁଖ୍ୟମନ୍ତ୍ରୀ ୨୯ଟି ଶିଳ୍ପ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ଦେଇଛନ୍ତି। ଏଗୁଡିକ ହେଉଛି ଖୋର୍ଦ୍ଧାରେ ଆମପିନ୍ ସୋଲାର୍ ୱାନ୍ କମ୍ପାନୀର ୯୫୦ କୋଟି ଟଙ୍କାର ଇଏମସି ପାର୍କ। ଏଠାରେ ୧୭୫୦ ଜଣଙ୍କୁ ନିଯୁକ୍ତି ମିଳିବ। ସେହିପରି ୯୦୦ କୋଟି ଟଙ୍କା ବ୍ୟୟରେ ଏପ୍ସିଲନ୍ କାର୍ବନ୍ ଅଶୋକା ପ୍ରାଇଭେଟ୍ ଲିମିଟେଡ୍ ଝାରସୁଗୁଡ଼ାରେ ଇଣ୍ଟିଗ୍ରେଟେଡ୍ କାର୍ବନ୍ କମ୍ପ୍ଲେକ୍ସ ପ୍ରତିଷ୍ଠା କରିବ। କମ୍ପାନୀ ୬୦୦ ଲୋକଙ୍କୁ ନିଯୁକ୍ତି ଦେବ ବୋଲି କହିଛି। ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ସମ୍ବଲପୁରରେ ୮୩୪ କୋଟି ଟଙ୍କା ବ୍ୟୟରେ ବ୍ୟାଟେରୀ ଫଏଲ୍ ଉତ୍ପାଦନ କରିବା ସହ ୧୦୩୮ ଜଣଙ୍କୁ ନିଯୁକ୍ତି ଦେବ। କାଲଡେରିସ୍ ଇଣ୍ଡିଆ ରିଫ୍ରାକ୍ଟୋରିଜ୍ ଲିମିଟେଡ୍ ଖୋର୍ଦ୍ଧାରେ ୭୨୩ କୋଟି ଟଙ୍କା ବିନିଯୋଗ କରିବା ସହ ୩୫୦ ଲୋକଙ୍କୁ କର୍ମନିଯୁକ୍ତି ଯୋଗାଇବ। ଆଇଓନ୍ ଏକ୍ସଚେଞ୍ଜ ଇଣ୍ଡିଆ ଲିମିଟେଡ୍ ଜଗତସିଂହପୁରରେ ୩୦୩ କୋଟି ଟଙ୍କା ବିନିଯୋଗ କରି ଜଳ ବିଶୋଧନ କେମିକାଲ, ମୋନୋମର ଓ ପଲିମର୍ ଉତ୍ପାଦନ କରିବା ଏବଂ ୧୫୦ ଲୋକଙ୍କୁ ନିଯୁକ୍ତି ଦେବ। ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ସମ୍ବଲପୁରରେ ହ୍ୱାଇଟ୍ ଫ୍ୟୁଜ୍ ଆଲୁମିନା ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରିବ। କମ୍ପାନୀ ୨୪୧ କୋଟି ଟଙ୍କା ବିନିଯୋଗ ସହିତ ୨୧୦ ଜଣଙ୍କୁ ନିଯୁକ୍ତି ଦେବ। ଏମ୍‌ଜିଏମ୍ ବାୟୋଫ୍ୟୁଏଲ୍ସ ବୌଦ୍ଧ ଜିଲ୍ଲାରେ ଇଥାନଲ୍ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା ପାଇଁ ୨୨୫ କୋଟି ଟଙ୍କା ବିନିଯୋଗ କରିବ। ଏମ୍‌ଜିଏମ୍ ରିସୋର୍ଟ୍ସ (ହାୟାତ୍ ରେସିଡେନ୍ସି) ପୁରୀରେ ୧୭୦ କୋଟି ଟଙ୍କା ବ୍ୟୟରେ ହୋଟେଲ/ରିସୋର୍ଟ ପ୍ରତିଷ୍ଠା କରି ୧୮୦ ଜଣଙ୍କୁ ନିଯୁକ୍ତି ଦେବ। ସେଞ୍ଚୁରୀ ଏକ୍ସଟ୍ରୁସନ୍ସ ଲିମିଟେଡ୍ ଝାରସୁଗୁଡ଼ାରେ ୧୬୦ କୋଟି ଟଙ୍କା ବିନିଯୋଗ କରିବା ସହ ଆଲୁମିନା ଉତ୍ପାଦନ କରି ୧୦୦୦ ଲୋକଙ୍କୁ ନିଯୁକ୍ତି ଦେବ। ସେହିପରି ମିଲ୍କ ମନ୍ତ୍ରା ଡାଏରୀ ପ୍ରାଇଭେଟ୍ ଲିମିଟେଡ୍ ପୁରୀରେ ୫୧ କୋଟି ଟଙ୍କା ନିବେଶରେ ଦୁଗ୍ଧ ଉତ୍ପାଦ ପ୍ରସ୍ତୁତ କରିବା ସହ ୧୦୬୦ ଜଣଙ୍କୁ ନିଯୁକ୍ତି ପ୍ରଦାନ କରିବ।

### ୪ ବିଭାଗରେ...

ସମସ୍ତ ନବ ନିଯୁକ୍ତ ସଦସ୍ୟଙ୍କ ମାର୍ଗଦର୍ଶନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ୫-ଟି ଉପକ୍ରମରେ ରୁପାନ୍ତରିତ ଆଧାରିତ ଶାସନ ବ୍ୟବସ୍ଥା ଦିଗରେ ଅଗ୍ରଗାମୀ ହେଉଛନ୍ତି। ଏହି ପଦକ୍ଷେପ ବିକାଶ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବା ସହ ପ୍ରତ୍ୟେକ କ୍ଷେତ୍ରରେ ରୁପାନ୍ତରଣ ଆଣିଛି। ଶେଷ ସ୍ତରରେ ଥିବା ଲୋକଙ୍କ ସହ ସମସ୍ତଙ୍କୁ ସଶକ୍ତ କରିଛି। ଟିମ୍ ୱାର୍କ, ଟେକ୍ନୋଲୋଜି, ସ୍ୱଚ୍ଛତା ଏବଂ ସମୟ ପରିଧି ମଧ୍ୟରେ ସମସ୍ତ କାର୍ଯ୍ୟ କରାଯାଉଥିବାରୁ ଦେଶରେ ଓଡ଼ିଶା ଏକ ଦ୍ରୁତ ବିକଶିତ ରାଜ୍ୟ ଭାବେ ପରିଗଣିତ ହେଉଥିବା ସେ କହିଛନ୍ତି। ଏହି ଅବସରରେ ପଞ୍ଚାୟତ ରାଜ ମନ୍ତ୍ରୀ ପ୍ରଦୀପ ଅମାତ କହିଛନ୍ତି, ଦୁଇ ଦଶନ୍ଧି ପୂର୍ବରୁ ରାଜ୍ୟର ଆର୍ଥିକ ସ୍ଥିତି ଅତ୍ୟନ୍ତ ଖରାପ ଥିଲା। କୌଣସି ନୂତନ ନିଯୁକ୍ତି ମଧ୍ୟ ଦିଆଯାଉ ନ ଥିଲା। ଏପରିକି କର୍ମଚାରୀମାନେ ନିୟମିତ ଦରମା ମଧ୍ୟ ପାଉନଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସମ୍ପ୍ରତି ରାଜ୍ୟଗୁଡ଼ିକ ମଧ୍ୟରେ ଏକ ଅଗ୍ରଣୀ ଅର୍ଥନୀତି ହୋଇପାରିଛି। ନିୟମିତ ଯୁବକଙ୍କୁ ନିଯୁକ୍ତି ଦେବାରେ ସକ୍ଷମ ହୋଇଥିବା ସେ ପ୍ରକାଶ କରିଛନ୍ତି। ନବନିଯୁକ୍ତି ପାଇଥିବା ପ୍ରଦୀପ କୁମାର ମେହେର, ସୂର୍ଯ୍ୟ ପ୍ରକାଶ ସାମନ୍ତ ସିଂଘାର, ସ୍ୱୟମ୍ ପ୍ରଭା ସାହୁ ଓ ସୁଭଜିତା ପୃଷ୍ଟି ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରି କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଯୋଗୁଁ ରାଜ୍ୟରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି। ନିଯୁକ୍ତି ପ୍ରକ୍ରିୟା ଅତ୍ୟନ୍ତ ସ୍ୱଚ୍ଛତାର ସହ ହେଉଥିବା ବେଳେ ମାତ୍ର ଚାରି ମାସ ମଧ୍ୟରେ ସେମାନଙ୍କୁ ନିଯୁକ୍ତ ଦିଆଯାଇଥିବା କହିଛନ୍ତି। ସେମାନେ ୫-ଟି ଉପକ୍ରମ ଅଧିନରେ ପରିବର୍ତ୍ତନଶୀଳ ଶାସନରେ କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ପଞ୍ଚାୟତିରାଜ ବିଭାଗ ମୁଖ୍ୟ ଶାସନ ସଚିବ ଏସ୍.କେ ଲୋହାନି ସ୍ୱାଗତ ଭାଷଣ ଦେଇଥିବାବେଳେ ଉଚ୍ଚଶିକ୍ଷା ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଛନ୍ତି।

### ବାପକୁ ୨୦...

ଭୋଟ ଦେବା ପାଇଁ ଦୋଳଗୋବିନ୍ଦ ନାବାଳିକାଙ୍କୁ ଧରି ବାଂଶପାଳ ଆସିଥିଲେ। ଭୋଟ ଦେଇ ଫେରିବା ବେଳେ ରାକମଘାଟି ନିକଟରେ ନାବାଳିକାଙ୍କୁ ଦୋଳଗୋବିନ୍ଦ ଦୁର୍ଷ୍କର୍ମ କରିଥିଲା। ଦୁର୍ଷ୍କର୍ମ କରିବା ପରେ ଦୋଳଗୋବିନ୍ଦ ତାର ସରଗିଗଡ଼ ଘରକୁ ନାବାଳିକାଙ୍କୁ ନେଇଯାଇଥିଲା। ସେଠାରେ ନାବାଳିକା ଥିବା ବେଳେ ବିଶ୍ରା ଶିଶୁ ସୁରକ୍ଷା କର୍ମଚାରୀମାନେ ଖବର ପାଇ ତାଙ୍କୁ ଉଦ୍ଧାର କରିଥିଲେ। ଏନେଇ ୨୦୨୨ ମାର୍ଚ୍ଚ ୨୩ ତାରିଖରେ କେନ୍ଦୁଝର ସଦର ଥାନାରେ ଅଭିଯୋଗ ହୋଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଗଣେଶ ପ୍ରସାଦ ମହାପାତ୍ର ମାମଲା ପରିଚାଳନା କରୁଥିଲେ।

### ମୋ' ମାସରୁ...

କ୍ୱାଲାଲମ୍ପୁର ମଧ୍ୟରେ ସିଧାସଳଖ ଅନ୍ତର୍ଜାତୀୟ ଉଡ଼ାଣ ଆରମ୍ଭ କରିଥିଲା। ଏହି ବିମାନ ସେବା ବେଶ୍ ସଫଳ ରହିଥିଲା। ଉଭୟ ପଟୁ ଯାତ୍ରୀଙ୍କ ସଂଖ୍ୟା ଉତ୍ସାହଜନକ ରହିଥିବାରୁ ଆଉ ଗୋଟିଏ ଦୁଇଟି ଅନ୍ତର୍ଜାତୀୟ ରୁଟ୍‌ରେ ବିମାନ ସେବା ଆରମ୍ଭ ପାଇଁ କମ୍ପାନୀ ଯୋଜନା କରିଥିଲା। ତେବେ ୨୦୧୯ରେ କୋଭିଡ୍ ମହାମାରୀ ଆରମ୍ଭ ହେବା ପର ଠାରୁ ଏୟାର ଏସିଆର ଭୁବନେଶ୍ୱର-କୁଆଲାଲମ୍ପୁର ବିମାନ ସେବା ବନ୍ଦ ରହିଛି। ଦୁଇ ଦିନ ପୂର୍ବେ ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ଏୟାର ଏସିଆର ବରିଷ୍ଠ କର୍ତ୍ତୃପକ୍ଷ କହିଛନ୍ତି ଯେ ଆସନ୍ତା ୩ ମାସ ମଧ୍ୟରେ ଆମେ ଭୁବନେଶ୍ୱର ଓ ବିଶାଖାପାଟଣାରୁ କୁଆଲାଲମ୍ପୁର୍ ମଧ୍ୟରେ ଅନ୍ତର୍ଜାତୀୟ ଉଡ଼ାଣ ଆରମ୍ଭ କରିବୁ। ଏଏଆଇର ଜଣେ ସ୍ଥାନୀୟ ବରିଷ୍ଠ ଅଧିକାରୀ କହିଛନ୍ତି, ମୋ' ମାସରୁ ଭୁବନେଶ୍ୱର-କୁଆଲାଲମ୍ପୁର୍ ମଧ୍ୟରେ ସିଧାସଳଖ ଉଡ଼ାଣ ଆରମ୍ଭ ପାଇଁ ଏୟାର ଏସିଆ ଆମକୁ ପ୍ରସ୍ତାବ ଦେଇଛି। ପରବର୍ତ୍ତି ପ୍ରକ୍ରିୟା ପରେ ବିମାନ ସେବା ଆରମ୍ଭ ହେବାର ସମ୍ଭାବନା ଅଛି ବୋଲି କହିଛନ୍ତି।

### ବିଏସ୍‌ଏବିଟି ଲୋକାର୍ପିତ...

କହିଛନ୍ତି ଯେ ଏହି ବସ୍ ଟର୍ମିନାଲରେ ଯାତ୍ରୀଙ୍କୁ ବିମାନବନ୍ଦର ପରି ସୁବିଧାସୁଯୋଗ ପ୍ରଦାନ କରିବ। ଯାତ୍ରୀମାନଙ୍କୁ ଉତ୍ତମ ସେବା ଯୋଗାଇ ଦେବା ସହ ଭୁବନେଶ୍ୱରର ଏକ ଗୁରୁତ୍ୱପୂର୍ଣ୍ଣ ଲ୍ୟାଣ୍ଡମାର୍କ ହୋଇ ରହିବ । ସାରା ଓଡ଼ିଶାରେ ଏହି ବସ୍ ଟର୍ମିନାଲ ଏକ ନୂଆ ପରିଚୟ ସୃଷ୍ଟି କରିବ । ବସଷ୍ଟାଣ୍ଡ ନାମକରଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସମ୍ବିଧାନ ପ୍ରସ୍ତୁତ କରିବାରେ ବାବା ସାହେବ ଭୀମ୍‌ରାଓ ଆମ୍ବେଦକରଙ୍କ ମୁଖ୍ୟ ଭୂମିକା ରହିଛି। ଭାରତୀୟ ସମ୍ବିଧାନର ପ୍ରଣେତା ଭାବେ ସେ ଜଣାଶୁଣା। ଦେଶ ପାଇଁ ତାଙ୍କ ଅବଦାନକୁ ସମ୍ମାନ ଜଣାଇ ଏହି ବସ୍ ଟର୍ମିନାଲ ଓଡିଶା ସରକାର ନାମିତ କରିଛନ୍ତି। ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ବାବା ସାହେବଙ୍କ ପ୍ରତି ଓଡିଶାବାସୀଙ୍କ ଏହା ହେଉଛି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।

ବାବା ସାହେବଙ୍କ ଅବଦାନ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବସ୍ ଟର୍ମିନାଲ ଭିତରେ ବାବା ସାହେବଙ୍କ ଜୀବନ ଓ ଆଦର୍ଶ ଉପରେ ଆଧାରିତ ଏକ ଗ୍ୟାଲେରୀ ନିର୍ମାଣ କରାଯାଇଛି। ସେହିପରି '୫-ଟି' ଉପକ୍ରମରେ ହୋଇଥିବା ଏହି ବସ୍ ଟର୍ମିନାଲ ବସ୍ ମାଲିକ, ବ୍ୟବସାୟୀ, ଯାତ୍ରୀ ତଥା ସମସ୍ତ ଜନସାଧାରଣଙ୍କ ସହଯୋଗରେ ନିର୍ମିତ ହୋଇଛି। ମୁଖ୍ୟମନ୍ତ୍ରୀ ଏଥିପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ବସ୍ ଟର୍ମିନାଲ୍‌ରେ ଯାତ୍ରୀମାନଙ୍କୁ ଉତ୍ତମ ସେବା ଯୋଗାଇଦେବା ପାଇଁ ସବୁ ପ୍ରକାର ସୁବିଧା କରାଯାଇଛି। ଏଠାରେ ଜରୁରୀ କାଳୀନ ଚିକିତ୍ସାଠାରୁ ଆରମ୍ଭ କରି ବ୍ୟବସାୟିକ କମ୍ପ୍ଲେକ୍ସ, ଏସ୍କାଲେଟର, ଲିଫ୍ଟ, ପ୍ରତୀକ୍ଷାଳୟ, ପୁଲିସ୍ ଫାଣ୍ଡି, ଡ୍ରାଇଭରମାନଙ୍କ ବିଶ୍ରାମ କକ୍ଷ, ଆହାର କେନ୍ଦ୍ର, ଫୁଡ୍ କୋର୍ଟ ଆଦି ସମସ୍ତ ସୁବିଧା ରହିଛି। ଏହି ବସ୍ ଟର୍ମିନାଲର ଉପଯୁକ୍ତ ରକ୍ଷଣାବେକ୍ଷଣରେ ସହଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଅନୁରୋଧ କରିବା ସହ ଆହାର କେନ୍ଦ୍ର ପରିଦର୍ଶନ କରି ଯାତ୍ରୀମାନଙ୍କୁ ଖାଦ୍ୟ ପରଶିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ବିଜ୍ଞାନ ଓ ବୈଷୟିକ ତଥା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗ ଦେଇ ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶିତାକୁ ପ୍ରଶଂଶା କରିଛନ୍ତି। ଏହି ବସ୍ ଟର୍ମିନାଲ ଭୁବନେଶ୍ୱରର ବିକାଶରେ ଏକ ନୂଆ ଫର୍ଦ୍ଦ ଯୋଡିଛି ଏବଂ ପରିବହନ କ୍ଷେତ୍ରରେ ସ୍ୱପ୍ନକୁ ପୂରଣ କରିଛି ବୋଲି କହିଛନ୍ତି। ଏହି ଅବସରରେ '୫-ଟି' ଅଧ୍ୟକ୍ଷ କାର୍ତିକ ପାଣ୍ଡିଆନ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି ମାଥିଭାଥନନ୍ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ବିଡିଏ ଅଧ୍ୟକ୍ଷ ବଲୱନ୍ତ ସିଂ ଭିସି ଧନ୍ୟବାଦ ଅର୍ପଣ କରିଥିଲେ।

### ଆଇନ ଅଧିକାରୀଙ୍କ...

ପାଇବେ। ରିଟେନର୍ ପ୍ରାପ୍ୟ ବାବଦରେ ପୂର୍ବରୁ ୪,୦୦୦ ଟଙ୍କା ପାଉଥିବା ବେଳେ ବର୍ତ୍ତମାନ ୬,୦୦୦ ଟଙ୍କା ପାଇବେ। ୮୫ ଜଣ ସ୍ୱତନ୍ତ୍ର ସରକାରୀ ଓକିଲ ପୂର୍ବରୁ ଦୈନିକ ପ୍ରାପ୍ୟ ବାବଦରେ ୧,୨୫୦ ଟଙ୍କା ପାଉଥିବା ବେଳେ ବର୍ତ୍ତମାନ ୧,୮୭୫ ଟଙ୍କା ପାଇବେ। ରିଟେନର୍ ପ୍ରାପ୍ୟ ବାବଦରେ ପୂର୍ବରୁ ୮,୨୦୦ ଟଙ୍କା ପାଉଥିବା ବେଳେ ବର୍ତ୍ତମାନ ୧୨,୩୦୦ ଟଙ୍କା ପାଇବେ। ସେହିଭଳି କାର୍ଯ୍ୟରତ ୨୯ ଜଣ ସରକାରୀ ଓକିଲ ଏବଂ ୧୧୩ ଜଣ ସହକାରୀ ସରକାରୀ ଓକିଲ ପୂର୍ବରୁ ରିଟେନର୍ ପ୍ରାପ୍ୟ ବାବଦରେ ୮,୨୦୦ ଟଙ୍କା ପାଉଥିବା ବେଳେ ବର୍ତ୍ତମାନ ୧୨,୩୦୦ ପାଇବେ।

### ବିଜେପିର ପ୍ରଥମ ପ୍ରାର୍ଥୀ...

ବିଜୟୀ ହୋଇ ନ ଥିବା ୪ ଲୋକସଭା ଆସନ ସହ ମୋଟ ୧୦ଟି ଆସନ ସହ ୨୨ଟି ଆସନ ଜେଡ଼ିୟୁ, ଲୋକ ଜନଶକ୍ତି ପାର୍ଟି (ପାଶ୍ୱାନ) ଓ ଲୋକ ଜନଶକ୍ତି ପାର୍ଟି()କୁ ଦେବାକୁ ଆପାତତଃ ନିଷ୍ପତ୍ତି ହୋଇଛି । ଝାଡ଼ଖଣ୍ଡରେ ଦଳ ୧୪ ଲୋକସଭା ଆସନ ମଧ୍ୟରୁ ଗୋଟିଏ ସହଯୋଗୀ ଏଜେଏସ୍‌ୟୁକୁ ପ୍ରଦାନ କରିବ ଓ ଅବଶିଷ୍ଟ ୧୩ଟି ଆସନରେ ପ୍ରାର୍ଥୀ ଦେବ । ପଞ୍ଜାବରେ ଅକାଳି ଦଳ ସହ ମେଣ୍ଟ ଚର୍ଚ୍ଚା ଅବ୍ୟାହତ ଥିବାରୁ ପ୍ରାର୍ଥୀଙ୍କ ନାମ ଘୋଷଣା ହେବ ନାହିଁ। ତେବେ ପାଟିଆଲା ଆସନରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂହଙ୍କ ପତ୍ନୀ ପରନିତ୍ କୌରଙ୍କୁ ଦଳ ପ୍ରାର୍ଥୀ କରିବାକୁ ନିଷ୍ପତ୍ତି ନେଇଛି । ସେ ବିଜେପିରେ ଯୋଗ ଦେବା ପରେ ଏ ସଂକ୍ରାନ୍ତରେ ଘୋଷଣା ହେବ । ସେହିପରି ଚଣ୍ଡୀଗଡ଼ ଲୋକସଭା ଆସନରୁ ଅଭିନେତ୍ରୀ କିରଣ ଖେରଙ୍କ ବଦଳରେ ପୂର୍ବତନ କ୍ରିକେଟର ଯୁବରାଜ ସିଂହ ବା ସିନେତାରକା କଙ୍ଗନା ରଣାୱତଙ୍କୁ ପ୍ରାର୍ଥୀ କରିପାରେ ବୋଲି କୁହାଯାଉଛି । ଆସାମର ୧୪ ଲୋକସଭା ଆସନ ମଧ୍ୟରୁ ୧୧ଟିରେ ବିଜେପି ପ୍ରତିଦ୍ୱନ୍ଦ୍ୱିତା କରିବ । ଅବଶିଷ୍ଟ ୩ଟି ଆସନ ୟୁନାଇଟେଡ୍ ପିପୁଲ୍ସ ପାର୍ଟି ଲିବରାଲ (ୟୁପିପିଏଲ୍) ଓ ଆସାମ ଗଣ ପରିଷଦ (ଏଜିପି)କୁ ଛାଡ଼ିବ । ଏଜିପି ଗୋଟିଏ ଓ ୟୁପିପିଏଲ୍ ୨ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବେ । ଅପରପକ୍ଷରେ ତେଲଙ୍ଗାନା, ଆନ୍ଧ୍ର ଓ ତାମିଲନାଡୁ ନେଇ ବୈଠକରେ ଦୀର୍ଘ ବିଚାରମବିମର୍ଷ ହୋଇଛି । ତାମିଲନାଡୁରେ ପୁନର୍ବାର ଏଆଇଡ଼ିଏମ୍‌କେ ସହ ମେଣ୍ଟ କରିବାକୁ ବିଜେପି ଚାହୁଁଛି, ମାତ୍ର ଏ ସଂକ୍ରାନ୍ତରେ କୌଣସି ନିଷ୍ପତ୍ତି ହୋଇପାରି ନ ଥିବାରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ନାହିଁ । ସେହିପରି ଆନ୍ଧ୍ରରେ ଚନ୍ଦ୍ରବାବୁ ନାଇଡୁଙ୍କ ଟିଡ଼ିପି ଓ ପୱନ କଲ୍ୟାଣଙ୍କ ଜନସେନା ସହ ମଧ୍ୟ ଆସନ ବୁଝାମଣା ହୋଇ ପାରିନାହିଁ । ବୁଝାମଣା ହୋଇ ନ ପାରିଲେ ଦଳ ଆନ୍ଧ୍ରପ୍ରଦେଶର ସବୁ ଆସନରେ ଏକାକୀ ପ୍ରାର୍ଥୀ ଦେବ । ସେହିପରି ତେଲଙ୍ଗାନାରେ ଦଳ ଏକାକୀ ନିର୍ବାଚନ ଲଢ଼ିବ ବୋଲି ନିଷ୍ପତ୍ତି ହୋଇଥିବା ସୂଚନା ମିଳିଛି।

**ହାଇକୋର୍ଟରେ ନର୍ସିଂ ଅଫିସର ନିଯୁକ୍ତି ପ୍ରସଂଗ**

# ଯୋଗ୍ୟ ଆବେଦନକାରୀଙ୍କୁ ନିଯୁକ୍ତି ପ୍ରଦାନ ପାଇଁ ସୁପାରିସ କରିବ ଓଏସ୍‌ଏସ୍‌ସି

କଟକ, ୧।୩ (ସମିସ): କୋଭିଡ ବେଳେ ନିୟୋଜିତ ଥାଇ ସୁଦ୍ଧା ନର୍ସି ଅଫିସର ପଦରେ ନିଯୁକ୍ତି ପାଇଁ ୫ ପ୍ରତିଶତ ଅଗ୍ରାଧିକାର ମାର୍କ ପ୍ରଦାନ କରା ନଯିବାରୁ କେତେକ ପ୍ରାର୍ଥୀ ନିଯୁକ୍ତିରୁ ବଞ୍ଚିତ ହୋଇଥିଲେ। ଏହା ବିରୋଧରେ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟ ଏଥିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ବି.ଅଜୟ କୁମାର ପାତ୍ର ଓ ଅନ୍ୟମାନଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିପକ୍ଷ ଓଏସଏସସି(ଓଡ଼ିଶା ସବଅର୍ଡିନେଟ ଷ୍ଟାଫ ସିଲେକ୍ସନ କମିସନ) ଆବେଦନକାରୀମାନଙ୍କୁ ସେମାନଙ୍କ ପ୍ରମାଣପତ୍ର ଉପସ୍ଥାପନ ପାଇଁ ସୁଯୋଗ ପ୍ରଦାନ କରିବ। ଏପରିକି ସ୍ଥାନୀୟ ପ୍ରଶାସନ ଦ୍ୱାରା ଏଗୁଡିକୁ ଯାଞ୍ଚ କରାଯିବ। ଏହା ପରେ ଯଦି ଆବେଦନକାରୀ ଯୋଗ୍ୟ ହୋଇଥାନ୍ତି, ସେମାନଙ୍କ ନାମକୁ ମେଧା ତାଲିକାରେ ଅନ୍ତର୍ଭୁକ୍ତ କରି ଓଏସଏସସି ପକ୍ଷରୁ ଖାଲି ନର୍ସି ଅଫିସର ପଦରେ ନିଯୁକ୍ତି ପାଇଁ ସରକାରଙ୍କୁ ସୁପାରିଶ କରାଯିବ ବୋଲି ହାଇକୋର୍ଟ କହିଛନ୍ତି।

ପ୍ରକାଶଥାଉକି ୨୦୨୩ ମସିହା ଜାନୁୟାରୀ ୨୧ରେ ଜିଲ୍ଲା କ୍ୟାଡରର ମୋଟ ୭୪୮୩ ନର୍ସି ଅଫିସର ପଦବୀରେ ନିଯୁକ୍ତି ବିଜ୍ଞପ୍ତି ଅନୁସାରେ ଦରଖାସ୍ତ କରିଥିଲେ ଆବେଦନକାରୀ। ୨୦୨୨ର ନିୟମାବଳୀ ଓ ବିଜ୍ଞପ୍ତି ସର୍ତ୍ତ ଅନୁସାରେ କୋଭିଡ ବେଳେ ସେବା ଯୋଗାଇଦେବା ସ୍ୱାସ୍ଥ୍ୟକର୍ମୀଙ୍କୁ ୫ ପ୍ରତିଶତ ଅତିରିକ୍ତ ଅଗ୍ରାଧିକାର ମାର୍କ ପ୍ରଦାନ କରାଯିବା କଥା। ହେଲେ ସେମାନଙ୍କ କ୍ଷେତ୍ରରେ ଏହା ଲାଗୁ କରାଯାଇନଥିଲା। ଫଳରେ ସେମାନେ ନିଯୁକ୍ତିରୁ ବଞ୍ଚିତ ହୋଇଥିଲେ। ଏବେ କେତେକ ପଦବୀ ଖାଲିପଡ଼ିଥିବା ବେଳେ ସେମାନଙ୍କୁ ସୁଯୋଗ ଦିଆଯାଉ ବୋଲି ଆବେଦନକାରୀ ଦର୍ଶାଇଥିଲେ। ତେବେ କେତେକ ଆବେଦନକାରୀ ଉପରୋକ୍ତ ପଦରେ ଦରଖାସ୍ତ ବେଳେ ୫ପ୍ରତିଶତ ଅଗ୍ରାଧିକାର ମାର୍କ ପାଇଁ ଦାବି କରି ନଥିଲେ ବୋଲି ମାମଲାର ଶୁଣାଣି ବେଳେ ଓଏସଏସସି ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା।

# ବାଲ୍ୟ ବିବାହ ଅଭିଯୋଗରେ ୨ ପରିବାରର ମୁଖିଆଙ୍କ ନାଁରେ ମାମଲା

**ଦଶମନ୍ତପୁର,୧ା୩(ସମିସ):** କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧୀନସ୍ଥ ଲୁଲ୍ଲା ପଞ୍ଚାୟତରେ ବାଲ୍ୟବିବାହ କରୁଥିବା ଘଟଣାରେ ପୁଅ ଓ ଝିଅ ଉଭୟଙ୍କ ବାପାଙ୍କ ନାମରେ ଥାନାରେ ମାମଲା ରୁଜୁ ହୋଇଛି। ସୂଚନାନୁଯାୟୀ, ୧୦ ବର୍ଷ ପୂର୍ବେ ଲୁଲ୍ଲା ପଞ୍ଚାୟତ ଅଧୀନରେ ଥିବା ଶୁକ୍ରାପୁଟ ଗ୍ରାମର ହିକିମି ସାଉଁନ୍ତାଙ୍କ ୧୫ ବର୍ଷିଆ ନାବାଳକ ପୁଅଙ୍କ ସହ ଦୁଆରଶୁଣି ପଞ୍ଚାୟତ ଅଧୀନରେ ଥିବା ନାରଙ୍ଗା ଗ୍ରାମର ବିଶି ସାଉଁନ୍ତାଙ୍କ ୧୫ ବର୍ଷିଆ ନାବାଳିକା ଝିଅଙ୍କ ସହ ପିଲାଟି ଦିନରୁ ଝିଅକୁ ରୀତିନୀତି ଅନୁସାରେ ମାଗୁଣି କରିଥିଲେ। ତେବେ ହିକିମିଙ୍କ ପୁଅ ଲୁଲ୍ଲା ପଞ୍ଚାୟତସ୍ଥିତ ବିଦ୍ୟାଳୟରେ ୧୦ମ ଶ୍ରେଣୀରେ ପରୀକ୍ଷା ଦେଉଥିବାବେଳେ ତାଙ୍କ ଅଜାଣତରେ ଝିଅ ଘର ପରିବାର ଲୋକେ ପୁଅ ଘରକୁ ଝିଅକୁ ଆଣି ନୂତନ ବୋହୂ ରୂପେ ସ୍ୱୀକାର କରାଉଥିବା ବେଳେ ସ୍ଥାନୀୟ ଆଇସିଡିଏସ୍ ଓ ପୁଲିସ ବିଭାଗର ଥାନା ଅଧିକାରୀ ସୁକୁମା ହାସଦାଙ୍କ ନେତୃତ୍ୱରେ ଏଏସ୍ଆଇ ଲକ୍ଷ୍ମୀକାନ୍ତ ପଣ୍ଡା ଏବଂ ତାଙ୍କ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଝିଅ ଓ ପୁଅ ଘର ପରିବାର ଲୋକଙ୍କୁ ଥାନାକୁ ଆଣିଥିବା ନେଇ ଗତ ଫେବୃୟାରୀ ୨୮ ତାରିଖରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହାପରେ ନିଜେ ଘଟଣାର ତଦନ୍ତ କରିବା ସହ କୋରାପୁଟ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଝିଅର ବାପା ବିଶି ସାଉଁନ୍ତା ଏବଂ ପୁଅର ବାପା ହିକିମି ସାଉଁନ୍ତାଙ୍କୁ ବାଲ୍ୟ ବିବାହ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଥିବା ବେଳେ ସମ୍ପୃକ୍ତ ନାବାଳିକାଙ୍କୁ ଜିଲ୍ଲା ଶିଶୁ ସୁରକ୍ଷା କେନ୍ଦ୍ରକୁ ପଠାଯାଇଥିବା ସୂଚନାରୁ ଜଣାପଡ଼ିଛି। ତେବେ ଘଟଣାର ଅଧିକ ତଦନ୍ତ ଜାରୀ ରହିଥିବା ତଦନ୍ତକାରୀ ଅଧିକାରୀ ଏଏସ୍ଆଇ ଶ୍ରୀ ପଣ୍ଡା ପ୍ରକାଶ କରିଥିବା ଜଣାପଡ଼ିଛି ।

# ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଁସ ପ୍ରତିଷ୍ଠା ଦିବସ

**କୋଷାଗୁମୁଡ଼ା,୧ା୩(ସମିସ):** ନବରଙ୍ଗପୁର ଜିଲ୍ଲା କୋଡ଼ିଙ୍ଗା ଅତି ମାନସ ଯୋଗାଶ୍ରମ ଗଣ୍ଡାଗୁଡ଼ାଠାରେ ଶୁକ୍ରବାର ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଁସ ପ୍ରତିଷ୍ଠା ଦିବସର ନବମ ବର୍ଷିକୀ ପାଳନ କରାଯାଇଛି। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏଁ ମା'ଙ୍କ ନାମ ଜପ କରାଯାଇଥିଲା। ସକାଳ ୭ଟାରେ ଓଁ ନମୋ ଭଗବତେ ଶ୍ରୀଅରୋବିନ୍ଦାୟ ମନ୍ତ୍ର ଉଚ୍ଚାରଣ କରି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀ ଏବଂ ଅପା ଭାଇ ଗ୍ରାମବାସୀ ମିଳିତ ଭାବେ ଗ୍ରାମ ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମର ବିଶେଷ ପାଠଚକ୍ର ଓ କୃତଜ୍ଞତା ସଭାକୁ ସୁରେଶ ଚନ୍ଦ୍ର ମିଶ୍ର ସଂଯୋଜନା କରିଥିବା ବେଳେ ସ୍ୱାଗତ ବିବରଣୀ ଅନୁଷ୍ଠାନର ସମ୍ପାଦକ ବଦ୍ରୀ ନାରାୟଣ ସିଂ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସାଧକ ଅନୀଲ କୁମାର ସାମନ୍ତରାୟ ଯୋଗଦେଇ ଭାଗବତ କୃପା ପ୍ରାପ୍ତିର ମାର୍ଗ ଅଲୋଚନା କରିଥିଲେ। ଅନୁଷ୍ଠାନର ସଭାପତି ଅଭିମନ୍ୟୁ ଦାସ ଶେଷରେ କୃତଜ୍ଞତା ପ୍ରକାଶ କରିଥିଲେ। ଦେହାଁସ ପ୍ରତିଷ୍ଠାର ଦିବ୍ୟ ମୁହୂର୍ତ୍ତରେ ସମାଧି ଚତୁଃପାର୍ଶ୍ୱରେ ସମବେତ ବିଶେଷ ଧ୍ୟାନ କରାଯାଇଥିଲା। ଏହି କାର୍ଯ୍ୟକୁ ଲିଙ୍ଗରାଜ ଦାସ, ଜ୍ୟୋତିରେଖା ଦାସ, ପ୍ରସନ୍ନ କୁମାର ପ୍ରଧାନ, ସୁଜାତା ଅପା, ବୁନା ଭାଇ, ସବିତା ଅପା, ରାଣୀ ଅପା, ତେଜା ଅପା, ପୁଷ୍ପା ଅପା, ଇତି ଅପା, ଦୀପା ଅପା ସହଯୋଗ କରିଥିଲେ।

# ୱାକର୍ସ କ୍ଲବ୍ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ରାୟଗଡ଼ା,୧ା୩(ସମିସ):** ରାୟଗଡ଼ା ପୌର ପରିଷଦ ଅନ୍ତର୍ଗତ ଗୁରୁମଗୁଡ଼ା ଗାଁରେ ୱାକର୍ସ କ୍ଲବ୍ ରାୟଗଡ଼ା ପକ୍ଷରୁ ଏକ ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନା ସହାୟତାରେ ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ରୋଗୀଙ୍କର ଉପଯୁକ୍ତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ବିଶେଷ କରି ମଧୁମେହ, ରକ୍ତଚାପ, ରକ୍ତହୀନତା, କର୍କଟ ରୋଗ ଇତ୍ୟାଦି ବିଭିନ୍ନ ରୋଗ ବିଷୟରେ ଅନୁଧ୍ୟାନ କରି ରୋଗୀମାନଙ୍କୁ ଔଷଧ ପ୍ରଦାନ କରାଯାଇଥିଲା। ଗୁରୁମଗୁଡ଼ା ଗ୍ରାମର ବୃଦ୍ଧ ପୁରୁଷ, ମହିଳା ବିଶେଷ ଭାବେ ଉପକୃତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ୱାକର୍ସ କ୍ଲବର ପ୍ରାୟ ୨୪ ଜଣ ସଦସ୍ୟ ଭାଗ ନେଇଥିଲେ। କ୍ଲବର ସଭାପତି ଡ.ଦୁଷ୍ମନ୍ତ କୁମାର ମହାନ୍ତି, ସମ୍ପାଦକ ରୁଦ୍ରପ୍ରସାଦ ଚୌଧୁରୀ, କୋଷାଧ୍ୟକ୍ଷ ରାଜେନ୍ଦ୍ର ସାହୁ, ଉପସଭାପତି ଦାଶରଥୀ ରାୟଗୁରୁ ଏବଂ ସଦସ୍ୟ ମନ୍ମଥ ତୁଲ ଏହାକୁ ସଂଘଟିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବ ଉପଦେଷ୍ଟା ସତ୍ୟବାଦୀ ପତି, ଡିଜି କିଶୋର ଚନ୍ଦ୍ର ପଣ୍ଡା, ଆଞ୍ଚଳିକ ସଭାପତି ଅଭିମନ୍ୟୁ ନାୟକ, ସଂଯୋଜକ ପି.ଜୟରାମ, କ୍ୟାବିନେଟ୍ ସଚିବ ପ୍ରତାପଚନ୍ଦ୍ର ବାଉରୀ, ଲାଲବିହାରୀ ଲେଙ୍କା, ବଳରାମ ଚୌଧୁରୀ, ଡାଲି ରାଜୁ ପ୍ରମୁଖ ଉପସ୍ଥିତ ରହିଥିବାବେଳେ ଗୁରୁମଗୁଡ଼ା ଗ୍ରାମବାସୀ ଏହି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ।

## ତେନ୍ତୁଲିଖୁଣ୍ଟି ପଞ୍ଚାୟତ ସମିତି ବୈଠକ

# ପାନୀୟ ଜଳ ବ୍ୟବସ୍ଥା ଓ ରାସ୍ତା ମରାମତି ପାଇଁ ଦାବି

**ତେନ୍ତୁଲିଖୁଣ୍ଟି,୧ା୩(ସମିସ):**




ତେନ୍ତୁଲିଖୁଣ୍ଟି ବ୍ଲକ୍ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅଧକ୍ଷା ନୀଳେନ୍ଦ୍ରି ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ସାଂସଦ ରମେଶ ଚନ୍ଦ୍ର ମାଝୀ, ଜିଲ୍ଲା ପରିଷଦ ସଭ୍ୟା କ୍ରିଷ୍ଣା ମଞ୍ଜୁରୀ ବିଷୋୟୀ, ବିଡିଓ ମନୋଜ କୁମାର ପାଣିଗ୍ରାହୀ, ବ୍ଲକ୍ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କୃପାସିନ୍ଧୁ ନାୟକ, ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ଭଗବାନ ବେହେରା, ଆଇଟିଡିଏ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଜିପିଇଓ ମଣ୍ଟୁ ସ୍ୱାଇଁ ପୂର୍ବ ବୈଠକର ବିବରଣୀ ପାଠ କରିବା ପରେ ଆଲୋଚନା ଆରମ୍ଭ ହୋଇଥିଲା। ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, କୃଷି, ସାମାଜିକ ସୁରକ୍ଷା, ଶିଶୁ ବିକାଶ ଯୋଜନା, ଉନ୍ନୟନ କାର୍ଯ୍ୟ ଆଦି ବିଭାଗ ଉପରେ ଆଲୋଚନା ହୋଇଥିଲା। ତେନ୍ତୁଲିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧକ୍ଷ ଡା. ସୋମଲାଇ ପ୍ରସାଦ ପଣ୍ଡା ଗ୍ରୀଷ୍ମ ଋତୁ ପରିପ୍ରେକ୍ଷୀରେ ଅଂଶୁଘାତରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ପରାମର୍ଶ ଦେବା ସହ ଅନ୍ୟମାନଙ୍କୁ ମଧ୍ୟ ଏହାରି ଉପରେ ସଚେତନତା କରିବା ଜରୁରୀ ବୋଲି କହିଥିଲେ। ମୋ ଘର ଯୋଜନାରେ ଋଣ ପାଇଁ ଆବେଦନ କରିଥିବା ହିତାଧିକାରୀଙ୍କୁ ଋଣ ମିଳୁ ନ ଥିବା ନେଇ ପାତ୍ରପୁଟ ସମିତିସଭ୍ୟ ଦିଲ୍ଲୀପ ପ୍ରଧାନୀ ଅଭିଯୋଗ କରିଥିଲେ। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଗୃହ କାମ କରିଥିବା ଅନେକ ହିତାଧିକାରୀଙ୍କୁ ପ୍ରାପ୍ୟ ମିଳିବାରେ ଅହେତୁକ ବିଳମ୍ବ ପ୍ରଦର୍ଶନକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଝରିଗୁମ୍ମା ପଞ୍ଚାୟତରେ ଥିବା ଅନେକ ରାସ୍ତା ନଷ୍ଟ ହୋଇ ରହିଛି। ଆଉ କିଛି ରାସ୍ତା ଯାତାୟାତ ଉପଯୋଗୀ ହୋଇ ରହିନି। ଏନେଇ ପୂର୍ବରୁ ବହୁବାର ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟ ଅଗ୍ରଗତି ହେଉନାହିଁ। ଏହାର ମରାମତି ଦିଗରେ ପଦକ୍ଷେପ ନେବାକୁ ଦାବି କରାଯାଇଛି। ସେହିପରି ପଞ୍ଚାୟତର କିଛି ବିଦ୍ୟାଳୟ ଏବଂ ବହୁ ଗାଁ ଗହଳିରେ ଥିବା ନଳକୂଅଗୁଡ଼ିକ ଅଚଳ ହୋଇ ରହିଥିବା ଝରିଗୁମ୍ମା ସରପଞ୍ଚ ମନମୋହନ ଦଳପତି ଅଭିଯୋଗ କରିଥିଲେ। ବୈଠକରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୌମେନ୍ଦ୍ର ଭୌମିକ, ଏବିଇଓ ମୋହନ ମଧୁସୂଦନ ବାଘ, ସିଡିପିଓ ବନିତା ଜେଠି, କନିଷ୍ଠ ଯନ୍ତ୍ରୀ କ୍ରାନ୍ତି କୁମାର ପଟ୍ଟନାୟକ, ବିକାଶ ଚନ୍ଦ୍ର ବାରାଙ୍କ ସମେତ ସମସ୍ତ ସରପଞ୍ଚ, ସମିତିସଭ୍ୟ ଏବଂ ବିଭିନ୍ନ ବିଭାଗର ଅଧିକାରୀ ବୃନ୍ଦ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ମଧ୍ୟାହ୍ନ ଭୋଜନ ପରେ ବିଦ୍ୟାଳୟ ବନ୍ଦ

**କଲ୍ୟାଣସିଂହପୁର,୧ା୩(ସମିସ):** ମଧ୍ୟାହ୍ନ ଭୋଜନ ପରେ ବିଦ୍ୟାଳୟ ବନ୍ଦ ହେବା ସହ ପ୍ରଧାନଶିକ୍ଷୟିତ୍ରୀ ବିଭିନ୍ନ ବାହାନା ଦେଖାଉଥିବା ଅଭିଯୋଗ ହୋଇଛି। ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସଦର ପଞ୍ଚାୟତ ଇନ୍ତାଲିଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ଏଭଳି ଘଟଣା ଦେଖିବାକୁ ମିଳିଛି। ପ୍ରଧାନଶିକ୍ଷୟିତ୍ରୀ ଲତିକା ଦେଇ ଖୋଦ୍ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ବେଖାତିର କରୁଥିବା ସମ୍ପୃକ୍ତ ଅଧିକାରୀ ଜଣକ ମଧ୍ୟ ମତ ପ୍ରକାଶ କରିଛନ୍ତି। ସୂଚନାଅନୁସାରେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜଣକ ମଧ୍ୟାହ୍ନ ଭୋଜନ ପରେ ବିଦ୍ୟାଳୟ ବନ୍ଦ କରି ପଳାଇ ଯାଉଥିବା ଅଭିଯୋଗ ପାଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୋହନ ରାଓ କଣ୍ଡାଗରୀ ବିଦ୍ୟାଳୟ ପରିଦର୍ଶନରେ ଆସିଥିଲେ। ବିଦ୍ୟାଳୟ ବନ୍ଦଥିବା ଦେଖି ପ୍ରଧାନଶିକ୍ଷୟିତ୍ରୀ ଲତିକାଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ। କିନ୍ତୁ ସେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ, ମୋ ଇଚ୍ଛା ମୁଁ ପାଠ ପଢ଼ାଇବି କି ଘରକୁ ଯିବି ତୁମକୁ କହିକି ଯିବି କି ବୋଲି ପ୍ରଶ୍ନ କରିଥିଲେ। ଏସମ୍ପର୍କରେ ଏବିଇଓ ଶ୍ରୀ କଣ୍ଡାଗରୀଙ୍କୁ ପଚାରିବାରୁ ପ୍ରଧାନଶିକ୍ଷୟିତ୍ରୀଙ୍କ ଉପରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଏନେଇ ବିଇଓଙ୍କ ଜରିଆରେ ନୋଟିସ କରାଯାଇଛି ବୋଲି କହିଛନ୍ତି।

# ସୁନାବେଡ଼ା ପୌର ପରିଷଦର ସଭାଗୃହ ଓ ମିଶନ ଶକ୍ତି ଭବନ ଉଦ୍‌ଘାଟିତ



**ସୁନାବେଡ଼ା,୧ା୩(ସମିସ):** କୋରାପୁଟ ଜିଲ୍ଲା ସୁନାବେଡ଼ା ପୌର ପରିଷଦର ନୂତନ ସଭାଗୃହ ଏବଂ ମିଶନ ଶକ୍ତି ଭବନ ଉଦ୍ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡ଼ାଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ମହିଳାମାନଙ୍କ ଉନ୍ନତି ପାଇଁ ଅନେକ ପ୍ରୟାସ ଜାରି ରଖିବା ସହ ମହିଳାଙ୍କୁ ସବୁ ପ୍ରକାର ସହଯୋଗ କରିଥିବା ନେଇ ବିଧାୟକ ରଘୁରାମ ମହିଳା କର୍ମୀମାନଙ୍କୁ ଜଣାଇଥିଲେ। ଏତଦ୍ ବ୍ୟତୀତ ସମସ୍ତ ୱାର୍ଡରେ ଗୋଟିଏ ଲେଖାଏଁ ମିଶନ ଶକ୍ତି ଗୃହ ଅଛି ସେଠିରେ ଆଲୋଚନା କରିବେ। ସେଠାରେ ଯଦି କିଛି ଅସୁବିଧା ହୁଏ ତାହା ହେଲେ ଏହି ମିଶନ ଶକ୍ତି ଭବନ ଆସି ନିଜର ଅସୁବିଧା ସୁବିଧା ଆଲୋଚନା କରିବାକୁ କହିଥିଲେ। ସମସ୍ତ ମିଶନ ଶକ୍ତି ସଦସ୍ୟାମାନଙ୍କୁ ଗୋଟିଏ ଲେଖାଏଁ ଶାଢ଼ୀ ମୁଖ୍ୟମନ୍ତ୍ରୀ ପ୍ରଦାନ କରିବେ ବୋଲି ମହିଳା କର୍ମୀମାନଙ୍କୁ ଜଣାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସତ୍ୟନାରାୟଣ ଖରା, କୋରାପୁଟ ଡୁଡ଼ାର ପ୍ରକଳ୍ପ ନିର୍ଦ୍ଦେଶକ ଦେବୀପ୍ରସାଦ ଟାଲି, ସୁନାବେଡ଼ା ପୌରାଧକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି ମିଶନ ଶକ୍ତି ଭବନର ସଦୁପଯୋଗ କରିବା ପାଇଁ କହିଥିଲେ। ଉପାଧକ୍ଷା ରିତୁ କଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ନିର୍ବାହୀ ଅଧିକାରୀ ନାରାୟଣ ନାୟକ, କନିଷ୍ଠ ଯନ୍ତ୍ରୀ ମନୋଜ ପାତ୍ର, ସୁନାବେଡ଼ା ପୌର ପରିଷଦର ସମସ୍ତ କାଉନସିଲରଙ୍କ ସମେତ ୩୦୦ ମହିଳା ଉପସ୍ଥିତ ଥିଲେ।

# ସମାଜସେବା ପାଇଁ ଶିକ୍ଷକତା ଛାଡ଼ିଲେ ଶଙ୍କର ସାଉଁନ୍ତା



**ଲକ୍ଷ୍ମୀପୁର,୧ା୩(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର ଶିକ୍ଷକ ଶଙ୍କର ସାଉଁନ୍ତା ସମାଜସେବା ପାଇଁ ସ୍ୱେଚ୍ଛାକୃତ ଭାବେ ଚାକିରିରୁ ଅବସର ନେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜସେବା କରିବାକୁ ଇଚ୍ଛା କରି ସେ ଚାକିରି ଛାଡ଼ିଥିବା ମତପ୍ରକାଶ କରିଛନ୍ତି।

ସୂଚନାନୁଯାୟୀ, ଶୁକ୍ରବାର ଶ୍ରୀ ସାଉଁନ୍ତା ରାଜନୀତିରେ ସିଧାସଳଖ ଓହ୍ଲାଇ ଲୋକଙ୍କ ସେବା କରିବାକୁ ଇଚ୍ଛା ପ୍ରକାଶ କରି ଲକ୍ଷ୍ମୀପୁରସ୍ଥିତ ଗୋଷ୍ଠୀ ଶିକ୍ଷା କେନ୍ଦ୍ରରେ ସ୍ୱେଚ୍ଛାକୃତ ଅବସର ନେବା ପାଇଁ ଏକ ଦରଖାସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ) କୈଳାସ ଚନ୍ଦ୍ର ବେହେରାଙ୍କୁ ପ୍ରଦାନ କରିଛନ୍ତି। ଏହି ସମୟରେ ଶ୍ରୀ ବେହେରା ସିଧାସଳଖ ଦରଖାସ୍ତ ଗ୍ରହଣ ନ କରି ଡାକ ଯୋଗେ ଦେବା ପାଇଁ ଶ୍ରୀ ସାଉଁନ୍ତାଙ୍କୁ ଅନୁରୋଧ କରିଛନ୍ତି। ବିଇଓଙ୍କ ନିର୍ଦ୍ଦେଶ କ୍ରମେ ଶ୍ରୀ ସାଉଁନ୍ତା ଡାକ ଯୋଗେ ଉକ୍ତ ଦରଖାସ୍ତ ପ୍ରଦାନ କରିଛନ୍ତି। ଏହା ରାଜ୍ୟ ଶିକ୍ଷାଧିକାରୀଙ୍କୁ ଜଣାଇ ଦିଆଯିବ ବୋଲି ବିଇଓ କହିଥିବାବେଳେ ରାଜ୍ୟ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରି ରହିଥିବା ସେ କହିଛନ୍ତି। ସ୍ୱେଚ୍ଛାକୃତ ଅବସର ନେବା ପାଇଁ ଦରଖାସ୍ତ ଦେଲା ପରେ ସାମ୍ବାଦିକଙ୍କୁ ଏକ ସାକ୍ଷାତକାର ଦେଇ କହିଛନ୍ତି, ଦୀର୍ଘ ବର୍ଷ ଧରି ଆମ ପରିବାର ବିଜେଡି ସହ ରହି ଆସିଛନ୍ତି। ମୁଁ ମଧ୍ୟ ଶିକ୍ଷକତା ଜୀବନରେ ବିଜେଡିକୁ ସମର୍ଥନ ଦେଇ ଆସୁଥିଲି। ମୋତେ ମୁଖ୍ୟମନ୍ତ୍ରୀଙ୍କ ନୀତି ଓ ଆଦର୍ଶ ଅନୁପ୍ରାଣିତ କରିଛି। ଯାହା ମୋତେ ଲୋକଙ୍କ ସେବା କରିବାର ପ୍ରେରଣା ଯୋଗାଇଛି। ଆଗକୁ ମୁଁ ଦଳ ପାଇଁ କାମ କରିବି ଓ ମୋତେ ଦଳର ସୁପ୍ରିମୋ ଯାହା ନିର୍ଦ୍ଦେଶ ଦେବେ ସେହି ଅନୁଯାୟୀ କାମ କରିବି ବୋଲି ଶ୍ରୀ ସାଉଁନ୍ତା କହିଛନ୍ତି। ପ୍ରକାଶ ଯେ, ଶ୍ରୀ ସାଉଁନ୍ତା ୨୦୦୩ରୁ ଶିକ୍ଷକତାରେ ତାଙ୍କର କ୍ୟାରିୟର୍ ଆରମ୍ଭ କରିଥିବାବେଳେ ବର୍ତ୍ତମାନ ଲକ୍ଷ୍ମୀପୁର ବ୍ଲକ ଗୋଡ଼ଗୁଡ଼ା ପଞ୍ଚାୟତର ବଡନେରକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଥିଲେ।

# ଲକ୍ଷ୍ମୀନୃସିଂହ ସ୍ୱାମୀଙ୍କ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ

**ରାୟଗଡ଼ା,୧ା୩(ସମିସ):**

ରାୟଗଡ଼ା ଜିଲ୍ଲା ଜେକେପୁରର ଅମଲାଭଟ୍ଟା ଶ୍ରୀକ୍ଷେତ୍ର ଟାଉନସିପଠାରେ ଶ୍ରୀଲକ୍ଷ୍ମୀନୃସିଂହ ସ୍ୱାମୀଙ୍କ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ଫେବୃଆରୀ ୨୪ ତାରିଖରୁ ୬ ଦିନ ବ୍ୟାପୀ ଏହି ମନ୍ଦିର ପ୍ରତିଷ୍ଠା ମହୋତ୍ସବ ପାଳିତ ହୋଇ ଆସୁଥିବାବେଳେ ଗୁରୁବାର ଏହାର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ଅବିଭକ୍ତ କୋରାପୁଟ ଜିଲ୍ଲାରେ ଶ୍ରୀଲକ୍ଷ୍ମୀନୃସିଂହ ସ୍ୱାମୀଙ୍କ ମନ୍ଦିର ନ ଥିବାରୁ ଏହାକୁ ଦୃଷ୍ଟିରେ ରଖି ମନ୍ଦିର ନିର୍ମାଣ କରିଛି ବୋଲି ପ୍ରତିଷ୍ଠାତା ଦୁଡଲା ଶ୍ରୀନିବାସ ରାଓ ପ୍ରକାଶ କରିଛନ୍ତି। ମନ୍ଦିର ପ୍ରତିଷ୍ଠାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହେବା ସହ ଲୋକଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନାର ସୃଷ୍ଟି ହୋଇ ପାରିଛି ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏହି ପ୍ରତିଷ୍ଠା ଉତ୍ସବର ସମସ୍ତ କାର୍ଯ୍ୟକ୍ରମକୁ ଶ୍ରୀଲକ୍ଷ୍ମୀନୃସିଂହ ସ୍ୱାମୀ ଦେବସ୍ଥାନ ଟ୍ରଷ୍ଟର ସମ୍ପାଦକ କାମ୍ବା ରାଜାରାଓ, କୋଷାଧ୍ୟକ୍ଷା ସାଇଲକ୍ଷ୍ମୀ, ସଭ୍ୟ ଦୁଡଲା ଅର୍ଜୁନ, କେ.ସଞ୍ଜୁ, ଏ.ରାଧା, ଜଗନ୍ନାଥ ପରିଚ୍ଛା, ସୁସ୍ମିତା ପରିଚ୍ଛା, ଜିତେନ୍ଦ୍ର ସିନ୍ଦେ, ଜଗନ୍ନାଥ ରେଡ୍ଡି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବାବେଳେ ପୂଜକ ଭାସ୍କର ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ପୂଜାବିଧି ସମ୍ପାଦନ ହୋଇଥିଲା।

# ଜମି ଯୋଗାଇବାକୁ ଜୟପୁର ସଚେତନ ନାଗରିକ କମିଟି ପକ୍ଷରୁ ପୌରସଂସ୍ଥାକୁ ଅନୁରୋଧ

**ଜୟପୁର,୧ା୩(ସମିସ):**



ଜୟପୁର ସଚେତନ ନାଗରିକ କମିଟି ପକ୍ଷରୁ କାର୍ଯ୍ୟାଳୟ ନିର୍ମାଣ ପାଇଁ ପୌରସଂସ୍ଥା ପକ୍ଷରୁ ଜମି ଯୋଗାଇଦେବାକୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ କମିଟି ପକ୍ଷରୁ ଏକ ପ୍ରତିନିଧି ଦଳ ଅନୁରୋଧ କରିଛନ୍ତି। ୨୦୧୮ରେ ସଚେତନ ନାଗରିକ କମିଟିର କାର୍ଯ୍ୟାଳୟ ପାଇଁ ପ୍ରସାଦରାଓ ପେଟା ଅଞ୍ଚଳରେ ଖାତା ନମ୍ବର ୧୯ ଏବଂ ପ୍ଲଟ ନମ୍ବର ୬୨୭ର ୬୦୦ ବର୍ଗ ଫୁଟର ଜମି ପୌରସଂସ୍ଥା ପକ୍ଷରୁ ପ୍ରଦାନ କରାଯାଇଥିଲା। କିନ୍ତୁ ଉକ୍ତ ଜମିକୁ ଅନ୍ୟ କୌଣସି କାର୍ଯ୍ୟ ପାଇଁ ବ୍ୟବହୃତ ହେଉଥିବା ଯୋଗୁଁ ସେଠାରେ କାର୍ଯ୍ୟାଳୟ ଗୃହ ନିର୍ମାଣ କରିବା ସମ୍ଭବପର ନୁହଁ। ତେଣୁ ଅନ୍ୟ କୌଣସି ଜମି ଯୋଗାଇଦେବାକୁ ଅନୁରୋଧ କରାଯାଇଛି। ଏହି ଅବସରରେ ଜୟପୁର ସଚେତନ ନାଗରିକ କମିଟିର ସଭାପତି ଭଜନ ସିଂ ଏବଂ ଶକ୍ତି ପ୍ରସାଦ ଷଡ଼ଙ୍ଗୀ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। କିନ୍ତୁ ପୌରସଂସ୍ଥା ଅଧୀନରେ ସହର ମଧ୍ୟ ଭାଗରେ ୬୦୦ ବର୍ଗଫୁଟର କୌଣସି ଜମି ନାହିଁ। ଯେଉଁ ଜମି ରହିଛି ସେଠାରେ ସାମୂହିକ ଭାବେ ପାର୍କ ଏବଂ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ କରିବାକୁ ରଖାଯାଇଛି। କମିଟିର ଉପସ୍ଥିତ ସଦସ୍ୟମାନେ କିଛି ଜମିକୁ ପ୍ରଦାନ କରିବାକୁ ନିବେଦନ କରିଥିଲେ। ଏନେଇ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ସହିତ ଆଲୋଚନା ପରେ କୌଣସି ପଦକ୍ଷେପ ଗ୍ରହଣ କରାଯିବ ବୋଲି କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ପଟ୍ଟନାୟକ କହିଥିଲେ । ଗୁରବାର ସଂଧ୍ୟାରେ କମିଟିର ସଦସ୍ୟମାନେ ଜୟପୁର ଟାଉନ ଥାନା ଅଧିକାରୀ ରମଣୀ ରଞ୍ଜନ ଦଳେଇଙ୍କୁ ସାକ୍ଷାତ କରିବା ସହିତ ସହରର ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥାକୁ ସୁଧାରିବା ପାଇଁ ପ୍ରୟାସ କରିବାକୁ ନିବେଦନ କରିଥିଲେ। ସଗରର କିଛି ମୁଖ୍ୟ ରାସ୍ତା ଟ୍ରାଫିକ ସମସ୍ୟା ଲାଗି ରହୁଥିବା ଯୋଗୁଁ ବରିଷ୍ଠ ନାଗରିକମାନେ ଯାତାୟାତରେ କରିବାରେ ସମସ୍ୟା ସୃଷ୍ଟି ହେଉଛି ବୋଲି ଅଭିଯୋଗ କରିଥିଲେ।

# ଗ୍ରାମ୍ୟ ଉନ୍ନୟନ ରାସ୍ତା ନିମ୍ନମାନର ଅଭିଯୋଗ





**ମୁନିଗୁଡ଼ା ,୧ା୩(ସମିସ):** ଅପହଞ୍ଚ ପାହାଡ଼ପର୍ବତ ଘେରା ଘଞ୍ଚଜଙ୍ଗଲ ଭିତରେ ଗ୍ରାମାଞ୍ଚଳକୁ ସଂଯୋଗ କରୁଥିବା ରାସ୍ତା କାମରେ ହେଉଛି ଦୁର୍ନୀତି। ସରକାର ଅପହଞ୍ଚ ଓ ମାଓପ୍ରବଣ ଅଞ୍ଚଳରେ ଥିବା ଗ୍ରାମଗୁଡ଼ିକରେ ରାସ୍ତା ସଂଯୋଗ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ହେଲେ କିଛି ବିଭାଗୀୟ ଅଧିକାରୀ ଓ ଠିକାଦାର ମିଶି ଉକ୍ତ କାର୍ଯ୍ୟକୁ ନିମ୍ନ ମାନର ନିର୍ମାଣ କରିବା ସହ କାମ ନ କରି ଆଗୁଆ ବିଲ୍ କରି ଅର୍ଥ ଆତ୍ମସାତ୍ କରିବାର ନୂଆନୂଆ ଯୋଜନା କରୁଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ସେରକପାଡ଼ି ଗ୍ରାମରୁ ଭାୟା ଜାରପା ହୋଇ ଖମ୍ବେଶୀ ଗ୍ରାମକୁ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଥିବାବେଳେ ଉକ୍ତ ରାସ୍ତାରେ ୧୮ଟି ଆରସିସି କଲଭର୍ଟ ଓ ବକ୍ସଲ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ହେଲେ ନିର୍ମାଣ ସମୟରେ କଂକ୍ରିଟ ହେଉଥିବାବେଳେ ଭାଇବ୍ରେଟର ମେସିନ ବ୍ୟବହାର ନକରି କାଠଫାଳିଆ ଦ୍ୱାରା କାମ ହେଉଥିବା ଦେଖିବାକୁ ମିଳିଛି। ରାସ୍ତା ନିର୍ମାଣରେ ମୋରମ ୨ କିଲୋମିଟର

> ➤ ବିନା ସୂଚନାଫଳକରେ ଚାଲୁଛି କାମ
> ➤ ଭ୍ରାଇବେଟରର କାମ କରୁଛି କାଠଫାଳିଆ

ହୋଇଥିବାବେଳେ ଅଧିକ କି.ମି ଦର୍ଶାଇ ଆଗୁଆ ବିଲ୍ ହୋଇଥିବା ଚର୍ଚ୍ଚା ମଧ୍ୟ ହେଉଛି। କୌଣସି ବିଭାଗ ପକ୍ଷରୁ କାର୍ଯ୍ୟ ହେବା ପୂର୍ବରୁ ବିଭାଗ ପକ୍ଷରୁ ଉକ୍ତ କାର୍ଯ୍ୟର ଫଳକ ରହିବା ଜରୁରୀ। ହେଲେ ଉକ୍ତ ସ୍ଥାନରେ କୌଣସି ଫଳକ ନ ଥିବା ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି। କାର୍ଯ୍ୟ ସମୟରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କ ଉପସ୍ଥିତି ଜରୁରୀ ଥିବାବେଳେ କୋଟିକୋଟି ଟଙ୍କା ରାସ୍ତାର ଭବିଷ୍ୟତ ଆଜି ଉକ୍ତ କାର୍ଯ୍ୟ ଟେଣ୍ଡର ନେଇଥିବା ଠିକାଦାରଙ୍କ ସୁପରଭାଇଜର ହାତରେ। ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ କାର୍ଯ୍ୟ ନିମ୍ନ ମାନର ହେଉଥିବାବେଳେ କନିଷ୍ଠ ଯନ୍ତ୍ରୀ ଠିକ୍ ସମୟରେ କାମର ତଦାରଖ ନ କରି ଠିକାଦାରଙ୍କ ପ୍ରତି ଅନୁକମ୍ପା ଦେଖାଇବା ଫଳରେ ସରକାରଙ୍କ ଅନୁଦାନ ବ୍ୟର୍ଥ ଯିବା ସହ ଜନସାଧାରଣଙ୍କୁ ଦୁର୍ଦ୍ଦଶା ଭୋଗିବାକୁ ପଡ଼ିବ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଦୀର୍ଘବର୍ଷ ଅପେକ୍ଷାପରେ ଉପାନ୍ତ ଅଞ୍ଚଳବାସୀ ରାସ୍ତାଟିଏ ପାଇବା ପାଇଁ ଯାଉଛନ୍ତି। କିନ୍ତୁ ଉକ୍ତ ରାସ୍ତାର କାର୍ଯ୍ୟ ନିମ୍ନମାନର ନିର୍ମାଣ ହେଉଥିବା ଯୋଗୁଁ କିଛି ସମୟ ପରେ ଅଞ୍ଚଳବାସୀ ପୁଣି ଦୁର୍ଦ୍ଦଶା ଭୋଗିବେ ବୋଲି ବୁଦ୍ଧିଜୀବୀ ମହଲରେ ବିସ୍ମୟ ପ୍ରକାଶ ପାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଜିଲ୍ଲା ପ୍ରଶାସନ ଠିକ ଭାବେ ରାସ୍ତାକୁ ତଦାରଖ କରି ଏହାର ସଠିକ୍ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା କାର୍ଯ୍ୟ ଶେଷ କରିବା ପାଇଁ ଦାବି ଉଠୁଛି। ଉକ୍ତ ସମସ୍ୟା ବିଷୟରେ ରାୟଗଡ଼ା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ବିଭାଗୀୟ ଅଧିକାରୀମାନଙ୍କ ସହ ଯୋଗାଯୋଗ କରିବା ସତ୍ତ୍ୱେ କୌଣସି ସନ୍ତୋଷ ଜନକ ଉତ୍ତର ମିଳିପାରିନାହିଁ।

# ସୁନାବେଡ଼ାର ବିଘ୍ନେଶ୍ୱରଙ୍କ ସର୍ବଭାରତୀୟସ୍ତରରେ ବ୍ରୋଞ୍ଜ୍ ପଦକ ହାସଲ



**ସୁନାବେଡ଼ା,୧ା୩(ସମିସ):** ସୁନାବେଡ଼ାର ସୁନାମଧନ୍ୟ କି-ବୋର୍ଡ ବାଦକ ବିଘ୍ନେଶ୍ୱର ଶତପଥିଙ୍କୁ ବଙ୍ଗୀୟ ସଙ୍ଗୀତ ପରିଷଦ, କୋଲକତା ତରଫରୁ ପରିଚାଳିତ ପରୀକ୍ଷାରେ ସର୍ବଭାରତୀୟସ୍ତରରେ ବ୍ରୋଞ୍ଜ୍ ପଦକ ପ୍ରଦାନ କରଯାଇଛି। କଲିକତା ବିଶ୍ୱବିଦ୍ୟାଳୟ ସଭାଗୃହରେ ଆୟୋଜିତ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ତାଙ୍କୁ ଏହି ପଦକ ପ୍ରଦାନ କରାଯାଇଛି। ଏଥିସହ ଏକ ହଜାର ଟଙ୍କାର ଷ୍ଟାଇପେଣ୍ଡ ଏବଂ ସଙ୍ଗୀତ ବିଭାକର ଉପାଧି ମଧ୍ୟ ପ୍ରଦାନ କରାଯାଇଛି। ପୂର୍ବରୁ ଶ୍ରୀ ବିଘ୍ନେଶ୍ୱର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଏବଂ କୋରାପୁଟ ଜିଲ୍ଲା ତଥା ନବରଙ୍ଗପୁର ଜିଲ୍ଲାରେ ହାରମୋନିୟମ ଓ କି-ବୋର୍ଡ ପ୍ରତିଯୋଗିତାରେ ଚାମ୍ପିଅନ ହୋଇଛନ୍ତି। ୨୦୨୦ ମସିହାରେ ବଙ୍ଗୀୟ ସଙ୍ଗୀତ ପରିଷଦ ପକ୍ଷରୁ 'କଳାଶ୍ରୀ' ଓ ୨୦୨୧-୨୨ ରେ ଶ୍ରୀଅରବିନ୍ଦ କଳାଭବନ ପକ୍ଷରୁ 'ଅଗ୍ରଗାମୀ ଆୱାର୍ଡ଼' ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ପୁରସ୍କାର ପ୍ରାପ୍ତ କରିଛନ୍ତି। ସେ କି-ବୋର୍ଡ ପରୀକ୍ଷାରେ ଡିଷ୍ଟିଙ୍ଗସନ୍ ସହ କୃତକାର୍ଯ୍ୟ ହୋଇଛନ୍ତି। 'ହୃଷିକେଶ ମ୍ୟୁଜିକ' ରେ ମଧ୍ୟ ସଙ୍ଗୀତ ସଂଯୋଜନା ଓ ସମ୍ପାଦନା କରି ସେ ପ୍ରସିଦ୍ଧି ଲାଭ କରିଛନ୍ତି। ବିଘ୍ନେଶ୍ୱର, ସୁନାବେଡ଼ା ହାଲ୍ କର୍ମଚାରୀ ତଥା ଲବ୍ଧ ପ୍ରତିଷ୍ଠ ଶ୍ରୀମଦ୍ ଭାଗବତ ଗୀତା ପ୍ରବଚକ ଡ. ଦେବଦତ୍ତ ଶତପଥି ଏବଂ ବିଷ୍ଣୁପ୍ରିୟା ରଥଙ୍କ ଏକ ମାତ୍ର ପୁତ୍ର। ଏହି ସଫଳତା ପାଇଁ ବିଘ୍ନେଶ୍ୱର ନିଜର ଅଭିଭାବକ ଏବଂ ଶିକ୍ଷକ ସୁବାସ ବେହେରା ଓ ଅମଳେନ୍ଦୁ ଜେନାଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

■ ବଢ଼ିଲାଣି ଖରା

# ସହରରେ ଲାଗିଥିବା ପାଣି ଫ୍ରିଜର ଅଚଳ, ମରାମତି ଦାବି

**ଜୟପୁର,୧ା୩ (ସମିସ):** କୋରାପୁଟ ଜିଲ୍ଲା ଜୟପୁର ସହରରେ ଖରାଦିନ ଆରମ୍ଭ ହୋଇଥିବାବେଳେ ମାର୍ଚ୍ଚ ପ୍ରଥମ ସପ୍ତାହରୁ ଗରମ ଅନୁଭୂତ ହେଉଛି। ଏଭଳି ସ୍ଥିତିରେ ଜୟପୁର ପୌରପାଳିକା ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ପାଣି ଫ୍ରିଜର୍ ଏବେ ଅଚଳ ହୋଇଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ତୁରନ୍ତ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପୂର୍ବରୁ ଫ୍ରିଜର୍ ଗୁଡିକର ମରାମତି କରାଯିବାକୁ ଦାବି ହୋଇଛି। ପ୍ରକାଶ ଯେ, ଜୟପୁର ପୌରସଂସ୍ଥା ପକ୍ଷରୁ ୫ରୁ ୬ଟି ଫ୍ରିଜର ସହରରେ ଗତ ବର୍ଷ ଗ୍ରୀଷ୍ମ ପ୍ରବାହ ସମୟରେ ସଂଯୋଗ କରାଯାଇଥିଲା। କିନ୍ତୁ ଏବେ ସମସ୍ତ ପିଇବା ପାଣି ଫ୍ରିଜର ଅଚଳ ହୋଇପଡ଼ିରହିଛି। କିଛି ଫ୍ରିଜରରେ ବିଦ୍ୟୁତ ସଂଯୋଗୀକରଣ ହୋଇନଥିବା ବେଳେ ଅନ୍ୟ କିଛି ଫ୍ରିଜର ଗୁଡ଼ିକ କାର୍ଯ୍ୟ କରୁ ନ ଥିବା ଦେଖିବାକୁ ମିଳିଛି। ବାଙ୍କମଠ, ଜଗତଜନନୀ ମନ୍ଦିର ଛକ, ରଥପଡ଼ିଆ, ଦୈନିକ ବଜାର ଏବଂ ବସଷ୍ଟାଣ୍ଡରେ ପାଣି ଫ୍ରିଜର ଗୁଡିକ ସଂଯୋଗ ହୋଇଥିଲେ ସୁଦ୍ଧା ଏହା କାର୍ଯ୍ୟ କରୁନଥିବା ନେଇ ସାଧାରଣ ଅସନ୍ତୋଷ ଦେଖାଦେଇଛି। ପ୍ରାୟ ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇ ସାଧାରଣ ଲୋକ ଗ୍ରୀଷ୍ମ ଦିବସରେ ଥଣ୍ଡା ପାନୀୟ ଜଳ ପିଇବା ବ୍ୟବସ୍ଥା ନେଇ ଗତ ବର୍ଷ ସହରରେ ଏପରି କିଛି ଜନଗହଳିପୂର୍ଣ୍ଣ ଏବଂ ମୁଖ୍ୟ ଛକଗୁଡିକରେ ସ୍ଥାପନ କରାଯାଇଥିଲା। ଏନେଇ ପୌରସଂସ୍ଥା କାର୍ଯ୍ୟାଳୟରେ ଅଭିଯୋଗ କରାଯାଇଛି। ଏହାର ମରାମତି କାର୍ଯ୍ୟକାରୀ କରାଯିବ ବୋଲି ପୌରସଂସ୍ଥା କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ କରାଯାଇଛି।

# କୁର୍ମାନୁର ଗ୍ରାମରେ ପାନୀୟ ଜଳ ସମସ୍ୟା ଉତ୍କଟ; ଗ୍ରୀଷ୍ମ ଆରମ୍ଭରୁ ଜଳକଷ୍ଟ

**ମାଲକାନଗିରି/ଚିତ୍ରକୋଣ୍ଡା,୧।୩(ସମିସ):** ରାଜ୍ୟ ସରକାର ପ୍ରତି ଗ୍ରାମରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ପାଇଁ ଅନେକ ଯୋଜନା କରୁଥିବାବେଳେ ଏହାଦ୍ୱାରା ଅନେକ ଗ୍ରାମକୁ ପାନୀୟ ଜଳ ପହଞ୍ଚିଛି। କିନ୍ତୁ କିଛି ସ୍ଥାନରେ ସ୍ଥାନୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଲୋକଙ୍କୁ ଏହି ଯୋଜନାର ସୁଫଳ ମିଳିବା କଷ୍ଟକର ହୋଇ ପଡ଼ିଛି। କିଛି ଏପରି ଅଭିଯୋଗ ଆସିଛି ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ କୁର୍ମାନୁର ଗ୍ରାମରୁ। ଯେଉଁଠି ପ୍ରତିବର୍ଷ ଜଳଯନ୍ତ୍ରଣା ଭୋଗୁଛନ୍ତି ଲୋକେ। ଯାହାକୁ ନେଇ ଏହି ସମସ୍ୟାର ସମାଧାନ ପାଇଁ ପ୍ରଶାସନକୁ ଗୁହାରି କରିଛନ୍ତି ଲୋକେ।



ତେବେ ଖରାଦିନ ଆରମ୍ଭ ନ ହେଉଣୁ ଏହି ଗ୍ରାମରେ ଜଳ ସଙ୍କଟ ଦେଖାଦେଇଥିବାରୁ ଅଞ୍ଚଳବାସୀଙ୍କ ଚିନ୍ତା ବଢ଼ିଛି। ଅଞ୍ଚଳରେ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ପରିବାର ରହିଥିବାବେଳେ ଏମାନଙ୍କ ପାଇଁ ବ୍ୟବହାର ଯୋଗ୍ୟ ହୋଇ ମାତ୍ର ୩ଟି ନଳକୂଅ ରହିଛି। ତେଣୁ ପାଣି ହାଣ୍ଡିଏ ପାଇଁ ଏଠାରେ ଯେମିତି ପ୍ରତିଯୋଗିତା ଲାଗିଥିବା ଭଳି ମନେ ହୁଏ। ବର୍ତ୍ତମାନ ୩ଟି ନଳକୂଅକୁ ଛାଡ଼ିଦେଲେ ଗ୍ରାମରେ ଥିବା ଅନ୍ୟ ୧୧ଟି ନଳକୂଅ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ବାରମ୍ବାର ପ୍ରଶାସନକୁ ଅଭିଯୋଗ ପରେ ବି ଏଥିପ୍ରତି କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ଗାଁରେ ଥିବା ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ମଧ୍ୟ ଅନେକ ଦିନ ଧରି ଅଚଳ ହୋଇ ପଡ଼ିଛି। ଫଳରେ ପାଇପ୍ ଯୋଗେ ଘରକୁ ଘର ପାଣି ପାଇବା ପାଇଁ ଲାଗିଥିବା ପାଣି ଟ୍ୟାପରୁ ମଧ୍ୟ ପାଣି ଆସୁ ନ ଥିବା ଅଭିଯୋଗ ହୋଇଛି। ତେଣୁ ବାଧ୍ୟ ହୋଇ ଲୋକଙ୍କୁ କାର୍ଯ୍ୟ କରୁଥିବା ମାତ୍ର ୩ଟି ନଳକୂଅ ଉପରେ ନିର୍ଭରଶୀଳ ହେବାକୁ ପଡୁଛି। ଯଦି ଏହି ନଳକୂଅ ଅଚଳ ହୋଇଯାଏ, ତେବେ ବାଧ୍ୟ ହୋଇ ୨ କିଲୋମିଟର ଦୂର ନଦୀରୁ ପାଣି ସଂଗ୍ରହ କରିବାକୁ ପଡ଼ିବ ବୋଲି ପ୍ରକାଶ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଏନେଇ ଚିତ୍ରକୁଣ୍ଡା ବିଡିଓଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇନାହିଁ। ଏନେଇ ଚିତ୍ରକୋଣ୍ଡା ବ୍ଲକରେ ଥିବା ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ସେ ପ୍ରକାଶ କରିଛନ୍ତି ଯେ କୁର୍ମାନୁର ଗାଁରେ ଥିବା ସମସ୍ତ ନଳକୂଅଗୁଡ଼ିକୁ ମରାମତି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଏହି ସମସ୍ୟାର ସମାଧାନ ତୁରନ୍ତ କରାଯିବ।

# ପ୍ରାଣୀ ବିହାର ବିଜ୍ଞାନ ମେଳା ଆୟୋଜିତ




**କୋରାପୁଟ,୧।୩(ସମିସ):** ସ୍ଥାନୀୟ ସରକାରୀ ମହାବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ଅବସରରେ ପ୍ରାଣୀ ବିଭାଗର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରାଣୀ ବିହାର ବିଜ୍ଞାନ ମେଳା ଆୟୋଜିତ ହୋଇଯାଇଛି। ବିଭାଗର ମୁଖ୍ୟ ଡ. ସୁଶିଲ କୁମାର ଗଡ଼ନାୟକ, ଅନ୍ୟ ଅଧ୍ୟାପକଅଧ୍ୟାପିକା ଏବଂ ବିଭାଗର ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମେଳାରେ ୩୦ଟି ମଡେଲ, ସ୍ପେସିମେନ ଓ ପ୍ରଦର୍ଶିକାକୁ ପ୍ରସ୍ତୁତ କରାଯିବା ସହିତ ପ୍ରାଣୀ ବିଜ୍ଞାନ ଓ ମଣିଷ ଶରୀରର ଛବିକୁ ପ୍ରଦର୍ଶିତ କରାଯାଇଥିଲା। ରକ୍ତ ପରୀକ୍ଷା ଓ ସିକିଲ୍ ସେଲ ଆନେମିଆ ମେଳାର ମୁଖ୍ୟ ଆକର୍ଷଣ ରହିଥିଲା। ପ୍ରାଣୀ ବିଭାଗର ଆଶୁତୋଷ ମହାରଣା, ଭାଗ୍ୟଲକ୍ଷ୍ମୀ ରଣା, ବିବିତା ପାତ୍ର, ନେହା ଗୁରୁ ଆଦି ଛାତ୍ରଛାତ୍ରୀଙ୍କ ଦ୍ୱାରା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

# ଜିଆଇଇଟି ବିଶ୍ୱବିଦ୍ୟାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

**ଗୁଣୁପୁର,୧।୩(ସମିସ):** ଜିଆଇଇଟି ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଗୁରୁବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୭୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ବିଶ୍ୱବିଦ୍ୟାଳୟର ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ଡିନ୍ ଡ.ଏବି ଶ୍ରୀନିବାସ ରାଓ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ୟୁନିଟ- ୧ ଡ. ପ୍ରେମାନଶୁ ଶେଖର ରଥ, ଡା.ଏସଏସ ପାଢ଼ୀ, ପ୍ରମୋଦ ପଣ୍ଡା, ନିର୍ମଳା ପଟେଲ,



ଜୟନ୍ତୀ ଡାଙ୍ଗ, କୃଷ୍ଣପ୍ରସାଦ ଦାସ, ଜସିଲ ପଟ୍ଟନାୟକ, ସୁନୀଲ କୁମାର ବେବର୍ତ୍ତା, ଅଧ୍ୟାପକ ଓ ଅଧ୍ୟାପିକା ପ୍ରମୁଖ ଉପସ୍ଥିତ ରହିଥିଲେ। ଗୁଣୁପୁର ରକ୍ତ ଭଣ୍ଡାରର ଡା. ସୁଜାତା ଦେବୀ, ଟେକ୍ନିସିଆନ ସୁରୁଚି ପାତ୍ର, ରାକେଶ କୁମାର ପଣ୍ଡା ଓ ରୋଜି ନାୟକ ପ୍ରମୁଖ ଯୋଗଦେଇ ୭୯ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ଉତ୍ସାହ ସହ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତ୍ୟେକ ମାସରେ ସ୍ୱେଚ୍ଛାକୃତ ରକ୍ତଦାନ କରି ବହୁ ରକ୍ତହୀନତା ରୋଗୀଙ୍କୁ ରକ୍ତ ଯୋଗାଇବାରେ ସହଯୋଗ କରୁଛନ୍ତି। ଏହି ଶିବିରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବା ସମସ୍ତ ରକ୍ତଦାତାଙ୍କୁ ବିଶ୍ୱବିଦ୍ୟାଳୟର ସଭାପତି ଡ. ସତ୍ୟପ୍ରକାଶ ପଣ୍ଡା, ଉପ ସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ମହାନିର୍ଦ୍ଦେଶକ ଡ. ଜଗଦିଶ ପଣ୍ଡା, ରେଜିଷ୍ଟ୍ରାର ଡ. ଏନଭିଜେ ରାଓ ପ୍ରମୁଖ ସାଧୁବାଦ ଜଣାଇବା ସହ ଏହି ଭଳି ମହତ କାର୍ଯ୍ୟକୁ ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ।

# ନିଶାନିମୁଣ୍ଡା ପ୍ରହରୀ ପ୍ରାଚୀର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



ସେମିଳିଗୁଡ଼ା,୧।୩(ସମିସ): କୋରାପୁଟ ବିଧାୟକ ରଘୁରାମ ପଡାଲ ବିଭିନ୍ନ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କୋରାପୁଟ ଜିଲ୍ଲାର ସୁନାବେଡ଼ା ପୌର ପରିଷଦ ଅନ୍ତର୍ଗତ ଆଲମଗୁଡ଼ା ଓ ପେଟକନା ଗ୍ରାମରେ ନିଶାନିମୁଣ୍ଡା ପ୍ରହରୀ ପ୍ରାଚୀର ନିର୍ମାଣ ପାଇଁ କୋରାପୁଟ ବିଧାୟକ ରଘୁରାମ ପଡାଲ୍ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବିଧାୟକ ରଘୁରାମ ଉକ୍ତ ଦୁଇ ଅଞ୍ଚଳ ପରିଦର୍ଶନ କରି ଦୁଇଟି ସ୍ଥାନରେ ବିଧାୟକ ପାଣ୍ଠିର ୫ ଲକ୍ଷ ଟଙ୍କା ବ୍ୟୟରେ ଦୁଇ ନିଶାନିମୁଣ୍ଡା ପ୍ରହରୀ ପ୍ରାଚୀର ନିର୍ମାଣ ହେବ ବୋଲି ବିଧାୟକ ସୂଚନା ଦେଇଛନ୍ତି। ସୁନାବେଡ଼ା ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପାତ୍ର ସମସ୍ତ ୱାର୍ଡରେ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଦୃଷ୍ଟି ଆକର୍ଷଣ କରିଥିବା ସୂଚନା ଦେଇଥିଲେ। ସ୍ଥାନୀୟ କାଉନସିଲର ସଦସ୍ୟ ସହ ସହକାରୀ ଯନ୍ତ୍ରୀ ମନୋଜ କୁମାର ପାତ୍ର ଓ ଅନନ୍ୟ ନେତା ଓ କର୍ମୀମାନେ ଯୋଗଦେଇଥିଲେ।

# କୋରାପୁଟ ବ୍ଲକରେ ଚାଳିଶିଆ ଚଷମା ବଣ୍ଟନ

**ଦାମନଯୋଡ଼ି,୧।୩(ସମିସ):** କୋରାପୁଟ ବ୍ଲକ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ଚାଳିଶିଆ ଦୃଷ୍ଟିଦୋଷ ଭୋଗୁଥିବା ଜନସାଧାରଣଙ୍କୁ ଚଷମା ବଣ୍ଟନ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କାହ୍ନୁ ଚରଣ ପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ହିତାଧିକାରୀଙ୍କୁ ଚଷମା ବଣ୍ଟନ ସହିତ ଏହାର ଉଦଘାଟନ କରିଥିଲେ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଭିବିଟି) ଡ. ସୁଶାନ୍ତ କୁମାର ଦାଶ, ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ସୁମନ କୁମାର ଟପ୍ପୋ, ମାଇକ୍ରୋ ବାୟୋଲୋଜିଷ୍ଟ ଲକ୍ଷ୍ମୀ ବିଶ୍ୱାଳ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ ଯେ, ଜିଲ୍ଲା ଅନ୍ଧତ୍ୱ ଦୂରୀକରଣ ଓ ସୁନେତ୍ରର କାର୍ଯ୍ୟକ୍ରମ ପରିଚାଳିକା ଡା. ମୀରାବାଇ ବେହେରାଙ୍କ ତତ୍ତ୍ୱାବଧାନରେ ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଚାଲୁ ରହିଛି। ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟକ୍ରମକୁ ବିପିଏମ ନୂତନ ସିଂହ, ପିଏଚଇଓ ବିଜୟ ଖିଲ ପରିଚାଳନା କରିଥିଲେ। ଚକ୍ଷୁ ସହାୟକ ବିଜୟ କୁମାର ଆଚାର୍ଯ୍ୟ ଚକ୍ଷୁ ପରୀକ୍ଷା କରି ଚଷମା ବଣ୍ଟନ କାର୍ଯ୍ୟକ୍ରମର ସଂଯୋଜନା



କରିଥିଲେ। ପ୍ରଥମ ଦିବସରେ ୪୮ଜଣ ହିତାଧିକାରୀଙ୍କୁ ଚଷମା ବଣ୍ଟନ କରାଯାଇଛି। ରାଜ୍ୟ ସରକାରଙ୍କ ସାର୍ବଜନୀନ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ 'ସୁନେତ୍ର' ଯୋଜନାରେ ବ୍ଲକକୁ ଆସିଥିବା ମୋଟ ୪୦୨ଟି ଚଷମା ବାଣ୍ଟିବା ଯୋଜନା ରହିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସ୍ୱାସ୍ଥ୍ୟକେନ୍ଦ୍ରର ବହିଃ ସ୍ୱାସ୍ଥ୍ୟ ବିଭାଗ ଓ ଅନ୍ତଃର୍ନିବାସୀ ରୋଗୀ ଗୃହ, କାର୍ଯ୍ୟାଳୟ ଆଦି ବୁଲି ରୋଗୀ ସେବା ଓ ଅନ୍ୟ ବ୍ୟବସ୍ଥା ଦେଖିବା ସହିତ ରୋଗୀ ଓ ସମ୍ପର୍କୀୟଙ୍କୁ ଭଲମନ୍ଦ ପଚାରି ବୁଝିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଡାକ୍ତର ଓ କର୍ମଚାରୀ ଉପସ୍ଥିତ ଥିଲେ।

# ୩ରେ ରେଳରୋକ ପାଇଁ ତିଆଡ଼ିପୁଟ ଗ୍ରାମବାସୀଙ୍କ ବୈଠକ

**କୋରାପୁଟ,୧।୩(ସମିସ):** କୋରାପୁଟ ବ୍ଲକ୍ ବଡ଼ସୁକୁ ପଞ୍ଚାୟତର ତିଆଡିପୁଟରେ ଆସନ୍ତା ୩ ତାରିଖ ଦିନ ଗ୍ରାମବାସୀ ୩ ଦଫା ଦାବି ନେଇ ସମସ୍ତ ଟ୍ରେନ ବନ୍ଦ କରିବା ସହ ଧାରଣା ଦେବାକୁ ଏକ ବୈଠକ ଅନୁଷ୍ଠିତ ହୋଇଛି। ତିଆଡିପୁଟ ଓ ଘାଟମୁଣ୍ଡାରଠାରେ ପୁସିଂ ବ୍ରିଜ ନିର୍ମାଣ ଏବଂ କୋଲାବ ଜଳ ଭଣ୍ଡାର ଉପରେ ଦେଉଳା ନିକଟରେ ରେଳ ବ୍ରିଜ ନିର୍ମାଣ କରିବା ପ୍ରମୁଖ ଦାବି ରହିଥିବା ଜଣାପଡ଼ିଛି। ସରପଞ୍ଚ ବି. ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପୂର୍ବତନ ବିଧାୟକ ନିମାଇଁ ସରକାର, ଜିଲ୍ଲା ଯୁବ କଂଗ୍ରେସ ଉପସଭାପତି ରମେଶ ଖରା, ୱାର୍ଡ ମେମ୍ବର କେଶବ ମାଝୀ, ସୋମନାଥ ମାଝୀ, ଗୋପୀ ମାଝୀ, ରାମ ଖିନବୁଡି ପ୍ରମୁଖଙ୍କ ସହ ଅନେକ ଗ୍ରାମବାସୀ ଉପସ୍ଥିତ ରହି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନକୁ ଜାରି ରଖିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଏହାକୁ ନେଇ ଗ୍ରାମବାସୀ କୋରାପୁଟ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ମାଧ୍ୟମରେ ସୂଚନା ଦେଇଛନ୍ତି। ୱାଲଟିୟର ଡିଭିଜନ ତରଫରୁ ୪ଟି ପୁସିଂ ବ୍ରିଜ ନିର୍ମାଣ ପାଇଁ ୧୩ କୋଟି ୨୧ ଲକ୍ଷ ୩୮ ହଜାର ୬୩୭ ଟଙ୍କା ଅଟକଳ କରିଥିବାବେଳେ ଉକ୍ତ ଅର୍ଥ ଅନୁମୋଦନ କରିବାକୁ ଚିଠି ପ୍ରେରଣ କରାଯାଇଥିଲା। ଏ ପର୍ଯ୍ୟନ୍ତ ଅର୍ଥ ଅନୁମୋଦନ କରାଯାଇ ନାହିଁ ବୋଲି ପୂର୍ବତନ ବିଧାୟକ ନିମାଇଁ ସରକାର କହିଛନ୍ତି। ୨୦୧୯ ଫେବୃଆରୀ ୮ ତାରିଖ ଦିନ ଦାବି ପୂରଣ କରିବା ନେଇ ଗ୍ରାମବାସୀ ରେଳରୋକ କରିଥିଲେ। ସେତେବେଳେ ଜିଲ୍ଲା ପ୍ରଶାସନ ଏବଂ ରେଳବାଇ କର୍ତ୍ତୃପକ୍ଷ ପୁସିଂ ବ୍ରିଜ ନିର୍ମାଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ପୁସିଂ ବ୍ରିଜ ନିର୍ମାଣ ହୋଇପାରୁ ନ ଥିବାରୁ ଗ୍ରାମବାସୀ ରେଳ ଚଳାଚଳ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିବା ପୂର୍ବତନ ବିଧାୟକ ନିମାଇଁ ସରକାର କହିଛନ୍ତି।

# ପଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ କାୟାକଳ୍ପ ଦଳ



**ପଟାଙ୍ଗି,୧।୩(ସମିସ):** ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପଟାଙ୍ଗି ପରିଦର୍ଶନ କରି ବହିଃ ଏବଂ ଆନ୍ତଃବିଭାଗ ରୋଗୀସେବା ଯାଞ୍ଚ କଲେ ରାଜ୍ୟସ୍ତରୀୟ ମୂଲ୍ୟାଙ୍କନ ଦଳ ତଥା କାୟାକଳ୍ପ ଟିମ୍। ଗୁରୁବାର ରାଜ୍ୟ କାୟାକଳ୍ପ ଦଳରେ ଆରଆରଟି ସେଲ୍ ଡା. ସୁଭ୍ରଜିତ ଗରାବଡୁ, ପିଟିସି ପରାମର୍ଶଦାତା ସୁଧାଂଶୁ ଶେଖର ସାମନ୍ତ, ଏସବିସି ୟୁନିସେଫ୍ ପରାମର୍ଶଦାତା ଚକ୍ରଧର ସାହୁ, ଏଏମକ୍ୟୁଏ ପୂର୍ଣ୍ଣଚନ୍ଦ୍ର ଭୋଇ ପ୍ରମୁଖ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଥିଲେ। ଅଧିକାରୀଗଣ ସ୍ୱାସ୍ଥ୍ୟ କେନ୍ଦ୍ରର ବହିଃବିଭାଗ, ସ୍ୱାସ୍ଥ୍ୟ କେନ୍ଦ୍ରର ବର୍ଜ୍ୟବସ୍ତୁ ପରିଚାଳନା କିଭଳି କରାଯାଉଛି, ସ୍ୱାସ୍ଥ୍ୟ କେନ୍ଦ୍ରର ପରିବେଶ ଆଦି ଦେଖିବା ସହ ରୋଗୀଙ୍କଠାରୁ ସ୍ୱାସ୍ଥ୍ୟ ସେବା ବିଷୟରେ ପଚାରି ବୁଝିଥିଲେ। ଏହି ଅବସରରେ ଗୋଷ୍ଠୀ କେନ୍ଦ୍ର ଅଧିକାରୀ ଡା. ଭାଗବତ ମୁର୍ମୁ, ଡା. ସୁଜାତା କୁମାରୀ ବାରିକ, ଡା. ସାନ୍ତନୁ ରାଉତ, ଡା. ଲିସାମଧୁ ତରାଇ, ଡା. ରାକେଶ ବିଶ୍ୱାଳ, ଡା. ଇତିଶ୍ରୀ ସାମଲ, ଡା. ସଧିଚ୍ଛା ମହାନ୍ତି, ଡା. ବିକାଶ ଶର୍ମା, ପିଏଚଇଓ ଆରତୀ ଗୁଡ଼ିଆ, ବିପିଓ ରଶ୍ମିତା ସ୍ୱାଇଁ, ବାଡା ସହଦେବ କୁମାର ଖରା, ବିଡିଏମ୍ ସନ୍ତୋଷ କୁମାର ଦାସ, ଫାର୍ମାସିଷ୍ଟ ରମେଶ ଚନ୍ଦ୍ର ସେନାପତି, ରଞ୍ଜିତ ସ୍ୱାଇଁ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ କର୍ମଚାରୀ ଉପସ୍ଥିତ ଥିଲେ।

# ବେଧଡ଼କ ଚାଲିଛି ବାଲି ଚୋରା ଚାଲାଣ; ପ୍ରଶାସନ ଚୁପ୍



**ବୋରିଗୁମ୍ମା,୧।୩(ସମିସ):** ଆନ୍ଧ୍ର ଓ ଛତିଶଗଡ଼କୁ ବୋରିଗୁମ୍ମା ବ୍ଲକରୁ ଟ୍ରକ୍ ଟ୍ରକ୍ ବାଲି ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ଜେସିବି ଲଗାଇ ନଦୀ ମୁହାଣରୁ ବେଆଇନ ଭାବରେ ଟ୍ରକ୍ ଟ୍ରକ୍ ବାଲି ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ପ୍ରଶାସନ ଚୁପ୍ ବସିବାକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। କିଛି ଦିନ ତଳେ ୪ଟି ବାଲି ବୋଝେଇ ଗାଡ଼ିକୁ ଜବତ କରିଥିଲେ ବୋରିଗୁମ୍ମା ତହସିଲଦାର ଏବଂ ବୋରିଗୁମ୍ମା ପୁଲି। ତଥାପି ବାଲି ଚୋରା ଚାଲାଣରେ ରୋକ୍ ଲାଗିପାରିନାହିଁ।

ବୋରିଗୁମ୍ମା ତହସିଲ ଅନ୍ତର୍ଗତ କୁମୁଲି ରେଭିନ୍ୟୁ ସର୍କଲ ମୁରାନ ନଦୀ ଅବବାହିକା ମୁହାଣରୁ ଦିନ ରାତି ଟ୍ରକ୍ ଟ୍ରକ୍ ବାଲି ପଡ଼ୋଶୀ ଆନ୍ଧ୍ର ଓ ଛତିଶଗଡ଼କୁ ଚୋରା ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ଜେସିବି ମାଧ୍ୟମରେ ନଦୀ ମୁହାଣରୁ ବାଲି ଉଠାଯାଇ ଟ୍ରକ୍ ମାଧ୍ୟମରେ ବାଲି ବେଧଡ଼କ ଚୋରା ଚାଲାଣ ହେଉଛି। ବାଲି ବୋଝେଇ ଟ୍ରକ୍ ଯାଇ ରାସ୍ତାରେ ବଡ଼ ବଡ଼ ଗାତ ହେବା ସହ ଧୂଳି ଉଡ଼ିବା ଯୋଗୁଁ ଯାତାୟାତ କରିବାରେ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ ଉଦବେଗ ପ୍ରକାଶ ପାଇଛି। ଇନ୍ଧାନପୁର ନଦୀ ମୁହାଣରେ ବାଲି ଉଠାଇବା ପାଇଁ ଅନୁମତି ନ ଥିବା ସତ୍ତ୍ୱେ ବାଲି ଉଠାଯାଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏ ସମ୍ପର୍କରେ ଆମେ କୁମୁଲି ରାଜସ୍ୱ ନିରୀକ୍ଷକଙ୍କୁ ପଚାରିବାରୁ ଇନ୍ଧାନପୁର ନଦୀ ଘାଟରୁ ବିନା ଅନୁମତିରେ ବାଲି ଚାଲାଣ ହେଉଥିବା ମାନିଥିବାବେଳେ ବାଲି ନେଉଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବର୍ଷେ ହେଲା ଲିଫ୍ଟ ଅଚଳ

**ମାଲକାନଗିରି,୧।୩(ସମିସ):** ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ମହଲାରେ ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକ ରହିଛି। ଏହି ବିଭାଗଗୁଡ଼ିକରେ ଅନେକ ସମୟରେ ସାଧାରଣ ଲୋକଙ୍କ ବିଭିନ୍ନ କାର୍ଯ୍ୟ ଥିବାରୁ ସେମାନେ ସେହି କାର୍ଯ୍ୟାଳୟକୁ ଯିବା ନିମନ୍ତେ ଜନସାଧାରଣଙ୍କ ସୁବିଧା ପାଇଁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଲିଫ୍ଟର ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଗତ ଏକ ବର୍ଷରୁ ଊର୍ଦ୍ଧ୍ୱ ଦିନ ଧରି




ଓ ଗୃହ ନିର୍ମାଣ ବିଭାଗ ଅଧୀନରେ ଥିବା ବିଦ୍ୟୁତ୍ ଓ ବିଦ୍ୟୁତ୍ ସାମଗ୍ରୀ ପରିଚାଳନା ବିଭାଗ ଏସଡିଓ ସୁଶାନ୍ତ କୁମାର ଜେନା ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ଯେ ଲିଫ୍ଟ ଯେଉଁ ସ୍ଥାନରେ ଅଛି ସେହି ସ୍ଥାନ ତଳେ ମୂଷାମାନେ ଗାତ କରିବା ଦ୍ୱାରା ତଳେ ମାଟି ଏବଂ ପାଣି ପ୍ରଚୁର ପରିମାଣରେ

ଏହି ଲିଫ୍ଟ ଅଚଳ ହୋଇ ପଡ଼ିଥିବାରୁ ବରିଷ୍ଠ ନାଗରିକ ଓ କାର୍ଯ୍ୟାଳୟ କର୍ମଚାରୀମାନେ ଦୈନିକ ପାହାଚ ଚଢ଼ି ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲିଫ୍ଟ ଅଚଳ ହୋଇ ପଡ଼ିଥିବାରୁ ଲିଫ୍ଟ ସମ୍ମୁଖରେ ଏକ ପ୍ଲାଏ ବୋର୍ଡ ଲଗାଇ ବନ୍ଦ କରି ଦିଆଯାଇଛି। ଏ ସମ୍ବନ୍ଧରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିଜାରତ ବିଭାଗ ଅଧିକାରୀଙ୍କ କହିବା ଅନୁଯାୟୀ, ଲିଫ୍ଟ ଖରାପ ଥିବା ସମ୍ବନ୍ଧରେ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗକୁ ୪ଟି ଚିଠି କରାଯାଇଥିବା ବେଳେ ଏ ପର୍ଯ୍ୟନ୍ତ ସମ୍ପୃକ୍ତ ବିଭାଗ ଏହାକୁ କାର୍ଯ୍ୟକ୍ଷମ କରିନାହାନ୍ତି। ଏ ସମ୍ବନ୍ଧରେ ପୂର୍ତ୍ତ ଭର୍ତ୍ତି ହୋଇ ରହିଛି। ଲିଫ୍ଟ ଚାଲିଲେ ବିପଦ ସୃଷ୍ଟି ହୋଇପାରେ। ସେଥିପାଇଁ ଏହି ଲିଫ୍ଟକୁ ସମ୍ପୃକ୍ତ ସ୍ଥାନରୁ ସ୍ଥାନାନ୍ତର କରି ତଳେ ଜମା ହୋଇଥିବା ପାଣି ଓ ମାଟିକୁ ସଫା କରି କଂକ୍ରିଟ କରାଗଲା ପରେ ଲିଫ୍ଟ ଫିଟିଙ୍ଗ କରାଯିବ। ଏଥିପାଇଁ ଭୁବନେଶ୍ୱରରୁ ଲିଫ୍ଟ ମେକାନିକମାନଙ୍କୁ ବାରମ୍ବାର ଡକାଇଲେ ମଧ୍ୟ ସେମାନେ ଆସୁନାହାନ୍ତି। ଯଦ୍ୱାରା କାର୍ଯ୍ୟରେ ବିଳମ୍ବ ହେଉଛି। ତଥାପି ଯଥାଶୀଘ୍ର ମେକାନିକ ଡକାଇ ଲିଫ୍ଟ ସ୍ଥାନାନ୍ତର କରି ତଳ ସଫା ଓ କଂକ୍ରିଟ କଲାପରେ ଏହା କାର୍ଯ୍ୟକ୍ଷମ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ବିଦ୍ୟାଳୟସ୍ତରୀୟ ଗଣିତ ଓ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ

**ସୁନାବେଡ଼ା,୧।୩(ସମିସ)**

ଦୁଇଦିନ ଧରି ସୁନାବେଡ଼ା ସ୍ଥିତ ବର୍ମା ପ୍ରାଥମିକ ବିଦ୍ୟାଳୟରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ବିଜ୍ଞାନ ଓ ଗଣିତ କ୍ଲବ ଓ ବିଦ୍ୟାଳୟସ୍ତରୀୟ ଗଣିତ ଓ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ 'ଭାରତୀୟ ବିଜ୍ଞାନ ଦିବସ' ଉପଲକ୍ଷେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ରିନା ବାଘଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଆଞ୍ଚଳିକ ସାଧନ କର୍ମୀ ସ୍ନେହଲତା ଦାଶ ମୁଖ୍ୟବକ୍ତା, ଜଗନ୍ନାଥ ବିଦ୍ୟାପୀଠ ହାଇସ୍କୁଲର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ଦାଶ, ଶିକ୍ଷୟିତ୍ରୀ ସରୋଜ ନଳିନୀ ସଗରିଆ ଓ ଅଭିଭାବକ ଉପସ୍ଥିତ ଥିଲେ। ପ୍ରକାଶ ଚନ୍ଦ୍ର ଦାଶ ଛାତ୍ରଛାତ୍ରୀମାନଙ୍କ ଗଣିତ ଓ ବିଜ୍ଞାନର ଦ୍ରୁତ ଅଗ୍ରଗତି ଯୋଗୁଁ ଦେଶ କିପରି ବିକାଶ ହୋଇପାରିଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ନେହଲତା ଦାସ ତାଙ୍କ ବକ୍ତବ୍ୟରେ ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ ଯୋଗୁଁ ଦେଶର ବିକାଶ ହୋଇପାରିବ ବୋଲି ବୁଝାଇଥିଲେ। ଶ୍ରୀ ଦାସ ପ୍ରକଳ୍ପ କାର୍ଯ୍ୟଗୁଡ଼ିକ ବୁଲି କାର୍ଯ୍ୟକାରିତା ବିଷୟରେ କହିଥିଲେ। ଶେଷରେ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା।

ସେହିପରି କାକିଜଡ଼ାଗୁଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ଗଣିତ ଓ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ତଥା ଜାତୀୟ ବିଜ୍ଞାନ ଦିବସ ଯଥାବିଧି ପାଳିତ ହୋଇଯାଇଛି। ଉକ୍ତ ଦିବସ ଅବସରରେ ମୁଖ୍ୟ ଅତିଥି ସ୍ଥାନୀୟ ୩ନଂ ୱାର୍ଡ କାଉନସିଲର ସୁସଜ୍ଜିତା ଭତ୍ରା, ସମ୍ମାନିତ ଅତିଥି ଭାବେ ସଦା ନାୟକଙ୍କ ଉପସ୍ଥିତିରେ ପ୍ରଧାନଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ବେହେରା, ନୋବେଲ ପୁରସ୍କାରପ୍ରାପ୍ତ ବୈଜ୍ଞାନିକ ଚନ୍ଦ୍ରଶେଖର ଭେଙ୍କଟ ରମଣଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉକ୍ତ ଦିବସର ବିଷୟରେ ସମ୍ୟକ୍ ଧାରଣା ଦେଇଥିଲେ। ପରେ ମୁଖ୍ୟ ଅତିଥି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ତିଆରି ବିଭିନ୍ନ ପ୍ରକଳ୍ପଗୁଡ଼ିକ ପରିଦର୍ଶନ କରିଥିଲେ ଓ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ମେଡାଲ ଓ ସ୍ମାରକୀ ପ୍ରଦାନ କରିଥିଲେ। ଉକ୍ତ ପ୍ରତିଯୋଗିତାରେ



ପ୍ରଥମ ସ୍ଥାନ ହାସଲ କରିଥିବା କୃତୀ ଛାତ୍ରଛାତ୍ରୀଙ୍କ ନାମ ହେଲା ପ୍ରକଳ୍ପ କାର୍ଯ୍ୟ- ବୈଶାଳୀ ନାହାକ (୮ମ), ପୋଷ୍ଟେର ଗଣିତ-ସିପ୍ରା ମୁଣ୍ଡା ଗଡ଼ିଆ (୭ମ), ପୋଷ୍ଟେର ବିଜ୍ଞାନ-ଅମନ କୁଳଦୀପ(୮ମ), କୁଇଜ-ଶାନ୍ତନୁ ରାୟ(୫ମ), ବାସୁଦେବ ବେନିଆ(ଷଷ୍ଠ), ବୈଶାଳୀ ନାହାକ(୮ମ), ପ୍ରଧାନଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ବେହେରା, ସହକାରୀ ଶିକ୍ଷୟତ୍ରୀ ତନୁଶ୍ରୀ ନନ୍ଦ, ନଳିନୀ ପ୍ରଭା ରଥ, ସବିତା ମହାରଣା ଓ ରାଣୀ ନାୟକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଅନ୍ତର୍ଜାତୀୟ ଦରବାରରେ ଚମକିବ ଗାଦବା ଜନଜାତିର କେରଙ୍ଗ ବସ୍ତ୍ର

**କୋରାପୁଟ,୧।୩(ସମିସ):** ସ୍ଥାନୀୟ ସର୍କିଟ ହାଉସଠାରେ କୋରାପୁଟ ଇନଟାକ ଚାପ୍ଟର ଓ ଷ୍ଟେଟ ଇନଟାକ ସହ ଜିଲ୍ଲା ପ୍ରଶାସନର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗାଦବା ଜନଜାତିର ଲୁପ୍ତପ୍ରାୟ କେରଙ୍ଗ ବସ୍ତ୍ରର ପୁନରୁଦ୍ଧାର କରି ନୂତନ ଭାବେ ବସ୍ତ୍ରବୁଣା କରାଯିବାର ବ୍ୟବସ୍ଥା ଓ ମହିଳା ଏବଂ ପୁରୁଷ ବୁଣାକାରଙ୍କୁ ବସ୍ତ୍ରବୁଣା ସମ୍ପର୍କିତ ଜ୍ଞାନ କୌଶଳ ପ୍ରଦାନ କରାଯିବା ନେଇ ଆଲୋଚନା ହୋଇଛି। ଲମତାପୁଟ ବ୍ଲକର ରାଇପଡ଼ା ଗ୍ରାମରେ ଓଡ଼ିଶା ଷ୍ଟେଟ ଚାପ୍ଟର ତରଫରୁ କୋରାପୁଟ ଜିଲ୍ଲାର



ଗଦବା ଜନଜାତି ଉପରେ ଏକ ଐତିହ୍ୟ ଡକ୍ୟୁମେଣ୍ଟେସନ କରାଯାଇଥିଲା। ଅଣସ୍ପର୍ଶ ଜନିତ ଐତିହ୍ୟ ଉପରେ ଗଦବା ଜନଜାତିର କେରଙ୍ଗ ବସ୍ତ୍ର ଓ ତନ୍ତକୁ ପୁନଃଜୀବିତ କରିବା ପାଇଁ ଇନଟାକ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ହୋଇଥିବା ଏହି ଅଭିନବ ପ୍ରୟାସ ଆଜି ସଫଳତା ପାଇପାରିଛି ବୋଲି ୪୫ ବର୍ଷ ପୂର୍ବେ କୋରାପୁଟ ଜିଲ୍ଲାପାଳ ଥିବା ସଞ୍ଜିବ ଚନ୍ଦ୍ର ହୋତା କହିଛନ୍ତି। ଲୁପ୍ତପ୍ରାୟ କେରଙ୍ଗ ବସ୍ତ୍ରକୁ ପୁନଃଉଦ୍ଧାର କରିବା ସହିତ କେରଙ୍ଗ ବୃକ୍ଷରୋପଣ ତଥା ପ୍ରାକୃତିକ ରଙ୍ଗ ପ୍ରଦାନ କରୁଥିବା ଜାଫ୍ରା, ସିନ୍ଦୂର ଓ ସିଉନା ଭଳି ଗଛର ବ୍ୟାପକ ପ୍ରସାର ପାଇଁ ଗଦବା ଜନଜାତି ମଧ୍ୟରେ ଇଚ୍ଛାଶକ୍ତିର ପୁନଃ ଜାଗରଣ କରିବା ଇନଟାକର ମୂଳ କର୍ତ୍ତବ୍ୟ ଥିଲା ବୋଲି ବରିଷ୍ଠ ଐତିହ୍ୟ ଗବେଷକ ଅନିଲ ଧିର ମତ ରଖିଛନ୍ତି। କୋରାପୁଟ ଜିଲ୍ଲାର ହସ୍ତତନ୍ତ ବିଭାଗ, ଆଇଟିଡିଏ ଓ ଜିଲ୍ଲା ପ୍ରଶାସନ ଆଗାମୀ ଦିନରେ ଲମତାପୁଟ ବ୍ଲକର ସୁଏଲପଡ଼ା ଓ ରାଇପଡ଼ା, ଗୋଡ଼ିହଞ୍ଜର ଭଳି ଗାଁରେ ଗଦବା ଜନଜାତିର ମହିଳା ଓ ପୁରୁଷଙ୍କ ସହିତ କେରଙ୍ଗ ବସ୍ତ୍ର ଓ ତନ୍ତ ପାଇଁ ଆବଶ୍ୟକ ଭିତ୍ତିଭୂମି ଏବଂ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ଭି. କିର୍ତ୍ତୀ ଭାସନ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବରିଷ୍ଠ ପ୍ରଶାସକ ସଞ୍ଜିବ ଚନ୍ଦ୍ର ହୋତା, ଗବେଷକ ଅନିଲ ଧିର, ବରିଷ୍ଠ ପୁଲିସ ଅଧିକାରୀ ଅମୀୟ ଭୂଷଣ ତ୍ରିପାଠୀ, କୋଟସର ନିର୍ଦ୍ଦେଶକ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ରଙ୍କ ସହ ଜିଲ୍ଲା ପ୍ରଶାସନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଗୋଷ୍ଠୀସ୍ତରୀୟ ପଲ୍ସ ପୋଲିଓ ପ୍ରତିଷେଧକ ଟିକାଦାନ ବୈଠକ

**ରାମନାଗୁଡ଼ା,୧।୩(ସମିସ):** ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାବନା ସମ୍ମିଳନୀ କକ୍ଷରେ ରାମନାଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ପଲ୍ସ ପୋଲିଓ ଟିକାଦାନ ନିମନ୍ତେ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୃଜନ ମଲ୍ଲିକ, ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ସୌରଭ ମହାପାତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସଂଘମିତ୍ରା ମହାପାତ୍ର, ବିପିଏମ୍ କମଳାକର ରାଓ, ଆଇସିଡିଏସର ସମସ୍ତ ସୁପରଭାଇଜର ଉପସ୍ଥିତ ଥିଲେ। ଆସନ୍ତା ୩ ତାରିଖରେ ହେବାକୁ ଥିବା ପଲ୍ସ ପୋଲିଓ ଟିକାଦାନ କାର୍ଯ୍ୟକ୍ରମ କିପରି ସୂଚାରୁ ଭାବେ ସମସ୍ତଙ୍କ ସହଯୋଗରେ ହୋଇପାରିବ ସେ ସମ୍ପର୍କରେ ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ବୈଠକରେ ଉପସ୍ଥିତ ଥିବା ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସଂଘମିତ୍ରା ମହାପାତ୍ର ପରିଚାଳନା କରିଥିବାବେଳେ ବିପିଏମ୍ କମଳାକର ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁଷ୍ଟିକର ଖାଦ୍ୟ ପ୍ରଦାନରେ ଅନିୟମିତତା; ଖାଦ୍ୟ ସାମଗ୍ରୀ ଫେରାଇଲେ

**୫୦୦ ଗ୍ରାମ ରାଶି ଲଡୁ ବଦଳରେ ୮୦ ଗ୍ରାମ୍, ଖଜରା ୫୦୦ ଗ୍ରାମ୍ ପରିବର୍ତ୍ତେ ୧୧୯ ଗ୍ରାମ୍ ଓ ଭଜା ଚଣା ୧୫୦୦ ଗ୍ରାମ୍ ପରିବର୍ତ୍ତେ ୪୦୦ ଗ୍ରାମ୍ ପ୍ରଦାନକୁ ବିରୋଧ**

**ବିଷମକଟକ,୧।୩(ସମିସ):**





ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟ ଯୋଜନା ଆରମ୍ଭରୁ ଦେଖାଦେଇଛି ଅନିୟମିତତା। ରାୟଗଡ଼ା ଜିଲ୍ଲା ବିଷମକଟକ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ଅଧୀନରେ ରହିଥିବା ଅଙ୍ଗନବାଡ଼ି କେନ୍ଦ୍ରରେ ଚାଲିଥିବା ପୁଷ୍ଟିକର ଖାଦ୍ୟ ପ୍ରଦାନରେ ହୋଇଛି ବ୍ୟାପକ ଅନିୟମିତତା। ଯାହାକୁ ନେଇ ଶୁକ୍ରବାର ଗର୍ଭବତୀ ଓ ପ୍ରସୂତି ମହିଳାମାନେ ଏହାକୁ ଘୋର୍ ବିରୋଧ କରିବା ସହ ପ୍ରଦାନ କରାଯାଉଥିବା ପୁଷ୍ଟିକର ଖାଦ୍ୟ ସାମଗ୍ରୀକୁ ନେବାକୁ ସିଧାସଳଖ ମନାକରି ଦେଇଛନ୍ତି।

ଗତ ଜାନୁଆରୀ ମାସଠାରୁ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ଗର୍ଭବତୀ, ପ୍ରସୂତି, କିଶୋରୀ ବାଳିକାଙ୍କୁ ପ୍ରୋଟିନ୍ ଓ କ୍ୟାଲୋରୀଯୁକ୍ତ ଖାଦ୍ୟ ଯୋଗାଇବାର ବ୍ୟବସ୍ଥା କରିଛନ୍ତି ରାଜ୍ୟ ସରକାର। ଏଥିରେ ପ୍ରତ୍ୟେକ ଗର୍ଭବତୀ ଏବଂ ପ୍ରସୂତି ମା'ଙ୍କୁ ମାସକୁ ୭୫୦ ଗ୍ରାମ୍ ମୁଢ଼ି, ୧୫୦୦ ଗ୍ରାମ୍ ଭଜା ଚଣା, ୫୦୦ ଗ୍ରାମ୍ ଖଜରା, ୫୦୦ ଗ୍ରାମ୍ ରାଶିଲଡୁ ଏବଂ କିଶୋରୀ ବାଳିକାଙ୍କୁ ୧ କେଜି ପୌଷ୍ଟିକ ମୁଢ଼ି, ୧୫୦୦ ଗ୍ରାମ୍ ଭଜା ଚଣା, ୧୬ଟି ଅଣ୍ଡା ପ୍ରଦାନ କରୁଛନ୍ତି। ହିତାଧିକାରୀଙ୍କୁ ଗତ ୨୨ ତାରିଖରେ ଅଙ୍ଗନବାଡ଼ି କର୍ମୀଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟ ଯୋଜନାର ସାମଗ୍ରୀ ବଣ୍ଟନ କରାଯାଇଥିଲା। ହେଲେ ସେମାନଙ୍କୁ ଯେଉଁ ଖାଦ୍ୟ ସାମଗ୍ରୀ ଦିଆଯାଇଥିଲା ସେଥିରେ ସଠିକ୍ ପରିମାଣର ସାମଗ୍ରୀ ପ୍ରଦାନ କରାଯାଇ ନ ଥିବାରୁ ହିତାଧିକାରୀମାନେ ଖାଦ୍ୟ ସାମଗ୍ରୀ ଅଙ୍ଗନବାଡ଼ି କର୍ମୀଙ୍କୁ ଫେରାଇ ଦେଇ ଚାଲିଯାଇଛନ୍ତି। ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବିଷମକଟକ ବ୍ଲକ୍ ବିରିଶିଗୁଡ଼ା ଅଙ୍ଗନବାଡ଼ି କେନ୍ଦ୍ରରେ। ଉକ୍ତ କେନ୍ଦ୍ରରେ ୯ ଗର୍ଭବତୀ, ୮ ପ୍ରସୂତି, ୩ କିଶୋରୀ ବାଳିକାଙ୍କୁ ମୁଢ଼ି, ଖଜରା, ରାଶିଲଡୁ ଓ ଭଜା ଚଣା ପ୍ରଦାନ କରିଥିବାବେଳେ ପ୍ରଦାନ କରାଯାଇଥିବା ଖାଦ୍ୟ ସାମଗ୍ରୀର ପରିମାଣ ଯଥେଷ୍ଟ କମ୍ ରହିଛି। ମୁଢ଼ି ୧୮୮ ଗ୍ରାମ୍, ଖଜରା ୧୧୯ ଗ୍ରାମ୍, ରାଶି ଲଡୁ ୮୬ ଗ୍ରାମ୍, ଭଜା ଚଣା ୪୦୦ ଗ୍ରାମ୍ ପ୍ରଦାନ କରାଯାଇଛି। ଯାହା ରାଜ୍ୟ ସରକାର ପ୍ରଦାନ କରୁଥିବା ପରିମାଣଠାରୁ ଯଥେଷ୍ଟ କମ୍ ରହିଥିବାରୁ ହିତାଧିକାରୀମାନେ ଉକ୍ତ ଖାଦ୍ୟ ସାମଗ୍ରୀ ନ ନେଇ ଚାଲିଯାଇଛନ୍ତି। ବିରିଶିଗୁଡ଼ା ଗ୍ରାମର ମମତା ନିଶିକା, ସାବିତ୍ରୀ ନିଶିକା, ରିଙ୍କି ହିକକା, ଲଳିତା ହିକକା, ବବିତା ହିକକା, ରେଶମା ପିଡିସିକା ସରକାରଙ୍କ ନିର୍ଦ୍ଧାରିତ ଓଜନର ଖାଦ୍ୟ ସାମଗ୍ରୀ ଦିଆଯାଉ ନ ଥିବାରୁ ସମସ୍ତ ସାମଗ୍ରୀ ଫେରାଇ ଦେଇଛୁ ବୋଲି କହିଛନ୍ତି। କମ୍ ପରିମାଣର ଖାଦ୍ୟ ପ୍ରଦାନ ସମ୍ବନ୍ଧରେ ସମ୍ପୃକ୍ତ ଅଙ୍ଗନବାଡ଼ି କର୍ମୀଙ୍କୁ ପଚାରି ବୁଝିବାରୁ ଖାଦ୍ୟ ଯୋଗାଣକାରୀ ସଂସ୍ଥା ଯାହା ଦେଉଛି ତାହା ଆମ୍ଭେ ପ୍ରଦାନ କରୁଛୁ। ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା କେଉଁ ଖାଦ୍ୟ ସାମଗ୍ରୀ କେତେ ପରିମାଣର ଦିଆଯିବ ସେ ନେଇ ଆମ୍ଭ କାର୍ଯ୍ୟାଳୟ ତରଫରୁ କୌଣସି ସୂଚନା ଦିଆଯାଇନାହିଁ। ତେଣୁ ଆମ୍ଭେ ଏ ବିଷୟରେ ବିଶେଷ କିଛି ଜଣିନାହୁଁ। ଏହି ସବୁ ବିଷୟ ଖବର କାଗଜରୁ ପଢ଼ି ଏବେ ଜାଣିଲୁ। ଶୁକ୍ରବାର ହିତାଧିକାରୀମାନେ ଖାଦ୍ୟ ସାମଗ୍ରୀ ନେବା ପାଇଁ ମନା କରିବା ପରେ ସିଡିପିଓଙ୍କୁ ଅବଗତ କରିଛି ବୋଲି ପ୍ରକାଶ କରିଛନ୍ତି। ଏ ନେଇ ସିଡିପିଓ ସୁଶିଳା ଶବରଙ୍କ ସହ ଯୋଗାଯୋଗ କରିବାରୁ ସେ ବର୍ତ୍ତମାନ ଦିଆଯାଇଥିବା ଖାଦ୍ୟ ସାମଗ୍ରୀ ସବୁକୁ ଚଳେଇଦେବୁ। ଆସନ୍ତା ମାସରେ ଆଡଜଷ୍ଟ କରିକି ଦେଇଦେବୁ ବୋଲି ସୂଚନା ଦେଇଛନ୍ତି। ଯେଉଁଠି ଗର୍ଭବତୀ ଓ ମହିଳାଙ୍କ ପୁଷ୍ଟିହୀନ ଦୂର କରିବା ପାଇଁ ରାଜ୍ୟ ସରକାର ବଡ଼ ବଡ଼ ପଦକ୍ଷେପ ଗ୍ରହଣ କରୁଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବରୁ ଏଭଳି ଦୁର୍ନୀତି ହେଇଥିବା ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଅନ୍ୟପଟେ ଗର୍ଭବତୀ, ପ୍ରସୂତି ଓ କିଶୋରୀ ବାଳିକାଙ୍କୁ ଯୋଗାଇ ଦିଆଯାଉଥିବା ପୁଷ୍ଟିକର ଖାଦ୍ୟରେ ହୋଇଥିବା ଦୁର୍ନୀତିର ତଦନ୍ତ ଆଗାମୀ ଦିନରେ କେଉଁ ମୋଡ଼ ନେଉଛି ତାକୁ ହିଁ ସମସ୍ତେ ଚାହିଁ ବସିଛନ୍ତି।

**ବିଡିଓଙ୍କ ନାମରେ ଦଳକୁ ବଦନାମ କରିବା ଠିକ୍ ନୁହଁ**

# ଗୋଟିଏ ଡୋରିରେ ବନ୍ଧା ଗୁଡ଼ାରୀ ବିଜେଡି

**ଗୁଡ଼ାରୀ,୧।୩(ସମିସ):**



ଗୁଡ଼ାରୀ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନିସା ଦାସଙ୍କ ବିପକ୍ଷରେ ବ୍ଲକ୍ ଅଧ୍ୟକ୍ଷ ଲକ୍ଷ୍ମୀ ଶବରଙ୍କ ମିଥ୍ୟା ଅଭିଯୋଗକୁ ଶାସକ ଦଳର ଉପାଧ୍ୟକ୍ଷ ବିଶ୍ୱନାଥ ଶବର ସମିତିସଭ୍ୟ ଓ ସରପଞ୍ଚମାନେ ସମ୍ପୂର୍ଣ୍ଣ ବିରୋଧ କରିଛନ୍ତି। ବ୍ଲକ୍ ଉପାଧ୍ୟକ୍ଷ ବିଶ୍ୱନାଥ ଶବର କହିଛନ୍ତି ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀ ଶବର କିଛି ହାତ ଗଣତି ବିରୋଧୀ ଦଳର ସମିତିସଭ୍ୟ, ସରପଞ୍ଚ ଓ ମୁଷ୍ଟିମେୟ ଦଲାଲମାନଙ୍କ ପ୍ରତାରଣାରେ ବିଡିଓଙ୍କ ବିରୋଧରେ ବଦଳି କରିବା ପାଇଁ ବ୍ଲକ୍ ଆଗରେ ଧାରଣା ଦେଇଛନ୍ତି ବୋଲି କହିଥିବାବେଳେ ଶାସକ ଦଳ ସବୁ ସମୟରେ ଏକ ହୋଇ ରହିଛି ଆଉ ରହିବ। ଏହାକୁ ଦୁଇଭାଗ ବୋଲି କହିବା ଏକ ବୋକାମିର ପରିଚୟ ବୋଲି କହିଛନ୍ତି କଦମା ସରପଞ୍ଚ ରାମ ମୁତରାଙ୍ଗା। ଆଗକୁ ସାଧାରଣ ନିର୍ବାଚନ ରହିଥିବାରୁ କିଛି ଖଳ ପ୍ରକୃତିର ଲୋକ ଗୁଡାରୀ ବିଜୁ ଜନତା ଦଳକୁ ବଦନାମ କରିବା ପାଇଁ ଦୁଇଭାଗ ବୋଲି କହିବାରେ ଲାଗିଛନ୍ତି। ଗୁଡାରୀ ବିଜେଡି ଗୋଟିଏ ସୁଦୃଢ଼ ଦଳ। ଏହି ଦଳକୁ କେହି ଭାଗ କରିପାରିବେ ନାହିଁ ବୋଲି କହିବା ସହ ଏହି ମିଥ୍ୟା ଅପପ୍ରଚାରର ପ୍ରଭାବ ଆଗାମୀ ସାଧାରଣ ନିର୍ବାଚନରେ କୌଣସି ଫରକ ପଡ଼ିବ ନାହିଁ। ବିଜୁ ଜନତା ଦଳ ବିପୁଳ ଭୋଟରେ ବିଜୟ ହାସଲ କରିବ ବୋଲି ଶ୍ରୀ ରାମ କହିବାର ଜଣାପଡ଼ିଛି। ଗୁଡାରୀ ଏବଂ ବ୍ଲକର ଶତାଧିକ ବିଜେଡିର ବରିଷ୍ଠ କର୍ମୀମାନେ କହିଛନ୍ତି ନିଜର ସ୍ୱାର୍ଥ ପାଇଁ ଦଳକୁ ଅପବ୍ୟବହାର କରିବା ଭଲ ନୁହଁ ଏଥିରେ ଯେଉଁ ମାନେ ସଂଯୁକ୍ତ ଅଛନ୍ତି ବିଜୁ ଜନତା ଦଳ କୋଠର କାର୍ଯ୍ୟାନୁଷ୍ଠାନ ନେବାପାଇଁ ଦଳର ମୁଖ୍ୟଙ୍କୁ ଅନୁରୋଧ କରିବା ଜଣାପଡ଼ିଛି।

## ବରିଷ୍ଠ ରାଜସ୍ୱ ସହାୟକ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅବସର ଗ୍ରହଣ



**କୋଷାଗୁମୁଡ଼ା,୧।୩(ସମିସ):**

କୋଷାଗୁମୁଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ବାଳକୃଷ୍ଣ ପାଣିଗ୍ରାହୀ କାର୍ଯ୍ୟରୁ ଅବସର ନେଇଛନ୍ତି। ସେହିପରି କୋଷାଗୁମୁଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ରାୟ ମଧ୍ୟ ଗୁରୁବାର ଅବସର ଗ୍ରହଣ କରିଛନ୍ତି। ଦୁଇ କାର୍ଯ୍ୟାଳୟରେ ସହକର୍ମୀ ଓ କନିଷ୍ଠ ସହଯୋଗୀମାନେ ଉଭୟଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭକାମନା ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ବ୍ଲକ୍ କାର୍ଯ୍ୟାଳୟର ସେକ୍ସନ ଅଫିସର ଜୟପ୍ରକାଶ ଦିଶାରୀ, ରାଜସ୍ୱ ସହାୟକ ସୁରେନ୍ଦ୍ର ମୋହନ ଦାସ, ନିତେଶ ରଥ, ସ୍ୱରୂପା ନାୟକ, କନିଷ୍ଠ ଯନ୍ତ୍ରୀ ବ୍ରହ୍ମାନନ୍ଦ ସାହୁ ଓ ଦେବ ମୁରିଆ ଉପସ୍ଥିତ ଥିଲେ। ସେହିପରି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଏବିଇଓ ଦିଗାମ୍ବର ହରିଜନ, ସୁନିଲ ପଟ୍ଟନାୟକ, ସନ୍ତୋଷ ସାହୁ, ବିଭୁ ପ୍ରସାଦ ସାହୁ, ଦିଲ୍ଲୀପ କୁମାର ରାୟ, ସାଗର ମାଝୀ, ବସନ୍ତ ବିଶୋଇଙ୍କ ସହ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଆମ ବ୍ୟାଙ୍କ ସେବା ଲୋକାର୍ପିତ

**କୋଷାଗୁମୁଡ଼ା,୧।୩(ସମିସ):** ଆମ ବ୍ୟାଙ୍କ ସେବା କୋଷାଗୁମୁଡ଼ା ବ୍ଲକର ଫାର୍ସାଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟଠାରେ ଗୁରୁବାର ସନ୍ଧ୍ୟାରେ ଲୋକାର୍ପିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ



ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଦ୍ୱାରା ଆମ ବ୍ୟାଙ୍କ ସେବାକୁ ଲୋକାର୍ପଣ କରିଥିଲେ। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ରାଜ୍ୟ ସାଂସଦ ପ୍ରତିନିଧି ବଦ୍ରିନାରାୟଣ ସିଂ, ପ୍ରସାଦ ରାଓ, ପିଇଓ ଟିକିଚାନ୍ଦ କାଉଡୋଲା, ମୋହନ ମାଝୀ ପ୍ରମୁଖଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ସଭାରେ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ୟାଙ୍କର ସୁବିଧା ସୁଯୋଗ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଲୋକେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନେଣଦେଣ ସହ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇପାରିବେ। ଏତଦ୍ ବ୍ୟତୀତ ଅଙ୍ଗୁଳି ଟିପ ନେଇ ଟଙ୍କା ଉଠାଇ ପାରିବେ ବୋଲି ସୂଚନା ଦିଆଯାଇଛି।

**ବନ୍ଧୁଗାଁ:** କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକର କମ୍ବୁଗଣ୍ଡା ପଞ୍ଚାୟତରେ ନୂତନ ଜିଓ ନେଟୱର୍କ ସେବା ଓ '୫-ଟି' ନୂତନ ଆମ ବ୍ୟାଙ୍କ ସେବା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ ହୋଇଯାଇଛି। ଗୁରୁବାର ଆମ ବ୍ୟାଙ୍କ ସେବା ଶୁଭାରମ୍ଭ ଅବସରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ଓ ବ୍ଲକ୍ ବିଜେଡି ସଭାପତି ବାଲା ନାଗ ଉପସ୍ଥିତ ଥିଲେ। ଏହା ସହିତ କାନାଗାଁ ପଞ୍ଚାୟତରେ ସରପଞ୍ଚ ଭାସ୍କର ୱାଟାକା, କାବ୍ରିବାଡ଼ି ପଞ୍ଚାୟତରେ ସରପଞ୍ଚ ସସ୍ମିତା ପିଡିକା, ଗାରିଡି ପଞ୍ଚାୟତ ର ସରପଞ୍ଚ ମୋତି ମାଣ୍ଡିଙ୍ଗି, କୁଟ୍ରାବେଡ଼ା ପଞ୍ଚାୟତର ସରପଞ୍ଚ ଘାଷାଇ ମେଲେକା ଓ କମ୍ବୁଗଣ୍ଡା ପଞ୍ଚାୟତର ସରପଞ୍ଚ ଇରାମା କାଡ୍ରାକା ଉପସ୍ଥିତ ରହି ନିଜ ନିଜ ପଞ୍ଚାୟତର ଆମ ବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ର ସିଏସପି ପ୍ଲସ୍ ଶୁଭାରମ୍ଭ କରିଥିଲେ। ଏହି ଶୁଭାରମ୍ଭ ଅବସରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ନିଜ ପଞ୍ଚାୟତବାସୀଙ୍କ ମଧ୍ୟରେ ଉପସ୍ଥିତ ରହିବାରୁ ଅନେକ ଖୁସିବ୍ୟକ୍ତ କରି ଦେଶିଆ ଗୀତର ତାଳେ ତାଳେ ଢେମସା ନାଚ ନାଚି ଖୁସି ମନାଇଥିଲେ। ଦୀର୍ଘ ବର୍ଷ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକାର ସୁବିଧା ଯୋଗାଇ ଦେଇଥିବା ଯୋଗୁଁ ଜିଲ୍ଲା ପରିଷଦ ଅଧ୍ୟକ୍ଷା, ବ୍ଲକ୍ ବିଜେଡି ସଭାପତି, ସ୍ଥାନୀୟ ସରପଞ୍ଚ ଓ ଉପସ୍ଥିତ ଶତାଧିକ ଗ୍ରାମବାସୀ ଶୁଭେଚ୍ଛା ଜଣାଇଛନ୍ତି।

## ବିଭିନ୍ନ ସମସ୍ୟା ନେଇ ଗ୍ରାମବାସୀଙ୍କ ସହ ଆଲୋଚନା କଲେ ଡମ୍ବରୁ ନାୟକ



**କୋରାପୁଟ,୧।୩(ସମିସ):** କୋରାପୁଟ ବ୍ଲକ୍ ମସ୍ତିପୁଟ ପଞ୍ଚାୟତ ଅନ୍ତର୍ଗତ ବଣ୍ଡାଗୁଡ଼ାରେ ଅନୁଷ୍ଠିତ ଡଙ୍ଗର ଯାତ୍ରାରେ ବିଶିଷ୍ଟ ସମାଜସେବୀ ଡମ୍ବରୁ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଉକ୍ତ ଡଙ୍ଗର ଯାତ୍ରାରେ ୨୩ରୁ ଉର୍ଦ୍ଧ୍ୱ ଗ୍ରାମର ପ୍ରାୟ ୫୦୦୦ ଲୋକଙ୍କ ସମାଗମ ହୋଇଥିଲା। ଲୋକେ ଡଙ୍ଗର ଯାତ୍ରାରେ ପୂଜାର୍ଚ୍ଚନା କରି ନିଜର ଓ ସମାଜର ମଙ୍ଗଳ କାମନା କରିଥା'ନ୍ତି। ଏହି ଅବସରରେ ସମାଜସେବୀ ଡମ୍ବରୁ ନାୟକଙ୍କୁ ୨୩ ଖଣ୍ଡ ଗ୍ରାମବାସୀ ଅତିଥି ଭାବେ ନିମନ୍ତ୍ରଣ କରି ସେମାନଙ୍କ ନାନା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଅନେକ ଗ୍ରାମରେ ପାନୀୟ ଜଳ ସମସ୍ୟା ରହିଥିବାବେଳେ କିଛି ଦିନ ପରେ ଗ୍ରୀଷ୍ମ ଋତୁ ଆସୁଥିବାରୁ ଉତ୍କଟ ଜଳ ସମସ୍ୟା ଦେଖାଦେବା ସମ୍ଭାବନା ରହିଥିବାରୁ ଯଥାଶୀଘ୍ର ପାନୀୟ ଜଳ ସମସ୍ୟା ଦୂର କରାଯିବାକୁ ସେ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିବେ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହାବ୍ୟତୀତ ଶ୍ରୀ ନାୟକ ଗ୍ରାମବାସୀମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧ୍ୟକ୍ଷ କୋରାପୁଟ ଜିଲ୍ଲା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେଇ ବିଭିନ୍ନ କଲ୍ୟାଣକାରୀ ଯୋଜନା କରୁଥିବା ବିଷୟରେ ସଚେତନ କରିବା ସହ ସବୁ ଯୋଜନାର ଫାଇଦା ନେବାକୁ କହିଥିଲେ।

## କୁର୍ସୀ ପଞ୍ଚାୟତରେ ବ୍ୟାଗ୍ ଓ ୧୦୦୦ ଟଙ୍କା ସହାୟତା ରାଶି ବଣ୍ଟନ



**ଉମରକୋଟ,୧।୩(ସମିସ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ଅନ୍ତର୍ଗତ କୁର୍ସୀ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ମାଧ୍ୟମରେ ରାସନ କାର୍ଡ ହିତାଧିକାରୀଙ୍କୁ ବ୍ୟାଗ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁର୍ସୀ ସରପଞ୍ଚ ରତିରାମ ମାଝୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାସନ କାର୍ଡ ହିତାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ବ୍ୟାଗ ବଣ୍ଟନ ଓ ସହାୟତା ରାଶି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ବ୍ୟାଗ୍ ବଣ୍ଟନ ଓ ସହାୟତା ରାଶି କାର୍ଯ୍ୟକ୍ରମରେ କୁର୍ସୀ ପଞ୍ଚାୟତର ଅନେକ ହିତାଧିକାରୀ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ବ୍ୟାଗ୍ ୧୨ ଶହ ହିତାଧିକାରୀ ଗ୍ରହଣ କରିଥିଲେ। ଏହି ବ୍ୟାଗ୍ ମାଧ୍ୟମରେ ହିତାଧିକାରୀ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଚାଉଳ, ଗହମ, ମାଣ୍ଡିଆ ନେବାର ସୁବିଧା ପାଇପାରିବେ। ପଞ୍ଚାୟତ ସଭାପତି ସଭାରାମ ମାଝୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସପନ ସରକାର, ଜୁମେରା ସାନ୍ତା, ଜାକବ ସାନ୍ତା, ଦେବେନ୍ଦ୍ର ଗୌଡ଼, ନାଏବ ସରପଞ୍ଚ ଚନ୍ଦ୍ରମା ସାନ୍ତା, କନିରାମ ହରିଜନ, ବିକ୍ରମ ଗଣ୍ଡ ପ୍ରମୁଖ ସହଯୋଗ କରିଥିଲେ।

## ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ବ୍ଲକସ୍ତରୀୟ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ



**ଜୟପୁର,୧।୩ (ସମିସ):** କୋରାପୁଟ ଜିଲ୍ଲା ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବ୍ଲକସ୍ତରୀୟ ବିଭିନ୍ନ ବିଦ୍ୟାଳୟର ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ନିମନ୍ତେ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜୟପୁର ବ୍ଲକର ୧୫ଟି କ୍ଲଷ୍ଟରର ୪୫ରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଖେଳ, ନୃତ୍ୟ, ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଜୟପୁର ବ୍ଲକ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କୈଳାଶ ଚନ୍ଦ୍ର ଶତପଥୀ, ଗୋଷ୍ଠୀ ସାଧନ କର୍ମୀ ଡି.ଶୁଭଶ୍ରୀ ପାତ୍ର, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦେବୀପ୍ରସାଦ ଦାଶ, ବରିଷ୍ଠ ଶିକ୍ଷକ ସୁରେନ୍ଦ୍ର ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏଥିରେ ଶିକ୍ଷକ ଜଗନ୍ନାଥ ମିଶ୍ର, ପ୍ରଦୀପ ମିଶ୍ର, ସୁଧାକର ପଣ୍ଡା, ଆଞ୍ଚଳିକ ସଂଯୋଜକ ସଂଯୁକ୍ତା ରାଉତ, କୁକୁମୀନା ଦାସ, ସୁସ୍ମିତା ପାଢ଼ୀ, ଗୌରୀ ପଣ୍ଡା, କୁନି ଖିଲ, ଅଭିସ୍ମା ପାତ୍ର, ସଂଯୁକ୍ତା ସାମଲ, ପ୍ରିୟଙ୍କା ମିଶ୍ର, ଅଭିମନ୍ୟୁ ପ୍ରଧାନ, ମନୋରଞ୍ଜନ ପଲାଇଙ୍କ ସମେତ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ବିଜେଡିର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଆରମ୍ଭ

**ରାୟଗଡ଼ା,୧।୩(ସମିସ)**



ରାଜ୍ୟ ସରକାରଙ୍କ ପ୍ରତ୍ୟେକ ବିକାଶ କାର୍ଯ୍ୟକ୍ରମକୁ ରାଜ୍ୟବାସୀଙ୍କ ନିକଟରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି। ଏ ନେଇ ସମଗ୍ର ରାଜ୍ୟରେ ଆରମ୍ଭ ହୋଇଛି ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ। ଏହି କ୍ରମରେ ଗୁରୁବାର ରାୟଗଡ଼ା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ରାୟଗଡ଼ା ପୌରାଞ୍ଚଳର ୱାର୍ଡ ନମ୍ବର ୭ରୁ ଆରମ୍ଭ ହୋଇଛି ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ। ରାୟଗଡ଼ା ବିଜେଡି ନଗର କମିଟି ସଭାପତି ବି.ଜଗନମୋହନ ରାଓଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟସଭା ସାଂସଦ ତଥା ରାଜ୍ୟ ବିଜେଡି ଉପସଭାପତି ଏନ.ଭାସ୍କର ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ୱାର୍ଡ ନମ୍ବର ୭ରେ ଥିବା ରାୟଗଡ଼ାର ଗ୍ରାମଦେବତା ଶ୍ରୀଶ୍ରୀ ମା' ବୁରୁଦଲାପୋଲ୍ଲାମାଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ସଭା କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାୟଗଡ଼ା ପୌରାଧ୍ୟକ୍ଷ ପି.ମହେଶ ପଟ୍ଟନାୟକ ଯୋଗଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର ପରିଚାଳନା କମିଟି ଉପସଭାପତି କେ.ଶ୍ରୀନିବାସ ରାଓ, ପି.ଭାସ୍କର ରାଓଙ୍କ ସମେତ ପୌର ପରିଷଦର ବିଭିନ୍ନ ୱାର୍ଡର ବିଜେଡି କାଉନସିଲର, ସମର୍ଥକ, କର୍ମୀ ଓ ସ୍ଥାନୀୟ ବାସିନ୍ଦା ଯୋଗଦେଇଥିଲେ। ଦୀର୍ଘ ୨୩ ବର୍ଷ ଧରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନରେ ରାଜ୍ୟରେ ବିକାଶଧାରା ଆଗେଇ ଚାଲିଛି। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ବହୁ ଲୋକାଭିମୁଖୀ ଯୋଜନାରେ ରାଜ୍ୟବାସୀ ଉପକୃତ ହେଉଛନ୍ତି। ତେଣୁ ଏହି ବିକାଶକୁ ଜାରି ରଖିବାକୁ ପୁଣି ଥରେ ଆସନ୍ତା ସାଧାରଣ ନିର୍ବାଚନରେ ବିକାଶର ପ୍ରତୀକ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ବିଧାନସଭା ଓ ଲୋକସଭା ଆସନରେ ବିଜେଡିର ଦଳୀୟ ପ୍ରାର୍ଥୀଙ୍କୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ଏନ୍ ଭାସ୍କର ରାଓ କହିଥିଲେ। ପରେ ଦଳୀୟ ନେତୃବୃନ୍ଦ ଓ କର୍ମୀ ତଥା ସମର୍ଥକମାନେ ୱାର୍ଡରେ ଥିବା ପ୍ରତି ଘରକୁ ଘର ଯାଇ ସମସ୍ତଙ୍କୁ ଅନୁରୋଧ କରି ବିଜୁ ଜନତା ଦଳ ଓ ଲୋକପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ସୁଶାସନକୁ ଭଲ ପାଉଥିବା ସବୁ ଘରେ ଶଙ୍ଖ ଚିହ୍ନର ପୋଷ୍ଟର ମାରି ସମସ୍ତଙ୍କୁ ଅବଗତ କରାଯିବା ସହ ତୃଣମୂଳସ୍ତରରେ ବିଜେଡି ସଂଗଠନକୁ ଆହୁରି ମଜଭୁତ କରିବା ପାଇଁ ଅନୁରୋଧ କରିଥିଲେ।

# ବ୍ଲକ୍‌ସ୍ତରୀୟ ଏସ୍‌ଡିସି କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ




**ନନ୍ଦପୁର,୧।୩(ସମିସ):** ଗ୍ରାମାଞ୍ଚଳ ପ୍ରତିଭାକୁ ବିକଶିତ କରିବା ଓ ରାଜ୍ୟ ସହ ଜାତୀୟସ୍ତରରେ ନିଜ ଦକ୍ଷତା ଓ ପରିଚୟ ସୃଷ୍ଟି କରିବା ପାଇଁ ଏସଡିସି କପ୍ ଏକ ମାଧ୍ୟମ ବୋଲି ପଟ୍ଟାଙ୍ଗି ବିଧାୟକ ପିତମ କୁମାର ପାଢ଼ି ଗୁରୁବାର ନନ୍ଦପୁର ବ୍ଲକ ଏସଡିସି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। ଗ୍ରାମାଞ୍ଚଳର ଖେଳ ଓ ଖେଳାଳିକୁ ଶିଖରରେ ପହଞ୍ଚାଇବାକୁ ଏହି ପ୍ରୟାସ ପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଏସଡିସି ଉପାଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ ଓ ବରିଷ୍ଠ ନେତା ଗୋପାଳ କୃଷ୍ଣ ବେବର୍ତ୍ତା ଯୋଗଦେଇ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଉନ୍ନୟନ ବିଭାଗ ଦ୍ୱାରା କେବଳ ଯେ ଆଦିବାସୀ କଳା ସଂସ୍କୃତିର ଉଦ୍ଧାର ଓ ପ୍ରଗତି କରିବା ସହ ବର୍ତ୍ତମାନ ଗ୍ରାମାଞ୍ଚଳର ପ୍ରତିଭାକୁ ଦେଶରେ ବିକଶିତ କରିବାକୁ ଲକ୍ଷ୍ୟ ନେଇ ରାଜ୍ୟର ସମସ୍ତ ବ୍ଲକରେ ଖେଳ ଓ ଖେଳାଳିଙ୍କ ଆଶା ଓ ବିଶ୍ୱାସକୁ ମୁଖ୍ୟମନ୍ତ୍ରୀ ଏକ ନୂଆ ରୂପ ଦେଇଛନ୍ତି ବୋଲି ସେ କହିଛନ୍ତି। ନିମନ୍ତ୍ରଣ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କର୍ତ୍ତୁଲ୍, ନନ୍ଦପୁର ବ୍ଲକ୍ ଏସଡିସି ସଦସ୍ୟା ଉର୍ମିଳା ମୁଦୁଲି, ନନ୍ଦପୁର ବ୍ଲକ ମହିଳା ସଭାନେତ୍ରୀ କୁନି ପାଲି, ବିଜୟଲକ୍ଷ୍ମୀ ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ଲଇଚନ ଖରା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଭାତ ଗୁରୁ ମାଇ, ଜିଲ୍ଲା ବିଜେଡି ସମ୍ପାଦକ ମୁନା ଦଳପତିଙ୍କ ସମେତ ସେମିଳିଗୁଡ଼ା ଓ ପଟ୍ଟାଙ୍ଗି ବ୍ଲକ ଜିଲ୍ଲା ପରିଷଦ ସଭ୍ୟମାନେ ଯୋଗଦେଇଥିଲେ। ୧୮ଟି ଦଳକୁ ନେଇ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଗୁରୁବାର ଉଦଘାଟନୀ ମ୍ୟାଚ୍ ଖେଳାଯାଇଥିବାବେଳେ ଆସନ୍ତା ୨ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ନନ୍ଦପୁର ବ୍ଲକ ଏଇଇ ଯଶକେତନ ବେହେରା, ଅର୍ଜୁନ ମାଝୀ, ରଞ୍ଜନ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

ସକାଳ
THE SAKALA



### କାର୍-ବାଇକ୍ ଧକ୍କାରେ ନାବାଳକ ମୃତ୍ୟୁ ଘଟଣା

# କ୍ଷତିପୂରଣ ପ୍ରଦାନ ପରେ ହଟିଲା ରାସ୍ତାରୋକ

ନନ୍ଦପୁର,୧।୩(ସମିସ)



କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍ ଓଡ଼ିଶା-ଆନ୍ଧ୍ର ସୀମାନ୍ତ ପାଡୁଆ ଥାନା ଅନ୍ତର୍ଗତ ଶିରିଶିଗୁଡ଼ା ଛକ ନିକଟରେ କାର୍ ଓ ବାଇକ୍ ମଧ୍ୟରେ ହୋଇଥିବା ଧକ୍କାରେ ନାବାଳକ ମୃତ୍ୟୁ ପରେ କ୍ଷତିପୂରଣ ଦାବିରେ ପରିବାର ଲୋକ ରାସ୍ତା ଉପରେ ଶବ ରଖି କ୍ଷତିପୂରଣ ଦାବିରେ ଗୁରୁବାର ମଧ୍ୟରାତ୍ରରୁ ଅନଶନରେ

**● ରେଡ୍‌କ୍ରସରୁ ମୃତକ ପରିବାରକୁ ୧୦ ହଜାର ଦେଲେ ତହସିଲଦାର**

ବସିଥିବାବେଳେ ଶୁକ୍ରବାର ଏହାର ସମାଧାନ ହୋଇଛି। କାର୍ ମାଲିକ ମୃତକଙ୍କ ପରିବାରଙ୍କୁ କ୍ଷତିପୂରଣ ପ୍ରଦାନ ନେଇ ହାତ ବଢ଼ାଇବା ପରେ ପରିବାର ଲୋକେ ଶାନ୍ତ ପଡ଼ିବା ସହ ରାସ୍ତା ଅବରୋଧରୁ ଓହରିଥିଲେ। ସେପଟେ ଘଟଣାସ୍ଥଳରେ ନନ୍ଦପୁର ତହସିଲଦାର ଅନାଦୀ ଚରଣ ସାହୁ ପହଞ୍ଚି ମୃତକଙ୍କ ପରିବାରଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ ହାଜର ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ। ସୂଚିତ ଯେ, ଗୁରୁବାର ସନ୍ଧ୍ୟା ସମୟରେ ଏକ ବାଇକ୍ ଯୋଗେ ଦାର୍ଲିପୁଟରୁ ପାଡୁଆ ଆସୁଥିବାବେଳେ ଶିରିଶିଗୁଡ଼ା ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ କାର୍ ସହ ମୁହାମୁହିଁ ଧକ୍କା ହୋଇଥିଲା। ଏଥିରେ ଘଟଣାସ୍ଥଳରେ ବାଇକରେ ବସିଥିବା ଜଣେ ନାବାଳକ ଅର୍ଜୁନ ପାଙ୍ଗିଙ୍କ ମୃତ୍ୟୁ ହୋଇଥିବାବେଳେ ବାଇକ୍ ଚାଳକ ନବୀନ ପାଙ୍ଗି ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଦୁଇ ଜଣଙ୍କ ଘର ଗୋଲୁର ଗ୍ରାମ ପଞ୍ଚାୟତର ଡୁମୁରିଗୁଡ଼ା ଗ୍ରାମରେ ବୋଲି ଜଣାପଡ଼ିଥିବାବେଳେ କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାର ଓ ଅଞ୍ଚଳବାସୀ ଶବ ରଖି ରାସ୍ତା ଅବରୋଧ କରିଥିଲେ। ଖବର ପାଇ ନନ୍ଦପୁର ଏସଡିପିଓ ସମ୍ବିତ କୁମାର ସାହୁ, ପାଡୁଆ ଆଇଆଇସି ଅଶୋକ କୁମାର ବିଶୋଇ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ଉତ୍ୟକ୍ତ ଗ୍ରାମବାସୀ ଓ ପରିବାର ଲୋକଙ୍କୁ ବୁଝାସୁଝା କରିଥିଲେ।

### ■ କୋରାପୁଟ ବୁଲିଲେ ସୁକୁମାର ୯୦ ମହିଳା

# ମିଶନ ଶକ୍ତିର ସଫଳତାରେ ଅଭିଭୂତ

**କୋରାପୁଟ, ୧।୩(ସମିସ):** ଓଡ଼ିଶାରେ ଯେପରି ମହିଳାଙ୍କୁ ମିଶନ ଶକ୍ତି ନୂଆ ପରିଚୟ ଦେଇପାରିଛି ଏବଂ ରାଜ୍ୟ ସରକାରଙ୍କ ପଞ୍ଚାୟତରାଜ ଏବଂ ପାନୀୟଜଳ ବିଭାଗର ସହଯୋଗୀ ପ୍ରତିଷ୍ଠାନ ଓରମାସ ଯେପରି ମହିଳାଙ୍କୁ ସଶକ୍ତୀକରଣ କରିପାରିଛି ତାହାକୁ ବୁଲି ଦେଖିବା ପାଇଁ ପଡ଼ୋଶୀ ଛତିଶଗଡ଼ ରାଜ୍ୟ ସୁକୁମା ଜିଲ୍ଲାରୁ ୯୦ ଜଣ ମହିଳା ଆସି କୋରାପୁଟ ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ ଏବଂ ସରକାରୀ ଉତ୍ପାଦକ ଗୋଷ୍ଠୀ କେନ୍ଦ୍ରଗୁଡ଼ିକୁ ବୁଲି ଦେଖିଥିଲେ। ଜିଲ୍ଲାର ଲକ୍ଷ୍ମୀପୁର, ବୈପାରୀଗୁଡ଼ା, ସୁନାବେଡ଼ା ଓ କୋରାପୁଟ ଭଳି ଅଞ୍ଚଳ ବୁଲି ମିଲେଟ, କଫି, ହଳଦୀ, ଝାଡୁର ଉତ୍ପାଦିତ ସାମଗ୍ରୀର ଚାହିଦା ଏବଂ ବଜାରୀକରଣ ବିଶେଷକରି ପ୍ରକ୍ରିୟାକରଣ ଉପରେ ଜ୍ଞାନ ଅର୍ଜନ କରିଥିଲେ। ମିଲେଟଜାତ ଖାଦ୍ୟ ବିଶେଷକରି ମାଣ୍ଡିଆରୁ କିପରି ଏକରୁ ଅନେକ ପ୍ରକାରର ଖାଦ୍ୟ ପ୍ରସ୍ତୁତ ହୋଇପାରୁଛି ଏବଂ ହଳଦୀକୁ କିପରି ପ୍ରକ୍ରିୟାକରଣ କରି ରାଜ୍ୟ ଓ ଜାତୀୟ ସ୍ତରରେ ବିକ୍ରିବଟା କରାଯାଉଛି ସେ ସମ୍ପର୍କରେ ମଧ୍ୟ ଜ୍ଞାନ ଅର୍ଜନ କରିଥିଲେ। କୋରାପୁଟ ଓରମାସର ସିଇଓ ରୋଶନ କାର୍ତ୍ତିକଙ୍କ କହିବା ଅନୁଯାୟୀ, କୋରାପୁଟ ଜିଲ୍ଲାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା କିପରି ଭାବେ ବନ୍ଧୁଗାଁର ଲେମନଗ୍ରାସ ଅଏଲ, ଲକ୍ଷ୍ମୀପୁରର ହଳଦୀ, କୋଟିଆର ଝାଡୁ ଏବଂ ବିଶେଷ କରି ସୁନାବେଡ଼ାଠାରେ ଥିବା କଫି ପ୍ରକ୍ରିୟାକରଣ ୟୁନିଟ ସେମାନେ ବୁଲି ଦେଖିଥିଲେ। ପରେ ଛତିଶଗଡ଼କୁ ଯଦି ଆବଶ୍ୟକ ପଡ଼େ କୋରାପୁଟ ଜିଲ୍ଲାର ବିଭିନ୍ନ ଉତ୍ପାଦକ ସାମଗ୍ରୀକୁ ସେମାନେ କିଣି ନେବେ ଏବଂ ଯାହାଦ୍ୱାରା କମ୍ ଦରରେ ନେଇ ପ୍ରକ୍ରିୟାକରଣ କରି ବଜାରୀକରଣ କଲେ ଅଳ୍ପ ପଇସାରେ ଭଲ ଲାଭ ପାଇପାରିବେ ବୋଲି ସେ କହିଛନ୍ତି। ବିଶେଷ କରି ମିଶନ ଶକ୍ତି ଏବଂ ଓରମାସ ଦ୍ୱାରା ଶୁକ୍ରବାର ଗ୍ରାମାଞ୍ଚଳ ହେଉ କି ସହରାଞ୍ଚଳ ମହିଳାମାନେ ଯେପରି ଗୃହିଣୀରୁ ଉଦ୍ୟୋଗୀ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ତାହା ଦେଖି ଛତିଶଗଡ଼ ମହିଳାମାନେ ରାଜ୍ୟ ସରକାରଙ୍କ ଏପରି ମହିଳା ସଶକ୍ତୀକରଣ ଓ ବିକାଶକୁ ପ୍ରଶଂସା କରିଛନ୍ତି।



## ଅନ୍ତର୍ଜାତୀୟ ହ୍ୱିଲ୍ ଚେୟାର ଦିବସ

**ମାଲକାନଗିରି,୧।୩(ସମିସ):** ଶୁକ୍ରବାର ମାଲକାନଗିରି ସଦର ମହକୁମାସ୍ଥ କଲ୍ୟାଣମଣ୍ଡପଠାରେ ଅନ୍ତର୍ଜାତୀୟ ହ୍ୱିଲ୍ ଚେୟାର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ପ୍ରାୟ ୪୩୦ ଜଣ ଭିନ୍ନକ୍ଷମ ଯୋଗଦେଇଥିଲେ। ଏହି ଦିବସ ପାଳନ ସମାରୋହରେ ୫ଜଣ ଦମ୍ପତିଙ୍କୁ ବିବାହ ପ୍ରୋତ୍ସାହନ ରାଶି ୨ ଲକ୍ଷ ପଚାଶ ହଜାର ଟଙ୍କା ପ୍ରତି ଦମ୍ପତିଙ୍କୁ ପ୍ରଦାନ କରାଯାଇଛି। ଏଥିସହ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସେହିପରି ଭିନ୍ନକ୍ଷମଙ୍କ ସନ୍ତାନଙ୍କ ପାଠପଢ଼ା ବାବଦରେ ଛାତ୍ର ବୃତ୍ତିରେ ଜଣଙ୍କୁ ୧୦୯୩୫ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଯୋଜନାରୁ ପ୍ରଦାନ କରାଯାଇଛି। ଆସିଥିବା ସମସ୍ତ ଦିବ୍ୟାଙ୍ଗମାନଙ୍କ ମଧ୍ୟରେ ହ୍ୱିଲ୍‌ଚେୟାର ଦୌଡ଼ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଉତ୍ତୀର୍ଣ୍ଣ ଦିବ୍ୟାଙ୍ଗଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲ ଯୋଗଦେଇଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା.ପ୍ରଫୁଲ୍ଲକୁମାର ନନ୍ଦ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରି ଡା. ହୁସେନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧାରୁଆ, ଉପଖଣ୍ଡ ସାମଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ, ମାଲକାନଗିରି ମହାବିଦ୍ୟାଳୟର ଅଧ୍ୟାପକ ରଞ୍ଜନ କୁମାର ସ୍ୱାଇଁ, ଏପିଡେମିୟଲୋଜିଷ୍ଟ ଡା. ରାଜ, ରାଷ୍ଟ୍ରୀୟ ବାଲ ସୁରକ୍ଷା କାର୍ଯ୍ୟକ୍ରମର ପରିଚାଳକ ହରିବନ୍ଧୁ ଦେଶୀନାୟକ ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରଶାସନର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆୟୋଜନ କରିଥିବା ବେଳେ ଏଥିରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏବଂ ମାଲକାନଗିରି ମହାବିଦ୍ୟାଳୟ ପକ୍ଷରୁ ସହଯୋଗ କରିଥିଲେ।

## ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ମାଲକାନଗିରି,୧।୩(ସମିସ):** ମାଲକାନଗିରି ଜିଲ୍ଲା ସଦର ମହକୁମା ବୁଟିଗୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ବିଣାପାଣୀ ଦେବୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ବିଣାପାଣୀ ଦେବୀ ତାଙ୍କ ଚାକିରିରୁ ଅବସର ନେଇଥିବାବେଳେ ବିଦ୍ୟାଳୟ ପରିଚାଳନା କମିଟି ଓ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଖଣ୍ଡପାଣି, ବିଦ୍ୟାଳୟ ପରିଚାଳନା କମିଟିର ସଭାନେତ୍ରୀ ଗୌରୀ କପେ, ମମତା ସାହୁ, ପ୍ରତିମା ନାୟକ, ଅନିତା ଶିକଦାର, ମଧୁସ୍ମିତା ସିଂ, ରୀନା ମହାପାତ୍ର ତରୁଣ କୁମାର ଦେ, ପୁରବୀ ସିଲ, ଅଙ୍ଗୁରବାଲା ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲ। ଅବସରରେ ତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲ। ଶ୍ରୀମତୀ ଦେବି ୧୯୮୬ ମସିହାରେ ଶିକ୍ଷୟିତ୍ରୀ ଭାବେ ଚାକିରିରେ ଯୋଗଦେଇଥିବାବେଳେ ୨୦୨୪ ଫେବୃଆରୀ ୨୯ ତାରିଖ ଦିନ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ୩୮ ବର୍ଷ ଶିକ୍ଷକତାରେ ମାଲକାନଗିରି ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଅନେକ ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା ପ୍ରଦାନ କରିବା ସହ ତାଙ୍କ ନିକଟରେ ଅଧ୍ୟୟନ କରିଥିବା ବହୁ ଛାତ୍ରଛାତ୍ରୀ ବର୍ତ୍ତମାନ ଉଚ୍ଚ ପଦପଦବୀରେ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ଏଭଳି ଶିକ୍ଷୟିତ୍ରୀ ଅବସର ନେଇଥିବାରୁ ଏହା ଶିକ୍ଷା ବିଭାଗକୁ ଏକ ଅତୁଳନୀୟ ଅଭାବ ବୋଲି ଉପସ୍ଥିତ ଶିକ୍ଷକଶିକ୍ଷୟିତ୍ରୀମାନେ ନିଜ ବକ୍ତବ୍ୟରେ କହିଛନ୍ତି। ଆଜି ଏହି ଅବସରରେ ଶିକ୍ଷୟିତ୍ରୀଙ୍କୁ ପ୍ରୋଭିଜନାଲ ପେନସନ ମଧ୍ୟ ପ୍ରଦାନ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ପ୍ରତିମା ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲ।

## ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

**ମାଲକାନଗିରି,୧।୩(ସମିସ):** ମାଲକାନଗିରି ଜିଲ୍ଲା ସଦର ମହକୁମାସ୍ଥ ଏକ୍ସବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପ୍ରାଧନଶିକ୍ଷକ ସମୀରକାନ୍ତ ରଥଙ୍କ ତତ୍ତ୍ୱାବଧାନରେ ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଶିକ୍ଷାବିତ୍ ପ୍ରକାଶଚନ୍ଦ୍ର ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୀମାଞ୍ଚଳ ପଣ୍ଡା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ସୀମାଞ୍ଚଳ ପଣ୍ଡା, ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ପି ସୁନିତା, ରୁକ୍ମଣୀ ପୁଜାରୀ, ମୁତ୍ୟାଲୁ ଆମ୍ମା ପ୍ରମୁଖ ମଞ୍ଚାସୀନ ହୋଇ ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ଗୋବିନ୍ଦ ସାହୁ, ମଧୁସ୍ମିତା ସେନାପତି, ମମତା ସାହୁ, ପଙ୍କଜିନୀ ସାହୁ, ଅମିତା ଚୌଧୁରୀ, ସସ୍ମିତା ମହାନ୍ତି, ମମତା ସ୍ୱାଇଁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପ୍ରତିଯୋଗିତାରେ କୃତି ୭୯ ଜଣ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଉତ୍ତମ ଛାତ୍ର ଭାବେ ଭାସ୍କର ଭୂୟାଁ, ଉତ୍ତମ ସ୍ୱାସ୍ଥ୍ୟ ପରିମଳରେ ବର୍ଷା ଖରା, ସଚ୍ଚିଦାନନ୍ଦ ଗୁରୁ, ଉପସ୍ଥାନରେ ସ୍ୱେଚ୍ଛାସେବୀ ଜି. ବନଜା ପ୍ରଥମ ଓ ମୀରା ରାଉତ ପ୍ରମୁଖ ପୁରସ୍କୃତ ହୋଇଥିଲେ।

## ଜିଲ୍ଲା ଶିଳ୍ପକେନ୍ଦ୍ର ତରଫରୁ ଖାଦ୍ୟ ପ୍ରକ୍ରିୟାକରଣ କର୍ମଶାଳା

**ରାୟଗଡ଼ା,୧।୩(ସମିସ):** ରାୟଗଡ଼ା ଜିଲ୍ଲା ଶିଳ୍ପ କେନ୍ଦ୍ରର ସମ୍ମିଳନୀ କକ୍ଷରେ ଜିଲ୍ଲା ଶିଳ୍ପ କେନ୍ଦ୍ର, ରାୟଗଡ଼ା ଓ ଭାରତ ସରକାରଙ୍କ ଏମଏସଏମଇ ଡିଏଫଓ, ରାୟଗଡ଼ାର ମିଳିତ ଆନୁକୂଲ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଏକ କର୍ମଶାଳା ଶିଳ୍ପ କେନ୍ଦ୍ରର ବରିଷ୍ଠ ଶିଳ୍ପ ବିକାଶ ଅଧିକାରୀ ସବ୍ୟସାଚୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କ୍ଷୁଦ୍ର ଶିଳ୍ପ ସଂଘର ସଭାପତି ଏ.ଗୋବିନ୍ ରାଓ, ମୁଖ୍ୟବକ୍ତା ଭାବେ ସହକାରୀ ନିର୍ଦ୍ଦେଶକ ଏମଏସଏମଇ ଡିଏଫଓ ଏ.କୋଟିରତ୍ନମ ଓ ସମ୍ମାନିତ ଅତିଥି ଭାବେ ଏଜିଏମ ନାବାର୍ଡ ସନ୍ତୋଷ କୁମାର ସାମଲ ଯୋଗଦେଇଥିଲେ। ରାୟଗଡ଼ା ଜିଲ୍ଲା ଏକ ଶିଳ୍ପ ସମୃଦ୍ଧି ଜିଲ୍ଲା ଭାବେ ପରିଣତ ହୋଇଥିଲାବେଳେ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ବରିଷ୍ଠ ଶିଳ୍ପ ବିକାଶ ଅଧିକାରୀ ଶ୍ରୀ ସାହୁ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଶ୍ରୀ କୋଟିରତ୍ନମ ଭାରତ ସରକାରଙ୍କ ବିଭିନ୍ନ ଖାଦ୍ୟ ପ୍ରକ୍ରିୟାକରଣ ଯୋଜନା ଉପରେ ସଚେତନତା କରାଇଥିଲେ। ଏଥିରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ଶିଳ୍ପ ବିକାଶ ଅଧିକାରୀ ଚିତ୍ତରଞ୍ଜନ ମଲ୍ଲିକ, ଅଂଶୁମାନ ବେହେରା, ସୁନୀଲ ପଟ୍ଟନାୟକ, ସୁବ୍ରତ ପଟ୍ଟନାୟକ, ଡିଆରପି କାହ୍ନୁଚରଣ ସେଠୀ, ଜିଲ୍ଲା ନିବେଶ ପ୍ରୋତ୍ସାହନକାରୀ ସଂସ୍ଥାର ଅଧିକାରୀ ଲକ୍ଷ୍ମୀକାନ୍ତ ଜେନା, ସୁନୀଲ ପ୍ରଧାନ ବିଭିନ୍ନ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପର ବିକାଶ ନିମନ୍ତେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ ଜିଲ୍ଲାର ଶତାଧିକ ଶିଳ୍ପୋଦ୍ୟୋଗୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ୫ ଆଦିବାସୀ ଏସ୍‌ଏଚ୍‌ଜିକୁ ଛେଳି ପାଳନ ପାଇଁ କାର୍ଯ୍ୟାଦେଶ

**ନବରଙ୍ଗପୁର,୧।୩(ସମିସ):** ନବରଙ୍ଗପୁର ଆଇଟିଡିଏ ପକ୍ଷରୁ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଜିଲ୍ଲାର ନବରଙ୍ଗପୁର, ନନ୍ଦାହାଣ୍ଡି ଏବଂ ତେନ୍ତୁଳିଖୁଣ୍ଟି ବ୍ଲକର ୫ଟି ଆଦିବାସୀ ସ୍ୱୟଂ ସହାୟକ ଗୋଷ୍ଠୀ(ଏସଏଚଜି)କୁ ଛେଳି ପାଳନ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି।



ସୂଚନାଯୋଗ୍ୟ ଯେ, ନବରଙ୍ଗପୁର ଜିଲ୍ଲାର ୩୦୦ ଆଦିବାସୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଛେଳି ପାଳନ ନିମନ୍ତେ ସହାୟତା ପାଇଁ ଓଡ଼ିଶା ସରକାର ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଯୋଜନା ଅଧୀନରେ ୧୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ଅର୍ଥରାଶି ୩ ବର୍ଷରେ ବିନିଯୋଗ କରାଯିବ। ଚଳିତ ବର୍ଷର ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ମୋଟ ୫ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଚଳିତ ବର୍ଷ ଅବଶିଷ୍ଟ ୯୫ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମ ଅଧୀନରେ ପ୍ରତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଛେଳି ପାଳନ ନିମନ୍ତେ ଛେଳିଗୃହ, ୩୨ଟି ଛେଳି, ଟିକାକରଣ ସହିତ ଆବଶ୍ୟକୀୟ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ର ଯୋଗଦେବା ସହ ବିଭିନ୍ନ ବ୍ଲକରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନଙ୍କୁ ଛେଳି ଚାଷ ନିମନ୍ତେ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଆଇଟିଡିଏ, ନବରଙ୍ଗପୁରର ପ୍ରକଳ୍ପ ପ୍ରଶାସକ ରାଜୀବ କୁମାର ସାହୁ, ଓରମାସର ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ମହେଶ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ନବରଙ୍ଗପୁର, ନନ୍ଦାହାଣ୍ଡି, ତେନ୍ତୁଳିଖୁଣ୍ଟି ଏବଂ ନବରଙ୍ଗପୁର ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଅଗ୍ରଗାମୀର ନିର୍ଦ୍ଦେଶକ ଜଗନ୍ନାଥ ଜେନା, ଆରସିଡିସିର ପ୍ରତିନିଧି ଏବଂ ଗୋଟ୍ ଟ୍ରଷ୍ଟର ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଆଇଟିଡିଏ ନବରଙ୍ଗପୁରର ପ୍ରକଳ୍ପ ପ୍ରବନ୍ଧକ ଗୋବିନ୍ଦ କୁମାର, କୃଷିବିତ୍ ସୁଶୀଳ କୁମାର ମେହେର, ବ୍ଲକ କ୍ଷେତ୍ର ବିଶେଷଜ୍ଞ ସରିତା ମିଶ୍ର ଏବଂ ସୋମଦର୍ଶିନୀ ପ୍ରଧାନ ପରିଚାଳନା କରିଥିଲେ।

## ଏଡିଏଭି ହାଇସ୍କୁଲରେ ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ସମ୍ପର୍କିତ ସଚେତନତା

**ସୁନାବେଡ଼ା,୧।୩(ସମିସ):** ସୁନାବେଡ଼ା ମିଗ୍ ନଗରୀ ସ୍ଥିତ ଏରୋନଟିକ୍ସ ଡିଏଭି ହାଇସ୍କୁଲରେ ଛାତ୍ରୀମାନଙ୍କ ପାଇଁ ସ୍ୱାସ୍ଥ୍ୟ ଏବଂ ପରିଚ୍ଛନ୍ନତା ସମ୍ବନ୍ଧରେ ଏକ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡର ସିଏସ୍‌ଆର୍ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆରୋହୀ ଲେଡିଜ୍ କ୍ଲବର ସଭାପତି ସ୍ୱପ୍ନା ସୋନାଲିକା ଜେନା, ଉପସଭାପତି ଡ. ମଧୁସ୍ମିତା ପରିଡ଼ା, ହାଲ୍ ସିଏସ୍‌ଆରର ବରିଷ୍ଠ ପ୍ରବନ୍ଧକ ସ୍ମିତା ମହାପାତ୍ର, ହାଲ୍ ହସ୍ପିଟାଲର ଡାକ୍ତର ଅମୀୟ ବେହେରା, ଡା. ତନୟା ଜେନା ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।



ସ୍କୁଲ ପ୍ରଧାନଶିକ୍ଷକ ପିକେ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍କୁଲର ସପ୍ତମରୁ ନବମ ଶ୍ରେଣୀର ଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶ୍ରୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବରିଷ୍ଠ ପ୍ରବନ୍ଧକ ସ୍ମିତା ମହାପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଶ୍ରୀମତୀ ଜେନା ଛାତ୍ରୀଙ୍କ ଜୀବନରେ ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତାର ଉପାଦେୟତା ଏବଂ ଆବଶ୍ୟକତା ବିଷୟରେ ମତବ୍ୟକ୍ତ କରିଥିଲେ। ସେହିପରି ସମ୍ମାନିତ ଅତିଥି ଡା. ପରିଡ଼ା ଛାତ୍ରୀମାନଙ୍କୁ ନିଜ ସ୍ୱାସ୍ଥ୍ୟ ଏବଂ ପରିବେଶ ପ୍ରତି ଯତ୍ନବାନ୍ ହେବା ପାଇଁ ପରାମର୍ଶ ଦେଇଥିଲେ। ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ତନୟା ଜେନା ଏବଂ ଦନ୍ତ ଚିକିତ୍ସକ ଡା. ଅମୀୟ ବେହେରା ସ୍ୱାସ୍ଥ୍ୟ ଏବଂ ପରିଚ୍ଛନ୍ନତା ବିଷୟରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଏବଂ ଉପଦେଶ ଛାତ୍ରୀମାନଙ୍କ ସମ୍ମୁଖରେ ରଖିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଶାହେଦା ପରଭିନ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ତପସ୍ୱିନୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ସ୍କୁଲ ଅଡିଟୋରିୟମରେ ଆୟୋଜିତ ଏହି ସମାବେଶରେ ହାଲର ଅନ୍ୟାନ୍ୟ ଅଧିକାରୀ, ଆରୋହୀ ଲେଡିଜ୍ କ୍ଲବର ଅନ୍ୟାନ୍ୟ ସଦସ୍ୟା ଏବଂ ସ୍କୁଲର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇଥିଲେ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପ୍ରଚେଷ୍ଟାରେ ଏକାଠି ହେଲେ ପରିବାର

ନବରଙ୍ଗପୁର,୧।୩(ସମିସ): ବର୍ଷ ବର୍ଷ ଧରି ପଡ଼ି ରହିଥିବା ଜମି ବିବାଦକୁ ସମାଧାନ କରାଇ ପାରିଛି ନବରଙ୍ଗପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ। ଦରଖାସ୍ତକାରୀ ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ୍ ସଦର ଗ୍ରାମର ସୁଜାତା ମାଝୀ ତାଙ୍କର ଦୀର୍ଘ ଦିନଧରି ଲାଗି ରହିଥିବା ଜମିଜମା ସଂକ୍ରାନ୍ତୀୟ ବିବାଦର ସମାଧାନ ନେଇ ଜିଲ୍ଲା ଆଇନ ସେବା ପ୍ରାଧିକରଣ ନିକଟରେ ଆବେଦନ କରିଥିଲେ। ଉକ୍ତ ଦରଖାସ୍ତଟି ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଜନକ ରାଉତଙ୍କ ନଜରକୁ ଆସିଥିଲା। ସେ ସମସ୍ୟାଟିକୁ ଗୁରୁତ୍ୱର ସହ ଗ୍ରହଣ କରି ଉଭୟ ପକ୍ଷଙ୍କୁ ନୋଟିସ କରି ଡକାଯାଇଥିଲା। ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ତତ୍ତ୍ୱାବଧାନରେ ଏବଂ କନ୍ସିଲେଏଟର ସୁବାସ ଚନ୍ଦ୍ର ପାଳ ଓ ମନୋରମା ମାଝି ଉଭୟ ପକ୍ଷଙ୍କୁ ବୁଝାଇ ଅପୋଷ ମିଳାମିଶା କରାଯାଇଥିଲା। ଶେଷରେ ଉଭୟ ପକ୍ଷ ଅପୋଷ ମିଳାମିଶା ବୁଝାମଣା ପତ୍ର ସ୍ୱାକ୍ଷର କରିଥିଲେ। ଏଭଳି ଘଟଣାର ପୁନରାବୃତ୍ତି ନ ହେବାକୁ ଲିଖିତ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଜନକ ରାଉତଙ୍କ ପ୍ରଚେଷ୍ଟାରେ ଏମାନଙ୍କ ଭିତରେ ବହୁ ବର୍ଷ ଧରି ରହିଥିବା ବିବାଦର ଅନ୍ତ ଘଟିଛି।

## ବିଶ୍ୱ ହ୍ୱିଲ୍ ଚେୟାର ଦିବସ ପାଳିତ

**କୋରାପୁଟ,୧।୩(ସମିସ):** ସ୍ଥାନୀୟ ଆଲିଶାନ ହୋଟେଲର ସମ୍ମିଳନୀ କକ୍ଷଠାରେ ବିଶ୍ୱ ହ୍ୱିଲ ଚେୟାର ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝି ଉପସ୍ଥିତ ରହି ଦିବ୍ୟାଙ୍ଗମାନଙ୍କୁ ସମସ୍ତ କ୍ଷେତ୍ରରେ ସଶକ୍ତ କରିବା ସହିତ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ଏହି ଦିବସ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଆଇନସେବା ପ୍ରାଧିକରଣର ସୁମନ ଜେନା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅନ୍ନପୂର୍ଣ୍ଣା କୁଣ୍ଡୁ, ଜିଲ୍ଲା ସାମାଜିକ ସରୁକ୍ଷା ଅଧିକାରୀ ତରୁଣ ତପନ ପ୍ରହରାଜ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ, କୋରାପୁଟ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ, ଜୟପୁର ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୌଦାମିନି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ ୧୪ଟି ବ୍ଲକରୁ ସମସ୍ତ ସାମାଜିକ ସୁରକ୍ଷା ଅଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କୋରାପୁଟ ଜିଲ୍ଲାର ୧୪ଟି ବ୍ଲକ ଏବଂ ୪ଟି ପୌର ପରିଷଦରୁ ୩୪୨ ଜଣ ଦିବ୍ୟାଙ୍ଗ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୪ ଜଣ ଦିବ୍ୟାଙ୍ଗଙ୍କୁ ବିବାହ ପ୍ରୋତ୍ସାହନ ରାଶି ୨ ଲକ୍ଷ ୫୦ ହଜାର ଟଙ୍କା ଲେଖାଏଁ ସରକାରୀ ସହାୟତା ରାଶି ପ୍ରଦାନ କରାଯାଇଥିଲା। ୧୨ଟି ଦିବ୍ୟାଙ୍ଗ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଥିଲା। ବିଶ୍ୱ ହ୍ୱିଲ ଚେୟାର ଦିବସ ଉପଲକ୍ଷେ ଦିବ୍ୟାଙ୍ଗମାନଙ୍କ ମଧ୍ୟରେ କ୍ରିକେଟ୍, ଭଲି ବଲ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସେମାନଙ୍କୁ ମାନପତ୍ର ସହିତ ପୁରସ୍କାର ବିତରଣର ବ୍ୟବସ୍ଥା କରାଯାଇଥିଲା। ଦିବ୍ୟାଙ୍ଗମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ବିତରଣ କରାଯାଇଥିଲା। ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଆହାନା ବୈଦ, ସାମାଜିକ ସୁରକ୍ଷା ଉପବିଭାଗ କାର୍ଯ୍ୟାଳୟର ସୁଧାଂଶୁ କୁମାର ସିଂ, ହରି ହାଲବା, ସାଜନ ବିଶୋଇ, ଆଦିତ୍ୟା ପଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମର ଆୟୋଜନ ଓ ପରିଚାଳନା କରିଥିଲେ। ଅଧ୍ୟାପକ ରବି ଶତପଥି ମଞ୍ଚ ପରିଚାଳନା କରିଥିଲେ।



# ରାଜଚଉଁରିଆଙ୍କ ପ୍ରସିଦ୍ଧ ମାଘ ମଣ୍ଡେଇ ଯାତ୍ରା

କୋଷାଗୁମୁଡ଼ା,୧।୩(ସମିସ)



କୋଷାଗୁମୁଡ଼ା ଗ୍ରାମରେ ଶୁକ୍ରବାର ପ୍ରସିଦ୍ଧ ମାଘ ମଣ୍ଡେଇ ଯାତ୍ରା ବହୁ ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଏହି ମାଘ ମଣ୍ଡେଇ ଯାତ୍ରା ପ୍ରାୟ ତିନି ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବାବେଳେ ଶୁକ୍ରବାର ଏବଂ ଶନିବାର ମୁଖ୍ୟ ଦେବଦେବୀଙ୍କ ପୂଜାର୍ଚ୍ଚନା ହେବ। ଏଥିରେ ପୂଜାର ପରିଚାଳନା ଦାୟିତ୍ୱରେ ଥିବା ସଦସ୍ୟ ଡାଳିମ୍ବ ମାଝୀ, ହରିବନ୍ଧୁ ମାଝୀ, ଭୁବନେଶ୍ୱର ନାୟକ, ମଧୁସୂଦନ ଭତ୍ରା, ଲକ୍ଷ୍ମଣ ପୂଜାରୀ, ଟୁଟୁ ପରିଡ଼ା, ଅମଜାଦ ଖାଁ, ସୁଦର୍ଶନ ନାୟକ, ଚନ୍ଦନ ସାହୁ, ମୋହିତ ଜୈନ ଥିବାବେଳେ ପୂର୍ବରୁ ପରିଚାଳନା ଓ ଗ୍ରାମର ଭଦ୍ରମଣ୍ଡଳୀ ଭାବେ ପୂର୍ଣ୍ଣଚନ୍ଦ୍ର ଚୌଧୁରୀ, ଚିଙ୍ଗୁଡୁ ବିଷୋୟୀ, କେ-ଏନ-ରାଜୁ, ନେତୁ ପୂଜାରୀ, ଭି. ପ୍ରସାଦ ରାଓ, ଏମ୍. ମୋହନ ରାଓ, ପ୍ରଶାସନ ଅଧିକାରୀ ଭାବେ କୋଷାଗୁମୁଡ଼ା ଏଏଫଓ ଗିରିଜା ଶଙ୍କର ପଟ୍ଟନାୟକ, ବ୍ଲକ ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ରାଜ୍ୟ ସାଂସଦ ପ୍ରତିନିଧି ବଦ୍ରିନାରାୟଣ ସିଂ, ଡ. ଲିପିକା ମାଝୀ, ପୂର୍ବତନ ସାଂସଦ ବଳଭଦ୍ର ମାଝୀ, ଗୌରୀ ଶଙ୍କର ମାଝୀ, ପଦ୍ମିନୀ ମାଝୀ, ଗୁରୁବାରୁ ଭତ୍ରା, ପ୍ରଶାନ୍ତ ବକ୍ସି, ସଞ୍ଜୟ କୁମାର ପଟ୍ଟନାୟକ, ମାଥୁର ଗୁପ୍ତା, କିଶୋର ସାହୁ, ଦିଲୁ ବେହେରା, କୁସିଆ ମାଝୀ ଥିବାବେଳେ ମୁଖ୍ୟଅତିଥି ଭାବରେ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ, ବିଧାୟକ ମନୋହର ରନ୍ଧାରୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ପ୍ରମୁଖଙ୍କ ସହ ମଣ୍ଡେଇ କମିଟିର ଯୁବମଣ୍ଡଳୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସ୍ଥାନୀୟ ଗ୍ରାମର ମୁଖ୍ୟ ଦେବତା ରାଜଚାଉଁରିଆଙ୍କ ଏହି ମଣ୍ଡେଇ ଯାତ୍ରା ପ୍ରଥମେ କୋଷାଗୁମୁଡ଼ା ଓ ଆଖପାଖ ବାରପାଲି ଗ୍ରାମରୁ ଲାଠି, କୁର୍ଚି, ପାଲିଙ୍କି ଆଦି ଗୋଟିଏ ସ୍ଥାନରେ ଏକତ୍ରିତ ହୋଇ ଗାଦିମାଇଁ ମନ୍ଦିର ନିକଟରେ ଆଦିବାସୀଙ୍କ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ ସମସ୍ତେ ମିଶି କୋଷାଗୁମୁଡ଼ା ସ୍ଥିତ ଦେବୀ ମା' ଓ ଗ୍ରାମଦେବୀଙ୍କ ମନ୍ଦିର ପରିକ୍ରମା କରାଯାଇଥିଲେ। ସ୍ଥାନୀୟ ଅଞ୍ଚଳ ସହ ୨୬ଟି ପଞ୍ଚାୟତରେ ଲାଠି କୁର୍ଚି ମଣ୍ଡେଇ ଯାତ୍ରାକୁ ପ୍ରାୟ ୩୦୦ ସାନ ବଡ଼ ଲାଠି ଆସିଥିଲା। ପ୍ରଥମ ଦିନରେ ପାଖାପାଖି ୧୯ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଏହି ଜନଗହଳିକୁ ନିୟନ୍ତ୍ରଣ ପାଇଁ କୋଷାଗୁମୁଡ଼ା, କୋଡ଼ିଙ୍ଗା ଥାନା ପକ୍ଷରୁ ଛକ, ଗହଳି ଜାଗାଗୁଡ଼ିକରେ ପୁଲିସର କଡ଼ା ଯାଞ୍ଚ ସହ ଚୋରି, ପକେଟ୍ ମାର, ଛୋଟ ପିଲାଙ୍କ ସୁରକ୍ଷା ନିମନ୍ତେ ଡାକବାଜି ଯନ୍ତ୍ର ଦ୍ୱାରା ସଚେତନତା ସୃଷ୍ଟି କରିଛନ୍ତି। ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଦେବଦେବୀ ମନ୍ଦିର ପୂଜାରୀ, ଚଲାଣ, ଶିରା, ଗାଣ୍ଡା ପ୍ରମୁଖ ଉପସ୍ଥିତ ରହି ଉକ୍ତ ମଣ୍ଡେଇ ଯାତ୍ରାରେ ପରମ୍ପରା ଅନୁଯାୟୀ ପୂଜାପାଠ କରିଥିଲେ। ଆଦିବାସୀଙ୍କ ଏହି ମାଘ ମଣ୍ଡେଇ ଯାତ୍ରା ବର୍ଷକୁ ଥରେ ଅନୁଷ୍ଠିତ ହୋଇଥାଏ। ମଣ୍ଡେଇ ଯାତ୍ରା କଲେ ଅଞ୍ଚଳରେ ରୋଗବ୍ୟାଧି ବ୍ୟାପେ ନାହିଁ ଓ ଚଳିତ ବର୍ଷର ଫସଲ ଭଲ ହୋଇଥାଏ ବୋଲି ଆଦିବାସୀମାନେ ବିଶ୍ୱାସ କରନ୍ତି।

## ବିଶ୍ୱବିଜେତା ପ୍ରମୋଦଙ୍କୁ ଉଚ୍ଛ୍ୱସିତ ସ୍ୱାଗତ



ଭୁବନେଶ୍ୱର, ୧।୩(ସମିସ): ଓଡ଼ିଆ ପାରା ବ୍ୟାଡମିଣ୍ଟନ ତାରକା ପ୍ରମୋଦ ଭଗତଙ୍କୁ ସ୍ଥାନୀୟ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ରାଜ୍ୟ କ୍ରୀଡ଼ା ବିଭାଗ ତରଫରୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଶୁକ୍ରବାର ଥାଇଲାଣ୍ଡରୁ ଏଠାରେ ଆସି ପହଞ୍ଚିବା ପରେ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଦାୟିତ୍ୱରେ ଥିବା ସ୍ୱତନ୍ତ୍ର କାର୍ଯ୍ୟରତ ଅଧିକାରୀ (ଓଏସ୍‌ଡି) ସିଦ୍ଧାର୍ଥ ଶଙ୍କର ସାହୁ ତାଙ୍କୁ ସ୍ୱାଗତ କରିଥିଲେ। ପ୍ରମୋଦ ଥାଇଲାଣ୍ଡ ପଟ୍ଟାୟାରେ ଅନୁଷ୍ଠିତ ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡମିଣ୍ଟନ ବିଶ୍ୱ ଚାମ୍ପିଅନସିପ୍‌ରେ ଗୋଟିଏ ସ୍ୱର୍ଣ୍ଣ ଓ ୨ଟି କାଂସ୍ୟ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ। ସେ ଏସଏଲ୍-୩ ଏକକ ପ୍ରତିଯୋଗିତାରେ ଇଂଲଣ୍ଡର ଡାନିଏଲ ବେଥେଲଙ୍କୁ ପରାସ୍ତ କରି ଚାମ୍ପିଅନ ହେବା ସହ ସ୍ୱର୍ଣ୍ଣ ପଦକ ବଜାୟ ରଖିଥିଲେ। ଏଥିସହ ଏହି ବିଶ୍ୱ ଇଭେଣ୍ଟରେ ସେ ମୋଟ୍ ୫ଟି ସ୍ୱର୍ଣ୍ଣ ଜିତି ଲିନ୍ ଡାନଙ୍କ ବିଶ୍ୱ ରେକର୍ଡ ସମକକ୍ଷ ହୋଇଥିଲେ। ପୂର୍ବରୁ ସେ ୨୦୦୯, ୨୦୧୫, ୨୦୧୯, ୨୦୨୨, ୨୦୨୪ରେ ସ୍ୱର୍ଣ୍ଣ ଜିତିଥିଲେ। ସେ ମଧ୍ୟ ପୁରୁଷ ଓ ମିଶ୍ରିତ ଯୁଗଳରେ ଦୁଇଟି କାଂସ୍ୟ ଜିତିଥିଲେ।

## ଏସୀୟ ସନ୍ତରଣରେ ଋଷଭଙ୍କୁ ୨ ପଦକ



ଭୁବନେଶ୍ୱର, ୧।୩ (ସମିସ): ଓଡ଼ିଆ ଉଦୀୟମାନ ସନ୍ତରଣକାରୀ ଋଷଭ ଦାସ ଏସୀୟ ସନ୍ତରଣ ପ୍ରତିଯୋଗିତାରେ ନିଜର ଚମତ୍କାର ପ୍ରଦର୍ଶନ ଦେଖାଇଛନ୍ତି। ଫିଲିପାଇନ୍ସରେ ଏସୀୟ ଏଜ୍ ଗ୍ରୁପ୍ ସନ୍ତରଣ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ୧୮ ବର୍ଷରୁ କମ୍ ବିଭାଗରେ ଋଷଭ ମହାରାଷ୍ଟ୍ର ପକ୍ଷରୁ ଯୋଗ୍ୟତା ଅର୍ଜନ କରି ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ରୌପ୍ୟ ଓ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଏହି ପ୍ରତିଯୋଗିତାରେ ଏସିଆ ମହାଦେଶରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ।

## ଆଜିଠୁ ରଣଜୀ ଟ୍ରଫି ସେମି

ମୁମ୍ବାଇ, ୧।୩(ଏଜେନ୍ସି): ଦେଶର ସର୍ବବୃହତ୍ ଘରୋଇ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫିର ଦୁଇଟି ଯାକ ସେମିଫାଇନାଲ ଶନିବାରଠାରୁ ଆରମ୍ଭ ହେବ। ନାଗପୁରର ବିଦର୍ଭ କ୍ରିକେଟ ଆସୋସିଏସନ ଗ୍ରାଉଣ୍ଡରେ ପ୍ରଥମ ସେମିରେ ଅକ୍ଷୟ ୱାଡେକରଙ୍କ ନେତୃତ୍ୱାଧୀନ ବିଦର୍ଭ ଓ ଆଦିତ୍ୟ ଶ୍ରୀବାସ୍ତବଙ୍କ ମଧ୍ୟ ପ୍ରଦେଶ (ଏମ୍‌ପି) ପରସ୍ପରକୁ ଭେଟିବେ। ସେହିପରି ମୁମ୍ବାଇର ବାନ୍ଦ୍ର କୁର୍ଲା କମ୍ପ୍ଲେକ୍ସରେ ଘରୋଇ ମୁମ୍ବାଇ ଓ ତାମିଲନାଡୁ ପରସ୍ପରକୁ ଭେଟିବେ। ଅଭିଜ୍ଞ ବ୍ୟାଟର ଆଜିଙ୍କ୍ୟ ରାହାଣେ ମୁମ୍ବାଇ ଓ ଦ୍ରୁତ ବୋଲର ସାଇ କିଶୋର ତାମିଲନାଡୁର ନେତୃତ୍ୱ ନେବେ।

■ ସର୍ବଭାରତୀୟ ଆଇଟା-ଓଟିଏ ଟେନିସ

## ସବୁ ଟାଇଟଲ ଜିତିଲେ ଓଡ଼ିଆ

ଭୁବନେଶ୍ୱର, ୧।୩ (ସମିସ): ଏମ୍‌ଓଏସ୍‌ଏଫ୍ (ମିସନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେସନ) ଆନୁକୂଲ୍ୟରେ ସ୍ଥାନୀୟ ଗୁରୁକୂଳ ରିସର୍ଟ ପରିସରରେ ଆଉ ଏକ ସର୍ବଭାରତୀୟ ପୁରୁଷ ଟେନିସ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଶେଷ ହୋଇଛି। ଏହି ସର୍ବଭାରତୀୟ ଟେନିସ ପ୍ରତିଯୋଗିତାରେ ସମସ୍ତ ଟାଇଟଲ ଓଡ଼ିଆ ଖେଳାଳିମାନେ ବିଜୟୀ ହୋଇଛନ୍ତି। ପୁରୁଷ ଏକକ ବିଭାଗରେ ଅମୃତଜୟ ମହାନ୍ତି, ଯୁଗଳରେ ସତୀର୍ଥ ପଟ୍ଟନାୟକ ଓ ଆଦିତ୍ୟ ଶତପଥୀଙ୍କ ଯୋଡ଼ି ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି। ଏହି ପ୍ରତିଯୋଗିତା ଫେବୃଆରୀ ୨୬ରୁ ଆରମ୍ଭ ହୋଇ ମାର୍ଚ୍ଚ ମାସ ୧ ତାରିଖରେ ଶେଷ ହୋଇଥିଲା। ଶୁକ୍ରବାର ଫାଇନାଲ ମ୍ୟାଚ୍ ଖେଳାଯିବା ପରେ ପ୍ରତିଯୋଗିତା ଶେଷ ହୋଇଥିଲା। ପୁରୁଷ ଏକକ ଫାଇନାଲରେ ମଣିପୁରର ହାମମ ଭୂଷଣଙ୍କୁ ୨-୧ ସେଟ୍‌ରେ ପରାସ୍ତ କରି ଅମୃତଜୟ ଟାଇଟଲ ଜିତିଥିଲେ। ଚଳିତବର୍ଷରେ ଏହା ତାଙ୍କର ପ୍ରଥମ ଟାଇଟଲ। ଚଳିତ ସପ୍ତାହରେ ସେ ବେଶ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ଖେଳି ଏହି ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି। ସେହିପରି ପୁରୁଷ ଯୁଗଳରେ ମହାରାଷ୍ଟ୍ର ଯୋଡି ନୀରବ ସେଟ୍ଟୀ ଓ ପ୍ରଣବ ଗାଡିଗିଲଙ୍କୁ ୨-୦ ସିଧାସଳଖ ସେଟ୍‌ରେ ପରାସ୍ତ କରି ଓଡ଼ିଶାର ସତୀର୍ଥ ଓ ଆଦିତ୍ୟଙ୍କ ଯୋଡି ଟାଇଟଲ କବ୍‌ଜା କରିଥିଲେ। ସର୍ବଭାରତୀୟ ଟେନିସ ଟୁର୍ଣ୍ଣାମେଣ୍ଟରେ ସମସ୍ତ ଟାଇଟଲ ଜିତି ଓଡ଼ିଶାର ଟେନିସ ଖେଳାଳିମାନେ ବଡ଼ ସଫଳତା ପାଇଛନ୍ତି। ଏହି ସଫଳତା ଆଗକୁ ବଜାୟ ରହିବ ବୋଲି ଏମ୍‌ଓଏସ୍‌ଏଫ୍ ପକ୍ଷରୁ କୁହାଯାଇଛି।



## ଏଫ୍‌ଆଇଏଚ୍ ଓଡ଼ିଶା ହକି ପୁରୁଷ ବିଶ୍ୱକପ୍ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୧।୩(ସମିସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର 'ଏଫ୍‌ଆଇଏଚ୍ ଓଡ଼ିଶା ହକି ପୁରୁଷ ବିଶ୍ୱକପ୍' ଇଂରାଜୀ ପୁସ୍ତକ ଉନ୍ମୋଚନ କରିଛନ୍ତି। ଦେଶର ଅଗ୍ରଣୀ କ୍ରୀଡ଼ା ପ୍ରତିକା ସ୍ପୋର୍ଟ୍ସ ଷ୍ଟାର ଏହି ବହିର ପ୍ରକାଶକ ଦାୟିତ୍ୱ ବହନ କରିଛି। ରାଜ୍ୟରେ ହକି ବିଶ୍ୱକପ୍‌ର ସୁନ୍ଦର ଆୟୋଜନ ନେଇ ବିଭିନ୍ନ ତଥ୍ୟ ଏହି ବହିରେ ଉଲ୍ଲେଖ କରାଯାଇଛି। ଭୁବନେଶ୍ୱର ଓ ରାଉରକେଲା କିପରି ଭାବେ ଏକ ବିଶ୍ୱସ୍ତରୀୟ ଭେନ୍ୟୁରେ ପରିଣତ ହୋଇଛି ଓ ଏହା କିପରି ରାଜ୍ୟର ହକି ଭାବନାକୁ ଦର୍ଶାଉଛି ସେ ନେଇ ସୁନ୍ଦର ଭାବେ ଏହି ବହିରେ ଉଲ୍ଲେଖ କରାଯାଇଛି। ଓଡ଼ିଶା ୨୦୧୮ ଓ ୨୦୨୩ରେ କ୍ରମାଗତ ଦ୍ୱିତୀୟଥର ପାଇଁ ହକି ବିଶ୍ୱକପ ଆୟୋଜନ କରି ରେକର୍ଡ କରିଥିଲେ। ଏହା ବିଶ୍ୱକପ୍‌ର ବଳିଷ୍ଠ ପରମ୍ପରାକୁ ବହନ କରୁଛି। ଏଥିରେ ବିଶ୍ୱକପ୍‌ର ସ୍ମରଣୀୟ ମୁହୂର୍ତ୍ତ, ତାରକା ଖେଳାଳି ପ୍ରଦର୍ଶନ, ପ୍ରଶଂସକଙ୍କ ସମର୍ଥନ ସମ୍ପର୍କରେ ସବିଶେଷ ଭାବେ ଉଲ୍ଲେଖ କରାଯାଇଛି। ଏହି ବହି ଉନ୍ମୋଚନ ଅବସରରେ ସ୍ପୋର୍ଟ୍ସଷ୍ଟାର ସମ୍ପାଦକ ଆୟୋନ ସେନଗୁପ୍ତା, ହିନ୍ଦୁ ଗ୍ରୁପ୍‌ର ଉପ ସଭାପତି ଶ୍ରୀଧର ଅରନଲା ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ଭିନିଲ କ୍ରିଷ୍ଣା ଉପସ୍ଥିତ ଥିଲେ।



# ଆୟର୍ଲାଣ୍ଡର ଐତିହାସିକ ଟେଷ୍ଟ ବିଜୟ




ଆବୁଧାବି, ୧।୩(ଏଜେନ୍ସି)

ଆୟର୍ଲାଣ୍ଡ ଟେଷ୍ଟ କ୍ରିକେଟ୍ ଇତିହାସରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ସ୍ଥାନୀୟ ଟୋଲେରାନ୍ସ ଓଭାଲରେ ଅନୁଷ୍ଠିତ ଘରୋଇ ଆଫଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚ୍‌କୁ ଆୟର୍ଲାଣ୍ଡ ମାତ୍ର ୩ ଦିନରେ ୬ ୱିକେଟରେ ଜିତିନେଇଛି। ପ୍ରଥମ ପାଳିରେ ୫ ଓ ଦ୍ୱିତୀୟରେ ୩ ୱିକେଟ ଅକ୍ତିଆର କରିଥିବା ଆୟର୍ଲାଣ୍ଡ ଦ୍ରୁତ ବୋଲର ମାର୍କ ଆଡେର ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

ଏହି ମ୍ୟାଚରେ ଆଫଗାନିସ୍ତାନ ପ୍ରଥମ ପାଳିରେ ୧୫୫ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଆଣ୍ଡ୍ରିଉ ବାଲବିର୍ନିଙ୍କ ନେତୃତ୍ୱାଧୀନ ଆୟର୍ଲାଣ୍ଡ ପ୍ରଥମ ପାଳିରେ ୮୩.୪ ଓଭରରେ ୨୬୩ ରନ କରି ଅଲଆଉଟ ହୋଇଥିଲା। ଏହାପରେ ୧୦୮ ରନରେ ପଛୁଆ ଥାଇ ଦ୍ୱିତୀୟ ପାଳିରେ ଆଫଗାନିସ୍ତାନ ୨୧୮ ରନକରି ଅଲଆଉଟ ହୋଇଥିଲା। ଫଳରେ ଆୟର୍ଲାଣ୍ଡ ସମ୍ମୁଖରେ ୧୧୧ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହି ସହଜସାଧ୍ୟ ଲକ୍ଷ୍ୟକୁ ପିଛା କରି ଆୟର୍ଲାଣ୍ଡ ଶୁକ୍ରବାର ତୃତୀୟ ଦିବସର ଚା'ପାନ ବିରତି ପରେ ୩୧.୩ ଓଭରରେ ୪ ୱିକେଟ ହରାଇ ଐତିହାସିକ ବିଜୟ ହାସଲ କରିନେଇଥିଲା। ଦଳ ତରଫରୁ ଅଧିନାୟକ ବାଲବିର୍ନି ୫୮ ରନର ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ଜିତାଇଥିଲେ।

### ବିଭିନ୍ନ ଦେଶର ପ୍ରଥମ ଟେଷ୍ଟ ବିଜୟ

| ଦେଶ | ପ୍ରଥମ ବିଜୟ ଲାଗି ମ୍ୟାଚ୍ ଖେଳିଛନ୍ତି | ବର୍ଷ |
|---|---|---|
| ଅଷ୍ଟ୍ରେଲିଆ | ୧ | ୧୮୭୭ |
| ଇଂଲଣ୍ଡ | ୨ | ୧୮୭୭ |
| ଦ.ଆଫ୍ରିକା | ୧୨ | ୧୯୦୬ |
| ୱେଷ୍ଟଇଣ୍ଡିଜ | ୬ | ୧୯୩୦ |
| ଭାରତ | ୨୫ | ୧୯୫୨ |
| ପାକିସ୍ତାନ | ୨ | ୧୯୫୨ |
| ନ୍ୟୁଜିଲାଣ୍ଡ | ୪୫ | ୧୯୫୬ |
| ଶ୍ରୀଲଙ୍କା | ୧୪ | ୧୯୮୫ |
| ଜିମ୍ବାୱେ | ୧୧ | ୧୯୯୫ |
| ବାଂଲାଦେଶ | ୩୫ | ୨୦୦୫ |
| ଆଫଗାନିସ୍ତାନ | ୨ | ୨୦୧୯ |
| ଆୟର୍ଲାଣ୍ଡ | ୮ | ୨୦୨୪ |

### ୬ ବର୍ଷ ଅପେକ୍ଷାର ଅନ୍ତ

୨୨ ଜୁନ ୨୦୧୭ରେ ଆୟର୍ଲାଣ୍ଡ ପ୍ରଥମଥର ଲାଗି ଆଇସିସି ଟେଷ୍ଟ ମାନ୍ୟତା ଲାଭ କରିଥିଲା। ଏହାର ପରବର୍ଷ ଅର୍ଥାତ୍ ୨୦୧୮ରେ ପାକିସ୍ତାନ ବିପକ୍ଷରେ ଖେଳି ଆୟର୍ଲାଣ୍ଡ ଟେଷ୍ଟ ପଦାର୍ପଣ କରିଥିଲା। ଟେଷ୍ଟ ଖେଳିବାର ପାଖାପାଖି ୬ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ଏହି ୟୁରୋପୀୟ ଦଳ ପ୍ରଥମ ଟେଷ୍ଟ ବିଜୟ ସ୍ୱାଦ ଚାଖିଛି। ଆୟର୍ଲାଣ୍ଡ ଏହାର ୮ମ ଟେଷ୍ଟ ମ୍ୟାଚରେ ଏହି ଐତିହାସିକ ବିଜୟ ହାସଲ କରିଛି। କୌତୁହଳର ଘଟଣାକ୍ରମେ ଆଫଗାନିସ୍ତାନ ଓ ଆୟର୍ଲାଣ୍ଡ ଶେଷଥର ଲାଗି ୨୦୧୯ରେ ସାମ୍ନାସାମ୍ନି ହୋଇଥିଲେ। ଏଥିରେ ଆୟର୍ଲାଣ୍ଡକୁ ହରାଇ ଆଫଗାନିସ୍ତାନ ଟେଷ୍ଟ କ୍ରିକେଟ୍‌ର ପ୍ରଥମଥର ଲାଗି ବିଜୟୀ ହୋଇଥିଲା।

## ୩୪ତମ ଜାତୀୟ ଟେନିସବଲ କ୍ରିକେଟ ଆଜିଠୁ



ଭୁବନେଶ୍ୱର, ୧।୩ (ସମିସ)

ତାମିଲନାଡୁର ରାମନାଥପୁରମଠାରେ ଶନିବାରଠାରୁ ୩୪ତମ ଜାତୀୟ ଟେନିସବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ଓଡ଼ିଶା ଦଳ ଶୁକ୍ରବାର ତାମିଲନାଡୁରେ ପହଞ୍ଚି ପ୍ରସ୍ତୁତି ଆରମ୍ଭ କରିଦେଇଛି। ପ୍ରତିଯୋଗିତାରେ ୨୮ଟି ରାଜ୍ୟ ଦଳ ଅଂଶଗ୍ରହଣ କରୁଥିଲାବେଳେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇଦିଆଯାଇଛି। ଭୁବନେଶ୍ୱରଠାରେ ସମ୍ଭାବ୍ୟ ଖେଳାଳିମାନଙ୍କର ୫ ଦିନ ଧରି ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ପ୍ରଶିକ୍ଷକ ଚକ୍ରଧର ମାଝିଙ୍କ ତତ୍ତ୍ୱାବଧାନରେ ଖେଳାଳି ଚୟନ କରାଯାଇଥିଲା।

ମନୋନୀତ ଖେଳାଳିମାନେ ହେଲେ ଅଧିନାୟକ ପ୍ରିୟବ୍ରତ ସ୍ୱାଇଁ, ଅମ୍ରିତ କୁମାର ଦାସ, ବିଶ୍ୱରଞ୍ଜନ ମତି, ଅଭୟ ଦାସ, ଯଜ୍ଞଦତ୍ତ ଜେନା, ସୁଦାମ ବେହେରା, ଉପଅଧିନାୟକ ଆଦର୍ଶ ଦିଗାଲ, ସତ୍ୟବ୍ରତ ବେହେରା, ଦେବାଶିଷ ପାଣିଗ୍ରାହୀ, ରାଜପ୍ରୀତମ ବାରିକ, ଶୋଭନ ବେହେରା, ରାଧାମାଧବ ବାରିକ୍, ରାଜେନ୍ଦ୍ର ସେଠୀ ଓ ରଜତ କୁମାର ନାୟକ। ଦଳର ପ୍ରଶିକ୍ଷକ ଭାବେ ଆଶିଷ କୁମାର ଦିଗଲ ଓ ପ୍ରବନ୍ଧକ ଭାବେ ସୁନୀଲ କୁମାର ମହାରଣା ଦାୟିତ୍ୱରେ ରହିଛନ୍ତି।

## ୱାରିୟର୍ଜର ଦ୍ୱିତୀୟ ବିଜୟ

ବେଙ୍ଗାଲୁରୁ, ୧।୩(ଏଜେନ୍ସି): ଚଳିତ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ)ରେ ଶୁକ୍ରବାର ଖେଳାଯାଇଥିବା ଲିଗ୍‌ର ଅଷ୍ଟମ ମୁକାବିଲାରେ ୟୁପି ୱାରିୟର୍ଜ ୨୬ ବାକିଥାଇ ୬ ୱିକେଟରେ ଗୁଜରାଟ ଜାଏଣ୍ଟସକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଅମାନ୍ତ୍ରଣ ପାଇଥିବା ଗୁଜରାଟ ୫ ୱିକେଟ ହରାଇ ୧୪୨ ରନ ସଂଗ୍ରହ କରିଥିଲା। ଜବାବରେ ୟୁପି ୧୫.୪ ଓଭରରେ ୪ ୱିକେଟ ହରାଇ ୧୪୩ ରନକରି ବିଜୟୀ ହୋଇଥିଲା। ୪ଟି ମ୍ୟାଚ୍ ଖେଳି ୟୁପି ୨ଟି ଲେଖାଏ ବିଜୟ ଓ ପରାଜୟ ସହ ୪ ପଏଣ୍ଟ ହାସଲ କରି ତାଲିକାର ତୃତୀୟ ସ୍ଥାନକୁ ଉଠିଛି। ୟୁପି ତରଫରୁ ଗ୍ରେସ ହାରିସ୍ ଅପରାଜିତ ୬୦ ରନ (୩୩ ବଲ, ୯ ଚୌକା, ୨ ଛକା)ର ଅର୍ଦ୍ଧଶତକୀୟ ପାଳି ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଅଲିସା ହିଲି ୩୩, କରିନ ନାଭଗିରେ ୧୨, ଚମାରି ଆଟାପାଟ୍ଟୁ ୧୭ ରନକରି ଆଉଟ ହୋଇଥିବା ବେଳେ ଦୀପ୍ତି ଶର୍ମା ଦ୍ରୁତ ୧୭ ରନକରି ଅପରାଜିତ ରହିଥିଲେ। ଗୁଜରାଟ ତରଫରୁ ତନୁଜା କନୱାର ଦୁଇଟି ୱିକେଟ ନେଇଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ତରଫରୁ ଫୋଏବେ ଲିଚ୍‌ଫିଲ୍ଡ ୩୫, ଆଶଲେ ଗାର୍ଡନର ୩୦, ଓପନର ଲଉରା ଉଲଭାର୍ଡ଼ଟ ୨୮, ହର୍ଲିନ ଦେଓଲ ୧୮, ଅଧିନାୟିକା ବେଥ ମୁନି ୧୬ ରନକରି ଆଉଟ ହୋଇଥିବା ବେଳେ ଦୟାଲାନ ହେମଲତା ୨ ଓ କାଥରିନ ବ୍ରାଏସ ୫ ରନକରି ଅପରାଜିତ ରହିଥିଲେ। ବୋଲିଂରେ ୟୁପି ତରଫରୁ ସୋଫି ଏକ୍କେଷ୍ଟୋନ ସର୍ବାଧିକ ୩ ଓ ରାଜେଶ୍ୱରୀ ଗାଏକ୍ୱାଡ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ।

ଲିଗ୍‌ରେ ଏପର୍ଯ୍ୟନ୍ତ ଦିଲ୍ଲୀ କ୍ୟାପିଟାଲ୍ସ ୩ ମ୍ୟାଚ୍ ଖେଳି ୨ ବିଜୟ ଓ ଗୋଟିଏ ପରାଜୟ ସହ ୪ ଅଙ୍କ ହାସଲ କରି ତାଲିକାର ଶୀର୍ଷରେ ରହିଛି। ସେହିପର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ୟୁପି ଓ ମୁମ୍ବାଇ ଇଣ୍ଡିଆନ୍ସ ୪ ଲେଖାଏ ଅଙ୍କ ପାଇଥିଲେ ମଧ୍ୟ ନେଟ ରନରେଟ୍‌ରେ ପଛରେ ରହି ଯଥାକ୍ରମେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଛନ୍ତି।

## ଜାତୀୟ ମହିଳା ରଗ୍‌ବୀରେ ଓଆର୍‌ଏଫ୍‌ସି ଚାମ୍ପିଅନ




ଭୁବନେଶ୍ୱର, ୧।୩ (ସମିସ)

ରଗ୍‌ବୀ ଇଣ୍ଡିଆ, ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ ଆସୋସିଏସନ (ଓଆର୍‌ଏଫ୍‌ଏ), କିଟ୍ ବିଶ୍ୱବିଦ୍ୟାଳୟ ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଉଦ୍ୟମରେ ଚାଲିଥିବା ଜାତୀୟ ରଗ୍‌ବୀ ୧୫ଏସ୍ (ମହିଳା) ଡିଭିଜନ-୧ ଚାମ୍ପିଅନସିପ୍ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କିଟ୍‌ସ୍ଥିତ ରାହୁଲ ବୋଷ ରଗ୍‌ବୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ୍ କ୍ଲବ (ଓଆର୍‌ଏଫ୍‌ସି) ଚାମ୍ପିଅନ ହୋଇଛି। ଫାଇନାଲରେ ହୁପି ମାଝିଙ୍କ ନେତୃତ୍ୱାଧୀନ ଓଆର୍‌ଏଫ୍‌ସି ୬୯-୦୫ ସ୍କୋରରେ ଦିଲ୍ଲୀ ହରିକେନ୍ସକୁ ପରାସ୍ତ କରିଥିଲା। ଅଧିନାୟିକା ହୁପିଙ୍କ ସମେତ ଓଆର୍‌ଏଫ୍‌ସିର ୨୦ଜଣ ଖେଳାଳି କିସ୍‌ରେ ଅଧ୍ୟୟନ କରୁଛନ୍ତି। ଏହି ୫ ଦିବସୀୟ ପ୍ରତିଯୋଗିତାରେ ୭ ମହିଳା ଦଳର ୧୮୦ ଖେଳାଳି ଅଂଶଗ୍ରହଣ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ସାଂସଦ ଅଚ୍ୟୁତ ସାମନ୍ତ, ରଗ୍‌ବୀ ଇଣ୍ଡିଆର ସଭାପତି ତଥା ଅଭିନେତା ରାହୁଲ ବୋଷ, ଉପସଭାପତି ସନୟା ମେହତା ବ୍ୟାସ, ରାଜ୍ୟ ସଂଘର ସାଧାରଣ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଉଦ୍‌ଯାପିତ

## ଉତ୍କଳକୁ ୬, କିଟ୍ ୪ ଓ ସମ୍ବଲପୁରକୁ ୩ ପଦକ

ଭୁବନେଶ୍ୱର, ୧।୩(ସମିସ): ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ ଆନୁକୂଲ୍ୟରେ ଆସାମରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୪ର୍ଥ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଫେବୃଆରୀ ୧୭ରୁ ୧୧ ଦିନ ବ୍ୟାପୀ ଚାଲିଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ଦେଶର ୨୦୦ରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟର ପାଖାପାଖି ୪୫୦୦ କ୍ରୀଡ଼ାବିତ୍ ଭାଗନେଇଥିଲେ। ଏଥିରେ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ୭୧ ପଦକ ସହ ଚାମ୍ପିଅନ ହୋଇଛି। ଯେଉଁଥିରେ ୩୨ ସ୍ୱର୍ଣ୍ଣ, ୧୮ ରୌପ୍ୟ ଓ ୨୧ କାଂସ୍ୟ ପଦକ ରହିଛି। ଲଭଲୀ ପ୍ରଫେସନାଲ ବିଶ୍ୱବିଦ୍ୟାଳୟ ୨ୟ ଏବଂ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ୩ୟ ସ୍ଥାନରେ ରହିଛି।

ଓଡ଼ିଶାରୁ ଉତ୍କଳ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ପ୍ରଦର୍ଶନ କରିଛି। ଉତ୍କଳ ୬ ପଦକ ସହ ତାଲିକାର ୧୯ତମ ସ୍ଥାନରେ ରହିଛି। ଯେଉଁଥିରେ ୪ଟି ସ୍ୱର୍ଣ୍ଣ ଏବଂ ଗୋଟିଏ ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ଜିତିଛି। ସମସ୍ତ ପଦକ ସନ୍ତରଣକାରୀ ପ୍ରତ୍ୟାଶା ରାୟ ହାସଲ କରିଛନ୍ତି। ସେହିଭଳି କିଟ୍ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଯଥାକ୍ରମେ ୩୦ ଓ ୩୩ତମ ସ୍ଥାନ ଲାଭ କରିଛନ୍ତି। ୨ଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ସହ କିଟ୍ ୪ଟି ପଦକ ଏବଂ ସମ୍ବଲପୁର ୨ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ସହ ୩ଟି ପଦକ ବିଜୟୀ ହୋଇଛି। ରାଜ୍ୟର ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ ଟେନିସରେ କିଟ୍ ପୁରୁଷ ଦଳ ସ୍ୱର୍ଣ୍ଣ ପଦକ ଜିତି ସ୍ମରଣୀୟ ସଫଳତା ପାଇଥିଲା।

### ପ୍ରତ୍ୟାଶା ଶ୍ରେଷ୍ଠ ମହିଳା କ୍ରୀଡ଼ାବିତ୍



ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ତାରକା ସନ୍ତରଣକାରୀ ପ୍ରତ୍ୟାଶା ରାୟ ଚଳିତ ୪ର୍ଥ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଶ୍ରେଷ୍ଠ ମହିଳା କ୍ରୀଡ଼ାବିତ୍ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ପ୍ରତ୍ୟାଶା ପ୍ରତିଯୋଗିତାରେ ୪ ସ୍ୱର୍ଣ୍ଣ ଏବଂ ଗୋଟିଏ ଲେଖାଏ ରୌପ୍ୟ ଓ କାଂସ୍ୟ ସହ ୬ ପଦକ ଜିତିଥିଲେ। ପ୍ରତ୍ୟାଶା ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ଆଇଆଇଏସ୍ ସୁଇମିଂ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି।

## ବିସିସିଆଇର କେନ୍ଦ୍ରୀୟ ଚୁକ୍ତିରେ ୩୦ ସାମିଲ

# କାହିଁକି ବାଦ୍ ପଡ଼ିଲେ କିଶାନ, ଆୟର

ନୂଆଦିଲ୍ଲୀ, ୧।୩ (ଏଜେନ୍ସି)

ବିସିସିଆଇ (ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ) ପକ୍ଷରୁ ଚଳିତ ବର୍ଷ ଲାଗି କେନ୍ଦ୍ରୀୟ ରାଜିନାମାରେ ୩୦ ଜଣ ଖେଳାଳିଙ୍କୁ ସାମିଲ କରାଯାଇଛି। କିନ୍ତୁ ଅର୍ନ୍ତର୍ଜାତୀୟ କ୍ରିକେଟରେ ୩ଟି ଟେଷ୍ଟ କିମ୍ବା ୮ଟି ଦିନିକିଆ କିମ୍ବା ୧୦ଟି ଟି-୨୦ ମ୍ୟାଚ୍ ଖେଳିଲେ ଜଣେ ଖେଳାଳିଙ୍କୁ କେନ୍ଦ୍ରୀୟ ଚୁକ୍ତିରେ ନେବାର ନିୟମ ରହିଛି। ଏଭଳି ନିୟମକୁ ପୂରଣ କରୁଥିଲେ ମଧ୍ୟ ଭାରତର ଦୁଇ ତାରକା ଖେଳାଳି ଝାଡଖଣ୍ଡର ୱିକେଟରକ୍ଷକ ବ୍ୟାଟର ଇଶାନ କିଶାନ ଓ ମୁମ୍ବାଇର ମଧ୍ୟଭାଗ ବ୍ୟାଟର ଶ୍ରେୟସ ଆୟରଙ୍କୁ ଚୁକ୍ତିରୁ ବାଦ୍ ଦିଆଯାଇଛି। ଏମାନେ ଗତ କିଛି ବର୍ଷ ଧରି ଭାରତ ଲାଗି ଚମତ୍କାର କ୍ରିକେଟ ଖେଳିଥିଲେ ମଧ୍ୟ ସେମାନଙ୍କୁ ଚୁକ୍ତିରୁ ବାଦ୍ ଦେବାକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି। କିନ୍ତୁ ଖେଳ ଲାଗି ନୁହେଁ ବରଂ ଉଭୟ ଖେଳାଳି ବିସିସିଆଇ ନିର୍ଦ୍ଦେଶ ଅବମାନନା କରିଥିବାରୁ ସେମାନଙ୍କ ବିରୋଧରେ ଏକପ୍ରକାର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏମାନଙ୍କ ଅପରାଧ ହେଲା ଘରୋଇ ବା ରଣଜୀ କ୍ରିକେଟ ଖେଳିବାକୁ ବିସିସିଆଇ ସମ୍ପାଦକ ଜୟ ଶାହ ଚେତାବନୀ ସହ ନିର୍ଦ୍ଦେଶ ଦେବା ଓ ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ ପରାମର୍ଶ ଦେଇଥିଲେ ମଧ୍ୟ ଉଭୟ ଏହାକୁ ମାନି ନଥିଲେ। ଏହା ଫଳରେ ଉଭୟଙ୍କୁ କେନ୍ଦ୍ରୀୟ ଚୁକ୍ତି ହରାଇବାକୁ ପଡ଼ିଲା ବୋଲି ଆଲୋଚନା କରାଯାଉଛି।

କେନ୍ଦ୍ରୀୟ ଚୁକ୍ତି ହରାଇବା ପରେ ଉଭୟ ଖେଳାଳି ନିଶ୍ଚିତଭାବେ ମାନସିକ ଭାବେ ବିବ୍ରତ ହେବେ। ବର୍ତ୍ତମାନ ସ୍ଥିତି ଅନୁଯାୟୀ ସେମାନେ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ସଫଳ ହେଲେ ମଧ୍ୟ ଚୟନକର୍ତ୍ତା ନିଶ୍ଚିତଭାବେ ଦଳରେ ନେବାକୁ କୁଣ୍ଠାବୋଧ କରିବେ। ଗୋଟିଏ ଭଲ କଥା ହେଲା କେନ୍ଦ୍ରୀୟ ଚୁକ୍ତିରୁ ବାଦ୍ ପଡ଼ିବା ପରେ ଶ୍ରେୟସ ଆୟର ତାମିଲନାଡୁ ବିପକ୍ଷରେ ସେମିଫାଇନାଲ ଖେଳିବାକୁ ମୁମ୍ବାଇ ଦଳରେ ସାମିଲ ହୋଇଛନ୍ତି। ସେହିପରି ଇଶାନ କିଶାନ ଡିୱାଇ ପାଟିଲ ଷ୍ଟାଡିୟମ୍‌ରେ ଖେଳାଯାଉଥିବା କର୍ପୋରେଟ କ୍ରିକେଟ ଲିଗ୍‌ରେ ଖେଳିଛନ୍ତି। ଉଭୟ ଯେ ବିସିସିଆଇ ନିର୍ଦ୍ଦେଶ ମାନିଛନ୍ତି ତାହା ଏଥିରୁ ସ୍ପଷ୍ଟ ହୋଇଛି। କିନ୍ତୁ ଏମାନଙ୍କୁ କାହିଁକି କେନ୍ଦ୍ରୀୟ ଚୁକ୍ତିରୁ ବାଦ୍ ଦିଆଗଲା ତାହା ସ୍ପଷ୍ଟ କରାଯାଇ ନଥିଲେ ମଧ୍ୟ ଜୟ ଶାହଙ୍କ ନିର୍ଦ୍ଦେଶକୁ ଅବମାନନା କରିବା ସେମାନଙ୍କ ଲାଗି ଘାତକ ସାବ୍ୟସ୍ତ ହୋଇଛି। ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ସିରିଜ୍ ଖେଳୁଥିବାବେଳେ ଆୟର ମାଂସପେସୀରେ ଆଘାତ ପାଇଥିଲେ। ତାଙ୍କୁ ଏନ୍‌ସିଏ ପଠାଯାଇଥିଲା। ସେଠାରେ ଫିଟ୍ ଘୋଷିତ ହେବା ପରେ ଘରୋଇ କ୍ରିକେଟ ଖେଳିବାକୁ କୁହାଯାଇଥିଲା। ମୁମ୍ବାଇ ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲ ଖେଳିବା ପୂର୍ବରୁ ଆୟର ତାଙ୍କ ପିଠିରେ ଯନ୍ତ୍ରଣା ହେବା ଓ ମାଂସପେସୀରେ କଷ୍ଟ ଅନୁଭବ କରିବାର ଅଭିଯୋଗ କରିଥିଲେ। ଏହା ଫଳରେ ତାଙ୍କୁ ପୁଣିଥରେ ଏନ୍‌ସିଏ ଯିବାକୁ କୁହାଯାଇଥିଲା। ସେଠାରେ ନୀତିନ ପଟେଲ ସମସ୍ତ ପରୀକ୍ଷା ନିରୀକ୍ଷା କରିବା ପରେ ଆୟରଙ୍କ ଅଭିଯୋଗ ଭୂଲ ସାବ୍ୟସ୍ତ ହୋଇଥିଲା। ଏହି ଘଟଣା ହିଁ ତାଙ୍କୁ କେନ୍ଦ୍ରୀୟ ଚୁକ୍ତିରୁ ବାଦ୍ ଦେବା ଲାଗି ପର୍ଯ୍ୟାପ୍ତ ହୋଇଥିଲା।

ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଗସ୍ତରେ ଯିବା ବେଳେ ଇଶାନ କିଶାନ ବ୍ୟକ୍ତିଗତ କାରଣ ଦର୍ଶାଇ ଛୁଟିରେ ପଳାଇଆସିଥିଲେ। କିନ୍ତୁ ସେ ତାଙ୍କ ରାଜ୍ୟ କ୍ରିକେଟ ସଂଘ କିମ୍ବା ଏନ୍‌ସିଏରେ ରିପୋର୍ଟ କରି ନଥିଲେ। ଏହି ସମୟରେ ରଣଜୀ ଟ୍ରଫି ଚାଲିଥିଲେ ମଧ୍ୟ ସେଥିରେ ଭାଗ ନେଇ ନ ଥିଲେ। ଏହା ବଦଳରେ ସେ ଟିଭି କାର୍ଯ୍ୟକ୍ରମରେ ଭାଗ ନେବା ସହ ଦୁବାଇରେ ମହେନ୍ଦ୍ର ଧୋନିଙ୍କ ସହ ଘରୋଇ ଉତ୍ସବରେ ଅଂଶଗ୍ରହଣ କରିଥିଲେ। ଏପରିକି ସେ ନିଜ ରାଜ୍ୟକୁ ନ ଫେରି ପାଣ୍ଡ୍ୟା ଭ୍ରାତାଙ୍କ ସହ ଅଭ୍ୟାସ କରିବାକୁ ପସନ୍ଦ କରିଥିଲେ। ଏଭଳି ଆଚରଣ ବିସିସିଆଇର କର୍ମକର୍ତ୍ତାଙ୍କୁ କ୍ଷୁବ୍ଧ କରିଥିଲା। ଯାହା ଫଳରେ ସେମାନଙ୍କୁ କେନ୍ଦ୍ରୀୟ ଚୁକ୍ତିରୁ ବାଦ୍ ଦିଆଗଲା। ଏହି ନିଷ୍ପତ୍ତି ଉପରେ ସୌରଭ ଗାଙ୍ଗୁଲିଙ୍କ ପରି ଖେଳାଳି ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ ମଧ୍ୟ କପିଳ ଦେବ ଓ ରବି ଶାସ୍ତ୍ରୀଙ୍କ ପରି ଅନେକ କିମ୍ବଦନ୍ତୀ ସ୍ୱାଗତ କରିଛନ୍ତି।





## ବହୁଦିବସୀୟ ମହିଳା ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବ ବିସିସିଆଇ

**ପୁଣେରେ ମାର୍ଚ୍ଚ ୨୯ରୁ ଆରମ୍ଭ, ଭାଗନେବେ ୬ ଦଳ**

ନୂଆଦିଲ୍ଲୀ, ୧।୩(ଏଜେନ୍ସି): ଏକ ବହୁ ଦିବସୀୟ ମହିଳା ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିଷ୍ପତ୍ତି ନେଇଛି। ପୁଣେରେ ମାର୍ଚ୍ଚ ୨୯ରୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏଥିରେ ୬ଟି ଦଳ ଅଂଶଗ୍ରହଣ କରିବେ। ଦେଶର ବିଭିନ୍ନ ଅଞ୍ଚଳକୁ ଭିତ୍ତି କରି ଦଳଗୁଡିକ ଗଠନ କରାଯାଇଛି। ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ, ମଧ୍ୟ, ଉତ୍ତରପୂର୍ବାଞ୍ଚଳ ଦଳଗୁଡିକ ଏଥିରେ ଭାଗ ନେବେ। ଏହି ଦଳଗୁଡିକ ୫ ମ୍ୟାଚ୍ ବିଶିଷ୍ଟ ସିରିଜରେ ଅଂଶଗ୍ରହଣ କରିବେ। କ୍ୱାର୍ଟର ଫାଇନାଲରୁ ହିଁ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। କ୍ୱାର୍ଟର ଫାଇନାଲ ମ୍ୟାଚ୍‌ଗୁଡିକ ମାର୍ଚ୍ଚ ୨୯, ୩୦ ଓ ୩୧ରୁ ଆରମ୍ଭ ହେବ। କ୍ୱାର୍ଟର ବିଜେତା ଦଳଗୁଡିକ ସେମିକୁ ଉଠିବେ। ଦୁଇଟି ଯାକ ସେମିଫାଇନାଲ ୫ରୁ ୭ ଏପ୍ରିଲ ପର୍ଯ୍ୟନ୍ତ ଖେଳାଯିବ। ଫାଇନାଲ ମ୍ୟାଚ୍ ୯, ୧୦ ଓ ୧୧ ତାରିଖରେ ୩ ଦିନ ଧରି ଖେଳାଯିବ। ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ୧୧ ଦିନ ପରେ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ବିସିସିଆଇ ରେଡ୍ ବଲ ଅର୍ଥାତ ବହୁ ଦିବସୀୟ କ୍ରିକେଟକୁ ଅଧିକ ଗୁରୁତ୍ୱ ଦେଉଛି।

# ପ୍ରଥମ ଟେଷ୍ଟ: ଅଷ୍ଟ୍ରେଲିଆ ଅଗ୍ରଣୀ

ୱେଲିଂଟନ, ୧।୩(ଏଜେନ୍ସି)

ଏଠାରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଅଷ୍ଟ୍ରେଲିଆ କାମେରନ ଗ୍ରୀନ୍ ଓ ଜୋଶ ହାଜଲେଉଡଙ୍କ ରେକର୍ଡ ଭାଗିଦାରୀ ସହାୟତାର ପ୍ରଥମ ପାଳିରେ ବୃହତ୍ ଅଗ୍ରଣୀ ହାସଲ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ପ୍ରଥମ ପାଳିରେ ୧୧୫.୧ ଓଭରରେ ୩୮୩ ରନକରି ଅଲଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ପ୍ରଥମ ପାଳିରେ ୪୩.୧ ଓଭରରେ ୧୭୯ ରନକରି ଅଲଆଉଟ ହୋଇଥିଲା। ଫଳରେ ଅଷ୍ଟ୍ରେଲିଆ ୨୦୪ ରନରେ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ପାଳି ଆରମ୍ଭ କରି ଅଷ୍ଟ୍ରେଲିଆ ଶୁକ୍ରବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୮ ଓଭରରେ ଦୁଇ ୱିକେଟ ହରାଇ ୧୩ ରନ ସଂଗ୍ରହ କରିଛି। ଫଳରେ ଅଷ୍ଟ୍ରେଲିଆ ୮ ୱିକେଟ ବାକିଥାଇ ୨୧୭ ରନର ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଉସ୍‌ମାନ ଖ୍ୱାଜା ୫ ଓ ରାତ୍ର ଜଗୁଆଳୀ ନାଥନ ଲାୟନ ୬ ରନକରି ଅପରାଜିତ ରହିଛନ୍ତି। ଓପନର ଷ୍ଟିଭ ସ୍ମିଥ୍ ଖାତା ଖୋଲିବା ପୂର୍ବରୁ ଓ ମାର୍ନସ ଲାବୁସେନ ୨ ରନକରି ଟିମ୍ ସାଉଦିଙ୍କ ଦ୍ୱାରା ଆଉଟ ହୋଇଛନ୍ତି।

### ୧୦ମ ୱିକେଟରେ ୧୧୬ ରନ ଭାଗୀଦାରି

ଅସମାପ୍ତ ପ୍ରଥମ ପାଳି ସ୍କୋର ୨୭୯/୯ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ଶୁକ୍ରବାର ଅଲଆଉଟ ହୋଇଥିଲା। ୧୦ମ ୱିକେଟରେ ଜୋଶ ହାଜେଲଉଡ ଓ କାମେରନ ଗ୍ରୀନ ୧୮୮ ବଲର ସମ୍ମୁଖୀନ ହୋଇ ୧୧୬ ରନ ସଂଗ୍ରହ କରିଥିଲେ ଓ ଅଷ୍ଟ୍ରେଲିଆ ଟେଷ୍ଟ ଇତିହାସରେ ଚତୁର୍ଥ ବୃହତ୍ ଭାଗୀଦାରି ସ୍ଥାପନ କରିଥିଲେ। ଅପରାଜିତଥିବା ବ୍ୟାଟର ଗ୍ରୀନ ୧୦୩ରୁ ଖେଳ ଆରମ୍ଭ କରି ୧୭୪ ରନକରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସେହିପରି ଶୂନରୁ ଖେଳ ଆରମ୍ଭ କରି ହାଜଲେଉଡ ୨୨ ରନ ସଂଗ୍ରହ କରିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ପାଇଁ ମ୍ୟାଟ୍ ହେନେରୀ ୫, ୱିଲିୟମ ଓ'ରୁର୍କ ଓ ସ୍କଟ କୁଗଲେଜିନ ୨ଟି ଲେଖାଏ ୱିକେଟ ନେଇଥିଲେ।



ଏହାପରେ ପ୍ରଥମ ପାଳି ଆରମ୍ଭ କରି ନ୍ୟୁଜିଲାଣ୍ଡ ୧୭୯ ରନକରି ଅଲଆଉଟ ହୋଇଥିଲା। ଦଳ ତରଫରୁ ଗ୍ଲେନ୍ ଫିଲିପ୍ସ ସର୍ବାଧିକ ୭୧, ମ୍ୟାନ ହେନେରୀ ୪୨, ଟମ୍ ବ୍ଲଣ୍ଡେଲ ୩୩ ରନକରି ଆଉଟ ହୋଇଥିଲେ। ବୋଲିଂରେ ଅଷ୍ଟ୍ରେଲିଆର ଲାୟନ ୪, ହାଜଲେଉଡ ୨, ମିଚେଲ ଷ୍ଟାର୍କ, ପ୍ୟାଟ କୁମିନ୍ସ ଓ ମିଚେଲ ମାର୍ଶ ଗୋଟିଏ ଲେଖାଏ ୱିକେଟ ହାସଲ କରିଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର